



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 65 | ଭାଗ ୩୪ | ସଂଖ୍ୟା ୬୫ | Bhubaneswar | Wednesday 28 May 2025 | Page 8 Rs. 4.00 | ● ଭୁବନେଶ୍ୱର ବୁଧବାର ୨୮ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### ଇରାନ୍‌ରେ ବଦଳିଲା ଶେହବାଜ୍‌ଙ୍କ ସ୍ୱର

# ଭାରତ ସହ ଆଲୋଚନା ପାଇଁ ରାଜି

## କାଶ୍ମୀର, ଆତଙ୍କବାଦ, ଜଳ ଓ ବାଣିଜ୍ୟ ବିବାଦ ସ୍ଥାନ ପାଇବ



**ତେହରାନ୍,୨୭।୫:** ଶେଷରେ ଭାରତ ନିକଟରେ ମୁଣ୍ଡ ନୁଆଁଇଲା ପାକିସ୍ତାନ। ଭାରତର କଡ଼ା ଆଭିମୁଖ୍ୟ ଆଗରେ ଭାଙ୍ଗିଛି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ଦମ୍ଭ। ସିନ୍ଧୁ ଜଳ ଚୁକ୍ତିକୁ ନେଇ ଏବେ ଭାରତ ସହ କଥା ହେବାକୁ ରାଜି ହୋଇଛନ୍ତି ଶେହବାଜ। ଖାଲି ସିନ୍ଧୁ ଜଳ ଚୁକ୍ତି ନୁହେଁ, ଭାରତ ସହ ଥିବା ସବୁ ବିବାଦର ସମାଧାନ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ଚାହିଁଛନ୍ତି ଶେହବାଜ୍। ଏଥି ମଧ୍ୟରେ ରହିଛି କାଶ୍ମୀର ପ୍ରସଙ୍ଗ, ଆତଙ୍କବାଦ ଓ ବାଣିଜ୍ୟ। ଇରାନ ଗସ୍ତରେ ଥିବା ଶେହବାଜ ସରିଫ ସେଠାରେ କହିଛନ୍ତି ଯେ ଭାରତ ସହ ସବୁ ପ୍ରସଙ୍ଗରେ ଆଲୋଚନା କରିବାକୁ ସେ ପ୍ରସ୍ତୁତ ଅଛନ୍ତି। ଆଜି ଇରାନ୍ ଗସ୍ତରେ ଥିବା ସମୟରେ ଶେହବାଜ୍ ଉପରୋକ୍ତ ମତ ଦେଇଛନ୍ତି। ଆଜି ଶେହବାଜ୍ ତୁର୍କୀରୁ ଇରାନ୍ ରାଜଧାନୀ ତେହରାନ୍‌ଠାରେ ପହଞ୍ଚିବା ପରେ ଶାଦାବାଦ୍ ପ୍ୟାଲେସ୍‌ଠାରେ ତାଙ୍କୁ ଇରାନ୍ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍ ସ୍ୱାଗତ କରିଥିଲେ। ସେଠାରେ ଆଲୋଚନା ସମୟରେ ଶେହବାଜ୍ କହିଛନ୍ତି ଯେ ଏସିଆ ମହାଦେଶର ବାତାବରଣ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା କାରଣରୁ ହିଂସାଜନକ ହୋଇଛି। କିନ୍ତୁ ପାକିସ୍ତାନ ଏଥିରେ ବିରାମ ଲଗାଇବା ପାଇଁ ଭାରତ ସହ ଦ୍ୱିପାକ୍ଷିକ ଆଲୋଚନା ପାଇଁ ରାଜି। ପ୍ରତିଟି ପ୍ରସଙ୍ଗରେ ଶାନ୍ତିପୂର୍ଣ୍ଣ ଆଲୋଚନା କରିବାକୁ ପାକିସ୍ତାନ ଆଗ୍ରହୀ ରହିଛି। କିନ୍ତୁ ଭାରତ ଏଥିସକାଶେ ସମାନ ମନୋଭାବ ନେଇ ହାତ ବଢ଼ାଇବା ଦରକାର। ଯଦି ଭାରତ କୌଣସି ପ୍ରକାର ଆକ୍ରମଣାତ୍ମକ ଆଭିମୁଖ୍ୟ ରଖେ, ତା'ହେଲେ ଆମର ସୁରକ୍ଷା ପାଇଁ ଆମେ ଏହାର ଜବାବ ଦେବାକୁ ବାଧ ହେବୁ ବୋଲି ଶେହବାଜ୍ କହିଛନ୍ତି। ଇରାନ୍ ଗସ୍ତରେ ଶେହବାଜ୍‌ଙ୍କ ସହ ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇଶାକ୍ ଦର, ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ୍ ଅସୀମ ମୁନିର୍, ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ମୋହସିନ୍ ରାଜା ନକ୍‌ବୀ ମଧ୍ୟ ଅଛନ୍ତି।

ଅନ୍ୟପକ୍ଷରେ 'ଅପରେସନ୍ ସିନ୍ଦୂର'ର ସଫଳତା ପରେ ପାକିସ୍ତାନକୁ ଅନ୍ତରାଷ୍ଟ୍ରୀୟ ସ୍ତରରେ ଘେରିବାକୁ ଲାଗିଛି ଭାରତ। ଆତଙ୍କବାଦ ପ୍ରସଙ୍ଗ, ପହଲଗାମ ଆକ୍ରମଣ, ପାକିସ୍ତାନର ଆତଙ୍କୀ ପ୍ରେମ ଓ ଭାରତର 'ଅପରେସନ୍ ସିନ୍ଦୂର'ର ସଫଳତା ନେଇ ବିଭିନ୍ନ ଦେଶରେ ଆଲୋଚନା କରୁଛନ୍ତି ଭାରତୀୟ ପ୍ରତିନିଧି ଦଳ। ଆଉ ଭାରତର ଏଭଳି କଡ଼ା ଆଭିମୁଖ୍ୟ ଦେଖି ନିଜ ଛବି ସୁଧାରିବାକୁ ଚାହୁଁଛି ପାକିସ୍ତାନ। ଏହି ପରିପ୍ରେକ୍ଷୀରେ ଭାରତ ସହ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ। ଭାରତ ଦେଖାଦେଖି ନିଜ ସମର୍ଥିତ ଦେଶ ଭ୍ରମଣରେ ଅଛନ୍ତି ଶେହବାଜ। ତୁର୍କୀ, ଇରାନ, ଅଜରବୈଜାନ ଓ ତାଜିକିସ୍ତାନ ଗସ୍ତରେ ଅଛନ୍ତି ଶେହବାଜ। ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ କରିଛନ୍ତି ଯେ ପାକିସ୍ତାନ ସହିତ ଯେକୌଣସି ଆଲୋଚନା କେବଳ ପାକ୍ ଅଧିକୃତ କାଶ୍ମୀର ଫେରାଇବା ଏବଂ ଆତଙ୍କବାଦ ପ୍ରସଙ୍ଗ ପର୍ଯ୍ୟନ୍ତ ସୀମିତ ରହିବ। ସେ କହିଛନ୍ତି ଯେ, ଆତଙ୍କବାଦ ଏବଂ ଆଲୋଚନା ଏକା ସମୟରେ ହୋଇପାରିବ ନାହିଁ। ଆତଙ୍କବାଦ ଏବଂ ବାଣିଜ୍ୟ ଏକ ସଙ୍ଗେ ହୋଇପାରିବ ନାହିଁ। ରକ୍ତ ଏବଂ ପାଣି ଏକାଠି ପ୍ରବାହିତ ହୋଇପାରିବ ନାହିଁ। ମୁଁ ଅନ୍ତର୍ଜାତୀୟ ସମୁଦାୟକୁ କହିବାକୁ ଚାହୁଁଛି ଯେ ଯଦି ଭାରତ ଏବଂ ପାକିସ୍ତାନ ମଧ୍ୟରେ ଆଲୋଚନା ହେବ, ତେବେ ତାହା କେବଳ ଆତଙ୍କବାଦ ଏବଂ ପିଓକେ ଉପରେ ହେବ। ଭାରତ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଦୁଇ ଦେଶ ମଧ୍ୟରେ ଯେକୌଣସି ଆଲୋଚନା ଏକ ଦ୍ୱିପାକ୍ଷିକ ବିଷୟ ହେବା ଉଚିତ, କୌଣସି ତୃତୀୟ ପକ୍ଷର ସମ୍ପୃକ୍ତି ରହିବ ନାହିଁ। ପହଲଗାମରେ ⇨ପୃଷ୍ଠା-୬

### ବିଏସ୍‌ଏଫ୍‌ର ନୂଆ 'ଅପରେସନ ସିନ୍ଦୂର' ଫୁଟେଜ୍

# ଧ୍ୱଂସ ପାଇଛି ୭୨ ଆତଙ୍କୀ ଶିବିର



**ନୂଆଦିଲ୍ଲୀ,୨୭।୫:** 'ଅପରେସନ୍ ସିନ୍ଦୂର' ପରେ ଅନେକ ସାଟେଲାଇଟ୍ ଇମେଜ୍ ପୂର୍ବରୁ ପ୍ରକାଶ ପାଇଥିବା ବେଳେ ନିକଟରେ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍) ଏକ ନୂଆ ଫୁଟେଜ୍ ଜାରି କରିଛି। ଏଥିରେ ପାକିସ୍ତାନର ଆତଙ୍କବାଦୀ ଲଞ୍ଚପ୍ୟାଡ୍ ଉପରେ ଭାରତର ଟାର୍ଗେଟେଡ୍ ଷ୍ଟ୍ରାଇକ୍ ଏବଂ ପାକିସ୍ତାନ ରେଞ୍ଜର୍ସଙ୍କୁ ଗୁଳି କରୁଥିବା ଦୃଶ୍ୟ ରହିଛି। 'ଅପରେସନ ସିନ୍ଦୂର'କୁ ନେଇ ପ୍ରଥମେ ସେନା ପକ୍ଷରୁ ଭିଡିଓ ଓ ଫଟୋ ଜାରି କରାଯାଇ ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବ ଦିଆଯାଇଥିଲା ବୋଲି ଗତକାଲି କୁହାଯାଇଥିଲା। ସେହିପରି ଆଜି ସାର୍ବଜନୀନ ହୋଇଥିବା ଏହି ଭିଡିଓରେ ଭାରତୀୟ ସଶସ୍ତ୍ର ବାହିନୀ ଦ୍ୱାରା ପାକିସ୍ତାନ ଭିତରେ ୨.୨ କିମି ପର୍ଯ୍ୟନ୍ତ ଥିବା ଆତଙ୍କବାଦୀ ଘାଟି ଉପରେ କରାଯାଇଥିବା ଆକ୍ରମଣ ଏବଂ ⇨ପୃଷ୍ଠା-୬

# ନୂଆ ପୌରାଞ୍ଚଳ ପାଇଁ ପ୍ରକ୍ରିୟା ଆରମ୍ଭ

## ପ୍ରଥମ ଦଫାରେ ସୃଷ୍ଟି ହେବ ୨୦ ନୂଆ ଏନଏସି

## ଜନଗଣନା ପୂର୍ବରୁ ନୂଆ ଏନଏସି ଓ ମୁନିସିପାଲିଟି

## ଜିଲ୍ଲାପାଳଙ୍କୁ ରିପୋର୍ଟ ମାଗିଲେ ସରକାର




**ଭୁବନେଶ୍ୱର,୨୭।୫(ସଂଚାର ବ୍ୟୁରୋ):** ବ୍ୟାପକ ସହରୀକରଣର ବିକାଶ କରିବାକୁ ଯୋଜନା ରଖୁଥିବା ରାଜ୍ୟ ସରକାର ଆସନ୍ତା ଜନଗଣନା ପୂର୍ବରୁ କିଛି ନୂଆ ଏନ୍‌ଏସି ଓ ମ୍ୟୁନିସିପାଲିଟି ଗଠନ କରିବେ। ପ୍ରଥମ ପର୍ଯ୍ୟାୟରେ ୨୦ଟି ନୂଆ ଏନ୍‌ଏସି ଗଠନ କରାଯିବାକୁ ଯୋଜନା କରାଯାଇଛି। ଏନେଇ ସରକାରୀ ସ୍ତରରେ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ଜିଲ୍ଲାପାଳମାନଙ୍କୁ ତଥ୍ୟ ସଂଗ୍ରହ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନଗର ଉନ୍ନୟନ ବିଭାଗ ଓ ପଞ୍ଚାୟତିରାଜ ବିଭାଗ ମଧ୍ୟରେ ସମନ୍ୱୟରେ ତର୍ଜମା ଚାଲିଛି। ଏପଟେ ଏ ପ୍ରସଙ୍ଗକୁ ନେଇ ବିଜେପି ଓ ବିଜେଡି ଭିତରେ ଜୋର୍ ଧରିଛି ରାଜନୀତି। ମୋହନ ସରକାରଙ୍କ ଆଉ ଏକ ବଡ଼ ପଦକ୍ଷେପ। ରାଜ୍ୟରେ ସୃଷ୍ଟି ହେବ ନୂଆ ଏନ୍‌ଏସି ଓ ମୁନିସିପାଲିଟି। ଗ୍ରାଉଣ୍ଡ ଜିରୋରୁ ତଥ୍ୟ ସଂଗ୍ରହ ଆରମ୍ଭ କଲେ ଜିଲ୍ଲାପାଳ। ତାଲିକାରେ ଅନେକ ଗ୍ରାମାଞ୍ଚଳ। ପ୍ରଶାସନିକ ସ୍ତରରେ ଆରମ୍ଭ ହୋଇଛି ଜୋରଦାର କସରତ। ଆଗକୁ ଜନ ଗଣନା। ଯେଉଁଥି ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରଶାସନିକ ସୀମା ପୁନଃ ନିର୍ଦ୍ଧାରଣ କାମ ସାରିବାକୁ ନିର୍ଦ୍ଦେଶ ରହିଛି। ଯାହାକୁ ଆଧାର କରି ଗଞ୍ଜାମର ପୋଲସରା ଏନ୍‌ଏସିକୁ ମ୍ୟୁନିସିପାଲିଟି ⇨ପୃଷ୍ଠା-୬

# ଶିଳ୍ପ ମନ୍ତ୍ରୀଙ୍କ ନାଁରେ ଫିକ୍ସିଂ ଅଭିଯୋଗ

**ପାରାଦୀପ,୨୭।୫(ସଂଚାର ବ୍ୟୁରୋ):** 'ସବ କା ସାଥ୍ ସବ କା ବିକାଶ'ର ନାରା ଦେଉଥିବା ଡବଲ ଇଞ୍ଜିନ ସରକାରରେ କିଛି ମନ୍ତ୍ରୀ ନିଜ ପଦର ଦୁରୁପଯୋଗ କରି ପକେଟ ଗରମ କରିବା ଆରମ୍ଭ କରିଦେଇଛନ୍ତି। ଏହି କ୍ରମରେ ଆଜି ପାରାଦୀପ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ନାଁରେ ଆସିଛି ସାଂଘାତିକ ଅଭିଯୋଗ। ଶିଳ୍ପ ମନ୍ତ୍ରୀ ନିଜ ପାରିବାରିକ କମ୍ପାନୀ ନାଁରେ ପାରାଦୀପ ଫସଫେଟ ଲିମିଟେଡ (ପିପିଏଲ)ଠାରୁ ଶସ୍ତାରେ ଜିପସମ କିଣି ଅଧିକ ଦରରେ ବଜାରରେ ବିକ୍ରି କରୁଛନ୍ତି। ସବୁଠୁ ଉଦବେଗର କଥା ହେଉଛି ଯେ ଚାପ ପକାଇ ପିପିଏଲରୁ ସବୁ ଟ୍ରେଡରଙ୍କୁ ବିଦା କରି କେବଳ ତାଙ୍କ କମ୍ପାନୀ ସହ ଚୁକ୍ତି କରାଇନେଇଛନ୍ତି ଶିଳ୍ପ ମନ୍ତ୍ରୀ। ଆଜି ସୋସିଆଲ ମିଡିଆରେ ଏଭଳି ଅଭିଯୋଗ କରିଛନ୍ତି ପାରାଦୀପ ବିଜେଡି ନେତା ବାପି ସର୍ଖେଲ।

ଶିଳ୍ପ ମନ୍ତ୍ରୀଙ୍କ ବିରୋଖରେ ବାପି ସର୍ଖେଲ କରିଥିବା ଅଭିଯୋଗ ଅନୁଯାୟୀ, ମାଟିର ପୁଅ ମାଟିର ସୁରକ୍ଷା ବଦଳରେ ନିଜର ଓ ନିଜ ପରିବାରର ସମ୍ପତ୍ତି ବଢ଼ାଇବାରେ ଲାଗିଛନ୍ତି। ପାରାଦୀପ ମାଟିକୁ ଶୋଷି ଚାଲିଛନ୍ତି। ସେ ମନ୍ତ୍ରୀ ହେବା ପରେ ପିପିଏଲକୁ ପ୍ରଦୂଷଣ ଉଲ୍ଲଂଘନର ଧମକ ଦେଇ ଜିପସମ ଟ୍ରେଡିଂ କେବଳ ତାଙ୍କ ବାପାଙ୍କ ନାଁରେ ଥିବା ଏନକେଏସ କମ୍ପାନୀ




ସହ ଚୁକ୍ତି କରାଇଛନ୍ତି। ନିର୍ବାଚନ ପୂର୍ବରୁ ପିପିଏଲ ସହ ପ୍ରାୟ ୨୧ ଜଣ ଟ୍ରେଡର ସାମିଲ ଥିଲେ। ସମ୍ପଦ ସ୍ୱାଇଁ ଶିଳ୍ପମନ୍ତ୍ରୀ ହେବା ପରେ ସବୁ ଟ୍ରେଡରଙ୍କୁ ବାହାର କରିଦେଇ କେବଳ ଏନକେଏସ କମ୍ପାନୀ ଟ୍ରେଡିଂ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି।

ସେହିଭଳି ପୂର୍ବରୁ ପିପିଏଲ ଟନ ପିଛା ୩୨୦ ଟଙ୍କାରେ ଜିପସମ ବିକ୍ରି କରୁଥିଲା। କିନ୍ତୁ ଶିଳ୍ପମନ୍ତ୍ରୀ ପରିବାରିକ କମ୍ପାନୀ ସହ ହୋଇଥିବା ଚୁକ୍ତି ଅନୁଯାୟୀ, ପିପିଏଲ ୧୦୦ ଟଙ୍କାରେ ଜିପସମ ବିକ୍ରି କରୁଛି। ଆଉ ଏନକେଏସ କମ୍ପାନୀ ଏହାକୁ ବଜାରରେ ୪୦୦ ଟଙ୍କାରେ ବିକ୍ରି କରୁଛି। ମାସକୁ ଯଦି ସର୍ବନିମ୍ନ ୫୦ ହଜାର ଟନ ଜିପସମ ଉଠାଯାଏ ତେବେ ଶିଳ୍ପମନ୍ତ୍ରୀଙ୍କ

## ସୋସିଆଲ ମିଡିଆରେ ଲାଇଭ କଲେ ବାପି ସର୍ଖେଲ

## ପିପିଏଲ ଜିପସମ ଟ୍ରେଡିଂରୁ ସବୁ ଟ୍ରେଡର ବିଦା

## କେବଳ ମନ୍ତ୍ରୀଙ୍କ ପାରିବାରିକ କମ୍ପାନୀ ସହ ଚୁକ୍ତି

## ପଦର ଚାପ ପକାଇ ନିଜ ପକେଟ ଗରମ କରୁଛନ୍ତି ମନ୍ତ୍ରୀ

ପାରିବାରିକ କମ୍ପାନୀ ମାସକୁ ଦେଢ଼ କୋଟି ଟଙ୍କା ଲାଭ କରୁଛନ୍ତି ବୋଲି ବାପି ସର୍ଖେଲ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ, ସମ୍ପଦ ସ୍ୱାଇଁ ଶିଳ୍ପ ମନ୍ତ୍ରୀ ହେବା ପରେ ତାଙ୍କ ପରିବାରରେ ମଧ ୧୮ରୁ ୨୧ ଜଣ ନୂଆ କଣ୍ଟ୍ରାକ୍ଟର ସୃଷ୍ଟି ହୋଇ ପାରାଦୀପରେ ବିଭିନ୍ନ ଲୋଡିଂ କାମ କରୁଛନ୍ତି। ଫଳରେ ପାରାଦୀପର ⇨ପୃଷ୍ଠା-୬

### ଅନ୍ତ୍ୟୋଦୟ ଗୃହ ଯୋଜନା

## ମୌସୁମୀ ପରେ ଦ୍ୱିତୀୟ ପର୍ଯ୍ୟାୟ ଘର ବଣ୍ଟନ



**ଭୁବନେଶ୍ୱର,୨୭।୫(ସଂଚାର ବ୍ୟୁରୋ):** ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଆଜି ଏକ ବଡ଼ ସୂଚନା ଦେଇଛନ୍ତି। ରାଜ୍ୟର କୌଣସି ହିତାଧିକାରୀ କୌଣସି ପ୍ରକାର ଯୋଜନାର ଫାଇଦା ପାଇନଥିଲେ ତାଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଘର ମିଳିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୬୦ ହଜାର ଘର ବଣ୍ଟାଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ଘର ବଣ୍ଟନ ପାଇଁ ଏବେ ତାଲିକା ପ୍ରସ୍ତୁତି ⇨ପୃଷ୍ଠା-୬

# ସନ୍ୟାସୀ ପ୍ରୋ'ଙ୍କ ପକେଟ୍‌ରେ ସରକାର



## ସରକାର ବଦଳିଲେ ବି ପଡ଼ିଲାନି ଫରକ

## ନାଲିଫିତା ତଳେ ଚାପି ହୋଇଗଲା ସବୁ ତଦନ୍ତ

**ଭୁବନେଶ୍ୱର.୨୭।୫(ସଂଚାର ବ୍ୟୁରୋ):** ସରକାର ବଦଳିବା ପରେ ବି ସନ୍ୟାସୀ ପ୍ରୋ ତଥା କିଟ ଓ କିସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ କିଛି ଫରକ ପଡୁନି । ଅକ୍ଟୋପସ ପରି ସବୁ ଦଳର ନେତାଙ୍କୁ ଗିଳି ଦେଉଛନ୍ତି। ତାଙ୍କ ବିରୋଧରେ ଯେତେ ଅଭିଯୋଗ ଆସିଲେ ବି ସରକାରଙ୍କ ବଧିରା କାନରେ ପଡୁନାହିଁ। ବିଜେଡି ସରକାର ଅମଳରେ ଯେଉଁ କଥା ଦେଖିବାକୁ ମିଳୁଥିଲା ଏବେ ବିଜେପି ସରକାରରେ ବି ସେଇ ଢାଞ୍ଚା।

କିଟରେ ତିନି ଜଣ ଶିକ୍ଷାର୍ଥୀ ପରକୁ ପର ଆତ୍ମହତ୍ୟା କଲେ। ଦୁଇ ଜଣ ନେପାଳୀ ଛାତ୍ରୀ କ୍ୟାମ୍ପସ ଭିତରେ ଆତ୍ମହତ୍ୟା କରିଥିବା ବେଳେ ଜଣେ ଛାତ୍ର କ୍ୟାମ୍ପସ ବାହାରେ ଆତ୍ମହତ୍ୟା କରିଛି। ତିନୋଟିଯାକ ଘଟଣାରେ ଆତ୍ମହତ୍ୟାର କାରଣ ମ୍ୟାନେଜମେଣ୍ଟର ମାନସିକ ନିର୍ଯାତନା ବୋଲି ଅଭିଯୋଗ ହେଉଛି। ଶିକ୍ଷାର୍ଥୀଙ୍କୁ ଜେଲର କଏଦୀ ଭଳି ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ପ୍ରଥମ ନେପାଳୀ ଛାତ୍ରୀ ଆତ୍ମହତ୍ୟା ଘଟଣାର ପୁଣି ରାଜ୍ୟ ସରକାର ତଦନ୍ତ କମିଟି ଗଠନ କରିଥିଲେ। କମିଟି ଅଚ୍ୟୁତଙ୍କ ସମେତ କିଛି ବରିଷ୍ଠ ଅଧିକାରୀଙ୍କୁ ଡାକି ପଚରାଉଚରା କରିଛି। ହେଲେ ତଦନ୍ତ ରିପୋର୍ଟ ପଦାକୁ ଆସୁନି କି କାର୍ଯ୍ୟାନୁଷ୍ଠାନ ହେଉନି। ଦ୍ୱିତୀୟ ନେପାଳୀ ଛାତ୍ରୀ ଆତ୍ମହତ୍ୟାର ସେହିଭଳି ପୋଲିସ ତଦନ୍ତ କରି ଚାପିଦେଇଥିବା ଅଭିଯୋଗ ହେଉଛି। ଏହି ଘଟଣାରେ ୟୁଜିସି ମଧ୍ୟ ତଦନ୍ତ କମିଟି ଗଠନ କରିଥିଲା। ତଦନ୍ତ ପାଇଁ କମିଟି ପରେ କମିଟି ହେଉଛି। ହେଲେ ରିପୋର୍ଟ ସାର୍ବଜନୀନ ହେଉନି କି ଶିକ୍ଷାର୍ଥୀଙ୍କ ଉପରେ ହେଉଥିବା ନିର୍ଯାତନା ବନ୍ଦ ହେଉନି। କେବଳ ଯେ କିଟରେ ଏପରି ଘଟଣା ହେଉଛି ତା ନୁହେଁ। ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ନାଁରେ ବି ଚାଲିଛି ବେପାର। ବିଜେଡି ସରକାର ଅମଳରେ ଶିଶୁ ଅଧିକାର ସୁରକ୍ଷା କମିଶନ ଦେଇଥିବା ରିପୋର୍ଟ ବି ସରକାରୀ ଫାଇଲରୁ ଗାଏବ ହୋଇଗଲାଣି। କିସରୁ ଛାତ୍ର ଗାଏବ ହୋଇଯାଉଛନ୍ତି, ଆଉ ପରିବାରକୁ ଖବର ମିଳୁନି। ଖୋଜଖବର ନେବାକୁ ପହଞ୍ଚିଲେ କ୍ୟାମ୍ପସ ଭିତରକୁ ଛଡାଯାଉଛି।

କିଟ ଓ କିସରେ ଘଟିଥିବା ବିଭିନ୍ନ ଘଟଣାକୁ ନେଇ ଆନ୍ତର୍ଜାତିକ ସ୍ତରରେ ଓଡିଶାର ନାଁ ବଦନାମ ହୋଇଛି। ହେଲେ କେନ୍ଦ୍ର କି ରାଜ୍ୟ ସରକାର କେହି ଏହାର ପ୍ରତିକାର ପାଇଁ ⇨ପୃଷ୍ଠା-୬

# ରାହୁଲ ଓ କଂଗ୍ରେସ ପ୍ରତାରଣାର ବ୍ରାଣ୍ଡ୍ ଆମ୍ବାସାଡର: ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୭।୫(ସଂଚାର ବ୍ୟୁରୋ):** ରାହୁଲ ଗାନ୍ଧି ଏବଂ କଂଗ୍ରେସ ଦେଶରେ ମିଛ ଏବଂ ପ୍ରତାରଣାର ସବୁଠାରୁ ବଡ଼ ବ୍ରାଣ୍ଡ ଆମ୍ବାସାଡର ହୋଇସାରିଛନ୍ତି। କଂଗ୍ରେସର ରାଜପରିବାର ଦ୍ୱାରା ଏସସି, ଏସଟି ଏବଂ ଓବିସି ସର୍ବଦା ପ୍ରତାରିତ ହୋଇଆସିଥିବା ବେଳେ ରାଜକୁମାର ତାଙ୍କ ନିଜ ପରିବାରର ବଞ୍ଚିତ ଓ ଦଳିତବିରୋଧୀ ଇତିହାସ ସମ୍ପର୍କରେ ଜାଣିନାହାନ୍ତି। ଏଥିପାଇଁ କଂଗ୍ରେସ ପକ୍ଷରୁ ଜାରି ଟୁଲକିଟ୍ ଆଧାରରେ ରାଜକୁମାର ମିଛରେ ଭରପୂର ଥିବା ପେଡ଼ିକୁ ଧରି ସବୁଠି ହାଜର ହେଇଯାଉଛନ୍ତି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରାହୁଲ ଏନଏଏଫଏସକୁ ତାତ୍ସଲ୍ୟ କରିବା ପ୍ରସଙ୍ଗରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦୀର୍ଘ ସମୟ ଶାସନ କରିବା ପରେ ମଧ୍ୟ କଂଗ୍ରେସ ପଛୁଆବର୍ଗଙ୍କୁ ସେମାନଙ୍କ ଅଧିକାରରୁ



## ଜଣ୍ଡିସ ପୀଡ଼ିତ କଂଗ୍ରେସକୁ ସବୁ ହଳଦିଆ ଦେଖାଯାଉଛି

## ସଂରକ୍ଷଣରେ ପ୍ରତିବନ୍ଧକକୁ ମୋଦି ଦୂର କରିଛନ୍ତି

ବଞ୍ଚିତ ରଖିଆସିଛି। ୨୦୧୪ରେ ଯେତେବେଳେ ୟୁପିଏ ସରକାରକୁ ଦେଶବାସୀ ପ୍ରତ୍ୟାଖ୍ୟାନ କଲେ, ସେତେବେଳେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ୫୭ ପ୍ରତିଶତ ଏସସି, ୬୩ ପ୍ରତିଶତ ଏସଟି ଓ ୬୦ ପ୍ରତିଶତ ଓବିସି ଶିକ୍ଷକ ପଦବୀ ଖାଲି ଥିଲା। କ୍ଷମତାକୁ ଆସିବା ପରେ ଏହାକୁ ପ୍ରଧାନମନ୍ତ୍ରୀ ମୋଦି ପୂରଣ କରିଥିଲେ। ଏହାଛଡ଼ା ୨୦୧୪ରେ ଶିକ୍ଷକ ପଦବୀ ସଂଖ୍ୟା ମଧ୍ୟ ପ୍ରଧାନମନ୍ତ୍ରୀ ୧୬,୨୧୭ରୁ ୧୮,୯୪୦କୁ ⇨ପୃଷ୍ଠା-୬



### କାନ ଡେରିଆ

ଅଦିନ ମରଣ ମଦ ହିଁ କାରଣ
ହେବ କି ତାହା ବାରଣ
ସୁଭଦ୍ରା ମୃତ୍ୟୁର ନିଶା ହିଁ କାରଣ
ଅଦିନେ ହେଲା ମରଣ
କାନ ଖୋଲି ଏବେ ଶୁଣ...
ମଦ ଚାଲୁଥିଲେ ସୁରକ୍ଷିତ ନୁହେଁ
ନାରୀ ର ବାକି ଜୀବନ।

■ ଦେବାଶିଷ

# ବିଜୁ-ଜାନକୀ-ନବୀନଙ୍କର ମାଗଣା ପ୍ରଚାର

**ଭୁବନେଶ୍ୱର,୨୭।୫(ସଂଚାର ବ୍ୟୁରୋ):** ଓଡିଶା ଲୋକଙ୍କ ମନରୁ ଧୀରେ ଧୀରେ ଅପସରି ଯାଉଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ପୁଣିଥରେ ମନେ ପକାଇ ଦେଇଛି ଓବିସି ବିକାଶ ମଞ୍ଚ ଓ ପଛୁଆ ବର୍ଗ ବିକାଶ ସଂଘ। ଏହି ଦୁଇଟି ଅନୁଷ୍ଠାନ ନାଁରେ ରାଜଧାନୀରେ ମରାଯାଇଥିବା ଏକାଧିକ ପୋଷ୍ଟରରେ ବିଜୁ-ଜାନକୀ-ନବୀନଙ୍କ ନାମ ବଡ଼ ବଡ଼ ଅକ୍ଷରରେ ଲେଖାଯାଇଛି। ଅବଶ୍ୟ ପୋଷ୍ଟରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଫଟୋ ଓ ପଛୁଆବର୍ଗ ପାଇଁ ସେ ନେଇଥିବା ପଦକ୍ଷେପ ସଂକ୍ରାନ୍ତରେ ମଧ୍ୟ ଉଲ୍ଲେଖ ରହିଛି।

ତେବେ ସହର ସାରା ଛାଇଯାଇଥିବା ପୋଷ୍ଟରରେ ଦୁଇଟି ସଂଘର ନାମକୁ ନେଇ ଚର୍ଚ୍ଚା ଜୋର ଧରିଛି। ହଠାତ୍ ପଛୁଆ ବର୍ଗଙ୍କ ସ୍ୱାର୍ଥରକ୍ଷା ପାଇଁ ଦୁଇ ଦୁଇଟି ମଞ୍ଚ ଜନ୍ମ ନେଇଛନ୍ତି। ଗୋଟିଏର ନାଁ ହେଉଛି ପଛୁଆ ବର୍ଗ ବିକାଶ ସଂଘ ଓ ଅନ୍ୟଟିର ନାଁ ହେଉଛି ଓବିସି ବିକାଶ ମଞ୍ଚ। ଗୋଟିଏ ସଂସ୍ଥା ଦୁଇଟି ଭିନ୍ନ ଭିନ୍ନ ନାଁରେ ପୋଷ୍ଟର




ଲଗାଇଛନ୍ତି ନା ଦୁଇଟି ଅଲଗା ସଂସ୍ଥା, ତା' ଜାଣିବା ପାଇଁ ଏବେ ଲୋକଙ୍କ ମଧ୍ୟରେ ବ୍ୟଗ୍ରତା ପ୍ରକାଶ ପାଉଛି। ତେବେ ଉକ୍ତ ସଂସ୍ଥା ଯେଉଁଭଳି ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏବଂ ସଦ୍ୟ କ୍ଷମତାରୁ ଯାଇଥିବା ନବୀନଙ୍କ ନାମ ବଡ଼ ବଡ଼ ଅକ୍ଷରରେ ଲେଖିଛନ୍ତି, ତାହାକୁ ଅନେକ ପସନ୍ଦ କରୁନାହାନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି, ଏହି ତିନି ମୁଖ୍ୟମନ୍ତ୍ରୀ ସେମାନଙ୍କ ଶାସନ କାଳରେ ଓବିସି ବା ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିନଥିବା ଦର୍ଶାଯାଇଛି। ହେଲେ ହୋର୍ଡିଂ ଲଗାଇଥିବା ସଂସ୍ଥା ଭୁଲିଯାଇଛନ୍ତି ଯେ ଉଭୟ ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ପଛୁଆବର୍ଗଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇଥିବା ବେଳେ ତାହା ଅଦାଲତରେ କାଟ୍ ଖାଇଯାଇଥିଲା।

ସେହିଭଳି ବିଜ୍ଞାପନରେ ବିଜୁଙ୍କ ଶାସନ କାଳ ୧୫ ବର୍ଷ ବୋଲି ଦର୍ଶାଯାଇଛି। ହେଲେ ଓଡ଼ିଶାରେ ବିଜୁ ପଟ୍ଟନାୟକ ମାତ୍ର ୭ ବର୍ଷ ମୁଖ୍ୟମନ୍ତ୍ରୀ ଗାଦିରେ ବସିଛନ୍ତି। ଏଥିମଧ୍ୟରେ ସର୍ବାଧିକ ସମୟ ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ରହିଛି। ଏହା ପୂର୍ବରୁ ୧୯୬୧ରେ ବିଜୁ ବାବୁ ମାତ୍ର ୨ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେହିଭଳି ନବୀନ ପଟ୍ଟନାୟକଙ୍କ ଶାସନ କାଳ ୨୫ ବର୍ଷ ବୋଲି ଉଲ୍ଲେଖ ରହିଛି। କିନ୍ତୁ ବାସ୍ତବରେ ନବୀନ ଓଡ଼ିଶାରେ ୨୪ ବର୍ଷ କ୍ଷମତାରେ ରହିଛନ୍ତି।

## ଦୁଇଟି ସଂସ୍ଥା ମାରିଛନ୍ତି ପୋଷ୍ଟର

## ପୋଷ୍ଟରରେ ତଥ୍ୟକୁ ନେଇ ଚର୍ଚ୍ଚା

ଦୁଇ ଦୁଇଟି ସଂସ୍ଥା ଖୋଦ ରାଜଧାନୀରେ ଏଭଳି ପୋଷ୍ଟର ମାରିବା ପରେ ଏବେ ଲୋକେ ଓବିସି ପାଇଁ କେଉଁ ମୁଖ୍ୟମନ୍ତ୍ରୀଙ୍କ ଶାସନ କାଳରେ କ'ଣ କ'ଣ ହୋଇଥିଲା, ତାହା ଖୋଜିବା ସହ ଏହି ଦୁଇଟି ସଂସ୍ଥାର କର୍ମକର୍ତ୍ତା କେଉଁ କେଉଁମାନେ ଅଛନ୍ତି, ତା' ମଧ୍ୟ ଖୋଜିବା ଆରମ୍ଭ କରିଦେଇଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପଛୁଆବର୍ଗଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଲାଗୁ କରିଥିବା ନେଇ ଯାହା ଦର୍ଶାଯାଇଛି ତାହାକୁ ଲୋକେ ସାବାସୀ ଦେଉଛନ୍ତି।

# କୁନିଙ୍କ ପାଇଁ ସାହା ପାଲଟିଛି କୁଡିଆ ଘର

● ଏଯାଏଁ ପହଞ୍ଚିନି ସରକାରୀ ସହାୟତା ● ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଛନ୍ତି ପରିବାର



**ମହାକାଳପଡ଼ା,୨୭।୫ (ସଂଚାର ବ୍ୟୁରୋ):** ଆଜି ଯାଏଁ ସରକାରଙ୍କ ଆବାସ ଯୋଜନାରେ ସାମିଲ ହୋଇ ନପାରି ଝାଟି ମାଟିରେ ନିର୍ମିତ ନୁଆଁଣିଆ କୁଡିଆ ଘରେ ଜୀବନ କାଟୁଛନ୍ତି ଜଣେ ଯୋଗ୍ୟ ହିତାଧିକାରୀ। ସରକାରଙ୍କ ବ୍ୟବସ୍ଥା ଓ ପ୍ରଶାସନର ଆଇନ କାନୁନ୍ ଜଣା ନଥିବା ଏହି ପରିବାର ପାଖରେ ନା ପହଞ୍ଚିଛନ୍ତି ନିର୍ବାଚିତ ଜନପ୍ରତିନିଧି ନା ସରକାରୀ କର୍ମଚାରୀ। ସେଥିପାଇଁ ଭାଗ୍ୟକୁ ଆଦରି ସେଇ ନୁଆଁଣିଆ କୁଡିଆ ଘରେ ପରିବାର ଚଳିବାକୁ ବାଧ ହେଉଛନ୍ତି।

ଏମିତି ଏକ ଘଟଣା ସାମ୍ନାକୁ ଆସିଛି ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତର ଗୁହାଳକଣି (ବନ୍ଧପଡା) ଗ୍ରାମରୁ। ଗ୍ରାମର କୁନି ଲେଙ୍କାଙ୍କ ପରିବାର ଏମିତି ଅବସ୍ଥାରେ ରହି ଆସୁଛନ୍ତି। ସ୍ୱାମୀ ନରେନ୍ଦ୍ର କୁମାର ଲେଙ୍କାଙ୍କ ସହିତ ଦୁଇ ସନ୍ତାନଙ୍କୁ ନେଇ ତାଙ୍କର ପରିବାର। ନା ଭଲରେ ଚଳିବା ପାଇଁ ସମ୍ବଳ ଅଛି ନା ଖୁଣ୍ଟ ଖଣ୍ଡିଏ ପୋତିବାକୁ ସାମର୍ଥ୍ୟ। ଘର ଖଣ୍ଡିଏ ପାଇଁ ବିଭିନ୍ନ ସମୟରେ ଗୁହାରି କରି ବିଫଳ ସୋଇଛନ୍ତି। ଜନପ୍ରତିନିଧି କି ସରକାରୀ କର୍ମଚାରୀ ଏ ଅଭାବି ପରିବାର ପାଇଁ ଯେମିତି ଆଖି ବନ୍ଦ କରି ଦେଇଛନ୍ତି। ନିର୍ବାଚନ ସମୟରେ କେବଳ ତାଙ୍କ କୁଡିଆର ଦଦରା କବାଟକୁ ଠକ୍ ଠକ୍ କରନ୍ତି କ୍ଷମତାଶାଳୀ ବ୍ୟକ୍ତି। ହେଲେ ନିର୍ବାଚନ ପରେ ତାଙ୍କ କୁଡିଆର ବାଟ ଯେମିତି ସମସ୍ତେ ଭୁଲି ଯାଆନ୍ତି ବୋଲି କୁନି କହିଛନ୍ତି। ଗତକାଲି ତାଙ୍କ କୁଡ଼ିଆରେ ଅଗ୍ନିକାଣ୍ଡ ଘଟି ଘରର ଛପର ଅଧା ଜଳି ଯାଇଛି। ନିଆଁ ରେ ଗାଈଟି କ୍ଷତିଗ୍ରସ୍ତ ହୋଇଛି। ଏମିତି ଅବସ୍ଥାରେ ସେ ଭାଗ୍ୟକୁ ଆଦରି ସେହି ଅଧାପୋଡା ଘରେ ରହିବାକୁ ବାଧ ହେଉଛନ୍ତି। ତାଙ୍କର ଏମିତି ପରିସ୍ଥିତିରେ ତାଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ସାମିଲ କରିବାକୁ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ତରଫରୁ ଦାବି ହେଉଛି।

## ଆଜି ବି ବଞ୍ଚିଛି ଅନ୍ଧବିଶ୍ୱାସ

# ପେଟରେ ପିଲା ଥିଲା ବୋଲି କଲେନି ଶବ ସତ୍କାର

**ମହାକାଳପଡ଼ା,୨୭।୫ (ସଂଚାର ବ୍ୟୁରୋ):** ଆଜି ବି ବଞ୍ଚିଛି ଅନ୍ଧବିଶ୍ୱାସ। ଅନ୍ଧବିଶ୍ୱାସ ପାଇଁ ଜଣେ ଅନ୍ତସତ୍ୱା ମହିଳାଙ୍କ ମୃତ୍ୟୁ ପରେ ତାଙ୍କୁ ପୋଡ଼ା ଯାଇନି କି ପୋତା ଯାଇନି। ଏକ କଦଳୀ ଗଛ ଗଣ୍ଡିରେ ଉଲଗ୍ନ ଅବସ୍ଥାରେ ବାନ୍ଧି ନଦୀକୂଳ ବଣରେ ଛିଡ଼ା ଭାବରେ ରଖିଛନ୍ତି। ପେଟରେ ସନ୍ତାନ ଥିବାରୁ ତାଙ୍କ ପେଟକୁ ମଧ କାଟିଛନ୍ତି।

**କଦଳୀ ଗଛରେ ବାନ୍ଧି ଛିଡ଼ା କରି ନଦୀ କୂଳରେ ବାନ୍ଧି ଦେଲେ**

ଏମିତି ଏକ ଛାତିଥରା ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ବିଜୟନଗର ଗ୍ରାମ ପଞ୍ଚାୟତର ବିଜୟନଗର ଗ୍ରାମରେ। ଗ୍ରାମର କାର୍ତ୍ତିକ ସାହୁଙ୍କ ବଡ଼ ପୁଅ ସନ୍ତୋଷ କୁମାର ସାହୁ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ବାଙ୍କି ଛନ୍ଦା ଗ୍ରାମର ସ୍ୱର୍ଣ୍ଣ ପାତ୍ରଙ୍କ ଝିଅ ପଦ୍ମିନୀ ପାତ୍ରଙ୍କୁ ପ୍ରେମ ବିବାହ କରିଥଲେ। ପଦ୍ମିନୀଙ୍କର ଏକ ୫ ବର୍ଷର ଝିଅ ଅଛି। ପଦ୍ମିନୀ ୪ ମାସର ଗର୍ଭବତୀ ରହିଥିଲେ। ତାଙ୍କର ଅତ୍ୟଧିକ ମଧୁମେହ ଥିବା ହେତୁ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିଥିଲା। ପ୍ରଥମେ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗତ ୨୬ ତାରିଖ ରବିବାର ବିଳମ୍ବିତ ରାତିରେ ପଦ୍ମିନୀଙ୍କ ମୃତ୍ୟୁ ହୋଇଥିଲା। ପରିବାର ଲୋକେ ୨୭ ତାରିଖ ଦିନ ପଦ୍ମିନୀଙ୍କ ଶବକୁ ଘରକୁ ଆଣିଥିଲେ। ହେଲେ ଶବକୁ ସତ୍କାର ପାଇଁ ପୋଡିବା ପୋତିବା ବଦଳରେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପେଟକୁ କାଟି ଉଲଗ୍ନ ଅବସ୍ଥାରେ ଏକ କଦଳୀ ଗଛରେ ବାନ୍ଧି ସିନ୍ଦୂରା ପାଟ ଘେରିବନ୍ଧ ରାସ୍ତାର ନଦୀକୂଳ ଓରୁଅ ଗଛ ମୂଳେ ଛିଡ଼ା ଭାବରେ ବାନ୍ଧି ଦେଇଛନ୍ତି। ଅନ୍ଧବିଶ୍ୱାସ ପ୍ରଥା ଅନୁଯାୟୀ ଯଦି ଅନ୍ତସତ୍ୱା ମହିଳାଙ୍କ ଶବକୁ ପୋତାଯାଏ କି ପୋଡ଼ା ଯାଏ ତେବେ ସେ ଚିରୁଗୁଣି ହୋଇଯିବ। ସେଥିପାଇଁ ପରିବାର ଲୋକେ ଏମିତି କରିଛନ୍ତି। ଏ ଘଟଣା ବିଷୟରେ ଜାଣିବା ପରେ ଗ୍ରାମର ସଚେତନ ନାଗରିକ ନିର୍ମଳ କୁମାର ସାହୁ, ରତ୍ନାକର ସାହୁ ଓ ସମାଜସେବୀ ବିରଞ୍ଚି ନାରାୟଣ ଦାସ ପରିବାର ଲୋକଙ୍କୁ ସଚେତନ କରିବା ସହିତ ଶବକୁ ପୋତାଇ ସତ୍କାର କରାଇଥିଲେ।

## ଅହଲ୍ୟା ବାଇ ହୋଲକରଙ୍କ ଜନ୍ମଜୟନ୍ତୀରେ ସ୍ୱଚ୍ଛତା ଅଭିଯାନ

**ପଟ୍ଟାମୁଣ୍ଡାଇ,୨୭।୫ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବଜାର ଶ୍ରୀରାମ ମନ୍ଦିର ପରିସରରେ ଅହଲ୍ୟା ବାଇ ହୋଲକାରଙ୍କ ତିନିଶ ତମ ଓଡ଼ିଶା ସରକାରଙ୍କ ସ୍ୱଚ୍ଛତା ଅଭିଯାନରେ ପଟ୍ଟାମୁଣ୍ଡାଇ ନଗର ବିଜେପିର ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ ମନ୍ଦିର ପରିସର ଓ ବାହାରକୁ ସମ୍ପୂର୍ଣ ଭାବରେ ପରିଷ୍କାର କରିଥିଲେ। ମୁନସିପାଲିଟି ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ ଓ ସ୍ୱଚ୍ଛତା ଦାୟିତ୍ୱରେ ଥିବା ପ୍ରଫୁଲ୍ଲ କୁମାର ଦାଶ ଏହି ସ୍ୱଚ୍ଛତା ଅଭିଯାନ କିପରି ଭଲ ଭାବରେ ହେବ ସେଥିପାଇଁ ତାଙ୍କର ଚେଷ୍ଟା କରିଥିଲେ। ଏହି ପ୍ରୋଗ୍ରାମରେ ପଟ୍ଟାମୁଣ୍ଡାଇ ନଗର ବିଜେପିର ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ ଏହି ଅଭିଯାନକୁ ସଫଳ କରିଥିଲେ। ସର୍ବଶ୍ରି କାଉନସିଲର ବିଦ୍ୟାଧର ସେଠୀ, ଜିଲ୍ଲା ସମ୍ପାଦକ ଚନ୍ଦନ ପାତ୍ର, ରାଜ୍ୟ ଯୁବମୋର୍ଚ୍ଚା ସହ ସଂଯୋଜକ ଅଭିଷେକ ଦାସ, ମନ୍ କି ବାତ୍ ସଂଯୋଜକ ରବୀନ୍ଦ୍ର ବିଶ୍ୱାଳ, ପୂର୍ବତନ ନଗର ସଭାପତି ପଦ୍ମନାଭ ପଣ୍ଡା ଓ ଉପେନ୍ଦ୍ର ନାୟକ, ଯୁବମୋର୍ଚ୍ଚା ସଭାପତି ଅଶୋକ ସେଠୀ, ଆଡଭୋକେଟ ପ୍ରମୋଦ କୁମାର ସାହୁଙ୍କ ସମେତ ବହୁ ପୁରୁଷ ଓ ମହିଳା ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



# କରାଣ୍ଡିଆ ଶାଖା କେନାଲ ନିର୍ମାଣାଧୀନ କାର୍ଯ୍ୟର ତଦାରଖ କଲେ ମାହାଙ୍ଗା ବିଧାୟକ

**ନିଶ୍ଚିନ୍ତକୋଇଲି,୨୭।୫ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ପଞ୍ଚାୟତ କରାଣ୍ଡିଆ ଶାଖା କେନାଲର ଦକ୍ଷିଣ ପାର୍ଶ୍ୱ ବାଲିଆପଦା ନିକଟରେ ନିର୍ମାଣଧିନ କେନାଲ୍ କାର୍ଯ୍ୟକୁ ମଙ୍ଗଳବାର ପୂର୍ବାହ୍ନ ୭ଘଟିକା ସମୟରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ତଦାରଖ କରିଥିଲେ। କରାଣ୍ଡିଆ ଶାଖା କେନାଲ ସ୍ଲାଇନିଙ୍ଗ ଢ଼ଳେଇ କାର୍ଯ୍ୟ ଟେଣ୍ଡର ପରେ ଠିକାଦାର ଚୟନ କରାଯାଇ କାର୍ଯ୍ୟ ଚାଲୁରହିଛି। ଗତ ଦୁଇଦିନ ହେବ ଲଘୁଚାପ ଜନିତ ପ୍ରବଳ ବର୍ଷା ଦ୍ୱାରା କାର୍ଯ୍ୟର କିଛି ଅଂଶ ଧୋଇ ହୋଇ ଯାଇଥିଲା। ଯାହାକୁ ନେଇ ନାନା ଗଣମାଧମରେ ନାନା ଅଜବ୍ ଗଜବ୍ ପ୍ରକାରର ଖବର ପ୍ରକାଶ ପାଇଥିଲା। ତେଣୁ ଆଜି ସକାଳେ ବିଧାୟକ ଶ୍ରୀଯୁକ୍ତ ପ୍ରଧାନ ଭୋଳେଶ୍ୱର ମନ୍ଦିର ଠାରୁ ୧ କିମି କେନାଲ ବନ୍ଧ ରାସ୍ତାରେ ବିଭାଗୀୟ ଅଧିକାରୀ ମାନଙ୍କୁ ନେଇ ନିର୍ମାଣଧୀନ ବିଭିନ୍ନ କାର୍ଯ୍ୟର ଅଂଶକୁ ତନତନ କରି ଦେଖିବା ପରେ ପ୍ରକୃତିର ତାଣ୍ଡବ ଆଗରେ



ଆମେ ସମସ୍ତେ ତୁଚ୍ଛ ବୋଲି କହିବା ସହ ପୁନଶ୍ଚ କାର୍ଯ୍ୟକୁ ସଠିକ ଢଙ୍ଗରେ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଏହି ତଦାରଖ ସମୟରେ ବିଧାୟକଙ୍କ ସହ ଓସିସିର ସିନିୟର୍ ମ୍ୟାନେଜର ରାକେଶ ମଲ୍ଲିକ,ଆସିଷ୍ଟାଣ୍ଟ ଇଞ୍ଜିନିୟର ପ୍ରତାପ ମହାନ୍ତି, କନିଷ୍ଠ ଯନ୍ତ୍ରୀ ସୁଦର୍ଶନ ସାମଲ, ନଗସପୁର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଅକ୍ଷୟ କୁମାର ମଲ୍ଲିକ, କନିଷ୍ଠ ଯନ୍ତ୍ରୀ କୁମୁଦ ବେହେରା, ପ୍ରାକ୍ତନ ସରପଞ୍ଚ ରବିନ୍ଦ୍ର ନାଥ ତ୍ରିପାଠୀ ,ବ୍ଲକ ଆତ୍ମା ସଭାପତି ଅଶୋକ କୁମାର ସାହୁ, ସୁରେନ୍ଦ୍ର ନାଥ ରାଉତ, ରମେଶ ଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର କୁମାର ସାହୁ, ପ୍ରାକ୍ତନ ସରପଞ୍ଚ ମିହିର କୁମାର ମିଶ୍ର, ସରପଞ୍ଚ ପ୍ରଦୀପ କୁମାର ପରିଡା, ସମିତି ସଭ୍ୟ ଭବାନୀ ପ୍ରସାଦ ବେହେରା,ରମେଶ ଚନ୍ଦ୍ର ଦାସ, ଦେବଦତ୍ତ କର,ନାରାୟଣ ମଲ୍ଲିକ, ପବିତ୍ର ମାହୁନ୍ତ, ଅମରେଶ ଜେନା, କ୍ଷୀରୋଦ ପରିଡା, ମନମୋହନ ସେଠୀ, ଶିବ ପ୍ରସାଦ ମଲ୍ଲଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତି ଥିଲେ।

## ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ମହାକାଳପଡ଼ା,୨୭।୫ (ସଂଚାର ବ୍ୟୁରୋ):** ଆଜି ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୯ ନଂ ଜୋନ ଅନ୍ତର୍ଗତ ବଳିପାଳ ପଞ୍ଚାୟତ କଳପଡା ଗ୍ରାମ ସ୍ଥିତ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଦସ୍ୟମାନେ ପହଞ୍ଚି ମନ୍ଦିରର ବାହାର ଓ ଭିତର ପରିବେଶ ସଫା କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ମଣ୍ଡଳ ସଭାପତି ମାନସ ମହାନ୍ତି ଓ ସ୍ଥାନୀୟ ସରପଞ୍ଚ ରଶ୍ମୀକାନ୍ତ ପଲାଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କାଳନ୍ଦୀ ଜେନା, ରଞ୍ଜିତ ପଟ୍ଟନାୟକ, ସୁବାଷ ସେଠି, ନଳିନୀକାନ୍ତ ପଲେଇ, ସୁରେନ୍ଦ୍ର ବାରିକ, କ୍ଷୀରୋଦ ସେଠି, ଗୋଲେଖ ତାଡୁ, କୈଳାସ ସେଠି, ଆଲୋକ ରାଉତ, କାହ୍ନା ସାହୁ, ନିରାକାର ରଣା, ନାଥ ପ୍ରଧାନ, ପ୍ରମୋଦ ଗନ୍ତାୟତ,ନିର୍ମଳ ସାହୁ, ଶୁଭ୍ରାଂଶୁ ପ୍ରଧାନ, ବିଦ୍ୟାଧର ସେଠି, ବିରଞ୍ଚି ନାରାୟଣ ଦାସ, ରଞ୍ଜନ ମଳିକ, ଶଙ୍କର ମଳିକ, ବସନ୍ତ ବେହେରା ପ୍ରମୁଖଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।



## ଦୁଇ ବ୍ଲକ ପାଇଁ ରମେଶ ଓ ଡମ୍ବରୁଧରଙ୍କୁ କଂଗ୍ରେସ କିଷାନ ସେଲର ଅଧକ୍ଷ ରୂପେ ନିଯୁକ୍ତ



**ମାହାଙ୍ଗା,୨୭।୫ (ସଂଚାର ବ୍ୟୁରୋ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସଂପାଦକ ସଦାନନ୍ଦ ଓଝାଙ୍କ ଦ୍ୱାରା ମାହାଙ୍ଗା ବ୍ଲକ କିଷାନ ସେଲର ଅଧକ୍ଷ ଭାବେ ଡମ୍ବରୁଧର ସ୍ୱାଇଁଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା ବେଳେ ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କିସାନ ସେଲର ଅଧକ୍ଷ ଭାବେ ରମେଶ ସାହୁଙ୍କୁ ନିଯୁକ୍ତି କରାଯାଇଛି। ଏହି ନିଯୁକ୍ତ ଫଳରେ ଉଭୟଙ୍କୁ ମାହାଙ୍ଗା ନିର୍ବାଚନ ମଣ୍ଡଳୀ କଂଗ୍ରେସ ଦଳ ପକ୍ଷରୁ ଶୁଭେଚ୍ଛା ଅଭିନନ୍ଦନ ଜଣାଯାଇଛି। ପିସିସି ସଭ୍ୟ ନାରାୟଣ ଦିବେଦୀ, ଯୁବ କଂଗ୍ରେସ ସଭାପତି ସେଖ ସଦାମ, ପୂର୍ବତନ କଟକ ଜିଲ୍ଲା ଯୁବ କଂଗ୍ରେସ ସମ୍ପାଦକ ମିଳନ ମଲ୍ଲିକ, ସୁଶୀଲ କୁମାର ଲେଙ୍କା, ରମେଶ ବାରିକ, ରାଜକିଶୋର ବାରିକ,ଗୋପାଳ ସେଠି, ମନୋଜ ମହାନ୍ତି, ଅମରେଶ ସାମନ୍ତରାୟ, ପ୍ରଶାନ୍ତ ସାମଲ, ମହମ୍ମଦ ବୁରାନ, ସେଖ ସୋନା ପ୍ରମୁଖ ଡମ୍ବରୁଧର ସ୍ୱାଇଁ ଓ ରମେଶ ସାହୁଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସ, ପ୍ରଦେଶ କଂଗ୍ରେସ କିସାନ ସଭାପତି ଅମୀୟ ପଟ୍ଟନାୟକ ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ପ୍ରଦୀପ୍ତ କୁମାର ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ରାଜକନିକାରେ ମିଳିତ ଅଭିଯୋଗ ଶୁଣାଣି ଶିବିର

### ୬୯ ଅଭିଯୋଗ ମଧ୍ୟରୁ ୬ଟି ସାମୂହିକ ଓ ୬୩ଟି ବ୍ୟକ୍ତିଗତ

**କେନ୍ଦ୍ରାପଡା,୨୭।୫ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକରେ ଆଜି ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜକନିକା ଠାରେ ପୂର୍ବାହ୍ନ ରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ରବୀନ୍ଦ୍ର କୁମାର ମଲ୍ଲିକ, ଉପ-ଜିଲ୍ଲାପାଳ ଅରୁଣ କୁମାର ନାୟକ,ରାଜକନିକା ବିଡିଓ ଓ ଅତିରିକ୍ତ ତହସିଲଦାର,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା ପ୍ରମୋଦ କୁମାର ପ୍ରହରାଜ,ଏସଡିପିଓ, ପଟ୍ଟାମୁଣ୍ଡାଇ,ସହକାରୀ ଜିଲ୍ଲାପାଳ, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ,ଲାଇନ୍ ଡିପାର୍ଟମେଂଟ୍ର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ । ଆଜିର ଅଭିଯୋଗ ଶୁଣାଣିରେ ମୋଟ୍ ୬୯ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥି ମଧ୍ୟରୁ ୬ ଗୋଟି ସାମୁହିକ ଏବଂ ୬୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟକ୍ତିଗତ ଅଭିଯୋଗ ମଧରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନୂତନ ରାସନ୍‌କାର୍ଡ଼ ପ୍ରଦାନ ନିମନ୍ତେ ନାମ ପଞ୍ଜୀକରଣ, ଅନ୍ତୋଦୟ ଯୋଜନାରେ ନାମ ସାମିଲ କରିବା, ଭିନ୍ନକ୍ଷମ ଭତ୍ତା ପ୍ରଦାନ, ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା, ଭୂମିହିନଙ୍କୁ ଜମି ପ୍ରଦାନ ଓ ପୋଲିସ ସମସ୍ୟା ଆବେଦନ ପତ୍ର ଆଦି ଦରଖାସ୍ତଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ସେହିପରି ସାମୁହିକ ଅଭିଯୋଗ ମଧରେ ବିଦ୍ୟୁତ ଯୋଗାଣ, ରାସ୍ତା ନିର୍ମାଣ ଓ ମରାମତି, ପାନୀୟ ଜଳ ଯୋଗାଣ, ବେଆଇନ ଭାବେ ଅଧିକୃତ ସରକାରୀ ଜମି ଉଚ୍ଛେଦ ଆଦି ଅଭିଯୋଗଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା

## ସମ୍ଭାବ୍ୟ ବର୍ଷାକୁ ନେଇ ପ୍ରସ୍ତୁତିର ସମୀକ୍ଷା କଲେ ଜିଲ୍ଲାପାଳ

● ମୁଖ୍ୟାଳୟ ନ ଛାଡିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ

**କେନ୍ଦ୍ରାପଡ଼ା,୨୭।୫ (ସଂଚାର ବ୍ୟୁରୋ):** ପାଣିପାଗ ବିଭାଗ ଦ୍ୱାରା ସୂଚନା ମୁତାବକ ଆଗାମୀ ଦୁଇ ତିନ ଦିନ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ବିଭାଗର ପ୍ରସ୍ତୁତିକୁ ନେଇ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଶ୍ରୀ ସ୍ମୃତି ରଞ୍ଜନ ପ୍ରଧାନ ଆଜି ସନ୍ଧ୍ୟାରେ ସମସ୍ତ ବିଭାଗ ସହିତ ସମୀକ୍ଷା କରିଛନ୍ତି । କଣ୍ଟ୍ରୋଲ ରୁମ, ପାନୀୟ ଜଳ ବ୍ୟବସ୍ଥା ଶୁଖିଲା ଖାଦ୍ୟ ମହଜୁଦ,ଜେନେରେଟର,ଔଷଧ, ବାତ୍ୟା ଆଶ୍ରୟ ସ୍ଥଳ ସ୍ଥିତି,ଡ଼ଙ୍ଗାର ସ୍ଥିତି,ସହିତ ଅନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ପ୍ରସ୍ତୁତି ରଖିବାକୁ ଜିଲ୍ଲାପାଳ ଶ୍ରୀ ପ୍ରଧାନ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।



ଏହା ସହିତ ସମସ୍ତ ଯନ୍ତ୍ରପାତି ଉପକଣ ସଠିକ କରି ସଜାଗ ରହିବାକୁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡା କୌଣସି ବି ଅଧିକାରୀ ଜିଲ୍ଲା ମୁଖ୍ୟାଳୟ ନ ଛାଡିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଓସ୍ୱାନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅନ୍ୟ ମାନଙ୍କ ମଧରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ସମେତ ସମସ୍ତ ବିଭାଗର ଅଧିକାରୀ ବୈଠକରେ ଯୋଗ ଦେଇଥିଲେ । ଏହା ଛଡା ଜିଲ୍ଲାର ସମସ୍ତ ବ୍ଲକ ଅଞ୍ଚଳରୁ ବିଡ଼ିଓ, ତହସିଲଦାର ମାନେ ଭିଡିଓ କନ୍ଫୋରନସିଂ ମାଧମରେ ଯୋଡି ହୋଇ ବର୍ତ୍ତମାନ ପରିସ୍ଥିତି ଏବଂ ପ୍ରସ୍ତୁତିକୁ ନେଇ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ ।

# ଅସରାଏ ବର୍ଷାରେ ୧୧ନଂ ୱାର୍ଡ ଉବୁଟୁବୁ

◆ ଘରେ ପାଣି ପଶି ସ୍ଥିତି ବେହାଲ ◆ କେବେ ସୁଧୁରିବ ସମସ୍ୟା ?

**ପଟ୍ଟାମୁଣ୍ଡାଇ,୨୭।୫ (ସଂଚାର ବ୍ୟୁରୋ):** ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଆଜି ପଟ୍ଟାମୁଣ୍ଡାଇ ପୌରପରିଷଦ ଅନ୍ତର୍ଗତ ୧୧ ନମ୍ବର ୱାର୍ଡ ଉବୁ ଟୁବୁ ହେବା ସହିତ କୃତ୍ରିମ ବନ୍ୟା ପରିସ୍ଥିତି ଦେଖାଦେଇଛି ! ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ଅସରାଏ ବର୍ଷାରେ ମୁସଲମାନ ବସ୍ତି ରେ ଥିବା ଲୋକମାନଙ୍କ ଘରେ ବର୍ଷା ପାଣି ଲହଡି ଭାଙ୍ଗୁଛି । କେତେକଙ୍କ ଘରେ ଆଣ୍ଠୁଏରୁ ଜଙ୍ଘେ ଯାଏ ପାଣିରେ ବୁଡି ରହିଛି । ଏଥି ସହିତ ଚୁଲିରେ ପାଣି ପଶିବା ସହିତ ଥାଳି କଂସାବାସନ ଭାସୁଛି । ମୁସଲମାନ ବସ୍ତିରେ ଥିବା ଗରିବ ଖଟିଖିଆ ମାନେ ଏଭଳି ସ୍ଥିତିରେ ଖଟ ଉପରେ ଉପାସ ଭୋକେ ପିଲାଛୁଆ ଧରି ରହିଛନ୍ତି। ଅସରାଏ ବର୍ଷା ହେଲେ ମୁସଲମାନବସ୍ତି ଉବୁଟୁବୁ ହେବା ସହିତ ବାସିନ୍ଦାଙ୍କ ସମସ୍ୟା ବଢ଼ି ବଢ଼ି ଚାଲିଛି ।

ସ୍ଥାନୀୟ ଅଧିବାସୀ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀଙ୍କୁ ଭେଟି ଦାବୀ କରିଛନ୍ତି। ଉପଯୁକ୍ତ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଜଳନିଷ୍କାସନ ହେଉନଥିବା ସ୍ଥାନୀୟ ଅଧିବାସୀ ମାନେ ଅଭିଯୋଗ କରିଛନ୍ତି। ଆଗକୁ ଆହୁରି ୩ଦିନ ବର୍ଷା ଲାଗି ରହିବାର ସମ୍ଭାବନା ଥିବାରୁ ସମସ୍ୟା ଆହୁରି ଅଧିକ ଜଟିଳ ହେବାର ଆଶଙ୍କା କରାଯାଉଛି ! ପୌରନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ ବସ୍ତି ବାସିନ୍ଦାଙ୍କ ନିକଟରେ ପହଞ୍ଚି ଜଳବନ୍ଦୀ ସ୍ଥିତି ଅନୁଧ୍ୟାନ କରିବା ସହ ତୁରନ୍ତ ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି। ମୁସଲମାନବସ୍ତିରୁ ଜଳ ନିଷ୍କାସନ ପାଇଁ ପୌର ପ୍ରଶାସନ ପକ୍ଷରୁ ଅଗ୍ନିଶମ ବାହିନୀର ସହାୟତା ନିଆଯାଇଛି । ସରକାରୀ ଜମି ଜବର ଦଖଲ କରାଯାଇ ବାସଗୃହ ନିର୍ମାଣ କରିବା,ପାଣି ନିଷ୍କାସନ ବାଟ ବନ୍ଦ କରିଥିବା ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହୋଇ ଥିବାରୁ ଖୁବଶୀଘ୍ର ବେଆଇନ ଜବରଦଖଲକୁ ଉଚ୍ଛେଦ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ ପ୍ରକାଶ କରିଛନ୍ତି ।



## ସିଏମ୍ ଟ୍ରଫିରେ ଅଂଶ ଗ୍ରହଣ ପାଇଁ ଗଲେ ୨୨ ଖେଳାଳି



**କେନ୍ଦ୍ରାପଡ଼ା,୨୭।୫ (ସଂଚାର ବ୍ୟୁରୋ):** ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ସିଏମ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିବା ପାଇଁ ମଙ୍ଗଳବାର କେନ୍ଦ୍ରାପଡ଼ାରୁ ୨୨ ଜଣିଆ ଦଳ ସହିତ କୋଚ ସରତ କୁମାର ଜେନା, ସହକାରୀ କୋଚ ଏସକେ ଅଜିମୁଦ୍ଦିନ ଏବଂ ମ୍ୟାନେଜର ମନୋଜ କୁମାର ଦାସ ଭୁବନେଶ୍ୱର ଗସ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଶ୍ରୀ ସ୍ମୃତି ରଞ୍ଜନ ପ୍ରଧାନ ତାଙ୍କ ବାସଭବନରେ ଖେଳାଳି ମାନଙ୍କ ସହିତ ମିଶିବା ସହିତ ତାଙ୍କୁ ଉତ୍ସାହିତ କରିଛନ୍ତି। ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିବା ସହିତ ଟ୍ରଫି ବିଜେତା ହେବାପାଇଁ ଜିଲ୍ଲାପାଳ ସଫଳ କାମନା କରିଛନ୍ତି। ଅନ୍ୟ ମାନଙ୍କ ମଧରେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ, ଜିଲ୍ଲା ଆଥଲେଟିକ୍ ସଂଘର ସାଧାରଣ ସମ୍ପାଦକ ସୟଦ ଆକମାଲ ଅଲ୍ଲୀ ସମେତ ଜିଲ୍ଲା ଆଥଲେଟିକ୍ ସଂଘର ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ବର୍ଷାରେ ବେହାଲ ମାର୍ଶାଘାଇ ବଜାର

● ରାସ୍ତା ଉପରେ ଦୁଇ ଫୁଟ ଉଚ୍ଚର ପାଣି ● ତ୍ରୁଟିପୂର୍ଣ୍ଣ ଡ୍ରେନେଜ୍ ନିର୍ମାଣ ଯୋଗୁ ଦେଖା ଦେଇଛି ସମସ୍ୟା



**ମାର୍ଶାଘାଇ,୨୭।୫ (ସଂଚାର ବ୍ୟୁରୋ):** ଅଦିନିଆ ବର୍ଷାରେ ମଙ୍ଗଳବାର ସକାଳେ ମାର୍ଶାଘାଇ ବଜାରର ମୁଖ୍ୟ ରାସ୍ତା ଉପରେ ଦୁଇ ଫୁଟ ଉଚ୍ଚର ବର୍ଷାପାଣି ଦୀର୍ଘ ସମୟ ଯାଏଁ ଲହଡି ମାରିଥିଲା । ବଜାରର ଅକ୍ଷୟ ବେହେରାଙ୍କ ତେଜରାତି ଦୋକାନ ଠାରୁ ବନମାଳୀଛକ ପର୍ଯ୍ୟନ୍ତ ରାସ୍ତା ଉପରେ ଏହି ପାଣି ଜମି ରହିବା ସହିତ ନିକଟସ୍ଥ ଗିରିଧାରୀ ସାହୁ,ଅକ୍ଷୟ ବେହେରା, ବାଦଲ ସ୍ୱାଇଁ, ନୃସିଂହ ବେହେରାଙ୍କ ଦୋକାନ ଭିତରେ ପାଣି ପଶିଯାଇଥିଲା। ଦୋକାନ ଭିତରକୁ ପାଣି ନ ପଶିବା ପାଇଁ ତେଜରାତି ଦୋକାନୀ ନିଜ ଦୋକାନରେ ଥିବା ଲୁଣ ବସ୍ତାକୁ ଦୋକାନ ଆଗରେ ବନ୍ଧ ଭଳି ରଖି ଦୋକାନକୁ ସୁରକ୍ଷା ଦେଇଥିଲେ । କିଛି ଦୋକାନୀ ଏବଂ ସ୍ଥାନୀୟ ଯୁବକମାନେ ମିଶି ବର୍ଷା ଜଳ ପ୍ରବାହରେ ବାଧା ସୃଷ୍ଟି କରୁଥିବା ଏବଂ ଭୁଲ ପ୍ରଣାଳୀରେ ହୋଇଥିବା ଡ୍ରେନର ସ୍ଲାବ ଭାଙ୍ଗି ଡ୍ରେନ ସଫା କରିବା ପରେ ରାସ୍ତାରୁ କିଛି ମାତ୍ରାରେ ପାଣି ହଟିଥିଲା । ମାତ୍ର ଦୁଇତିନି ବର୍ଷ ତଳେ ନିର୍ମାଣ ହୋଇଥିବା ମାର୍କେଟ ବିଲଡିଂ ତଳେ ବର୍ଷା ଜଳ ନିଷ୍କାସନ ନେଇ ଡ୍ରେନ ନିର୍ମାଣ ହୋଇଥିଲା। ଭୁଲ ପ୍ରଣାଳୀରେ ଅଣଓସାରିଆ ଭାବରେ ସେହି ଡ୍ରେନ ନିର୍ମାଣ କରାଯାଇଥିଲା ବୋଲି କିଛି ବ୍ୟବସାୟୀ ଅଭିଯୋଗ କରିଛନ୍ତି । ଗତ ଅଦିନିଆ ବର୍ଷାରେ ଏହି ରାସ୍ତାରେ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ଦୀର୍ଘ ସମୟ ଯାଏଁ ଜମି ରହିଥିଲା,ଏ ପଟେ ବ୍ୟବସାୟୀମାନଙ୍କ ସ୍ୱାର୍ଥ ପାଇଁ ଗଢ଼ି ଉଠିଥିବା ବଣିକସଙ୍ଘ ଏହି ଅଞ୍ଚଳରୁ ଜଳ ନିଷ୍କାସନ ନେଇ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ ପ୍ରଭାବିତ ବ୍ୟବସାୟୀମାନେ ଦାବି କରିଛନ୍ତି । କେନ୍ଦ୍ରାପଡ଼ା ନିୟନ୍ତ୍ରିତ ବଜାର କମିଟିର ଯନ୍ତ୍ରୀ ମାର୍କେଟ ବିଲଡିଂ ନିର୍ମାଣର ପ୍ଲାନିଂ ସଠିକ ଭାବରେ କରି ନ ଥିବାରୁ ଏଭଳି ଜଳବନ୍ଦୀ ସମସ୍ୟା ଉପୁଜୁଛି ବୋଲି ଅଭିଯୋଗ ହେଉଛି ।

# ନିମାପଡ଼ାରେ ଉପମୁଖ୍ୟମନ୍ତ୍ରୀଙ୍କ ମାରାଥନ କାର୍ଯ୍ୟକ୍ରମ

✪ ଏନ୍ଏସି ମୁଖ୍ୟ କଂକ୍ରିଟ ନଳାର ଭିତ୍ତିପ୍ରସ୍ତର

✪ ଭେଣ୍ଡିଂ ଜୋନ୍ ଓ ବସଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସରେ ଦୋକାନ ବଣ୍ଟନ



**ପୁରୀ,୨୭।୫(ସଂଚାର ବ୍ୟୁରୋ):** ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିମାପଡ଼ା ଗସ୍ତକରି ନାରୀଶକ୍ତିର ଜୀବନ୍ତ ଗାଥା ଏବଂ ରାଜମାତାରୁ ଲୋକମାତା ସାଜିଥିବା ପୁଣ୍ୟଶ୍ଳୋକ ରାଣୀ ଅହିଲ୍ୟାବାଇ ହୋଲକରଙ୍କ ୩୦୦ତମ ଜୟନ୍ତୀ ଉପଲକ୍ଷେ ନିମାପଡ଼ା ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ କର୍ମଶାଳାରେ ଯୋଗଦେଇ ଉପସ୍ଥିତ ଜନତାଙ୍କୁ ସମ୍ବୋଧନ କରିଥିଲେ ଏବଂ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହ ସମାଜ ପାଇଁ ଉଲ୍ଲେଖନୀୟ କାର୍ଯ୍ୟକରିଥିବା ଅନେକ ମହିଳାଙ୍କୁ ସମ୍ମାନିତ କରିଥିଲେ। ପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ସମଗ୍ରଶିକ୍ଷା ଯୋଜନାରେ ନିମାପଡା ପଞ୍ଚାୟତ ସମିତି ଅଧିନସ୍ଥ ତେରୁଣ୍ଡିଆ ଗ୍ରାମ ପଞ୍ଚାୟତର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଧୀରପୁର ଠାରେ ୧୮ ଲକ୍ଷ ୩୩ ହଜାର ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଅତିରିକ୍ତ ଶ୍ରେଣୀଗୃହ ଏବଂ ନିମାପଡ଼ା ବ୍ଲକ ଅଧିନସ୍ଥ ଅରିଷଣ୍ଡ ପଞ୍ଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟ,ଅରିଷଣ୍ଡ ଠାରେ ୧୮ ଲକ୍ଷ ୩୩ ହଜାର ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଅତିରିକ୍ତ ଶ୍ରେଣୀଗୃହ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସନ୍ଧ୍ୟାରେ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିନସ୍ଥ ଆଶ୍ରମ ଛକ ବ୍ରିଜ ନିକଟରେ ଦୀର୍ଘ ଦିନରୁ ଦାବି ରହି ଆସିଥିବା ସହରର ମୁଖ୍ୟ କଂକ୍ରିଟ ନଳାର ନିର୍ମାଣ ନିମନ୍ତେ ପ୍ରଥମ ପର୍ଯ୍ୟାୟର ପ୍ରକଳ୍ପର ଆଜି ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନରେ ଯୋଗଦେଇଥିଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା। ଏହି ପ୍ରକଳ୍ପ ଜଳ ନିକାସ ବିଭାଜନ, ପୁରୀ ଦ୍ୱାରା ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମାଣ ହେବ। ଏହାର ଦ୍ୱିତୀୟ ପର୍ଯ୍ୟାୟ ପ୍ରକଳ୍ପ ପାଇଁ ମଧ୍ୟ ଆବଶ୍ୟକୀୟ ଆର୍ଥିକ ଅନୁଦାନର ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ବିଜ୍ଞାପିତ ଅଞ୍ଚଳର ଦୀର୍ଘ ଦିନରୁ ରହିଥିବା ଜଳ ନିଷ୍କାସନ ଭଳି ଏକ ପ୍ରମୁଖ ସମସ୍ୟାର ସମାଧାନ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ପରେ ଶ୍ରୀମତୀ ପରିଡ଼ା ନିମାପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)ର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଏବଂ ଡେଲ୍ଟା ଛକ ନିକଟରେ ଭେଣ୍ଡିଂ ଯୋନରେ ୨୧ ଜଣ ଠେଲା ଦୋକାନୀଙ୍କୁ ଦୋକାନ ଘର ଯୋଗାଇବା ସହ ବସଷ୍ଟାଣ୍ଡରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସରେ ୧୨ଟି ଦୋକାନ ଘରକୁ ଲଟେରୀ ମାଧ୍ୟମରେ ଯୋଗ୍ୟ ବିବେଚିତ ହୋଇଥିବା ବ୍ୟବସାୟୀଙ୍କୁ ଆବଣ୍ଟନପତ୍ର ବଣ୍ଟନ କରିଥିଲେ।

## ବ୍ୟବହାର ହୋଇପାରୁନି ସ୍ମାର୍ଟସିଟି କେବୁଲ



**ଭୁବନେଶ୍ୱର,୨୭।୫:** ଭୁବନେଶ୍ୱର ସ୍ମାର୍ଟସିଟି କର୍ତ୍ତୃପକ୍ଷ ରାଜଧାନୀ ସାରା ଖୋଳିତାଡି ନିଜର ଯେଉଁ ଅପ୍ଟିକାଲ ଫାଇବର କେବୁଲ ବିଛାଇଥିଲେ ତାହା ଠିକଣା ଭାବେ ବ୍ୟବହାର ହୋଇପାରୁ ନାହିଁ। ଲକ୍ଷ୍ୟ ଥିଲା ନିଜର ଆବଶ୍ୟକତା ମେଣ୍ଟାଇବା ସହିତ ଅନ୍ୟାନ୍ୟ ସଂସ୍ଥାମାନେ ଏହି କେବୁଲକୁ ଭଡା ସୂତ୍ରରେ ନେବେ ଏବଂ ସ୍ମାର୍ଟସିଟି କର୍ତ୍ତୃପକ୍ଷ ଏଥିରୁ ଦୀର୍ଘକାଳୀନ ଭିତ୍ତିରେ ଭଲ ଲାଭପାଇବେ । ହେଲେ ବିଭିନ୍ନ ଟେଲି ଯୋଗାଯୋଗ କମ୍ପାନୀକୁ ସହଯୋଗୀ କେବୁଲ ବିଛାଇବା ଓ ଟାଣିବାପାଇଁ ଅନୁମତି ଦେଇଦିଆଯିବାରୁ ସ୍ମାର୍ଟସିଟିର ଏହି ଯୋଜନା ଏକ ପ୍ରକାର ଅକାମୀ ହୋଇଯାଇଛି । ସ୍ମାର୍ଟସିଟି କର୍ତ୍ତୃପକ୍ଷ ରାଜଧାନୀରେ ୮୭୪ କିଲୋମିଟରର ଅପ୍ଟିକାଲ ଫାଇବର ବିଛାଇଛନ୍ତି । ଏହାବ୍ୟତୀତ ୨୮,୦୦ କିଲୋମିଟର ସିଙ୍ଗଲ ପେୟାର କେବୁଲ ବି ଲିଜ୍ ପାଇଁ ଉପଲବ୍ଧ ଅଛି । ତେବେ ଏହିସବୁ କେବୁଲ ମଧ୍ୟରୁ ମାତ୍ର ୨୦୦୦ କିଲୋମିଟର କେବୁଲକୁ ସ୍ମାର୍ଟସିଟି ଭଡାରେ ଲଗାଇଛି ଏବଂ ଏଥିରୁ ବର୍ଷକୁ ୨କୋଟି ଟଙ୍କାର ରାଜସ୍ୱ ପାଉଛି । ସ୍ମାର୍ଟସିଟି କର୍ତ୍ତୃପକ୍ଷ ବିଛାଇଥିବା ଡାର୍କ ଫାଇବର କେବୁଲର ମାତ୍ର ୮ ପ୍ରତିଶତ ଲିଜ୍‌ରେ ଦିଆଯାଇଥିବା ଜଣାଯାଇଛି । ସ୍ମାର୍ଟସିଟିର ଅପ୍ଟିକାଲ ଫାଇବର ସଂକ୍ରାନ୍ତରେ ହୋଇଥିବା ସମୀକ୍ଷାରୁ ଜଣାଯାଇଛି ଯେ ରାଜଧାନୀରେ ଅନ୍ୟ ସଂସ୍ଥାକୁ ଅପ୍ଟିକାଲ ଫାଇବର ବିଛାଇବାପାଇଁ ଅନୁମତି ଦେବାରୁ ଏଭଳି ଅବସ୍ଥା ଉପୁଜିଛି । ସେମାନେ ନିଜସ୍ୱ କେବୁଲ ବିଛାଇବା ଯୋଗୁଁ ସ୍ମାର୍ଟସିଟି କେବୁଲକୁ ଆଉ ଲିଜ୍ ନେଉ ନାହାନ୍ତି। ତେବେ ଏଥିରେ ବିଦ୍ୟୁତ୍ ବିଭାଗ ଲାଭବାନ ହୋଇଥିବା ଜଣାପଡୁଛି । ଯେଉଁସବୁ ସଂସ୍ଥା ବିଦ୍ୟୁତ୍ ଖୁଣ୍ଟରେ ସେମାନଙ୍କର କେବୁଲ ବିଛାଇଛନ୍ତି, ସେମାନେ ଖୁଣ୍ଟ ପିଛା ଅର୍ଥ ପଇଠ କରୁଛନ୍ତି । ଏ ବାବଦରେ ବିଦ୍ୟୁତ୍ ବିତରଣ କମ୍ପାନୀମାନେ ଲକ୍ଷାଧିକ ଟଙ୍କା ଆୟ କରୁଛନ୍ତି । ତେବେ ରାଜଧାନୀରେ ଥିବା ବିଭିନ୍ନ ସଂସ୍ଥାମାନେ ନିୟମିତ ଭାବେ ସ୍ମାର୍ଟସିଟି କେବୁଲ ଛିଣ୍ଡାଇ ଦେଉଥିବାରୁ ଏ ବାବଦରେ ସ୍ମାର୍ଟସିଟି କର୍ତ୍ତୃପକ୍ଷ ଢେର କ୍ଷତି ସହୁଛନ୍ତି । ବର୍ତ୍ତମାନ ସୁଦ୍ଧା ଏହାର ପ୍ରାୟ ୧୫୦ କିଲୋମିଟରର ଅପ୍ଟିକାଲ କେବୁଲ କ୍ଷତିଗ୍ରସ୍ତ ହୋଇଛି । ଏ ବାବଦରେ ପ୍ରାୟ ୩୦କୋଟି ଟଙ୍କା କ୍ଷତି ହୋଇ ସାରିଲାଣି । ସହରରେ ଥିବା ଅନ୍ୟ ସଂସ୍ଥାଗୁଡିକ ବେଆଇନ ଭାବେ ଖୋଳାତାଡା କରୁଥିବାରୁ ସ୍ମାର୍ଟସିଟି କେବୁଲର ଏଭଳି ଅବସ୍ଥା ହୋଇଛି । ବର୍ତ୍ତମାନ ସ୍ମାର୍ଟସିଟି ମିଶନର ଅବଧି ସରିଯିବାବେଳେ ଏହି ଅପ୍ଟିକାଲ କେବୁଲର ରକ୍ଷଣାବେକ୍ଷଣ କିଭଳି ହେବ ତାହା ଏବେ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ସହରରେ ବିଭିନ୍ନ ଘରୋଇ ସଂସ୍ଥା ନିଜର କେବୁଲ ବିଛାଇ କୋଟି କୋଟି ଟଙ୍କା ରୋଜଗାର କରୁଥିବାବେଳେ ଠିକଣା ନୀତି ଅଭାବରୁ ସରକାରୀ କେବୁଲ ମାଟି ତଳେ ବେକାର ହୋଇ ପଡିରହିଛି । (ତଥ୍ୟ)

## ସ୍ପିଡ୍ ବୋଟ୍ ଦୁର୍ଘଟଣାର ହେବ ତଦନ୍ତ

### ଅଳ୍ପକେ ବର୍ତ୍ତିଥିଲେ ସୌରଭ ଗାଙ୍ଗୁଲିଙ୍କ ଭାଇ-ଭାଉଜ

**ପୁରୀ,୨୭।୫(ସଂଚାର ବ୍ୟୁରୋ):** ପୁରୀ ବେଳାଭୂମିରେ ସ୍ପିଡ୍ ବୋଟ୍ ଦୁର୍ଘଟଣାର ତଦନ୍ତ କରୁଛି ଜିଲ୍ଲା ପ୍ରଶାସନ। ଉପଜିଲ୍ଲାପାଳଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି । ସେପଟେ ଆଡଭେଞ୍ଚର୍ କମ୍ପାନୀର ଅଫିସକୁ ମଧ୍ୟ ପୁରୀ ପୌରସଂସ୍ଥା ପକ୍ଷରୁ ହଟାଇ ଦିଆଯାଇଛି । ଶନିବାର ଘଟିଥିବା ଦୁର୍ଘଟଣାବେଳେ ଅଳ୍ପକେ ବର୍ତ୍ତିଥିଲେ ସୌରଭ ଗାଙ୍ଗୁଲିଙ୍କ ଭାଇ-ଭାଉଜ। ପୁରୀ ବେଳାଭୂମିରେ ୱାଟର ସ୍ପୋର୍ଟ୍ସ ଆକ୍ଟିଭିଟି ବେଳେ ସ୍ପିଡ ବୋଟ୍ ଓଲଟିବା ଘଟଣା। ଆରମ୍ଭ ହେଲା ତଦନ୍ତ। ଟିମ୍ ଇଣ୍ଡିଆର ପୂର୍ବତନ କ୍ୟାପଟେନ୍ ସୌରଭ ଗାଙ୍ଗୁଲିଙ୍କ ଭାଇ-ଭାଉଜ ଏହି ଦୁର୍ଘଟଣାର ଶିକାର ହୋଇଥିଲେ। ତେବେ ସୌରଭଙ୍କ ବଡ଼ଭାଇ ସେହ୍ନାଶିଷ, ଭାଉଜ ଅର୍ପିତା ଗାଙ୍ଗୁଲି ଅଳ୍ପକେ ବର୍ତ୍ତିଯାଇଛନ୍ତି। ସେପଟେ ଏହି ଘଟଣାକୁ ଗୁରୁତର ସହ ନେଇଛି ପୁରୀ ପ୍ରଶାସନ । ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି ପୁରୀ ଜିଲ୍ଲା ପ୍ରଶାସନ। ଲାଇଟ ହାଉସ ନିକଟରେ ଥିବା ସ୍କାଏ ଡ୍ରାଇଭ ଆଡଭେନଞ୍ଚର୍ କମ୍ପାନୀର ଅଫିସକୁ ମଧ୍ୟ ପୁରୀ ପୌରସଂସ୍ଥା ପକ୍ଷରୁ ହଟାଇ ଦିଆଯାଇଛି । ସେଠାରେ ଆଉ କୌଣସି କଣ୍ଟେନର ରଖାଇ ଦିଆଯିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ଶନିବାର ପୁରୀ ବେଳାଭୂମିରେ ଏକ ସ୍ପିଡ୍ ବୋଟରେ ପର୍ଯ୍ୟଟକମାନେ ୱାଟର ସ୍ପୋର୍ଟସ ଆକ୍ଟିଭିଟି କରୁଥିଲେ। ସେହି ସମୟରେ ହଠାତ୍ ବୋଟଟି ଓଲଟି ପଡିଥିଲା। ଫଳରେ ବୋଟରେ ଥିବା ସୌରଭ ଗାଙ୍ଗୁଲିଙ୍କ ପରିବାର ବୋଟ୍ ତଳେ କିଛି ସମୟ ପାଇଁ ଚାପି ହୋଇ ରହିଯାଇଥିଲେ। ତେବେ ତୁରନ୍ତ ସମୁଦ୍ର ଭିତରକୁ ଯାଇ ଘରୋଇ ଲାଇଫଗାର୍ଡ ଫସି ରହିଥିବା ଗାଙ୍ଗୁଲିଙ୍କ ଭାଇ-ଭାଉଜଙ୍କୁ ଉଦ୍ଧାର କରିଥିଲେ।

## ୧୨ ନଂ ୱାର୍ଡରେ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ



**ଭୁବନେଶ୍ୱର,୨୭।୫(ସଂଚାର ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ଅନ୍ତର୍ଗତ ୧୨ ନମ୍ବର ଓ୍ୱାର୍ଡରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଛି। କର୍ପୋରେଟର ଜୟନ୍ତୀ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିରେ ଗଜପତି ନଗରର ରାସ୍ତା, ସାମନ୍ତ ବିହାର ପାର୍କର ପାଚେରୀ ଓ ଗଜପତି ନଗର ଉନ୍ନୟନ ପରିଷଦର ସମ୍ମୁଖ ଭାଗର ଫେଭର ବ୍ଲକ କାର୍ଯ୍ୟ ସାମିଲ୍। ଏହି ୩ଟି କାର୍ଯ୍ୟ ପାଇଁ ୪୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଥିବା ଶ୍ରୀମତୀ ସାହୁ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସାମନ୍ତ ବିହାର ଓ ଗଜପତି ନଗରର ସଭାପତି, ସମ୍ପାଦକ, କର୍ମକର୍ତ୍ତା ଓ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଯୁବନେତା ପ୍ରସନ୍ନ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଟ୍ରକରୁ ବିସ୍ଫୋରକ ସାମଗ୍ରୀ ଲୁଟ୍, ମାଓବାଦୀଙ୍କ ହାତ ଥିବା ସନ୍ଦେହ

**ରାଉରକେଲା,୨୭।୫(ସଂଚାର ବ୍ୟୁରୋ):** ସୁନ୍ଦରଗଡ ଜିଲ୍ଲା ବଡ଼ଗାଁ ଏଠାରୁ ବିସ୍ଫୋରକ ସାମଗ୍ରୀ ନେଇ ଏକ ଟ୍ରକ ବଣାଇ ଉପଖଣ୍ଡ କେ. ୱଲାଙ୍ଗ ଥାନା ଅନ୍ତର୍ଗତ ରେଲହାତୁର ବାଙ୍କୋ ଅଞ୍ଚଳକୁ ଅପରାହ୍ନ ପ୍ରାୟ ତିନିଟା ସମୟରେ ଯାଉଥିଲା। ବାଙ୍କୋ ନିକଟରେ ୮ ରୁ ୧୦ ଜଣ ମୁଖାପିନ୍ଧା ଯୁବକ ଆସି ଗାଡ଼ିକୁ ଅଟକାଇଥିଲେ। ଚାଳକଙ୍କୁ ବାନ୍ଧି ପକାଇବା ସହ ଟ୍ରକରେ ଥିବା ପ୍ରାୟ ୩ ରୁ ୪ ଲକ୍ଷ ଟଙ୍କାର ବିସ୍ଫୋରକ ସାମଗ୍ରୀ ଲୁଟି ନେଇଛନ୍ତି। ରେଲହାତୁ ଅଞ୍ଚଳ ମାଓ ପ୍ରବଣ ହୋଇଥିବାରୁ ଏହି ଲୁଟ ପଛରେ ସେମାନଙ୍କ ହାତ ଥିବା ସନ୍ଦେହ କରାଯାଉଛି । ପୋଲିସର ଏକ ଟିମ୍ ଝାଡ଼ଖଣ୍ଡ ପୋଲିସ ସହ ମିଶି ସୀମାନ୍ତରେ ତଲାସୀ ଅଭିଯାନ ଚଳାଇଛନ୍ତି।

## ମନ୍ତ୍ରୀଙ୍କୁ ଭେଟିଲେ ଦୁଗ୍ଧଚାଷୀ, ଆନ୍ଦୋଳନ ସ୍ଥଗିତ



**ଭୁବନେଶ୍ୱର,୨୭।୫(ସଂଚାର ବ୍ୟୁରୋ):** ରାଜ୍ୟର ଦୁଗ୍ଧଚାଷୀମାନେ ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଜି ମତ୍ସ୍ୟ ଓ ପ୍ରାଣିସମ୍ପଦ ତଥା ଲଘୁ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ତାଙ୍କ ବାସଭବନରେ ଭେଟି ଆଲୋଚନା କରିବା ସହ ଆଗାମୀ ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା ଦୁଗ୍ଧଚାଷୀ ମହାସଂଘର ଏକ ୬ଜଣିଆ ପ୍ରତିନିଧି ଦଳ ଓ ଓମ୍ଫେଡ୍ କର୍ତ୍ତୃପକ୍ଷ ମନ୍ତ୍ରୀଙ୍କ ସହ ହୋଇଥିବା ଆଲୋଚନା ସମୟରେ ଦୁଗ୍ଧଚାଷୀଙ୍କ ସମସ୍ୟା ପ୍ରତି ସରକାର ସଚେତନ ଅଛନ୍ତି ଓ ଖୁବ୍ଶୀଘ୍ର ସରକାର ସମସ୍ୟାର ସମାଧାନ ଦିଗରେ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବେ ବୋଲି ମାନ୍ୟବର ମନ୍ତ୍ରୀ ମହାସଂଘର କର୍ମକର୍ତ୍ତାଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ମାନ୍ୟବର ମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ସମ୍ମାନ ଜଣାଇ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ଆସନ୍ତା ଜୁନ୍ ୧ 'ବିଶ୍ୱ ଦୁଗ୍ଧ ଦିବସ'ରେ ଯେଉଁ କ୍ଷୀର ଢାଳି ପ୍ରତିବାଦ କରିବାର କାର୍ଯ୍ୟକ୍ରମ ରହିଥିଲା, ତାହାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଗଲା ବୋଲି ମହାସଂଘର ଅଧ୍ୟକ୍ଷ ରବି ବେହେରା ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଦୁଗ୍ଧଚାଷୀ ମାନଙ୍କର ସମସ୍ୟା ବିଶେଷତଃ ଦୁଗ୍ଧର ଲିଟର ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ଗୋଖାଦ୍ୟର ଦର ନିୟନ୍ତ୍ରଣ, ପଶୁ ସମ୍ପଦ ପାଇଁ ସ୍ୱାସ୍ଥ୍ୟବୀମା, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର ବ୍ୟାପକ ପ୍ରଚାର ଓ ପ୍ରସାରକୁ ନେଇ ମହାସଂଘ ଆଗାମୀ ଦିନରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବ ବୋଲି ଆଜି ମନ୍ତ୍ରୀଙ୍କ ସହିତ ଆଲୋଚନା ସମୟରେ କୁହାଯାଇଛି। ରାଜ୍ୟ ସରକାର ଯଦି ଦୁଗ୍ଧଚାଷୀ ସମସ୍ୟାକୁ ଗୁରୁତ୍ୱ ଦେଇ ସମାଧାନ ନ କରନ୍ତି ତାହେଲେ ଆଗାମୀ ଦିନରେ ଘରୋଇ ଦୁଗ୍ଧ କମ୍ପାନୀମାନଙ୍କର ଷଡ଼ଯନ୍ତ୍ର ଯୋଗୁଁ ଓମ୍ଫେଡ୍ ବୁଡ଼ିଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି ମହାସଂଘ ଚିନ୍ତା ପ୍ରକଟ କରି କହିଛି। ମନ୍ତ୍ରୀ ଦୁଗ୍ଧଚାଷୀମାନଙ୍କର ସମସ୍ୟା ଶୁଣିବା ସହ ଓମ୍ଫେଡ୍‌ର ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ଉପରେ ଦୃଢ଼ ପଦକ୍ଷେପ ନେବେ ବୋଲି ମହାସଂଘ ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ସମୟରେ ମହାସଂଘ ପକ୍ଷରୁ ଉପାଧ୍ୟକ୍ଷ ଦୁଃଶାସନ ମହାପାତ୍ର, ସମ୍ପାଦକ ନାରାୟଣ ଡାଳୁଆ, କଟକ ଜିଲ୍ଲା ସଭାପତି ତାପସ ମହାନ୍ତି, ଜଗତ୍‌ସିଂହପୁର ଜିଲ୍ଲା ସଭାପତି ଗୌରାଙ୍ଗ ଚରଣ ରାଉତ ଓ ଖୋର୍ଦ୍ଧା ଜିଲ୍ଲାରୁ ଲକ୍ଷ୍ମଣ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ ମାର୍ଚ୍ଚରୁ ପ୍ରଗତି ଡାଏରୀ, ମିଲ୍କମ୍ଫୁ ଓ ଅମୁଲ ପ୍ରଭୃତି ଡାଏରୀ କମ୍ପାନୀ ଚାଷୀଙ୍କ ପାଉଣା ଯଥାକ୍ରମେ ସାଢ଼େ ୩ ଟଙ୍କା ଓ ୩ ଟଙ୍କା ଲିଟର ପିଛା ବୃଦ୍ଧି କରିଥିଲେ ହେଁ ଓମ୍ଫେଡ୍ କର୍ତ୍ତୃପକ୍ଷ ଚାଷୀଙ୍କ ପାଇଁ ଦୁଗ୍ଧ ମୂଲ୍ୟ ବୃଦ୍ଧି ଉପରେ କୌଣସି ପଦକ୍ଷେପ ନ ନେବା ଯୋଗୁଁ ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ଫଳରେ ଚାଷୀମାନେ ଆସନ୍ତା ୧ରେ ପ୍ରତିବାଦ କରିବା ସକାଶେ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଆଲୋଚନା ପରେ ଏହି ଆନ୍ଦୋଳନ ସ୍ଥଗିତ ରହିଛି।

## ବରଗଡ଼ ୬ ବିଦ୍ୟାଳୟର ସିବିଏସଇ ପରୀକ୍ଷାଫଳ ପ୍ରକାଶିତ

**ଭୁବନେଶ୍ୱର,୨୭।୫(ସଂଚାର ବ୍ୟୁରୋ):** ନିକଟରେ କେନ୍ଦ୍ରୀୟ ଶିକ୍ଷା ବୋର୍ଡ଼ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷାଫଳ ପ୍ରକାଶ ପାଇଥିଲା। ବରଗଡ଼ ଜିଲ୍ଲାର ବାନ୍ଧୁପାଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ପଦ୍ମପୁର ପବ୍ଲିକ ସ୍କୁଲରେ ପରୀକ୍ଷା ପରିଚାଳନା ସମୟରେ ଅନୈତିକ ନୀତି ଅବଲମ୍ବନ କରିଥିବା ରିପୋର୍ଟ ସାମ୍ନାକୁ ଆସିଥିଲା। ଏହି ଦୁଇଟି ପରୀକ୍ଷା କେନ୍ଦ୍ରରେ ମୋଟ୍ ୬ ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୪ ଗୋଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରହିଛି । ଭୁବନେଶ୍ୱରସ୍ଥିତ ସିବିଏସଇ ଆଞ୍ଚଳିକ କାର୍ଯ୍ୟାଳୟର ରିପୋର୍ଟ ଅନୁଯାୟୀ, ଏହି ଘଟଣା ସାମ୍ନାକୁ ଆସିବା ପରେ ସିବିଏସଇ ଏହି ଘଟଣାର ତଦନ୍ତ ପାଇଁ ଏକ ସବ୍ କମିଟି ଗଠନ କରିଥିଲା। କମିଟି ସମସ୍ତ ପ୍ରମାଣ, ଉତ୍ତର ପୁସ୍ତକ, ବିଭିନ୍ନ ରିପୋର୍ଟ, ସିସିଟିଭି ଫୁଟେଜ୍ ଏବଂ ଅନ୍ୟାନ୍ୟ ସମ୍ପର୍କିତ ଦସ୍ତାବିଜ ଯାଞ୍ଚ କରିବା ପରେ ବରଗଡ଼ ଜିଲ୍ଲାର ଦୁଇଟି ପରୀକ୍ଷା କେନ୍ଦ୍ରରେ ଅସାଧୁ ଉପାୟରେ ପରୀକ୍ଷା ପରିଚାଳନା ହୋଇଥିବା ରିପୋର୍ଟ ପ୍ରଦାନ କରିଥିଲା। ରାଜ୍ୟ ସରକାର ଏହାକୁ ଗମ୍ଭୀରତାର ସହ ନେଇଛନ୍ତି । ପରୀକ୍ଷା ପରିଚାଳନାରେ ଅନିୟମିତତା କାରଣରୁ କଠୋର ପରିଶ୍ରମ କରୁଥିବା ଛାତ୍ରଛାତ୍ରୀଙ୍କ ପ୍ରତି ଅନ୍ୟାୟ ହେଉଥିବା ରାଜ୍ୟ ସରକାର ଅନୁଭବ କରିଛନ୍ତି। ଶିକ୍ଷା ବୋର୍ଡ଼ର ସୁପାରିଶ ଅନୁସାରେ, ରାଜ୍ୟ ସରକାର ସମ୍ପୃକ୍ତ ଘଟଣାରେ ଜଡ଼ିତ ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ସୂଚନା ମିଳିଛି । କେନ୍ଦ୍ରୀୟ ଶିକ୍ଷା ବୋର୍ଡ ପକ୍ଷରୁ ଗତ ୨୬ ତାରିଖରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଯେଉଁ ଛାତ୍ରଛାତ୍ରୀମାନେ ଅସାଧୁ ଉପାୟରେ ପରୀକ୍ଷା ଦେଇଛନ୍ତି, ସେମାନେ ଆସନ୍ତା ଜୁଲାଇ ୧୫ରୁ ଆରମ୍ଭ ହେବାକୁ ଥିବା ସପ୍ଲିମେଣ୍ଟାରୀ ପରୀକ୍ଷା ଦେଇପାରିବେ କିମ୍ବା ୨୦୨୬ରେ କେନ୍ଦ୍ରୀୟ ଶିକ୍ଷା ବୋର୍ଡ଼ର ବାର୍ଷିକ ମୁଖ୍ୟ ପରୀକ୍ଷାରେ ମଧ୍ୟ ଅବତୀର୍ଣ୍ଣ ହୋଇପାରିବେ। ପରୀକ୍ଷାରେ ଅନିୟମିତତାକୁ ନେଇ ରାଜ୍ୟ ସରକାର ଶୂନ୍ୟ ସହନଶୀଳତାକୁ ପ୍ରାଧାନ୍ୟ ଦେଇଛନ୍ତି ଏବଂ ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କୁ କୌଣସି ସମସ୍ୟା ନହୁଏ ସେନେଇ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଦୃଢ଼ ପ୍ରତିବଦ୍ଧ ବୋଲି କୁହାଯାଇଛି।

## ଉନ୍ନୟନ କମିଶନରଙ୍କ ଜଳସମ୍ପଦ ବିଭାଗର ସମୀକ୍ଷା

### ● କାର୍ଯ୍ୟ ତ୍ୱରାନ୍ୱିତ ସହ ବିଭାଗୀୟ ଖର୍ଚ୍ଚ ବୃଦ୍ଧି ପରାମର୍ଶ



**ଭୁବନେଶ୍ୱର,୨୭।୫(ସଂଚାର ବ୍ୟୁରୋ):** ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆଜି ଜଳସମ୍ପଦ ବିଭାଗର ବିଭିନ୍ନ ଶାଖାର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ସହ ବିଭାଗୀୟ କାର୍ଯ୍ୟ ଓ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ବୈଠକରେ ବୃହତ୍, ମଧ୍ୟମ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ମେଗା ଲିଫ୍ଟ ସମ୍ପର୍କିତ ବିଭିନ୍ନ କାର୍ଯ୍ୟ ସହ ନିର୍ମାଣାଧୀନ ଅନ୍ୟାନ୍ୟ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ଅନୁଧ୍ୟାନ କରାଯାଇଥିଲା। ସମୀକ୍ଷା କରି ଉନ୍ନୟନ କମିଶନର ଅନୁମୋଦନ ଅପେକ୍ଷାରେ ଥିବା ପ୍ରକଳ୍ପ ଓ ଯୋଜନାରେ ଅନ୍ତର୍ଭୁକ୍ତ କାର୍ଯ୍ୟଗୁଡ଼ିକୁ ମଞ୍ଜୁରୀ ପାଇଁ ପ୍ରୟାସ କରିବା, ନିର୍ମାଣାଧୀନ ପ୍ରକଳ୍ପକୁ ତ୍ୱରାନ୍ୱିତ କରାଯିବା, ବଜେଟ୍ ପ୍ରାବଧାନ ଓ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ କାର୍ଯ୍ୟ ତ୍ୱରାନ୍ୱିତ କରି ବିଭାଗୀୟ ଖର୍ଚ୍ଚ ବୃଦ୍ଧି କରିବା ଏବଂ ବିଭାଗରେ ଖାଲି ରହିଥିବା ବିଭିନ୍ନ ପଦବୀ ପୂରଣ ଦିଗରେ ପଦକ୍ଷେପ ନେବାକୁ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବିଭିନ୍ନ ଶାଖାର କାର୍ଯ୍ୟ ପ୍ରଦର୍ଶନ ସମ୍ପର୍କରେ ସମୀକ୍ଷା କରିବା ସହ ସମସ୍ତେ ନିଜ ନିଜ ଶାଖାର କାର୍ଯ୍ୟରେ କିପରି ଉଲ୍ଲେଖନୀୟ ତଥା ଆଦୃଶିଆ ଉନ୍ନତି ଆଣିପାରିବେ, ସେଥିପ୍ରତି ଆନ୍ତରିକତା ଓ ସମ୍ମିଳିତ ପ୍ରଚେଷ୍ଟା ଜାରି ରଖିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି।

## 'ଆମ ବସ' ଭଡା ବୃଦ୍ଧି ପ୍ରସ୍ତାବକୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ବିରୋଧ




**ଭୁବନେଶ୍ୱର,୨୭।୫(ସଂଚାର ବ୍ୟୁରୋ):** ଭୁବନେଶ୍ୱରରେ 'ଆମ ବସ୍' ଭଡା ବୃଦ୍ଧି ପାଇଁ କର୍ତ୍ତୃପକ୍ଷ ମସୁଧା କରୁଥିବା ବେଳେ ଏହାକୁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିରୋଧ କରାଯାଇଛି। ଏଥିସହ ସହରରେ ଆହୁରି ଅଧିକ ସଂଖ୍ୟକ ବସ୍ ଚଳାଇବା ପାଇଁ ମଧ୍ୟ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଆଜି ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନ ବସ୍‌ଷ୍ଟାଣ୍ଡଠାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସହରର ଲକ୍ଷାଧିକ ଜନସାଧାରଣ ସେମାନଙ୍କ ଯାତାୟାତ ପାଇଁ ଆମ ବସ ସେବା ଉପରେ ନିର୍ଭର କରୁଥିବା ବେଳେ କର୍ତ୍ତୃପକ୍ଷ ଏହି ସୁଯୋଗରେ ବିଭିନ୍ନ ବାଟରେ ଫାଇଦା ନେଇ ଯାତ୍ରୀମାନଙ୍କୁ ଶୋଷଣ କରୁଥିବା ଅଭିଯୋଗ କରାଯାଇଛି। ପୂର୍ବରୁ ଜଣେ ଯାତ୍ରୀ ମାସିକ ୭୫୦ ଟଙ୍କା ଦେଇ ମାସସାରା ଦୈନିକ ଏକାଧିକ ବାର ଯାତ୍ରା କରିପାରୁଥିଲେ। ଏପରିକି ତାଙ୍କ କ୍ଷେତ୍ରରେ ଏସି କିମ୍ବା ନନ୍‌ଏସି ବସ୍ ନେଇ କୌଣସି ପାର୍ଥକ୍ୟ ମଧ୍ୟ ନଥଇଲା। କିନ୍ତୁ ଏବେ ଉକ୍ତ ମାସିକିଆ ପାସ୍ ଏସି ବସ୍ ପାଇଁ ଲାଗୁ ହେଉନାହିଁ ଓ ନନ୍ ଏସି ବସ୍‌ରେ ମଧ୍ୟ ଦିନକୁ ସର୍ବାଧିକ ୪ ଥର ଉଠିବାର ନିୟମ କରାଯାଇଛି। ସାଧାରଣ ଭାବେ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ଯିବା ପାଇଁ ଜଣ ଜଣକୁ ୩ଟି ପର୍ଯ୍ୟନ୍ତ ବସ ବଦଳାଇବାକୁ ପଡୁଛି। ଏହି କ୍ଷେତ୍ରରେ ସେ ମାସିକିଆ ଟିକେଟ୍ କରିଥିଲେ ମଧ୍ୟ ତାଙ୍କୁ ଭଡ଼ା ବାବଦରେ ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ଏହାଦ୍ୱାରା କର୍ତ୍ତୃପକ୍ଷ ବେଳ ଯାତ୍ରୀମାନଙ୍କୁ ଲୁଟ୍ କରୁଛନ୍ତି ବୋଲି ସଙ୍ଗଂନ ପକ୍ଷରୁ ଅଭିଯୋଗ କରାଯିବା ସହ ଜନସାଧାରଣଙ୍କ ଯାତ୍ରାଜନିତ ସୁବିଧା ପାଇଁ ସହରରେ ଆହୁରି ଅଧିକ ବସ୍ ଚଳାଚଳ କରିବାର ଆବଶ୍ୟକତା ରହିଥିବା କୁହାଯାଇଛି। ଏଥିସହ ତୁରନ୍ତ କର୍ତ୍ତୃପକ୍ଷ ପୂର୍ବପରି ମାସିକିଆ ଟିକେଟ୍ ଉପରେ ଅସୀମିତ ଯାତ୍ରା ସୁବିଧା କରିବା ସହ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ରିହାତି ଦରରେ ଯାତାୟାତ ସୁଯୋଗ ଦେବା ସକାଶେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଦାବି କରାଯାଇଛି। ଏହି ଅବସରରେ ସଙ୍ଗଠନ ପକ୍ଷରୁ ଏକ ପ୍ରତିନିଧି ଦଳ ପଟିଆସ୍ଥିତ 'ଆମ ବସ୍' ସେବା ମୁଖ୍ୟାଳୟରେ ଏକ ଦାବୀପତ୍ର ଜେନେରାଲ ମ୍ୟାନେଜରଙ୍କୁ ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ଦଳରେ ଭୁବନେଶ୍ୱର ଜିଲ୍ଲା ସାଙ୍ଗଠନିକ କମିଟି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ଓ ସଂଗଠକ ରାଜେନ୍ଦ୍ର ବର୍ମା, ସନ୍ତୋଷ ରଥ, ପ୍ରଭାମଞ୍ଜୁଳା ବ୍ରହ୍ମ, ବିଜୟଲକ୍ଷ୍ମୀ ପାତ୍ର, ସପ୍ତର୍ଷିନୀ ରାଉଳ ସାମିଲ୍ ଥିଲେ।

### ● ଅଧାରେ ରହିଲା ଜଗା ଦର୍ଶନ

## ଟ୍ୟାଙ୍କର ଧକ୍କାରେ ମହିଳା ମୃତ

**ଢେଙ୍କାନାଳ,୨୭।୫(ସଂଚାର ବ୍ୟୁରୋ):** ଅଧା ରହିଗଲା ଜଗା ଦର୍ଶନ। ବାଇକ ଯୋଗେ ପୁରୀ ଯାଉଥିବା ସମୟରେ ଦୁର୍ଘଟଣାରେ ଜଣେ଼କା ମହିଳାଙ୍କ ମୃତ୍ୟୁ ହୋଇଛି। ତେଲ ଟ୍ୟାଙ୍କର ବାଇକକୁ ଧକ୍କା ଦେବାରୁ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ୱାମୀ ଗୁରୁତର ଭାବେ ଆହତ ହୋଇଛନ୍ତି। କିନ୍ତୁ ସୌଭାଗ୍ୟବଶତଃ ସେମାନଙ୍କର ଦେଢ଼ ବର୍ଷର ଶିଶୁଟି ଅଳ୍ପକେ ବର୍ତ୍ତିଯାଇଛି। ସୂଚନାନୁସାରେ, ଢେଙ୍କାନାଳ ୫୫ ନମ୍ବର ଜାତୀୟ ରାଜପଥ ଆନନ୍ଦ ନଗର ଛକରେ ଦୁର୍ଘଟଣା ଘଟିଛି। ବାଇକକୁ ପଛରୁ ଧକ୍କା ଦେଇ ମାଡ଼ିଯାଇଥିଲା ତେଲ ଟ୍ୟାଙ୍କର। ମୃତାହତମାନେ ସଦର ଥାନା ବଣସିଂହ ଗ୍ରାମର ବୋଲି ଜଣାପଡ଼ିଛି। ମୃତକଙ୍କ ସ୍ୱାମୀ କହିଛନ୍ତି, ଆମେ ପୁରୀ ଯାଉଥିଲୁ, ଢେଙ୍କାନାଳ ପାସ୍ କରିବାବେଳେ ମୋତେ ବାଁ ପଟୁ କୁଟି ଦେଲା ଆଜ୍ଞା...ମୋ ସ୍ତ୍ରୀ ଆଉ ନାହିଁ, ମୋ ପୁଅକୁ ବଞ୍ଚାଇବାକୁ ଯାଇ ସବୁ ସରିଗଲା' ବାରମ୍ବାର ଦୁର୍ଘଟଣାକୁ ନେଇ ଏନଏଚ-୫୫ କୁ ଅବରୋଧ କରିଛନ୍ତି ସ୍ଥାନୀୟବାସିନ୍ଦା। ସେପଟେ କଟକ - ସମ୍ବଲପୁର ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଛି ।

## ବସ୍‌ରେ ଛାତ୍ରଛାତ୍ରୀଙ୍କୁ ରିହାତି ଦାବିରେ ଏଆଇଏସ୍‌ଏଫ୍‌ର ଆନ୍ଦୋଳନ

**ଭୁବନେଶ୍ୱର,୨୭।୫(ସଂଚାର ବ୍ୟୁରୋ):** ଅଖିଳ ଭାରତ ଛାତ୍ର ସଙ୍ଘ (ଏଆଇଏସ୍‌ଏଫ୍) ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ପାଇଁ ନିଶୁଳ୍କ ବସ୍ ସେବା ଦାବିରେ ଆଜି ଏଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ସମ୍ପାଦକ କାହ୍ନୁଚରଣ ପରିଡ଼ାଙ୍କ ନେତୃତ୍ୱରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଶତାଧିକ ଛାତ୍ରଛାତ୍ରୀ ସାମିଲ୍ ହୋଇଥିଲେ। ରାଜ୍ୟସଭାପତି ସଙ୍ଘମିତ୍ରା ଜେନାଙ୍କ କହିବାନୁଯାୟୀ, ଶିକ୍ଷା ଯେକୌଣସି ଦେଶ ପାଇଁ ମେରୁଦଣ୍ଡ ସଦୃଶ। କିନ୍ତୁ ଭାରତ ଭଳି ଏକ ଜନମଙ୍ଗଳକାରୀ ରାଷ୍ଟ୍ରରେ ଶିକ୍ଷାର ମାନ ଧୀରେ ଧୀରେ ରସାତଳଗାମୀ ହୋଇ ଚାଲିଛି। ଜାତୀୟ ଶିକ୍ଷାନୀତି-୨୦୨୦ ସାରା ଦେଶରେ ଲାଗୁ ହେବା ପୃଷ୍ଠଭୂମିରେ ଆମ ରାଜ୍ୟରେ ପ୍ରାୟ ୮ ହଜାର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ତାଲା ପଡ଼ିଛି। ବାରମ୍ବାର ଶିକ୍ଷାନୁଷ୍ଠାନଗୁଡ଼ିକରେ ଖାଲି ପଡୁଥିବା ଶିକ୍ଷକ ତଥା ଅଣଶିକ୍ଷକ ପଦବୀ ବିପକ୍ଷରେ ନିଯୁକ୍ତିକୁ ସୁନିଶ୍ଚିତ କରିବାରେ ସରକାର ବିଫଳ ହୋଇଛନ୍ତି। ସ୍ଥିତି ଏପରି ହୋଇଛି ଯେ ରାଜ୍ୟରେ ପ୍ରାଥମିକ ଶିକ୍ଷାରେ ପ୍ରବେଶ କରୁଥିବା ପ୍ରତି ୧୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରାୟ ୮୫ ଜଣ ଉଚ୍ଚ ପ୍ରାଥମିକ ଶିକ୍ଷା ପାଇପାରୁଛନ୍ତି। ପ୍ରତି ୮୫ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରାୟ ୭୦ ଜଣ ମାଧ୍ୟମିକ ଶିକ୍ଷା ପାଉଥିବା ବେଳେ ୭୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମାତ୍ର ୫୫ରୁ ୬୦ ଜଣ ଛାତ୍ରଛାତ୍ରୀ ହିଁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାଇପାରୁଛନ୍ତି। ଶିକ୍ଷାର୍ଥୀମାନଙ୍କ ପାଠ ଛାଡ଼ିବାର ମୂଳ କାରଣ ସେମାନଙ୍କ ଅର୍ଥନୈତିକ ଓ ସାମାଜିକ ପୃଷ୍ଠଭୂମି। ଏପରି ସ୍ଥିତିରେ ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ତଥା ଅଧ୍ୟୟନ ପରେ ବିଭିନ୍ନ ପ୍ରବେଶିକା ପରୀକ୍ଷା ନିମନ୍ତେ ପ୍ରସ୍ତୁତି କରୁଥିବା ଯୁବକଯୁବତୀଙ୍କ ନିମନ୍ତେ ସରକାର ଅନ୍ତତଃ ଦେୟମୁକ୍ତ ଯାତାୟାତ ସୁନିଶ୍ଚିତ କରିବା ଜରୁରୀ ବୋଲି ସଂଘମିତ୍ରା କହିଛନ୍ତି। ସରକାର ତୁରନ୍ତ ସରକାରୀ ବସ୍‌ରେ ମାଗଣା ଓ ଘରୋଇ ବସ୍‌ରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଯୋଗାଇଦେବା ସକାଶେ ଏଆଇଏସ୍‌ଏଫ୍ ପକ୍ଷରୁ ଦାବି କରାଯାଇଛି।

## ବେଦାନ୍ତ ସହଯୋଗରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ମହୁଚାଷୀ



**ଝାରସୁଗୁଡ଼ା,୨୭।୫(ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଲାଇକେରାରେ ବିଶ୍ୱ ମହୁମାଛି ଦିବସ ପାଳନ କରିଛି, ଯାହା ଏହାର ବେଦମୃତ ମହୁ କ୍ଲଷ୍ଟର ବିକାଶ ପ୍ରକଳ୍ପର ଅଂଶବିଶେଷ। ଏଠାରେ ୫୦ରୁ ଅଧିକ ସ୍ଥାନୀୟ ଚାଷୀଙ୍କୁ ଏକତ୍ରିତ କରି ମହୁଚାଷ ସଂକ୍ରାନ୍ତରେ ସଚେତନ କରାଯାଇଥିଲା । ଏଥି ସହିତ ସ୍ଥାୟୀ ମହୁମାଛି ପାଳନ ମାଧ୍ୟମରେ ସେମାନଙ୍କର ସଂରକ୍ଷଣକୁ ସହାୟତା କରିବାର ପ୍ରୟାସକୁ ସ୍ୱୀକୃତି ଦେଇଥିଲା। ପ୍ରାକୃତିକ ପରାଗସଂଗମ ପ୍ରକ୍ରିୟାରେ ମହୁମାଛିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଗୁରୁତ୍ୱାରୋପ କରିବା ପାଇଁ ଜାତିସଂଘ ମେ' ୨୦କୁ ବିଶ୍ୱ ମହୁମାଛି ଦିବସ ଭାବରେ ନାମିତ କରିଛି, ଯାହା ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଜୈବ ବିବିଧତା ସଂରକ୍ଷଣ କରିବାରେ ବିଶ୍ୱ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ମହୁମାଛିମାନେ ସମ୍ମୁଖୀନ ହେଉଥିବା ବିପଦକୁ ଚିହ୍ନିବା ତଥା ସେମାନଙ୍କର ନିରନ୍ତର ସଂରକ୍ଷଣ ପାଇଁ ଗୋଷ୍ଠି ନେତୃତ୍ୱାଧୀନ ଉପାୟ ଚିହ୍ନଟ କରିବାର ଏହା ଏକ ଅବସର ଅଟେ। ବେଦାନ୍ତ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷି ଏବଂ ଉଦ୍ୟାନ କୃଷି ବିଭାଗର ଅଧିକାରୀ, ବେଦାନ୍ତ ଝାରସୁଗୁଡାର କର୍ମଚାରୀ ଏବଂ ଅନେକ ସଦସ୍ୟ ଯୋଗ ଦେଇଥିଲେ। ଏଥିରେ ମହୁ ଉତ୍ପାଦନର ବୈଜ୍ଞାନିକ ପଦ୍ଧତି, ସ୍ଥାୟୀ ମହୁ ଚାଷ ଅଭ୍ୟାସ ଏବଂ ମହୁମାଛି ପାଳନର ସକାରାତ୍ମକ ପରିବେଶଗତ ପ୍ରଭାବ ଉପରେ ବିଶେଷଜ୍ଞଙ୍କ ନେତୃତ୍ୱରେ ତାଲିମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଅଂଶଗ୍ରହଣକାରୀ ଚାଷୀମାନେ ବଜାର ବ୍ୟବସ୍ଥା, ଉନ୍ନତ ସଂରକ୍ଷଣ ସୁବିଧା ଏବଂ ଉତ୍ପାଦ ବିବିଧତା ସମ୍ବନ୍ଧୀୟ ସୁଯୋଗ ବିଷୟରେ ମଧ୍ୟ ଆଲୋଚନା କରିଥିଲେ। ଏହି ଅବସରରେ, ମହୁ ଉତ୍ପାଦନରୁ ସର୍ବାଧିକ ଲାଭ କରିଥିବା ଚାଷୀମାନଙ୍କୁ ପୁରସ୍କାର ସହିତ ସମ୍ମାନିତ କରାଯାଇଥିଲା। ଏହି ପଦକ୍ଷେପ ବିଷୟରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି ଯେ ମହୁ ଚାଷ ପରିବେଶଗତ ସ୍ଥିରତା ଏବଂ ଗ୍ରାମୀଣ ସମୃଦ୍ଧି ଉଭୟକୁ ସମର୍ଥନ କରିବା ପାଇଁ ଏକ ଶକ୍ତିଶାଳୀ ଉପକରଣ ହୋଇପାରେ। ବେଦାମୃତ ମହୁ ପ୍ରକଳ୍ପ ମାଧ୍ୟମରେ, ଆମେ ଗ୍ରାମୀଣ ଓଡ଼ିଶାର ଚାଷୀମାନଙ୍କୁ ପରିବେଶଗତ ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରିବା ସହିତ ସ୍ଥାୟୀ ଜୀବିକା ନିର୍ମାଣ କରିବାକୁ ସକ୍ଷମ କରୁଛୁ। ଏହା ଆମେ କାର୍ଯ୍ୟ କରୁଥିବା ସମ୍ପ୍ରଦାୟ ମଧ୍ୟରେ ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ବିକାଶ ପ୍ରତି ଆମର ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଲାଇକେରାର ମହୁଚାଷୀ ହର୍ଷ କୁମାର ପଟେଲ କହିଛନ୍ତି, "ମହୁମାଛି ପାଳନ ମୋର ଆୟ ବୃଦ୍ଧି କରିଛି ଏବଂ ମୋ ଫାର୍ମର ଉତ୍ପାଦକତାକୁ ଉନ୍ନତ କରିଛି, ଯାହା ମୋତେ ଜୀବିକା ନିର୍ବାହର ଏକ ଅତିରିକ୍ତ ଉତ୍ସ ମାଧ୍ୟମରେ ମୋ ପରିବାର ପ୍ରତିପୋଷଣ କରିବାକୁ ସକ୍ଷମ କରିଛି। ସଫଳତା ପାଇଁ ଆମକୁ ଜ୍ଞାନ ଏବଂ ସମର୍ଥନ ପ୍ରଦାନ କରିବା ପାଇଁ ମୁଁ ବେଦାନ୍ତ କର୍ତ୍ତୃପକ୍ଷଙ୍କ ନିକଟରେ କୃତଜ୍ଞ। ବେଦାମୃତ ମହୁ ଲାଇକେରାର ଦକ୍ଷ ମହୁମାଛି ଚାଷୀମାନଙ୍କ ଦ୍ୱାରା ପ୍ରସ୍ତୁତ ଏକ ଉଚ୍ଚ-ଗୁଣବତା, ସର୍ବପ୍ରାକୃତିକ ମହୁ, ଯାହା ଲାଇକେରା ହନିଫେଡ୍ ଚାଷୀ ଉତ୍ପାଦକ ସଂଗଠନ (ଏଫପିଓ) ଅଧୀନରେ କାର୍ଯ୍ୟ କରୁଛି।

sanchar.live

ସମ୍ପାଦକୀୟ

SANCHAR
ସଂଚାର




**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ସୁରକ୍ଷା ସହ ସାଲିସ ନହେଉ

ସରକାରଙ୍କୁ ସବୁ କଥାରେ ବିରୋଧ କରିବା ବିରୋଧୀ ଦଳର ଏକ ଅଭ୍ୟାସରେ ପରିଣତ ହୋଇଗଲାଣି। ସେଥିରେ କିଛି ଅସୁବିଧା ନାହିଁ। କିନ୍ତୁ ସରକାରଙ୍କୁ ବିରୋଧ କରିବାପାଇଁ ଦେଶର ସ୍ୱାର୍ଥ ଏବଂ ସୁରକ୍ଷା ସହ ସାଲିସ କରିବା, ବିଦେଶରେ ଭାରତକୁ ନିନ୍ଦିତ କରିବା କଦାପି ଗ୍ରହଣୀୟ ନୁହେଁ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଏଥିରେ ଅଭ୍ୟସ୍ତ। ଦେଶର ସୁରକ୍ଷା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତିକୁ ମଧ ସ ବିରୋଧ କରୁଛନ୍ତି। ଏହା ନିନ୍ଦନୀୟ ଏବଂ ଏକ ଅପରାଧ। ନିକଟରେ ଭାରତ ଓ ଫ୍ରାନ୍ସ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଚୁକ୍ତି ଅନୁଯାୟୀ ଭାରତ ୨୬ ଟି ରାଫେଲ-ଏମ କ୍ରୟ କରିବ। ଏହିସବୁ ବିମାନ ଭାରତୀୟ ନୌସେନାରେ ବ୍ୟବହାର ହେବ। ଆଗାମୀ ୫ ବର୍ଷ ଭିତରେ କର୍ଯ୍ୟକ୍ରମେ ଏହିସବୁ ବିମାନ ଆସିବ। ଫଳରେ ଭାରତୀୟ ନୌସେନାର ଶକ୍ତି ଓ ସାମର୍ଥ୍ୟ ବହୁଗୁଣିତ ହେବ ଯାହା ଗେମଚେଞ୍ଜର ସାବ୍ୟସ୍ତ ହୋଇପାରେ। ଏସବୁ ରାଫେଲ ବିମାନ ନୌସେନାର ଏୟାରକ୍ରାଫ୍ଟ କ୍ୟାରିୟର ବିକ୍ରାନ୍ତ ଏବଂ ଅନ୍ୟ ଯୁଦ୍ଧ ଜାହାଜରେ ରହିବ। ଆରବ ସାଗରରୁ ଏହା ସହଜରେ ଚୀନ ଏବଂ ପାକିସ୍ତାନକୁ ଟାର୍ଗେଟ କରିପାରିବ। ଗତ ବର୍ଷ ଭାରତୀୟ ନୌସେନାରେ ୩ଟି ଅତ୍ୟାଧୁନୀକ ଯୁଦ୍ଧ ଜାହାଜ ଆଇଏନଏସ ସୁରତ, ଆଇଏନଏସ ବାଘଶୀର ଏବଂ ଆଇଏନଏସ ନୀଳଗିରି ସାମିଲ ହୋଇଛି। ସମ୍ପୂର୍ଣ୍ଣ ସ୍ୱଦେଶୀଜ୍ଞାନ କୌଶଳରେ ନିର୍ମିତ ୩ଟି ଯୁଦ୍ଧ ଜାହାଜ ଦୂରଗାମୀ କ୍ଷେପଣାସ୍ତ୍ର ନିକ୍ଷେପ ଲାଗି ସମର୍ଥ। ଏହା ମଧ ଏୟାରକ୍ରାଫ୍ଟ କ୍ୟାରିୟର। ଏହା ଦ୍ୱାରା ଭାରତୀୟ ନୌସେନା ବା ଭାରତୀୟ ସେନା ବେଶ ଶକ୍ତିଶାଳି ଏବଂ ଆତ୍ମନିର୍ଭରଶୀଳ ହୋଇପାରିବ ବୋଲି ଆଶା କରାଯାଉଛି। ମୁମ୍ବାଇ ନାଭାଲ ଡକ ୟାର୍ଡରେ ଏହି ୩ଟି ଯୁଦ୍ଧ ଜାହାଜ ନୌସେନାରେ ସାମିଲ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ସିଡିଏସଙ୍କ ସହ ତିନି ବାହିନୀର ମୁଖ୍ୟମାନେ ଉପସ୍ଥିତ ଥିଲେ। ଭାରତର ତିନି ଦିଗରେ ସମୁଦ୍ର ରହିଛି। ତେଣୁ ସାମରିକ ଦୃଷ୍ଟିରୁ ଭାରତୀୟ ନୌସେନାର ସୁଦୃଢ଼ୀକରଣ ଜରୁରୀ। ସେଥିପାଇଁ ଭାରତ ସରକାର ଭାରତୀୟ ନୌସେନାର ସୁଦୃଢ଼ୀକରଣ ଉପରେ ସର୍ବାଧିକ ଗୁରୁତ୍ୱ ଦେଇ ଆସିଛନ୍ତି। ଏକଦା ଭାରତୀୟ ନୌସେନାରେ ମାତ୍ର ଗୋଟିଏ ଏୟାରକ୍ରାଫ୍ଟ କ୍ୟାରିୟର ବିକ୍ରାନ୍ତ ଥିଲା। ତାହା ବି ମାଗିକି ଅଣାଯାଇଥିଲା। ଏବେ ଭାରତ ନିକଟରେ ଅନେକ ଶକ୍ତିଶାଳି ଯୁଦ୍ଧ ଜାହାଜ, ଏୟାରେକ୍ରାଫ୍ଟ କ୍ୟାରିୟର, ଅଣୁ ଶକ୍ତି ସମ୍ପନ୍ନ ସବମେରିନ ରହିଛି। ଏହା ଦ୍ୱାରା ଭାରତ ଉଭୟ ପାକିସ୍ତାନ ଏବଂ ଚୀନର ମୁକାବିଲା କରିପାରିବ ବୋଲି କୁହାଯାଉଛି। ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭର କରିବାରେ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ଆମେରିକା ଓ ଚୀନ ଭଳି ଦେଶର ଆର୍ଥିକ ସମୃଦ୍ଧିର ଏକ ବଡ଼ କାରଣ ହେଲା ଏମାନେ ଅନେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଏବଂ ବିଦେଶରୁ ଏସବୁ କ୍ରୟ କରିବାକୁ ପଡ଼େନାହିଁ। କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ମଧ ଚୀନ ଓ ଆମେରିକା ଏପରିକି ଋଷିଆ ମଧ ଆତ୍ମନିର୍ଭରଶୀଳ। ଭାରତ ଏସବୁ ସାମଗ୍ରୀ ଆମଦାନୀ ବାବଦରେ ବିପୁଳ ବୈଦେଶିକ ମୁଦ୍ରା ବ୍ୟୟ କରୁଛି। ଏବେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏଥିରୁ ନିସ୍ତାର ପାଇବାକୁ ଚିନ୍ତା କରୁଛନ୍ତି ଏବଂ ତଦନୁଯାୟୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ବହୁ ବର୍ଷ ତଳୁ ହେବାର ଥିଲା। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଭାରତ ଗଠନ ଲକ୍ଷ୍ୟ ଆଗକୁ ଭାରତୀୟ ଅର୍ଥନୀତିରେ ଗେମ ଚେଞ୍ଜର ହୋଇପାରେ। ଏହା ଉଭୟ ବୈଦେଶିକ ମୁଦ୍ରା ଉପାର୍ଜନ ସହ ଭାରତର ପ୍ରତିରକ୍ଷା ସାମର୍ଥ୍ୟକୁ ବୃଦ୍ଧି କରିବ। ଇତିମଧ୍ୟରେ ଭାରତୀୟ ବାୟୁସେନା ଆଉ କିଛି ଲଢୁଆ ବିମାନ କିଣିବାକୁ ଯାଉଛି। ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ଏହାକୁ ଅନୁମୋଦନ କରିଛି। ଏଥିରେ କେବଳ ହାଲ ନୁହେଁ, ଅନେକ ଭାରତୀୟ ଶିଳ୍ପ ସଂସ୍ଥା ଉପକୃତ ହେବେ। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏହା ଆଉ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି କ୍ଷମତାକୁ ଆସିବା ପରେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଶକ୍ତିଶାଳି ହୋଇଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ଆମେରିକା, ଋଷ ଏବଂ ଫ୍ରାନ୍ସ ଭଳି ଦେଶରୁ ଭାରତ ବହୁ ଶକ୍ତିଶାଳି ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିଛି, ଆଉ କିଛି କ୍ରୟ କରିବାକୁ ଚୁକ୍ତି ସ୍ୱାକ୍ଷର କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସଫଳ ବୈଦେଶିକ ନୀତି ଏବଂ କୂଟନୀତି ବଳରେ ଏହା ସମ୍ଭବ ହୋଇପାରିଛି। ଏବେ ଭାରତ ଆଉ ପାକିସ୍ତାନକୁ ନିଜର ପ୍ରତିଦ୍ୱନ୍ଦ୍ୱି ଭାବେ ବିଚାର କରୁନି। ଏବେ ଚୀନ ହେଉଛି ଭାରତର ଟାର୍ଗେଟ। ଭାରତ ତୁଳନାରେ ଚୀନ ପ୍ରତିରକ୍ଷା କ୍ଷେତ୍ରରେ ବହୁ ଆଗରେ। ତେଣୁ ଚୀନ ସହ ସମ୍ଭାବ୍ୟ ସାମରିକ ମୁକାବିଲାକୁ ଭାରତ ସର୍ବାଧିକ ଗୁରୁତ୍ୱ ଦେଉଛି। ଯାହା ୫୦ ବର୍ଷ ତଳୁ କରିବାର ଥିଲା ତାହା ଏବେ ହେଉଛି। ତେଣୁ ଚୀନ ସହ ସମକକ୍ଷ ହେବାକୁ ଭାରତକୁ ଆହୁରି ୫୦ ବର୍ଷ ଲାଗିଯିବ। ଯାହା ବି ହେଉ ଏବେ ଅନ୍ତତଃ ପକ୍ଷେ ଚୀନର ମୁକାବିଲା ନିମନ୍ତେ ଭାରତୀୟ ସେନାର ମନୋବଳ ବୃଦ୍ଧି ପାଇଛି। କେବଳ ଚୀନ ନୁହେଁ, ଭବିଷ୍ୟତରେ ଯଦି କେବେ ଚୀନ ଏବଂ ପାକିସ୍ତାନ ମିଳିତ ଭାବେ ଭାରତ ସହ ଯୁଦ୍ଧରେ ଅବତୀର୍ଣ୍ଣ ହୁଅନ୍ତି ତେବେ ଏହାର ମୁକାବିଲା ନିମନ୍ତେ ଭାରତୀୟ ସେନା ପ୍ରସ୍ତୁତ ବୋଲି ସେନା ମୁଖ୍ୟ କହିଛନ୍ତି। ମନମୋହନ ସିଂହଙ୍କ ଶାସନ କାଳରେ ଭାରତ ଫ୍ରାନ୍ସରୁ ରାଫେଲ ବିମାନ କିଣିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ବିଭିନ୍ନ କାରଣରୁ ଏହା ଅଟକି ରହିଥିଲା। ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁନଥିଲା। ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ଏହାକୁ ତତ୍କାଳ କାର୍ଯ୍ୟକାରୀ କରାଗଲା। ଫ୍ରାନ୍ସରୁ ଭାରତ ୩୬ଟି ରାଫେଲ ବିମାନ କ୍ରୟ କରିଛି। ଏଲଏସିରେ ଏବେ ରାଫେଲ ମୁତୟନ ହୋଇଛି। ଏହା ସହିତ ଆମେରିକାରୁ ମଧ ଭାରତ ଶକ୍ତିଶାଳି ହେଲିକପ୍ଟର, ମିଶାଇଲ ସିଷ୍ଟମ, ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର କ୍ରୟ କରିଛି। ଏବେ ନିକଟରେ ପ୍ରଧାନମନ୍ତ୍ରୀ ମୋଦି ଆମେରିକା ଗସ୍ତରେ ଯାଇଥିବା ବେଳେ ଉଭୟ ଦେଶ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଚୁକ୍ତି ହୋଇଛି। ଏହି ଚୁକ୍ତି ଅନୁଯାୟୀ ଭାରତ ଆମେରିକାରୁ ପ୍ରିଡେଟର ଡ୍ରୋନ କ୍ରୟ କରିବ। ସେହିପରି ଫ୍ରାନ୍ସ ସହ ମଧ ଭାରତ ସାମରିକ ଚୁକ୍ତି କରିଛି। ଏହି ଚୁକ୍ତି ଅନୁଯାୟୀ ଭାରତୀୟ ନୌସେନା ନିମନ୍ତେ ଫ୍ରାନ୍ସରୁ ଆଉ ୨୬ଟି ରାଫେଲ ଏବଂ ୩ଟି ସବମେରିନ କ୍ରୟ କରାଯିବ। ଏହା ଫଳରେ ଭାରତୀୟ ନୌସେନାର ଶକ୍ତି ବହୁଗୁଣ ବୃଦ୍ଧି ପାଇବ। ସାମରିକ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ନରେନ୍ଦ୍ର ମୋଦି ସଙ୍କଳ୍ପ ନେଇଛନ୍ତି। ତଦନୁଯାୟୀ ଭାରତରେ ଅନେକ ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଲଢୁଆ ବିମାନ, ସବମେରିନ ଏବଂ ଏୟାରକ୍ରାଫ୍ଟ କ୍ୟାରିୟର ନିର୍ମାଣ କରାଯାଉଛି। ଏହା ଦ୍ୱାରା କେବଳ ଭାରତୀୟ ସେନା ଶକ୍ତିଶାଳି ହେଉନି, ଏହାକୁ ଅନ୍ୟ ଦେଶକୁ ବିକ୍ରି କରି ଭାରତ ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଡିଆରଡିଏ ଏବଂ ହାଲ ଭଳି ରାଷ୍ଟ୍ରାୟତ ସଂସ୍ଥା ଏହା ଦ୍ୱାରା ଆର୍ଥିକ ଦୃଷ୍ଟିରୁ ସମ୍ପନ୍ନ ହେଉଛି। କିଛି ମାସ ତଳେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଆଇଏନଏସ ବିକ୍ରାନ୍ତ ଜଳାବତରଣ କରିଛି। ଫ୍ରାନ୍ସରୁ ଯେଉଁ ସବମେରିନ କ୍ରୟ କରାଯିବ ତାହା ବାସ୍ତବରେ ମାଜାଗାଓଁରେ ନିର୍ମିତ ହେବ। ଭାରତୀୟ ବାୟୁ ସେନା ନିମନ୍ତେ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଲଢୁଆ ବିମାନ ତେଜସ ଆଜି ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାକୁ ପ୍ରମାଣିତ କରୁଛି। ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧକ୍ଷତାରେ ପ୍ରତିରକ୍ଷା ସାମଗ୍ରୀ କ୍ରୟ ଲାଗି ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହାର ସିଂହଭାଗ ଭାରତରେ ନିର୍ମିତ ହେବ। ଦେଶର ସେନା ବାହିନୀକୁ ସଶକ୍ତ କରିବାକୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ସରକାର ଯେପରି ତ୍ୱରାନ୍ୱିତ ନିଷ୍ପତ୍ତି ନେଉଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ଏବଂ ଉଦାହରଣଯୋଗ୍ୟ। ଯଦି ଅତୀତରେ କେନ୍ଦ୍ର ସରକାର ଏଭଳି ତ୍ୱରିତ ନିଷ୍ପତ୍ତି ନେଇଥାନ୍ତେ ଏବଂ ଭାରତୀୟ ସେନାକୁ ଚୀନର ସମକକ୍ଷ କରିବାକୁ ଉଦ୍ୟମ କରିଥାନ୍ତେ ତେବେ ଆଜି ଭାରତୀୟ ସୀମା ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇବାକୁ ସାହସ କରିନଥାନ୍ତା। ଭାରତ ସରକାର ମାତ୍ରାଧିକ ଟିକସ ଆଦାୟ କରୁଛନ୍ତି ବୋଲି କେତେକ ଅଭିଯୋଗ କରୁଛନ୍ତି। କିନ୍ତୁ ଯଦି ଟିକସ ଆଦାୟ ନହେବ ତେବେ ଭାରତୀୟ ସେନା କିପରି ଶକ୍ତିଶାଳି ହେବ? ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ, ଯୁଦ୍ଧ ବିମାନ ଏବଂ କ୍ଷେପଣାସ୍ତ୍ର କେଉଁଠୁ ଆସିବ? ଭାରତ ନିଜସ୍ୱ ଜ୍ଞାନ କୌଶଳରେ ଆଜି ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣରେ ସଫଳ ହୋଇଛି। ଆଜି ଭାରତୀୟ ସେନାର କ୍ଷେପଣାସ୍ତ୍ର ଲକ୍ଷ୍ୟ ଭେଦ କ୍ଷମତା ଚୀନର ରାଜଧାନୀ ବେଜିଂ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଆମେରିକାରୁ ଅତ୍ୟାଧୁନୀକ ଡ୍ରୋନ ଆସିବା ଦ୍ୱାରା ଏଲଏସିରେ ଚୀନ ସେନାର ଗତିବିଧି ଉପରେ ଏହା ନଜର ରଖିପାରିବ। ତେବେ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଲଢୁଆ ବିମାନ ତେଜସ ଏବଂ ହେଲିକପ୍ଟରରେ ତ୍ରୁଟି ରହିଛି। ଫଳରେ ଏସବୁ ବିମାନ ଏବଂ ହେଲିକପ୍ଟର ବାରମ୍ବାର ଦୁର୍ଘଟଣାଗ୍ରସ୍ତ ହେଉଛି। ଏହାକୁ ଭଲଭାବେ ଯାଞ୍ଚ କରି ତ୍ରୁଟି ସଂଶୋଧନ କରାଯିବା ଉଚିତ। ସ୍ଥଳସେନା ପାଇଁ ଅତ୍ୟାଧୁନୀକ ଟ୍ୟାଙ୍କ ଏବଂ ଅନ୍ୟ ସାମରିକ ସରଞ୍ଜାମର ଆବଶ୍ୟକତା ରହିଛି। ଏହାର ଉତ୍ପାଦନ ବୃଦ୍ଧି ଏବଂ ଗୁଣାତ୍ମକ ମାନ ଉପରେ ଦୃଷ୍ଟି ଦିଆଯିବା ଉଚିତ। ସାମରିକ ଦୃଷ୍ଟିରୁ ଚୀନଠାରୁ ଭାରତ ଏବେ ବି ବହୁ ପଛରେ ପଡ଼ିଛି। ଚୀନ ସହ ସମକକ୍ଷ ହେବାକୁ ହେଲେ ଆମକୁ ପ୍ରତିରକ୍ଷା ବାବଦ ବ୍ୟୟ ବରାଦ ବୃଦ୍ଧି କରିବାକୁ ପଡ଼ିବ। ଆସନ୍ତା କେନ୍ଦ୍ରୀୟ ବଜେଟରେ ଏଥିଲାଗି ଅଧିକ ଅର୍ଥ ବରାଦ ହେବ ବୋଲି ଆଶା।

# ମହାନ ରାଷ୍ଟ୍ରବାଦୀ ସାବରକର




**ଡ. ମନୋଜ କୁମାର ମହାନ୍ତି**


ସଭ୍ୟତା,ସଂସ୍କୃତି ଓ ପରମ୍ପରା ଏ ସମସ୍ତ କାଳଜୟୀ। ଇତିହାସର କେବେ ଅନ୍ତ ହୁଏନି, କି ହେବନାହିଁ। ଯେପର୍ଯ୍ୟନ୍ତ ମାନବଜାତିର ଅସ୍ତିତ୍ୱ ଧରାପୃଷ୍ଠରେ ବିଲୋପ ହୋଇନାହିଁ ସେପର୍ଯ୍ୟନ୍ତ ସଭ୍ୟତା,ସଂସ୍କୃତି ଓ ପରମ୍ପରାର ଝଲକ୍ ଦେଖିବାକୁ ମିଳିବ। ପରିବର୍ତ୍ତନ ପ୍ରକୃତିର ନିୟମ ତାହା ଅସ୍ୱୀକାର କରିହେବ ନାହିଁ ତଥାପି ମଣିଷ ତା ସଂସ୍କୃତି ଓ ପରମ୍ପରାକୁ ଛାଡିପାରିବ ନାହିଁ। ସେଥିପାଇଁ ତ ଇତିହାସକୁ ପୁନରାବୃତ୍ତି କରି ପ୍ରାଚୀନ ପରମ୍ପରା,ସଂସ୍କୃତି ତଥା ବୃହତ୍ ଚିନ୍ତାଧାରାକୁ ଜନସମାଜକୁ ଆଣିବାକୁ ପଡ଼ିଥାଏ। ଯାହାକୁ ଆଧାରକରି ମାନବସମାଜ ବିକାଶ ପଥରେ ଅଗ୍ରଗତି ହୋଇଥାଏ। ବିଶେଷକରି ବ୍ୟକ୍ତି ବିଶେଷଙ୍କ ଚିନ୍ତାଚେତନା ଓ ଦେଶଭକ୍ତି ଭବିଷ୍ୟତ ପୀଢ଼ିପାଇଁ ନିଶ୍ଚିତରୂପେ ପ୍ରେରଣାଦାୟୀ। ସେମାନଙ୍କ ଆଦର୍ଶ ଓ ବଳିଷ୍ଠ ବ୍ୟକ୍ତିତ୍ୱ ସମାଜକୁ ଦିଗ୍ ଦର୍ଶନ ଦେଇଥାଏ।

ବିନାୟକ ଦାମୋଦର ସାବରକର ଭାରତୀୟ ରାଷ୍ଟ୍ରବାଦର ନବନାୟକ କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତୀୟ ସନାତନ ସଂସ୍କୃତି ଓ ପରମ୍ପରାକୁ ଯେଉଁଭଳି ଭାରତୀୟ ସମ୍ମୁଖରେ ଉପସ୍ଥାପନ କରିଥିଲେ ତାହା ଭାରତୀୟ ସ୍ୱାଧୀନତା ପାଇଁ ପ୍ରେରଣା ଯୋଗାଇଥିଲା। ବେଦବେଦାନ୍ତ ଦର୍ଶନର ମୂଳତତ୍ତ୍ୱରୁ ଆରମ୍ଭ କରି ଗୋମାତାର ସୁରକ୍ଷା, ଅଖଣ୍ଡ ଭାରତର ପରିକଳ୍ପନା ସହ ସ୍ୱରାଜ୍ୟ ଓ ସ୍ୱଧର୍ମ ପ୍ରତ୍ୟେକ ଭାରତୀୟଙ୍କ ପାଇଁ କେତେ ମହତ୍ତ୍ୱପୂର୍ଣ୍ଣ ତାହାକୁ ଜନମାନସରେ ଉଦ୍ରେକ ଥିଲା ସାବରକରଙ୍କ ବୃହତ୍ ପ୍ରଚେଷ୍ଟା। ହିନ୍ଦୁତ୍ୱର ଚିନ୍ତାଚେତନାକୁ ଭାରତ ମାଟିରେ ଉଜ୍ଜୀବିତ କରିବା ଥିଲା ତାଙ୍କର ମୁଖ୍ୟ ଲକ୍ଷ୍ୟ। ହିନ୍ଦୁତ୍ୱ ଏକ ସାଂସ୍କୃତିକ ଜାତୀୟ ପରିଚୟ ଯାହା ହିନ୍ଦୁଧର୍ମ ଠାରୁ ଅଲଗା। ହିନ୍ଦୁତ୍ୱ ହିଁ ପ୍ରାଚୀନ ସାଂସ୍କୃତିକ,ଭୌଗଳିକ ଓ ଐତିହାସିକ ପରିଚୟ।

ଶୈଶବର ଧୂଳିଖେଳ ପରେ କୈଶୋର, ପୁଣି କୈଶୋର ଅତିକ୍ରମ କରି ଜୀବନ ପହଞ୍ଚେ ଯୌବନରେ। ଯୌବନ, ପ୍ରତ୍ୟେକ ଜୀବନର ସବୁଠୁ ମହତ୍ତ୍ୱପୂର୍ଣ୍ଣ ସମୟ, ଯୁବଶକ୍ତିର ଏକ ଚଳଚଞ୍ଚଳ ପ୍ରବାହମାନ ସ୍ରୋତ। ବିନାୟକ ଦାମୋଦର ସବରକର ଏକଥା ମର୍ମେମର୍ମେ ଅନୁଭବ କରିଥିଲେ। ଛତ୍ରପତି ଶିବାଜୀଙ୍କ ସ୍ୱରାଜ୍ୟର ଚିନ୍ତାଧାରା ତାଙ୍କ ଜୀବନ ଉପରେ ପ୍ରଭାବ ପକାଇଥିଲା। ପରବର୍ତ୍ତୀ ସମୟରେ ବାଲ ଗଙ୍ଗାଧର ତିଲକଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ 'ଅଭିନବ ଭାରତ' ଗଠନ କରିଥିଲେ। ଯାହା ପରବର୍ତ୍ତୀ ସମୟରେ 'ସ୍ୱରାଜ୍ୟ' ନାମରେ ଜଣା। ୧୯୦୪ରେ ସେ ବ୍ରିଟେନରେ ଆଇନର ଛାତ୍ରଭାବେ ଅଧ୍ୟୟନରେ ଯୋଗ ଦେବା ସମୟରେ ହିଁ ବ୍ରିଟିଶ୍ ଶାସନ ବିପକ୍ଷରେ ଲୁକ୍କାୟିତଭାବେ ବିପ୍ଳବରେ ସୂତ୍ରପାତ କରିଥିଲେ। ଭାରତୀୟ ଯୁବସମାଜକୁ ସେ ଯେଉଁ ସ୍ୱାଧୀନତା ବିପ୍ଳବର ମନ୍ତ୍ରରେ ବିମୁଗଧ କରିଥିଲେ ତାହା ଅବିଶ୍ୱସନୀୟ, ଅବର୍ଣ୍ଣନୀୟ। ବ୍ରିଟିଶ୍ ଶାସନ ବିରୁଦ୍ଧରେ ରଚିଥିବା ସ୍ୱାଧୀନତା ବିପ୍ଳବର ଚକ୍ରବ୍ୟୁହରେ ତାଙ୍କୁ ବ୍ରିଟିଶ୍ ସରକାର ବନ୍ଦୀକରି ଆଣ୍ଡମାନ ଜେଲକୁ ପଠାଇ ଦିଆଯାଇଥିଲା। ଯେଉଁଠି ସାବରକରଙ୍କ ଭାଇ ଗଣେଶ ଦାମୋଦର ସାବରକର୍ ବନ୍ଦୀ ଜୀବନ ବିତାଉଥିଲେ। ଜେଲରେ ଥିବା ସମୟରେ ହିଁ ଭାରତୀୟ ସଂସ୍କୃତି,ପରମ୍ପରା ଓ ପରିଚୟକୁ ଏକ ସ୍ୱତନ୍ତ୍ର ରୂପ ପାଇଁ ସେ ତାଙ୍କର ଲେଖନୀକୁ ଜାରି ରଖିଥିଲେ।



୧୯୨୪ରେ ଜେଲରୁ ମୁକୁଳିଲା ପରେ ସେ ଭାରତର ଭିନ୍ନଭିନ୍ନ ରାଜ୍ୟର ଅଞ୍ଚଳମାନ ଭ୍ରମଣ କରି ବ୍ରିଟିଶ୍ ଔପନିବେଶକୁ ସମ୍ପୂର୍ଣ ନଷ୍ଟ କରିବା। ଏହି ଭ୍ରମଣ କାଳ ମଧ୍ୟରେ ସେ ଅନୁକ୍ଷଣ କରିଥିଲେ ଭାରତୀୟ ମାନଙ୍କର ଦୁର୍ଦ୍ଦଶାପୂର୍ଣ୍ଣ ଜୀବନ ଓ ଜୀଇଁବାର ଶୈଳୀ। ଇଂରେଜ ଶାସନକାଳରେ ଭାରତୀୟମାନଙ୍କର ଦୁଃଖଭରା ଜୀବନ ତାଙ୍କୁ ବ୍ୟସ୍ତବିବ୍ରତ କରିଥିଲା ଓ ସେ ମାନସିକ ସ୍ତରରେ ଅତ୍ୟନ୍ତ ମର୍ମାହତ ହୋଇଥିଲେ। ଭାରତୀୟ ଯୁବଗୋଷ୍ଠୀ ମଧ୍ୟରେ ଥିବା ବିପୁଳ ସମ୍ଭାବନାକୁ ସେ କିପରି ସାକାର କରି ସେମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଅଣାଯାଇପାରିବ ସେଥିପାଇଁ ସେ ଉପାୟ ଖୋଜିଲେ। ସବୁ ଦୁଃଖର କାରଣ ପରାଧିନତା ଯେଉଁ ପରାଧୀନ ପାଇଁ ଆମକୁ ଦାରିଦ୍ର୍ୟତା, ନିରକ୍ଷରତା ଓ ଦୁର୍ଦ୍ଦିନକୁ ସାମନା କରିବାକୁ ପଡୁଛି। ନିରକ୍ଷର ଜନସାଧାରଣଙ୍କ ମଧ୍ୟରୁ ଅଧିକାଂଶ ଯୁବଗୋଷ୍ଠୀ। ସେ ଅନୁଭବ କରିଥିଲେ ଭାରତୀୟ ବୈଦିକଶିକ୍ଷା ଓ ସଂସ୍କୃତି ହିଁ ଏକମାତ୍ର ଅସ୍ତ୍ର ଯାହାକୁ ହତିୟାର କରି ଭାରତରୁ ବ୍ରିଟିଶ୍ ଶାସନକୁ ସବୁଦିନ ପାଇଁ ଶେଷ କରିହେବ। ଶିକ୍ଷାର ମାଧମ ହେବ ହିନ୍ଦୀ। ହିନ୍ଦୀ ଭାଷାକୁ ପରବର୍ତ୍ତୀ ସମୟରେ ଜାତୀୟତା ବୋଧର ପ୍ରତୀକ ଭାବେ ବିବେଚିତ କରବା ପାଇଁ ସେ ଉଦ୍ୟମ କରିଥିଲେ।

ଜଣେ ସମାଜ ସଂସ୍କାରକ ଭାବେ ସାବରକରଙ୍କ ଦୂରଦର୍ଶୀ ଚିନ୍ତାଧାରା ଥିଲା, ଯେପର୍ଯ୍ୟନ୍ତ ଜାତିଜାତି ମଧ୍ୟରେ ଅଛୁଆଁ ଭେଦଭାବ ନ ଲୋପ କରାଯାଇଛି ସେ ପର୍ଯ୍ୟନ୍ତ ମାନବବାଦର ଅର୍ଥ ମୂଲ୍ୟହୀନ। ହିନ୍ଦୁତ୍ୱ ହିଁ ଏକମାତ୍ର ବିକଳ୍ପ ଯାହା ସମାଜକୁ ଗଢିବାରେ ଓ ଏକଜୁଟ ରଖିବାରେ ସାହ୍ୟାକ ହେବ। ନିଜନିଜ ଭିତରେ କୌଣସି ଦ୍ୱନ୍ଦ ଓ ଭିନ୍ନତା ନ ଖୋଜି ଗୋଟେ ଦେଶ, ଗୋଟେ ଭଗବାନ, ଗୋଟେ ଜାତି, ଗୋଟେ ମନ ଓ ସମସ୍ତେ ଭାଇଭାଇର ଏକତାରେ ବାନ୍ଧି ନ ହୋଇଛେ, ସେପର୍ଯ୍ୟନ୍ତ ହିନ୍ଦୁତ୍ୱ ଅର୍ଥହୀନ। ଜାତିଗୋତ୍ରର ସଙ୍କୀର୍ଣତା ଉର୍ଦ୍ଧ୍ୱରେ ରହି ଭାରତକୁ ସ୍ୱାଧୀନ ପଥରେ ଅଗ୍ରସର ହିଁ ଆମ ସମସ୍ତଙ୍କର ଦାୟିତ୍ୱ। ନୈତିକ ମୂଲ୍ୟବୋଧ, ନ୍ୟାୟ ଓ ସାମାଜିକ ସୌହାର୍ଦ୍ଧ୍ୟପୂର୍ଣ୍ଣ ସ୍ୱରାଜ୍ୟ ପାଇଁ ଉପଯୁକ୍ତ ପଥ। ଅଛୁଆଁ,ଅସ୍ପୃଶ୍ୟତା ଓ ଜାତିବର୍ଣ୍ଣର ସଂକୀର୍ଣ୍ଣତାବୋଧ ହିନ୍ଦୁତ୍ୱ ଓ ସ୍ୱରାଜ୍ୟର ମାପକାଠି ନୁହେଁ। ସ୍ୱରାଜ୍ୟ ଆମ ସମସ୍ତଙ୍କର ଜନ୍ମଗତ ଅଧିକାର ତାକୁ ଆମକୁ ଭିକ୍ଷା ମାଧମରେ ନୁହେଁ ବରଂ ଉପଯୁକ୍ତ ଜବାବ ଓ ପ୍ରତିବାଦ ସହ ହାତେଇବାକୁ ହେବ। ସ୍ୱରାଜ୍ୟ ପାଇଁ ଅହିଂସା ନୁହେଁ ବରଂ କ୍ରାନ୍ତିର ଆବଶ୍ୟକ। ଭାରତରେ ବସବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତିପାଇଁ ଭାରତକୁ ପିତୃଭୂମି ଓ ପୁଣ୍ୟଭୂମିଭାବେ ଗ୍ରହଣପୂର୍ବକ ତାର ସଂସ୍କୃତି ପରମ୍ପରା ଓ ସଭ୍ୟତକୁ ସମ୍ମାନ କରିବା ହିଁ ହିନ୍ଦୁତ୍ୱ। ହିନ୍ଦୁତ୍ୱ ଏକ ଚିନ୍ତାଧାରା ଯାହାକୁ ଆଧାର କରି ସମାଜର ଉତଥାନ, ସମାନତା ସୃଷ୍ଟି ହେବା ସହ ବୈଦିକ ଶିକ୍ଷାକୁ ଆଧୁନିକ ବସ୍ତୁବାଦୀ ଜୀବନରେ ପ୍ରୟୋଗ କରି ଆତ୍ମିକ ଚେତନାର ବିକାଶ କରିପାରିଲେ ସାମାଜିକ ଅଭିବୃଦ୍ଧିର ନୂଆ ରାସ୍ତା ଉନ୍ମୁକ୍ତ ହେବ। ଶୋଇଯାଇଥିବା ଭାରତର ଜନସାଧାରଣ ତଥା ଯୁବକମାନଙ୍କୁ ଜାଗ୍ରତ କରି ସେମାନଙ୍କ କାନରେ ସ୍ୱରାଜ୍ୟର ଯେଉଁ ମନ୍ତ୍ର ଫୁଙ୍କି ନୂତନ ରାସ୍ତା ଦେଖାଇଥିଲେ ତାହା ଭାରତ ଇତିହାସର ଅବିସ୍ମରଣୀୟ ଅଧ୍ୟାୟ। ଜଣେ ବିପ୍ଳବୀ ଭାବରେ, ଯୁବ ନାୟକ ଭାବରେ,ପ୍ରଚଣ୍ଡ ରାଷ୍ଟ୍ରପ୍ରେମର ଅଧିକାରୀ ହୋଇ ନିଜର ମହତ ଉଦ୍ଦେଶ୍ୟକୁ ସାକାର କରିବାକୁ ସେ ଯେଉଁ ତ୍ୟାଗ କରିଥିଲେ, ତାହା ଯୁବସମାଜ ପାଇଁ ନିଶ୍ଚୟ ଶିକ୍ଷଣୀୟ। ସମାଜକୁ ସୁଧାରିବାରେ ନେଇଥିବା ନିଷ୍ପତ୍ତି ନିକଟରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଯୁବପିଢ଼ୀ ନିଶ୍ଚିତ ଭାବେ କୃତଜ୍ଞତା ଜ୍ଞାପନ କରିବ। ଯେଉଁ ବ୍ୟକ୍ତି ରାଷ୍ଟ୍ରପାଇଁ ନିଜ ଜୀବନକୁ ତିଳତିଳ କରି ଜାଳି ଦେଇଥିଲେ, ପରିବାରର ମୋହ, ପ୍ରାଚର୍ଯ୍ୟ, ଭୋଗବିଳାସକୁ ପାଦରେ ଆଡେଇ ଭାରତର ସାଂସ୍କୃତିକ ଅସ୍ତିତ୍ୱର ସ୍ଥାପନକୁ ଜୀବନର ସର୍ବସ୍ୱ ଭାବେ ଗ୍ରହଣ କରିଥିଲେ ତାହା ଏକ ଗୌରବର ଅଧ୍ୟାୟ । ଯାହାଙ୍କ ନିର୍ଭୀକତା, ବାଗ୍ମିତା, ରାଷ୍ଟ୍ରପ୍ରେମ ପରିଶେଷରେ ହିନ୍ଦୁତ୍ୱ ଚିନ୍ତାଧାରା ପ୍ରତ୍ୟେକ ଭାରତୀୟ ରାଷ୍ଟ୍ରବାଦୀଙ୍କ ହୃଦୟରେ ଦେଶପ୍ରେମ ଜାଗ୍ରତ କରି ଭାରତର ଅଖଣ୍ଡତାକୁ ବଜାଇ ରଖିବାରେ ବ୍ରତୀହେବ। ସେଭଳି ରାଷ୍ଟ୍ରପ୍ରେମୀ ବ୍ୟକ୍ତିତ୍ୱକୁ ବିନମ୍ର ପ୍ରଣାମ।


**ଭଦ୍ରକ, ମୋବାଇଲ୍: ୮୮୯୫୩୪୧୦୩୩**


# ଡିବା-କିସୁନ୍ ବିଦ୍ରୋହ




**ଦଶରଥ ହେମ୍ବ୍ରମ୍**


ଇଂଲଣ୍ଡ ରାଣୀ ଏଲିଜାବେଥଙ୍କ ଅନୁମତିକ୍ରମେ ଇଂରେଜମାନେ ବାଣିଜ୍ୟ କରିବା ପାଇଁ ୧୫୯୯ ମସିହାରେ ଭାରତକୁ ଆସିଲେ। ଏହାର ଶହେବର୍ଷ ପୂର୍ବେ ପର୍ତ୍ତୁଗାଲର ଭାସ୍କୋଡାଗାମା ଭାରତର ଜଳପଥ ଆବିଷ୍କାର କରି ଉତ୍ତମାଶା ଅନ୍ତରୀପ ପାରହୋଇ ପଶ୍ଚିମ ଉପକୂଳସ୍ଥ କାଲିକୋଟଠାରେ ପହଞ୍ଚିଥିଲେ। ଜାମୋରିନ ଉପାଧିଧାରୀ ଜଣେ ରାଜାଙ୍କ ଅନୁମତି ପାଇ ବାଣିଜ୍ୟ କାରବାର ଆରମ୍ଭ କରିଥିଲା କିନ୍ତୁ ରାଜନୈତିକ ବ୍ୟାପାର ଭିତରକୁ ପ୍ରବେଶ କରିନଥିଲା। ମାତ୍ର ଇଂରେଜମାନେ ଭାରତୀୟଙ୍କର ସରଳ, ନମ୍ର, ଭଦ୍ର ଏବଂ ଧାର୍ମିକ ଚିନ୍ତାଚେତନା ଦେଖି ରାଜନୈତିକ ଷଡଯନ୍ତ୍ର କରି ଗୋଟିଏ ପରେ ଗୋଟିଏ ଭାରତୀୟ ଦେଶୀୟ ଶାସକଙ୍କୁ ପରାଜୟ କରି ସାମ୍ରାଜ୍ୟ ବିସ୍ତାର କରିଚାଲିଲେ। ଏହି ସମୟ ମଧ୍ୟରେ ୱେଲସେଲିଙ୍କ 'ସାମନ୍ତ ସନ୍ଧିପ୍ରଥା' ଏବଂ ଡେଲହାଉସୀଙ୍କ 'ରାଜ୍ୟସ୍ୱତ୍ୱ ଲୋପ' ନୀତି ଦ୍ୱାରା ଅନେକ ଦେଶୀୟ ରାଜ୍ୟଗୁଡ଼ିକୁ ଇଂରେଜ ସାମ୍ରାଜ୍ୟଭୁକ୍ତ କରାଗଲା। ମୋଗଲ ସମ୍ରାଟ ବାହାଦୁର ଶାହଙ୍କୁ ଲାଲକିଲ୍ଲାରୁ ରେଙ୍ଗୁନ୍‌କୁ ପଠାଇ ଦିଆଗଲା। ଏହି ପରିପ୍ରେକ୍ଷୀରେ ଅଯୋଧା ସମେତ ଅନ୍ୟାନ୍ୟ ସାମ୍ରାଜ୍ୟ ଇଂରେଜ ସାମ୍ରାଜ୍ୟରେ ମିଶାଇ ଦିଆଗଲା। ଇଂରେଜମାନଙ୍କର ଏଭଳି ରାଜନୈତିକ ନୀତି ପ୍ରଣୟନ କରିବାଦ୍ୱାରା କିଛି ଦେଶୀୟ ରାଜାମାନେ ଭୟରେ ସମର୍ଥନ ଜଣାଇଲେ ଏବଂ କିଛି ରାଜା ତୀବ୍ର ବିରୋଧ କରି ଇଂରେଜ ସହିତ ଯୁଦ୍ଧ କରିବାକୁ ପଛାଇଲେ ନାହିଁ। ଏଭଳି ଏକପାକ୍ଷିକ ନୀତି ପ୍ରଣୟନ ହେବାରୁ ଭାରତୀୟମାନଙ୍କ ମନରେ ତୀବ୍ର ଅସନ୍ତୋଷ ଦେଖାଦେଲା। ଇଂରେଜମାନଙ୍କ ବର୍ବରୋଚିତ ବ୍ୟବହାର ଓ ଅନ୍ୟାୟ ବିରୁଦ୍ଧରେ ଭାରତୀୟମାନେ ବିଦ୍ରୋହ କରିବାକୁ ଆଗେଇ ଆସିଲେ। ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତ ଭାରତୀୟ ସଂହତି ସୂତ୍ରରେ ଆବଦ୍ଧ ହୋଇ ଇଂରେଜ ଶାସନର ବିଲୋପ ପାଇଁ ସଙ୍କଳ୍ପବଦ୍ଧ ହେଲେ। ଜାତୀୟସ୍ରୋତରେ ଆତ୍ମଝାସ ଦେଇ ଭାରତର କୋଣ ଅନୁକୋଣରେ ବିଦ୍ରୋହର ମହାମନ୍ତ୍ର ପ୍ରକମ୍ପିତ ହେଲା। ଏଥିରେ ଅଗଣିତ ଆଦିବାସୀ ସଂଗ୍ରାମୀଙ୍କ ଜୀବନ ବିନିମୟରେ ଦେଶ ମାତୃକାର ମୁକ୍ତି ପାଇଁ ଦୃଢ଼ ସଂକଳ୍ପ ନେଲେ। ତନ୍ମଧ୍ୟରୁ ଡିବା ସୋରେନ୍ ଏବଂ କିସୁନ୍ ମୁର୍ମୁଙ୍କ ନେତୃତ୍ୱରେ ହୋଇଥିବା ଇଂରେଜ ବିରୋଧୀ ବିଦ୍ରୋହ ଭୂମିକା ଅବିସ୍ମରିଣୀୟ।

ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ବିଦ୍ରୋହ ୧୮୫୭ ମସିହାରେ ଘଟିଥିବା 'ସିପାହୀ ବିଦ୍ରୋହ'ର ଦୁଇବର୍ଷ ପୂର୍ବରୁ ସାନ୍ତାଳ ବିଦ୍ରୋହ, ଯାହା 'ସାନ୍ତାଳ ହୁଲ୍' ନାମରେ ବିଦିତ। ଏହା ପୂର୍ବଭାରତରେ ଆଜିର ଝାଡ଼ଖଣ୍ଡ ରାଜ୍ୟର ଏକ ସ୍ଥାନୀୟ ବିଦ୍ରୋହରେ ସୀମିତ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହି ବିଦ୍ରୋହ ସାରା ପୂର୍ବ ଭାରତରେ ବ୍ୟାପିଥିଲା। ପରେ ଏହା ଗଣ-ବିଦ୍ରୋହ ରୂପ ନେଇଥିଲା। ଏହା ଇଂରେଜ ଔପନିବେଶିକ ଶାସନର ଅତ୍ୟାଚାର, ଅନ୍ୟାୟ ପୂର୍ଣ୍ଣ ନୀତି, ଯାହା ଏକ ବିକୃତ ରାଜସ୍ୱ ପଦ୍ଧତି ମାଧମରେ ପ୍ରସାରିତ ହୋଇଥିଲା। ସେହିଭଳି ସ୍ଥାନୀୟ ଜମିଦାରୀ ବ୍ୟବସ୍ଥା, ଦୁର୍ନୀତି-ଭ୍ରଷ୍ଟାଚାର ପୋଲିସ ଏବଂ ଇଂରେଜଦ୍ୱାରା ସ୍ଥାପିତ ଅଦାଲତଗୁଡ଼ିକରେ ନ୍ୟାୟରୁ ବଞ୍ଚିତ ହୋଇଥିବା ସାନ୍ତାଳମାନଙ୍କ ଦ୍ୱାରା ସଂଘଠିତ ଏକ ଭୟଙ୍କର ସାନ୍ତାଳ ବିଦ୍ରୋହ, ଯାହା ୧୮୫୫-୫୬ ମସିହାରେ ଜନ୍ମ ନେଇଥିଲା। ମାତ୍ର ଇଂରେଜମାନଙ୍କ ଚକ୍ରାନ୍ତ ଓ ଆଧୁନିକ ରଣ କୌଶଳରେ ସାନ୍ତାଳ ଆଦିବାସୀମାନେ ପରାସ୍ତ ହେଲେ। ତେବେ ଏହା ପୂର୍ବରୁ ଡିବା ଏବଂ କିସୁନ୍‌ଙ୍କ ନେତୃତ୍ୱରେ ସାନ୍ତାଳ ଆଦିବାସୀଙ୍କୁ ନେଇ ଇଂରେଜ ସହିତ ଯେଉଁ ବିଦ୍ରୋହ ହୋଇଥିଲା, ତାହା 'ଡିବା-କିସୁନ ବିଦ୍ରୋହ' ନାମରେ ନାମିତ। ଏହି ବିଦ୍ରୋହ ୧୮୪୭ ରୁ ୧୮୫୩ ମସିହା ପର୍ଯ୍ୟନ୍ତ ଚାଲିଥିଲା।

ବିହାର ପ୍ରଦେଶ (ଅଧୁନା ଝାଡ଼ଖଣ୍ଡ ରାଜ୍ୟ)ରେ ଥିବା ସରାଇକେଲା-ଖରସୁଁଆ ଜିଲ୍ଲା ଅନ୍ତର୍ଗତ ମାତକମ୍‌ବେଡ଼ା ଗ୍ରାମରେ ଏକ ସାନ୍ତାଳ ଚାଷୀ ପରିବାରରେ ଡିବା ସୋରେନ୍‌ଙ୍କ ୧୮୨୦ ମସିହାରେ ଜନ୍ମ ହୋଇଥିବା ବେଳେ ଗୁମିଦ୍‌ପୁର ଗ୍ରାମରେ କିସୁନ ମୁର୍ମୁଙ୍କ ଜନ୍ମ ୧୮୨୨ ମସିହାରେ ହୋଇଥିଲା। ଡିବାଙ୍କ ପିତା ଦେବୀ ସୋରେନ୍ ଏବଂ ଜଣେ ଭାଇ, ଯାହାଙ୍କ ନାମ ଭାଦବ୍। ଦେବୀ ସୋରେନ୍ ସେହି ଗ୍ରାମର ଜଣେ ଧନୀ ଶ୍ରେଣୀର ଏବଂ ଗ୍ରାମର ଗ୍ରାମମୁଖିଆ। ମାମୁ ପୁଅ - ପିଉସୀ ପୁଅ ହୋଇଥିବାରୁ ସମ୍ପର୍କରେ ସେମାନେ ଭାଇ-ଭାଇ। କିସୁନଙ୍କ ପରିବାର ସ୍ୱଚ୍ଛଳ ନଥିବାରୁ ଛୋଟବେଳୁ ମାମୁଁ ପୁଅ ଦେବୀଙ୍କ ଘରେ ରହୁଥିଲା। ଦୁଇ ଭାଇ ମିଶି ଗାଈ, ମଇଁଷି, ଛେଳି ଏବଂ ମେଣ୍ଢା ଚରାଇବାକୁ ଯାଆନ୍ତି। ସେହି ଅଞ୍ଚଳରେ ରହୁଥିବା ରଘୁନାଥ ଭୂୟାଁଙ୍କୁ ଗୁରୁ କରି ସେମାନେ ବିଦ୍ୟାର୍ଜନ କରିଥିଲେ। କାରଣ ସେତେବେଳେ ଗ୍ରାମାଞ୍ଚଳରେ ପାଠ ପଢ଼ିବାର ବ୍ୟବସ୍ଥା କୌଣସି ବିଦ୍ୟାଳୟ କିମ୍ବା ଶିକ୍ଷାନୁଷ୍ଠାନ ନଥିଲା। ସରାଇକେଲା-ଖରସୁଁଆ ଏବଂ ପରାହଟ ଗଡ଼ଜାତ ରାଜ୍ୟ ଥିଲା। ସରାଇକେଲାରେ ରାଜା ଅଭିରାମ ସିଂ ରାଜା ଥିବାବେଳେ ପରାହଟରେ ରାଜା ବିକ୍ରମ ସିଂଙ୍କ ଶାସନର ଭାର ଦିଆଯାଇଥିଲା କିନ୍ତୁ ଇଂରେଜମାନଙ୍କ ଆଦେଶ ମୁତାବକ ରାଜ୍ୟବାସୀଙ୍କୁ ଶାସନ କରୁଥିଲେ। ସୁଶାସନ ପ୍ରତିବଦଳରେ ବେଠି, ବେଗାରି ଖଟଣି, ଜମି ହଡ଼ପ, ଭୂ-ରାଜସ୍ୱ ଆଦାୟ, ଅତିରିକ୍ତ କର ଧାର୍ଯ୍ୟ ଭଳି ପୂର୍ଣ୍ଣନୀତି ପ୍ରଣୟନ କରି କୁଶାସନରେ ଲିପ୍ତ ରହିଲେ। ଏପରିକି ଆଦିବାସୀଙ୍କ ସାମାଜିକ, ସଂସ୍କୃତି ଓ ଧାର୍ମିକ ପରମ୍ପରା ଛଡ଼ାଇ ଇଂରେଜ ପରମ୍ପରା ଓ ସଂସ୍କୃତିକୁ ଆଦରି ନେବାକୁ ବାଧ କରାଗଲା। ଗ୍ରାମରେ ସୁନ୍ଦର ସ୍ତ୍ରୀ ଓ ଝିଅମାନେ ଧର୍ଷଣରେ ଶିକାର ହେଲେ। ଇଂରେଜ ଓ ରାଜାଙ୍କର ଏଭଳି ମିଳିତ କୁଶାସନରୁ ମୁକ୍ତି ପାଇବା ପାଇଁ ଡିବା ଏବଂ କିସୁନ୍‌ଙ୍କ ନେତୃତ୍ୱରେ ବିଦ୍ରୋହର ମହାମନ୍ତ୍ର ପ୍ରଚାରିତ ହେଲା। ଅସଂଖ୍ୟ ସାନ୍ତାଳ ଆଦିବାସୀ ଡାଣ୍ଡ ପାହାଡ଼ ନିକଟରେ ଏକତ୍ରିତ ହେଲେ। ଡିବା ଏବଂ କିସୁନ୍ ଏ ସଂଗ୍ରାମରେ ଅଧିନାୟକ ହେଲେ। ଡାଣ୍ଡ ପାହାଡ଼ରୁ ୧୮୪୭ ରୁ ବିଦ୍ରୋହ ଆରମ୍ଭ କରି ୧୮୫୩ ମସିହା ପର୍ଯ୍ୟନ୍ତ ଏହି ବିଦ୍ରୋହ ଚାଲିଲା। ଇତି ମଧ୍ୟରେ ଖଜଣା ସଂଗ୍ରହକାରୀ, ଅଦାଲତ ଉପଦାଧିକାରୀ, ପୋଲିସ, ମହାଜନ ଓ ସାହୁକାରଙ୍କୁ ଧନୁତୀର, ଟାଙ୍ଗିଆ, ବର୍ଚ୍ଛାରେ ହାଣି ବଦଳା ନିଆଗଲା। ଟ୍ରେଜେରୀଗୁଡ଼ିକରେ ଲୁଣ୍ଠନ କରାଗଲା, ସରକାରୀ ବାସଭବନ, ବଙ୍ଗଳା, ଅନୁଷ୍ଠାନ ଓ କାର୍ଯ୍ୟାନୁଷ୍ଠାନରେ ନିଆଁ ଲଗାଇ ଦିଆଗଲା। ଯିବା ଆସିବା ରାସ୍ତାରେ ଇଂରେଜମାନଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଗଲା। ବିଦ୍ରୋହ ଉଗ୍ରରୂପ ଧାରଣ କରୁଥିବାବେଳେ ଭାଗ ନେଇଥିବା ସାନ୍ତାଳ ବିଦ୍ରୋହହୀମାନଙ୍କୁ ଇଂରେଜମାନଙ୍କ ଦ୍ୱାରା ଗୁଳି କରି ହଜାର ହଜାର ନିରୀହ ଲୋକଙ୍କୁ ମାରି ଦିଆଗଲା ଏବଂ ସାନ୍ତାଳ ଗ୍ରାମଗୁଡିକ ସଂପୂର୍ଣ୍ଣ ଧ୍ୱଂସ କରିଦିଆଗଲା। ୧୮୫୩ ମସିହାରେ ଡିବା-କିସୁନଙ୍କୁ ଧରିବାରେ ଇଂରେଜମାନେ ସଫଳ ହେଲେ। ତାଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରି ଦୁହିଁଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଗଲା। ଦୁଇ ଭାଇ ସ୍ୱାଧୀନତା ସଂଗ୍ରାମର ଇତିହାସରେ ଅମର ହେଲେ ଓ ନୂତନ ସ୍ତମ୍ଭ ଗଢ଼ିଲେ। ଡିବା ଏବଂ କିସୁନଙ୍କ ପରି ତ୍ୟାଗୀବୀରଙ୍କ ସ୍ମୃତି ଚିରଦିନ ଲାଗି ଭାରତବାସୀଙ୍କ ହୃଦକନ୍ଦରରେ ବିରାଜିତ ହେବ ନିଶ୍ଚୟ।

ଡିବା-କିସୁନ ବିଦ୍ରୋହ ପରେ ଭାରତରେ ଥିବା କୋଣ ଅନୁକୋଣରେ ଇଂରେଜ ବିରୋଧି ବିଦ୍ରୋହ ବ୍ୟାପିଲା। ଇଂରେଜ ଶାସନରୁ ମୁକ୍ତି ପାଇବା ପାଇଁ ମୁକ୍ତି ଆନ୍ଦୋଳନରେ ଆତ୍ମଝାସ ଦେଇଥିବା ଅନେକ ଆଦିବାସୀ ସଂଗ୍ରାମୀ ଇଂରେଜ ଗୁଳିରେ ଶହୀଦ ହୋଇଛନ୍ତି। ବିଭିନ୍ନ ସମୟରେ ଭିନ୍ନଭିନ୍ନ କାରଣରୁ ଆଦିବାସୀ ଆନ୍ଦୋଳନ ଏବଂ ଗଣ-ବିଦ୍ରୋହ ସଂଗଠିତ ହୋଇଛି। ବାବା ତିଲକା ମାଝୀଙ୍କ ନେତୃତ୍ୱରେ ହୋଇଥିବା ଇଂରେଜ ବିରୋଧୀ 'ତିଲକା ମାଝୀ ବିଦ୍ରୋହ' ୧୭୭୦ ରୁ ୧୭୮୪ ମସିହାରେ ଆରମ୍ଭ ହୋଇ କଙ୍କା-କାଳିଆଙ୍କ ଅଧିନାୟକରେ 'ମୟୂରଭଞ୍ଜ ସାନ୍ତାଳ ବିଦ୍ରୋହ' ୧୯୧୭ ମସିହା ଶେଷ ପର୍ଯ୍ୟନ୍ତ ବିଦ୍ରୋହ ଚାଲିଥିଲା। କେତେବେଳେ ରାଜତନ୍ତ୍ରର ଶୋଷଣ, ଅନ୍ୟାୟ, ଅତ୍ୟାଚାର ବିରୋଧରେ ବିଦ୍ରୋହ ତ କେତେବେଳେ ଇଂରେଜ ଶାସନ ପ୍ରତିବାଦରେ ଗଣ-ବିଦ୍ରୋହ ରୂପ ନେଇଛି, ପୁଣି କେତେବେଳେ ନିଜର ହକ-ଅଧିକାର ଓ ସ୍ୱାଭିମାନ ପାଇଁ ମହାବିଦ୍ରୋହରେ ପରିଣତ ହୋଇଛି। କିନ୍ତୁ ନିଜ ମାତୃଭୂମୀକୁ ଇଂରେଜ କବଳରୁ ରକ୍ଷା କରିବାକୁ ଯାଇ ବଳିଦାନ ଦେଇଥିବା ଅଗଣିତ ଆଦିବାସୀ ସଂଗ୍ରାମୀଙ୍କ ଜୀବନୀ ଚିରସ୍ମରଣୀୟ ଏବଂ ନମସ୍ୟ।


**ଦୁର୍ନୀତି ନିବାରଣ ଅଧିକାରୀ, ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର ଖଣ୍ଡ, ବାଲେଶ୍ୱର, ମୋବାଇଲ୍: ୯୩୩୭୪୦୪୨୫୪**


# ସତ୍ୟ ଶିବ ସୁନ୍ଦର ସତ୍ୟ ମହାନ, ନିଜେ ସତ୍ୟ ମୁରତି ଶ୍ରୀ ଭଗବାନ




**କିଶୋର କୁମାର ଜେନା**


ଭଗବାନ ସତ୍ୟ ଉପରେ ଆରୂଢ଼। ସତ୍ୟ ହିଁ ଭଗବାନ। ସତ୍ୟମେବ ଜୟତେ - ଏକମାତ୍ର ସତ୍ୟର ହିଁ ଜୟ ହୁଏ। ସତ୍ୟ ହିଁ ଧର୍ମପ୍ରାଣତା। ଧର୍ମପ୍ରାଣତା ହେଉଛି ଆଲୋକ ଏବଂ ଆଲୋକ ହେଉଛି ଆନନ୍ଦ। ଅହିଂସା, ବ୍ରହ୍ମଚର୍ଯ୍ୟ, ପବିତ୍ରତା, ନ୍ୟାୟ, ସଦଭାବନା, କ୍ଷମା, ଶାନ୍ତି ଏସବୁ ହେଉଛି ସତ୍ୟର ବିଭିନ୍ନ ରୂପ। ଶ୍ରୀ ଶଙ୍କରାଚାର୍ଯ୍ୟ କହିଛନ୍ତି - "ବ୍ରହ୍ମ ସତ୍ୟଂ ଜଗତ ମିଥ୍ୟା, ଜୀବ ବ୍ରହ୍ମୈବ ନାପରମ୍। ଅର୍ଥାତ୍ ବ୍ରହ୍ମ ହିଁ ସତ୍ୟ। ଜଗତ ହେଉଛି ମିଥ୍ୟା। ଜୀବ ଏବଂ ବ୍ରହ୍ମ ଅଭିନ୍ନ। ଏହି ବ୍ରହ୍ମ ଯାହାକି ଚୈତନ୍ୟ ସ୍ୱରୂପ ତାହା ସମସ୍ତ ସୃଷ୍ଟିରେ ମନୁଷ୍ୟ, ପଶୁ, ପକ୍ଷୀ, ବୃକ୍ଷଲତା, ଅଣୁ, ପରମାଣୁ - ସବୁଥିରେ ବିଦ୍ୟମାନ। ଗୁରୁ ହିଁ ବ୍ରହ୍ମା। ଗୁରୁଶକ୍ତି ହିଁ ବ୍ରହ୍ମଶକ୍ତି। ପରମବ୍ରହ୍ମଙ୍କର ବ୍ୟକ୍ତରୂପ ହେଉଛନ୍ତି ବ୍ରହ୍ମା-ବିଷ୍ଣୁ-ମହେଶ୍ୱର। ଏହି ତ୍ରିଶକ୍ତି ହେଉଛି ଈଶ୍ୱର ଏବଂ ଈଶ୍ୱର ଶରୀର ଧାରଣ କରି ବିଭିନ୍ନ ସମୟରେ ଧରାପୃଷ୍ଠରେ ଅବତରଣ କରିଥାନ୍ତି ଧର୍ମଗୁରୁ ଅଥବା ସଦଗୁରୁ ଭାବରେ। ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ ଉଲ୍ଲେଖ କରିଛନ୍ତି - "ସତ୍ୟକୁ ଜାଣିବାର ଅର୍ଥ ହେଉଛି ନିଜକୁ ଚିହ୍ନିବା। ନିଜର ଚୈତନ୍ୟସ୍ୱରୂପ ଆତ୍ମାକୁ ଚିହ୍ନିବା।'

ଯିଏ ସବୁ ଭିତରେ ସେହି ସର୍ବବ୍ୟାପୀ ଚୈତନ୍ୟର ଦର୍ଶନ କରେ ସେ ସତ୍ୟକୁ ଅନୁଭବ କରିପାରେ। ସତ୍ୟର ଅନୁଭବ ହୁଏ ଏକତ୍ୱରେ ପୂର୍ଣ୍ଣତାରେ ଯାହା ବ୍ୟକ୍ତ ଏବଂ ଅବ୍ୟକ୍ତର ସମାହାର। ସତ୍ୟ ଏକ, ଚିରନ୍ତନ। ଭଗବାନ ଶ୍ରୀସତ୍ୟସାଇ ବାବା ଏହି ଏକତ୍ୱର ପ୍ରତୀକ ଥିଲେ। ଭଗବାନ ଶ୍ରୀସତ୍ୟସାଇଙ୍କ ପୂର୍ବ ଅବତାର ଶିରିଡ଼ି ସାଇଙ୍କ ମୂଳ ମନ୍ତ୍ର ଥିଲା - "ସବକା ମାଲିକ ଏକ' (ସବୁର ଅଧିକାରୀ ସ୍ୱାମୀ ଜଣେ) ବେଦରେ କୁହାଯାଇଛି - "ଏକଂ ସତ୍ ବିପ୍ରାଃ ବହୁଧା ବଦନ୍ତି।' - ସତ୍ୟ ଏକ କିନ୍ତୁ ଜ୍ଞାନୀମାନେ ବିଭିନ୍ନ ଭାବରେ ବ୍ୟକ୍ତ କରନ୍ତି। ପ୍ରେମ ସ୍ୱରୂପ ଏବଂ ଶାନ୍ତିସ୍ୱରୂପ। କୁହାଯାଏ - "ଶାନ୍ତମ୍ ଶିବମ୍ ଅଦ୍ୱୈତମ୍'। ଯେଉଁଠି ଏକତ୍ୱ ରହିଛି, ସେଇଠି ରହିଛି ଶାନ୍ତି। ଏକରୁ ଦୁଇ ଅଥବା ଅନେକ ହୋଇଗଲେ କଳହ, ମତାନ୍ତର, ଅସ୍ଥିରତା ଓ ଅଶାନ୍ତି ସୃଷ୍ଟି ହୁଏ। ଯେହେତୁ ସତ୍ୟ ଏକ, ତେଣୁ ସତ୍ୟ ହିଁ ଶିବ। "ଶିବ'ର ଅନ୍ୟ ଏକ ଅର୍ଥ ହେଉଛି ଅସୀମତା - ଯାହା ସୀମିତ ନୁହେଁ। ଯେତେବେଳେ ଆମେ ନିଜକୁ କେବଳ ଶରୀର, ମନ ଓ ବୁଦ୍ଧି ସହିତ ଚିହ୍ନଟ କରୁ, ସେତେବେଳେ ଆମକୁ ଦୁଃଖ କଷ୍ଟର ଅନୁଭବ ହୁଏ। କିନ୍ତୁ ଆତ୍ମ - ଚୈତନ୍ୟ ପ୍ରସାରିତ ହେଲେ କେବଳ ଆତ୍ମା ଯେ ନିଜର ପ୍ରକୃତ ପରିଚୟ ତାହା ଉପଲବ୍ଧି ହୁଏ।



ଯାହା ସତ୍ୟ ଏବଂ ଶିବ (ମଙ୍ଗଳମୟ) ତାହା ସର୍ବୋତ ଭାବରେ ସୁନ୍ଦର। ସୌନ୍ଦର୍ଯ୍ୟ ସବୁବେଳେ ନୂତନ ଏବଂ ବର୍ତ୍ତମାନରେ ହିଁ ଅନୁଭୂତ ହୁଏ। ଯେ ସବୁରି ଭିତର ଏକତ୍ୱ ଅନୁଭବ କରେ ତା ପାଇଁ ଏ ସମଗ୍ର ସୃଷ୍ଟି ସୁନ୍ଦର। ଭଗବାନ ଶ୍ରୀ ସତ୍ୟସାଇଙ୍କର ସାକାର ରୂପ ଅତ୍ୟନ୍ତ ସୁନ୍ଦର ଓ ମନ ମୁଗ୍ଧକର କାରଣ ତାହା ପୂର୍ଣ୍ଣତାର ସ୍ୱରୂପ। ପୂର୍ଣ୍ଣତାରେ ହିଁ ଥାଏ ପ୍ରକୃତ ସୌନ୍ଦର୍ଯ୍ୟ। ସେ କୁହନ୍ତି "ଭଗବାନ ଏହି ସୁନ୍ଦର ସୃଷ୍ଟିର ନିର୍ମାଣ କର୍ତ୍ତା। ଏଣୁ ଏହି ସୃଷ୍ଟିର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଆମର କର୍ତ୍ତବ୍ୟ। ମନକୁ ଇଚ୍ଛାହୀନ କରି ଈଶ୍ୱର ଗଢ଼ିଥିବା ସୌନ୍ଦର୍ଯ୍ୟକୁ ନିରୀକ୍ଷଣ କଲେ ଇନ୍ଦ୍ରିୟ ସହଜରେ ସଂଜତ ହୋଇଯିବ। ସେହି ସୌନ୍ଦର୍ଯ୍ୟ ଦର୍ଶନରେ ଆମେ ଈଶ୍ୱରଙ୍କ ସତ୍ତାକୁ ଅନୁଭବ କରିପାରିବା।'

ଶ୍ରୀ ସତ୍ୟସାଇ ହେଉଛନ୍ତି ଏହି ଦିବ୍ୟାନନ୍ଦର ଉତ୍ସ ଯାହାଙ୍କର ଦର୍ଶନ, ସ୍ମରଣ, ଚିନ୍ତନ ଶରୀରରେ ଦିବ୍ୟ ରୋମାଞ୍ଚ ଆଣିଦିଏ, ଆତ୍ମା ଉତଫୁଲ୍ଲିତ ହୋଇଉଠେ ଏବଂ ଚିତ୍ତ ଶାନ୍ତ ହୁଏ। ଯାହାଙ୍କୁ ହୃଦୟରେ ଅନୁଭବ କଲାପରେ ଆଉ କିଛି ପ୍ରାପ୍ତ ହେବାର ଆବଶ୍ୟକତା କିମ୍ବା ଅଭିଳାଷ ନଥାଏ, ସେହି ସଦଗୁରୁ ପରମବ୍ରହ୍ମ ଶ୍ରୀ ସତ୍ୟସାଇ ବାବା ହେଉଛନ୍ତି ସତ୍ୟ, ଶିବ, ସୁନ୍ଦର। ସତ୍ୟ ଶିବ ଓ ସୁନ୍ଦର ସମ୍ପର୍କରେ ଆଲୋକପାତ କଲାବେଳେ ମନେପଡୁଛି କବିବର ରାଧାନାଥ ରାୟ ସେହି ସ୍ମରଣୀୟ ପଦ୍ୟାବଳୀଟି "ସତ୍ୟ ଶିବ ସୁନ୍ଦର ସତ୍ୟ ମହାନ, ନିଜେ ସତ୍ୟ ମୁରତି ଶ୍ରୀ ଭଗବାନ, ସକଳ ସଦା ଭବେ ସତ୍ୟ ସରଣୀ, ସତ୍ୟ ସେ ଭୀମ ଭବସିନ୍ଧୁ ତରଣୀ। ସତ୍ୟରେ ଦିଏ ପ୍ରଭା ଶଶୀ ନିଶାରେ, ବ୍ରହ୍ମାଣ୍ଡ ମାଳା ଗୁନ୍ଥା ସତ୍ୟର ଚାରେ। ସତ୍ୟଧର୍ମ ଏ ବେନି ନିତି ସଂଯୁକ୍ତ, ଏ ମହାବାଣୀ ବେଦେ ପୁରାଣେ ଉକ୍ତ। ଏକ ବିନୁ ଅପର ଥାଇ ନପାରେ। ସବୁ ଯେ ସତ୍ତ୍ୟ ତେଣୁ ନ ଟଳେ ଗାରେ। ସତ୍ୟ ଯେ ଦୀକ୍ଷାଶିକ୍ଷା ସତ୍ୟ ସେ ସାର, ସବୁ କୁଶଳରଟି ସତ୍ୟ ଭଣ୍ଡାର। ସତ୍ୟକୁ ଯେଉଁନର ଦୃଢ଼େ ଧରଇ, ଭୀମ ଭବାର୍ଣ୍ଣବ ସେ ହେଳେ ତରଇ।' ସତ୍ୟପଥର ପଥିକ ବଳବାନ, ଦୀର୍ଘଜୀବୀ, ସର୍ବଜ୍ଞ ଓ ସଦାସୁଖୀ ହୁଏ, କାରଣ ସେ ପରମାତ୍ମାଙ୍କର ନିକଟରୁ ନିକଟତର ହେବାକୁ ଲାଗେ।


**ବଙ୍ଗାଳିସାହି, କଟକ, ମୋବାଇଲ୍: ୭୩୨୫୯୦୪୯୨୭**

### ଋଣ ପରିଶୋଧ ଚିନ୍ତା

# ଗୋଟିଏ ପରିବାରର ୭ ଜଣଙ୍କ ଆତ୍ମହତ୍ୟା

**ଚଣ୍ଡିଗଡ଼, ୨୭।୫:** ହରିଆଣାର ପଞ୍ଚକୁଲାରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ଡେରାଡୁନର ଗୋଟିଏ ପରିବାରର ସାତ ଜଣ ସଦସ୍ୟ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ପଞ୍ଚକୁଲା ସେକ୍ଟର ୨୭ରେ ଥିବା ଏକ ଘର ବାହାରେ ପାର୍କିଂ ହୋଇଥିବା ଏକ କାର ଭିତରୁ ମୃତଦେହଗୁଡ଼ିକୁ ଉଦ୍ଧାର କରାଯାଇଛି। ତେବେ ଜୀବନ ହରାଇଥିବା ୭ ଜଣ ସଦସ୍ୟଙ୍କ ମଧ୍ୟରୁ ଜଣେ ଲୋକ ସ୍ଥାନୀୟ ବାସିନ୍ଦାଙ୍କୁ କହିଛନ୍ତି ଯେ ସେ ଋଣ ନସୁଝିପାରିବାରୁ ଏଭଳି ଚରମ ନିଷ୍ପତ୍ତି ନେଇଛନ୍ତି। ସେମାନେ ଋଣରେ ବୁଡ଼ିଥିବା ବେଳେ ଋଣ ପରିଶୋଧ କରିବା ପାଇଁ ସେମାନଙ୍କ ନିକଟରେ କୌଣସି ରାସ୍ତା ନଥିବାରୁ ଏପରି କରିଥିବା ବ୍ୟକ୍ତି ଜଣକ ସୂଚନା ଦେଇଛନ୍ତି।

ବ୍ୟକ୍ତି ଜଣଙ୍କୁ କାରରୁ ବାହାର କରିବା ବେଳେ ସେ କହୁଥିଲେ, 'ମୁଁ ପାଞ୍ଚ ମିନିଟ୍ ମଧ୍ୟରେ ମରିଯିବି। କାରଣ ମୁଁ ମଧ୍ୟ ବିଷ ଖାଇ ଦେଇଛି'। ସ୍ଥାନୀୟ ବାସିନ୍ଦା ପୁନିତ ରାଣା ତାଙ୍କୁ କାର୍‌ରୁ କାଢ଼ିବା ବେଳେ ସେ ଏପରି କହିଥିଲେ। ସେହି ବ୍ୟକ୍ତିଙ୍କ ଶେଷ ମୁହୂର୍ତ୍ତର ଏକ ଭିଡିଓରେ ସ୍ଥାନୀୟ ଲୋକମାନେ 'ତାଙ୍କୁ ପାଣି ଦିଅ' ବୋଲି କହୁଥିବା ଶୁଣିବାକୁ ମିଳୁଛି। ଅନ୍ୟମାନେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଘଟଣାସ୍ଥଳକୁ ଆସିବାକୁ କଲ କରିଥିଲେ। ରବିବାର ଦିନ ଏହି ଘଟଣା ଘଟିଥିଲା। ପରିବାର ପଞ୍ଚକୁଲା ବାଗେଶ୍ୱର ଧାମ ଦ୍ୱାରା ଆୟୋଜିତ ଏକ ହନୁମାନ କଥା କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ କରିଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମଟି ଶେଷ ହେବା ପରେ ସେମାନେ ଡେରାଡୁନ ଫେରିବା ବାଟରେ ଏହି ଚରମ ପଦକ୍ଷେପ ନେଇଥିଲେ। ମୃତକଙ୍କ ନାମ ୪୨ ବର୍ଷୀୟ ପ୍ରବୀଣ ମିତ୍ତଲ, ତାଙ୍କ ପିତା ଦେଶରାଜ ମିତ୍ତଲ ଏବଂ ତାଙ୍କ ପତ୍ନୀ, ପ୍ରବୀଣଙ୍କ ସ୍ତ୍ରୀ ଏବଂ ସେମାନଙ୍କର ତିନି ପିଲା, ଦୁଇ କିଶୋରୀ ଝିଅ ଏବଂ ଗୋଟିଏ ପୁଅ ବୋଲି ଚିହ୍ନଟ କରାଯାଇଛି। ପରିବାରର ଏକ ଟୁରସ ଆଣ୍ଡ୍ ଟ୍ରାଭେଲ୍ସ ବ୍ୟବସାୟ ଥିଲା ଯାହା ବହୁତ କ୍ଷତି ସହିଥିଲା ବୋଲି ଜଣାପଡ଼ିଛି।



### କାରରୁ ମିଳିଲା ମୃତଦେହ

ପୁଲିସ ପହଞ୍ଚିବା ସମୟରେ ମିତ୍ତଲ ପରିବାରର ଏକମାତ୍ର ସଦସ୍ୟ ଜୀବିତ ଥିଲେ କିନ୍ତୁ ପରେ ସେ ହସ୍ପିଟାଲରେ ମୃତ୍ୟୁବରଣ କରିଥିଲେ। କାରରୁ ଏକ ହାତଲେଖା ଚିଠି ଉଦ୍ଧାର କରାଯାଇଛି, ଯଦିଓ ଏହାର ବିବରଣୀ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ। ପଞ୍ଚକୁଲା ଡେପୁଟି ପୁଲିସ କମିଶନର ହିମାଦ୍ରି କୌଶିକ ଏବଂ ଡେପୁଟି ପୁଲିସ ଆଇନ ଏବଂ ଶୃଙ୍ଖଳା କମିଶନର ଅମିତ ଦହିଆ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୂତ୍ର ଅନୁଯାୟୀ ପ୍ରାରମ୍ଭିକ ଫଳାଫଳରୁ ଏହି ଚରମ ପଦକ୍ଷେପ ପଛରେ ଆର୍ଥିକ ସମସ୍ୟା ରହିଥିବା ଜଣାପଡିଛି। ସମ୍ପର୍କୀୟମାନେ କହିଛନ୍ତି ଯେ ପରିବାର ପଞ୍ଚକୁଲାରେ ରହୁଥିଲେ ଏବଂ ଆର୍ଥିକ ଅବସ୍ଥା ଭଲ ଥିଲା। ସେମାନେ ବ୍ୟବସାୟ କରୁଥିଲେ। କିନ୍ତୁ ବ୍ୟବସାୟରେ କ୍ଷତି ଏବଂ ଋଣ କାରଣରୁ ପ୍ରାୟ ଦଶ ବର୍ଷ ପୂର୍ବେ ପଞ୍ଚକୁଲାରୁ ଡେରାଡୁନକୁ ସ୍ଥାନାନ୍ତରିତ ହୋଇଥିଲେ।

### ବିହାରରେ ହାଇ ଆଲର୍ଟ

# ନେପାଳରୁ ସନ୍ଦିଗ୍ଧ ଡ୍ରୋନ୍ ପ୍ରବେଶ



**ପାଟନା, ୨୭।୫:** ସୋମବାର ରାତିରେ ନେପାଳରୁ ଭାରତୀୟ ବାୟୁସୀମାରେ ପ୍ରବେଶ କରୁଥିବା ୧୫ ରୁ ୨୦ ଡ୍ରୋନ୍ ଦେଖିବା ପରେ ମଙ୍ଗଳବାର ଦିନ ଭାରତ-ନେପାଳ ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବିହାର ପୁଲିସ ପକ୍ଷରୁ ହାଇ ଆଲର୍ଟ ଜାରି କରାଯାଇଛି। ମଧୁବନୀ ଜିଲ୍ଲାର କମଳା ସୀମା ପୁଲିସ ପୋଷ୍ଟ ଅଧୀନରେ ଥିବା ଅଞ୍ଚଳରେ ଡ୍ରୋନ୍ ପ୍ରାୟ ୪୦ ମିନିଟ୍ ପର୍ଯ୍ୟନ୍ତ ଉଡ଼ି ରହିଥିଲା ଏବଂ ନେପାଳ ଫେରି ଯାଇଥିଲା। ସଶସ୍ତ୍ର ସୀମା ବଳ ଏସଏସବି ଡେପୁଟି କମାଣ୍ଡାଣ୍ଟ ବିବେକ ଓଝା ନିଶ୍ଚିତ କରିଛନ୍ତି ଯେ ସୋମବାର ସନ୍ଧ୍ୟା ପ୍ରାୟ ୭.୩୦ ସମୟରେ କମଳା ସୀମା ପୁଲିସ ପୋଷ୍ଟ ଅଧୀନରେ ଆସୁଥିବା ଅଞ୍ଚଳରେ ୧୫-୨୦ ଡ୍ରୋନ୍ ପରି ଉପକରଣ ଆକାଶରେ ଉଡୁଥିବା ଦେଖାଯାଇଥିଲା। ପଶ୍ଚିମ-ପୂର୍ବ ଦିଗରୁ ଗତି କରି ସେମାନେ ନେପାଳ ଫେରି ଯାଇଥିଲେ। ଉପକରଣଗୁଡ଼ିକ ଭାରତୀୟ ବାୟୁସୀମାରେ ପ୍ରବେଶ କରି ଉତ୍ତର ନେପାଳ ଆଡକୁ ଫେରି ଯାଇଥିଲେ। ଓଝା ଆହୁରି କହିଛନ୍ତି ଯେ ଜାନକୀ ନଗର ବିଓପିରେ ନିୟୋଜିତ ଏସଏସବି କର୍ମଚାରୀମାନେ ନେପାଳ ଫେରିବା ସମୟରେ ଉପକରଣଗୁଡ଼ିକୁ ଦେଖିଥିଲେ। ତୁରନ୍ତ ସେମାନଙ୍କର ବରିଷ୍ଠ ଅଧିକାରୀମାନଙ୍କୁ ସତର୍କ କରାଇ ଦେଇଥିଲେ। ପରେ ଦରଭଙ୍ଗା ବାୟୁସେନା ଏବଂ ଦିଲ୍ଲୀ ବାୟୁସେନା ଷ୍ଟେସନର ଅଧିକାରୀମାନଙ୍କୁ ବାର୍ତ୍ତା ଦେଇଥିଲେ। ଏସଏସବି ମଧ୍ୟ ନେପାଳର ସୁରକ୍ଷା ଅଧିକାରୀମାନଙ୍କ ସହିତ ନିୟମିତ ଉଡ଼ାଣ ଡ୍ରୋନ୍ ଅଭ୍ୟାସ ସମ୍ପର୍କରେ ପଚରାଉଚରା କରିଥିଲା, କିନ୍ତୁ ସେମାନେ ଏପରି କୌଣସି କାର୍ଯ୍ୟକଳାପ କରିବାକୁ ମନା କରିଥିବା ଜଣାପଡ଼ିଛି। ଡ୍ରୋନ୍‌ର ପ୍ରକୃତି ଏବଂ ଉଦ୍ଦେଶ୍ୟ ତଦନ୍ତାଧୀନ ରହିଛି ବୋଲି ଡେପୁଟି କମାଣ୍ଡାଣ୍ଟ ଓଝା କହିଛନ୍ତି। ଗଲଗାଲିଆ ପୋଲିସ ଷ୍ଟେସନର ଷ୍ଟେସନ ହାଉସ୍ ଅଫିସର ରାକେଶ କୁମାର କହିଛନ୍ତି ଯେ ସୀମାନ୍ତ ଅଞ୍ଚଳରେ ଏକ ଘନିଷ୍ଠ ଯାଞ୍ଚ ଅଭିଯାନ ଆରମ୍ଭ କରାଯାଇଛି। ସୁରକ୍ଷା କାରଣରୁ କଡ଼ା ସତର୍କତା ଅବଲମ୍ବନ କରାଯାଉଛି ଏବଂ ନେପାଳରୁ ଆସୁଥିବା ଲୋକଙ୍କୁ ତଲାସି କରାଯାଉଛି। ଅପରେସନ୍ ସିନ୍ଦୂର ପରେ ଭାରତ-ନେପାଳ ସୀମାରେ ପାଟ୍ରୋଲିଂକୁ ଜୋରଦାର କରାଯାଇଛି। ସନ୍ଦିଗ୍ଧ ବ୍ୟକ୍ତିଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ସାଦା ପୋଷାକରେ ପୁଲିସ କର୍ମଚାରୀମାନଙ୍କୁ ମଧ୍ୟ ନିୟୋଜିତ କରାଯାଇଛି।।

# ୬୮ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି



**ନୂଆଦିଲ୍ଲୀ, ୨୭।୫:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଦ୍ୱିତୀୟ ପର୍ଯ୍ୟାୟ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି। ପୂର୍ବତନ ମୁଖ୍ୟ ବିଚାରପତି ଜଗଦୀଶ ସିଂହ ଖେହର, ନୃତ୍ୟଶିଳ୍ପୀ ଶୋଭନା ଚନ୍ଦ୍ରକୁମାର, ଅଭିନେତା ଅନନ୍ତ ନାଗ ଏବଂ ପ୍ରତିଷ୍ଠିତ କିଙ୍ଗ ଜର୍ଜ ମେଡିକାଲ୍ ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍ସେଲର ସୋନିଆ ନିତ୍ୟାନନ୍ଦଙ୍କ ସମେତ ୬୮ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ପଦ୍ମ ପୁରସ୍କାର ପ୍ରଦାନ କରାଯାଇଛି। ଜାନୁଆରି ୨୫ ତାରିଖରେ ୭୬ତମ ଗଣତନ୍ତ୍ର ଦିବସର ପୂର୍ବ ସନ୍ଧ୍ୟାରେ ଦେଶର ନାଗରିକ ପୁରସ୍କାର - ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ ପାଇଁ ମୋଟ ୧୩୯ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମନୋନୀତ କରାଯାଇଥିଲା। ଉପରାଷ୍ଟ୍ରପତି ଜଗଦୀପ ଧନଖର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଉପସ୍ଥିତିରେ ମଙ୍ଗଳବାର ରାଷ୍ଟ୍ରପତି ଭବନରେ ଦ୍ୱିତୀୟ ନାଗରିକ ପୁରସ୍କାର ପ୍ରଦାନ ଉତ୍ସବରେ ୬୮ ଜଣ ମନୋନୀତ ବ୍ୟକ୍ତିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏପ୍ରିଲ ୨୮ ତାରିଖରେ ପ୍ରଥମ ପୁରସ୍କାର ପ୍ରଦାନ ସମାରୋହରେ ରାଷ୍ଟ୍ରପତି ମୁର୍ମୁ ୭୧ ଜଣ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଥିଲେ। ମଙ୍ଗଳବାର ଦିନ ରାଷ୍ଟ୍ରପତି ଭବନର ଗଣତନ୍ତ୍ର ମଣ୍ଡପରେ ଅନୁଷ୍ଠିତ ଉତ୍ସବରେ ରାଷ୍ଟ୍ରପତି ମୁର୍ମୁ ସାର୍ବଜନୀନ ବ୍ୟାପାର ପାଇଁ ଜଷ୍ଟିସ୍ (ଅବସରପ୍ରାପ୍ତ) ଖେହରଙ୍କୁ ଦେଶର ଦ୍ୱିତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମ ବିଭୂଷଣ ପ୍ରଦାନ କରିଥିଲେ। ସ୍ୱର୍ଗତ କଥକ ନୃତ୍ୟଶିଳ୍ପୀ କୁମୁଦିନୀ ରଜନୀକାନ୍ତ ଲାଖିଆ ଏବଂ ସ୍ୱର୍ଗତ ପ୍ରସିଦ୍ଧ ଲୋକ ଗାୟିକା ଶାରଦା ସିହ୍ନାଙ୍କ ପୁରସ୍କାର ଲାଖିଆଙ୍କ ନାତି ଏବଂ ସିହ୍ନାଙ୍କ ପୁଅ ଗ୍ରହଣ କରିଥିଲେ। ରାଷ୍ଟ୍ରପତି ଏହି ସମାରୋହରେ ନୃତ୍ୟଶିଳ୍ପୀ ଏବଂ ଅଭିନେତା ଶୋଭନା ଚନ୍ଦ୍ରକୁମାର, ବ୍ୟବସାୟୀ ନାଲି କୁପ୍ପୁସ୍ୱାମୀ ଚେଟ୍ଟି, ପ୍ରତ୍ନତତ୍ତ୍ୱବିତ୍ କୈଳାସ ନାଥ ଦୀକ୍ଷିତ, ନୃତ୍ୟଶିଳ୍ପୀ ଜତୀନ ଗୋସ୍ୱାମୀ, ଅଭିନେତା ଅନନ୍ତ ନାଗ ଏବଂ ସାଧ୍ୱୀ ରୀତାମ୍ଭରାଙ୍କ ସମେତ ପ୍ରସିଦ୍ଧ ନଅ ଜଣଙ୍କୁ ପଦ୍ମ ଭୂଷଣ ତୃତୀୟ ସର୍ବୋଚ୍ଚ ନାଗରିକ ପୁରସ୍କାର ପ୍ରଦାନ କରିଥିଲେ। ଅର୍ଥନୀତିଜ୍ଞ ବିବେକ ଦେବରୟ ଏବଂ ପୂର୍ବତନ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏବଂ ଲୋକସଭା ବାଚସ୍ପତି ମନୋହର ଯୋଶୀଙ୍କ ପାଇଁ ପୁରସ୍କାର ଦେବରୟଙ୍କ ପତ୍ନୀ ଏବଂ ଯୋଶୀଙ୍କ ପୁଅ ଗ୍ରହଣ କରିଥିଲେ। ଏହି ପୁରସ୍କାରଗୁଡ଼ିକ କଳା, ସାମାଜିକ କାର୍ଯ୍ୟ, ସାର୍ବଜନୀନ ବ୍ୟାପାର, ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ବାଣିଜ୍ୟ ଏବଂ ଶିଳ୍ପ, ଔଷଧ, ସାହିତ୍ୟ ଏବଂ ଶିକ୍ଷା, କ୍ରୀଡା ଏବଂ ନାଗରିକ ସେବା ଭଳି ବିଭିନ୍ନ ବିଷୟ ଏବଂ କ୍ଷେତ୍ରଗୁଡ଼ିକରେ ପ୍ରଦାନ କରାଯାଇଥାଏ।

### ପୂର୍ବତନ ସିଜେଆଇ ଖେହର, ନୃତ୍ୟଶିଳ୍ପୀ ଶୋଭନା ପାଇଲେ ପଦ୍ମ ବିଭୂଷଣ

### ପୁଣି ମୋଦିଙ୍କ ଟାର୍ଗେଟରେ ପାକିସ୍ତାନ

# ଆତଙ୍କବାଦୀ କାର୍ଯ୍ୟକଳାପ ଛାୟା ଯୁଦ୍ଧ ନୁହେଁ

ଗାନ୍ଧିନଗର, ୨୭।୫: ଗୁଜରାଟର ଗାନ୍ଧିନଗରରେ ଗୁଜରାଟ ସହରୀ ବିକାଶ କାହାଣୀର ୨୦ ବର୍ଷ ପାଳନ ସମାରୋହରେ ଉଦବୋଧନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସମାବେଶକୁ ସମ୍ବୋଧିତ କରି ସେ କହିଥିଲେ ଯେ ଭଦୋଦରା, ଦାହୋଡ଼, ଭୁଜ, ଅହମ୍ମଦାବାଦ ଏବଂ ଗାନ୍ଧିନଗର ଗସ୍ତ ସମୟରେ ସେ ଅପରେସନ ସିନ୍ଦୂରର ସଫଳତା ଶବ୍ଦ ଶୁଣି ଏବଂ ତ୍ରିରଙ୍ଗା ଉଡ଼ିବାର ଦେଖିବା ସହିତ ଦେଶପ୍ରେମର ଉତ୍ସାହ ଅନୁଭବ କରିଛନ୍ତି। ଭାରତ ଆତଙ୍କବାଦର କଣ୍ଟାକୁ ଦୂର କରିବା ପାଇଁ ମନ ସ୍ଥିର କରିଥିଲା ଏବଂ ସମ୍ପୂର୍ଣ୍ଣ ଦୃଢ଼ତାର ସହିତ ଏହାକୁ କାର୍ଯ୍ୟକାରୀ କରିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଗୁଜରାଟର ସହରାଞ୍ଚଳ ବିକାଶ ର ୨୦ ବର୍ଷ ପୂର୍ତ୍ତି ପାଳନର ଅଂଶ ଭାବରେ ୫,୫୩୬ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଉଦଘାଟନ କରିଛନ୍ତି। ୧୯୪୭ ମସିହାରେ ଭାରତକୁ ତିନୋଟି ଭାଗରେ ବିଭାଜିତ କରାଯିବା ପରେ ଭାରତ ଉପରେ ହୋଇଥିବା ପ୍ରଥମ ଆତଙ୍କବାଦୀ ଆକ୍ରମଣକୁ ମନେ ପକାଇ ମୋଦି କହିଥିଲେ ଯେ, ପାକିସ୍ତାନ ଆତଙ୍କବାଦୀମାନଙ୍କୁ ଆଶ୍ରୟ ଦେଇ ଗୋଟିଏ ଅଂଶ ହଡ଼ପ କରିଥିଲା। ସେ ସର୍ଦ୍ଦାର ପଟେଲଙ୍କ ଦୃଷ୍ଟିକୋଣକୁ ମନେ ପକାଇଥିଲେ ଏବଂ କହିଥିଲେ ଯେ ପାକିସ୍ତାନ ଅଧିକୃତ କାଶ୍ମୀର ( ପିଓକେ ) ପୁନରୁଦ୍ଧାର ନହେବା ପର୍ଯ୍ୟନ୍ତ ଭାରତୀୟ ସେନା ଅଟକିବା ଉଚିତ୍ ନୁହେଁ। ତଥାପି ପଟେଲଙ୍କ ପରାମର୍ଶ ପାଳନ କରାଯାଇ ନଥିଲା।



ଆତଙ୍କବାଦର ଏହି ଐତିହ୍ୟ ଗତ ୭୫ ବର୍ଷ ଧରି ଜାରି ରହିଛି ଏବଂ ପହଲଗାଓଁରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଏହାର ଆଉ ଏକ ଭୟଙ୍କର ରୂପ ଥିଲା। ତିନି ଥର ଭାରତର ସଶସ୍ତ୍ର ବାହିନୀ ପାକିସ୍ତାନକୁ ନିର୍ଣ୍ଣାୟକ ଭାବରେ ପରାସ୍ତ କରିଥିଲା। ଯାହା ସ୍ପଷ୍ଟ କରେ ଯେ, ପାକିସ୍ତାନ ସିଧାସଳଖ ସାମରିକ ସଂଘର୍ଷରେ ବିଜୟୀ ହୋଇପାରିବ ନାହିଁ। ପଡ଼ୋଶୀ ଦେଶ ଛାୟା ଯୁଦ୍ଧ ଆରମ୍ଭ କରିଛି। ସେ ବ୍ୟାଖ୍ୟା କରିଥିଲେ ଯେ, ପ୍ରଶିକ୍ଷିତ ଆତଙ୍କବାଦୀମାନଙ୍କୁ ରୀତିମତ ସାମରିକ ତାଲିମ ମାଧ୍ୟମରେ ଭାରତରେ ଅନୁପ୍ରବେଶ କରାଯାଉଥିଲା, ଯାହାର ଲକ୍ଷ୍ୟ ଥିଲା ଶାନ୍ତିପୂର୍ଣ୍ଣ ତୀର୍ଥଯାତ୍ରା କରୁଥିବା ଲୋକଙ୍କ ସମେତ ନିରୀହ ଏବଂ ନିରସ୍ତ୍ର ସାଧାରଣ ଲୋକଙ୍କୁ ଟାର୍ଗେଟ କରିବା। ଭାରତ ସଦାସର୍ବଦା ପ୍ରଗତି ଏବଂ ସମସ୍ତଙ୍କ କଲ୍ୟାଣ ପାଇଁ ପ୍ରୟାସ କରିଆସିଛି, ସଙ୍କଟ ସମୟରେ ସହାୟତା ପ୍ରଦାନ କରୁଛି। ତଥାପି ଏହି ପ୍ରୟାସ ସତ୍ତ୍ୱେ, ଦେଶ ପ୍ରାୟତଃ ହିଂସାତ୍ମକ ପ୍ରତିଶୋଧର ସମ୍ମୁଖୀନ ହୋଇଛି। ଯୁବ ପିଢ଼ିଙ୍କୁ ସମ୍ବୋଧିତ କରି ସେ ସେମାନଙ୍କୁ ଆହ୍ୱାନ କରିଥିଲେ ଯେ, ଦଶନ୍ଧି ଧରି ଦେଶ କିପରି ଦୁର୍ବଳ ହୋଇଛି ତାହା ଜାଣି ପାରିବା ଉଚିତ। ସିନ୍ଧୁ ଜଳ ଚୁକ୍ତିନାମା ଯାହା ସ୍ଥଗିତ ରଖାଯାଇଥିଲା, ସେ ବିଷୟରେ ଆଲୋଚନା କରି ପ୍ରଧାନମନ୍ତ୍ରୀ ଜମ୍ମୁ ଏବଂ କାଶ୍ମୀରରେ ଜଳସମ୍ପଦ ସହ ଜଡିତ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଭାରତ କୌଣସି ଶତ୍ରୁତା ଚାହେଁ ନାହିଁ ଏବଂ ଶାନ୍ତି ଓ ସମୃଦ୍ଧି ପାଇଁ ଆଶାପ୍ରକାଶ କରେ ବୋଲି ଗୁରୁତ୍ୱାରୋପ କରି ମୋଦି ଦେଶର ପ୍ରଗତି ଏବଂ ବିଶ୍ୱ କଲ୍ୟାଣରେ ଯୋଗଦାନ ପ୍ରତି ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ମେ ୨୬ ତାରିଖକୁ ମନେ ପକାଇ ମୋଦି ଉଲ୍ଲେଖ କରିଥିଲେ ଯେ, ଏହା ୨୦୧୪ ରେ ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର ପ୍ରଥମ ଶପଥ ଗ୍ରହଣର ବାର୍ଷିକୀ ଥିଲା। ସେତେବେଳେ ଭାରତ ବିଶ୍ୱ ଅର୍ଥନୀତିରେ ୧୧ତମ ସ୍ଥାନରେ ଥିଲା। ସେ କୋଭିଡ-୧୯ ବିରୋଧରେ ଲଢ଼ିବା, ପଡ଼ୋଶୀ ରାଷ୍ଟ୍ରଗୁଡ଼ିକୁ ନେଇ ରହିଥିବା ସମସ୍ୟା ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମେତ ସାମ୍ନା କରୁଥିବା ଆହ୍ୱାନଗୁଡ଼ିକୁ ସ୍ୱୀକାର କରିଥିଲେ। ଏହି ବାଧା ସତ୍ତ୍ୱେ ସେ ଭାରତର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ, ଯାହା ବିଶ୍ୱ ସ୍ତରରେ ୧୧ତମ ସ୍ଥାନରୁ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ସହରାଞ୍ଚଳ ବିକାଶ ପ୍ରତି ଗୁଜରାଟ ସରକାରଙ୍କ ପ୍ରତିବଦ୍ଧତାରେ ଖୁସି ପ୍ରକାଶ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ରାଜ୍ୟ ୨୦୦୫ ମସିହାରେ ଏହି ପ୍ରୟାସ ଆରମ୍ଭ କରିଥିଲା ଏବଂ ବର୍ତ୍ତମାନ ଏହାର ଦୁଇ ଦଶନ୍ଧିର ପ୍ରଗତି ହେଉଛି। ସିନ୍ଦୂର ଅପରେସନ୍ କେବଳ ଏକ ସାମରିକ ପଦକ୍ଷେପ ନୁହେଁ ବରଂ ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ଦ୍ୱାରା ଭାଗୀଦାରିତାର ଏକ ଦାୟିତ୍ୱ। ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଗୁଜରାଟର ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ, ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ରଭାଇ ପଟେଲ, କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ଏବଂ ସିଆର ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ।

### ଶତ୍ରୁତା ନୁହେଁ, ଶାନ୍ତି ଚାହୁଁ

### ୫୫୩୬ କୋଟି ଟଙ୍କାର ପ୍ରକଳ୍ପ ଉଦଘାଟନ

### ସର୍ଦ୍ଦାର ପଟେଲଙ୍କ କଥା ଶୁଣି ନଥିଲା କଂଗ୍ରେସ

### ଦମ୍ପତିଙ୍କୁ ସୁପ୍ରିମକୋର୍ଟଙ୍କ ହୃଦୟସ୍ପର୍ଶୀ ପରାମର୍ଶ

# ଶାନ୍ତ ପରିବେଶରେ ଆଲୋଚନା କରନ୍ତୁ

**ନୂଆଦିଲ୍ଲୀ, ୨୭।୫:** ସୁପ୍ରିମକୋର୍ଟ ଛାଡପତ୍ର ପ୍ରକ୍ରିୟା ଦେଇ ଯାଉଥିବା ଜଣେ ଦମ୍ପତିଙ୍କୁ ହୃଦୟସ୍ପର୍ଶୀ ପରାମର୍ଶ ଦେଇ ଚର୍ଚ୍ଚାରେ ରହିଛନ୍ତି। କୋର୍ଟ ଛାଡପତ୍ର ପାଇଁ ଆବେଦନ କରିଥିବା ଦମ୍ପତିଙ୍କୁ ପରାମର୍ଶ ଦେଇ କହିଛନ୍ତି, 'କୋର୍ଟରୁମ ବାହାରେ ଏକ ଶାନ୍ତ ପରିବେଶରେ ମନାନ୍ତର ମତାନ୍ତର ବିଷୟରେ ଆଲୋଚନା କରି ମାମଲାର ସମାଧାନ କରିବାକୁ ଚେଷ୍ଟା କରନ୍ତୁ। ଏକାଠି ରାତ୍ରୀ ଭୋଜନ କରିବାକୁ ଯାଆନ୍ତୁ। କାରଣ ସେମାନଙ୍କ ମତଭେଦ ସେମାନଙ୍କର ପିଲାଙ୍କ ଉପରେ ମଧ ପ୍ରଭାବ ପକାଇଥାଏ। ତେଣୁ ଏହାକୁ ଯଥାସମ୍ଭବ ଅତୁଟ ରଖିବା ପାଇଁ ଆମେ ସର୍ବଦା ଚେଷ୍ଟା କରିଥାଉ। ଏହି ଛାଡ଼ପତ୍ର ମାମଲା ବିଚାରପତି ବିଭି ନାଗରତ୍ନା ଏବଂ ବିଚାରପତି ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠରେ ଥିଲା। ଜଣେ ଫ୍ୟାସନ୍ ଉଦ୍ୟୋଗୀ ମହିଳା ତାଙ୍କ ତିନି ବର୍ଷର ପୁଅକୁ ବିଦେଶ ଯାତ୍ରାରେ ନେବା ପାଇଁ କୋର୍ଟଙ୍କୁ ଅନୁମତି ମାଗିଥିଲେ। କାରଣ ତାଙ୍କର ଛାଡପତ୍ର ମାମଲା ପୂର୍ବରୁ କୋର୍ଟରେ ଚାଲିଛି। ସ୍ୱାମୀ ଓ ସ୍ତ୍ରୀ ଦୁହେଁ ସେମାନଙ୍କ ପୁଅର ହେପାଜତ ପାଇଁ ଆଇନଗତ ଲଢ଼େଇ ମଧ ଲଢୁଛନ୍ତି। ଖଣ୍ଡପୀଠ ଛାଡପତ୍ର ପ୍ରକ୍ରିୟା ଦେଇ ଯାଉଥିବା ଉକ୍ତ ଦମ୍ପତିଙ୍କୁ ପରାମର୍ଶ ଦେଇ କହିଥିଲେ, 'ତୁମର ଏକ ତିନି ବର୍ଷର ପିଲା ଅଛି। ଉଭୟ ପକ୍ଷ ମଧ୍ୟରେ ଅହଂକାରର କ'ଣ ଆବଶ୍ୟକ ରହିଛି? ଆମର କ୍ୟାଣ୍ଟିନ୍ ଏଥିପାଇଁ ଯଥେଷ୍ଟ ନ ହୋଇପାରେ, କିନ୍ତୁ ଆମେ ଆପଣଙ୍କୁ ଆଉ ଏକ ଡ୍ରଇଂ ରୁମ୍ ଯୋଗାଇ ଦେବୁ। ଆଜି ରାତିରେ ସେଠାରେ ରାତ୍ରୀ ଭୋଜନ ପାଇଁ ଭେଟ ହୁଅନ୍ତୁ। ସେଠାରେ ଅନେକ ବିଷୟରେ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯାଇ ପାରିବ। କାରଣ ଆମେ ଏମିତି ଅନେକ ଘଟଣା ଦେଖିଛୁ ଯାହାକି ଶାନ୍ତ ପରିବେଶରେ ଉଭୟପକ୍ଷ କିଛି ସମୟ ବସି ଆଲୋଚନା କରିବା ଦ୍ୱାରା ବଡ଼ବଡ଼ ସମସ୍ୟାର ବି ସାମାଧାନ ହୋଇଯାଇଥାଏ।'



## ଗିରଫ ପାଇଁ ୱାରେଣ୍ଟ ଯଥେଷ୍ଟ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୭।୫:** ଗିରଫଦାରୀର ନିୟମ ସମ୍ପର୍କରେ ସୁପ୍ରିମକୋର୍ଟ ଏକ ବଡ଼ ରାୟ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଯଦି ୱାରେଣ୍ଟ ଉପଲବ୍ଧ ଅଛି, ତେବେ ଗିରଫଦାରୀ ପାଇଁ ଅନ୍ୟ କୌଣସି କାରଣ ଦର୍ଶାଇବାର ଆବଶ୍ୟକତା ନାହିଁ। ଜଷ୍ଟିସ ଜେବି ପାରଦିୱାଲା ଏବଂ ଆର ମହାଦେବନଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ଏକ ମାମଲାର ଶୁଣାଣି କରି ଏହି ନିଷ୍ପତ୍ତି ଦେଇଛନ୍ତି। ସୁପ୍ରିମକୋର୍ଟ ତାଙ୍କ ନିଷ୍ପତ୍ତିରେ କହିଛନ୍ତି ଯେ ଯଦି ଜଣେ ବ୍ୟକ୍ତିଙ୍କୁ ୱାରେଣ୍ଟ ଆଧାରରେ ଗିରଫ କରାଯାଏ, ତେବେ ସେହି ଗିରଫଦାରୀର ଆଧାର ହେଉଛି ୱାରେଣ୍ଟ। ଯଦି ଜଣେ ବ୍ୟକ୍ତିଙ୍କୁ ଗିରଫ ପାଇଁ ୱାରେଣ୍ଟ ପଢ଼ି ଶୁଣାଯାଏ, ତେବେ ସ୍ୱୟଂଚାଳିତ ଭାବରେ ସେହି ବ୍ୟକ୍ତିଙ୍କୁ ଗିରଫର କାରଣ ବିଷୟରେ ଜଣାଇ ଦିଆଯିବା ଉଚିତ। କୋର୍ଟ କହିଛନ୍ତି ଯେ ଯଦି କୌଣସି ବ୍ୟକ୍ତିଙ୍କୁ ବିନା ୱାରେଣ୍ଟରେ ଗିରଫ କରାଯାଏ, ତେବେ ତାଙ୍କୁ କାହିଁକି ଗିରଫ କରାଯାଇଛି ସେ ବିଷୟରେ ସୂଚନା ଦେବାକୁ ପଡିବ। ପ୍ରକୃତରେ ଜଣେ ଆବେଦନକାରୀ ତାଙ୍କ ପୁଅର କଥିତ ଅବୈଧ ଗିରଫଦାରୀକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଥିଲେ। ଆବେଦନକାରୀ ପୂର୍ବରୁ ଟ୍ରାଏଲ୍ କୋର୍ଟ ଏବଂ ହାଇକୋର୍ଟରୁ ନିରାଶ ହୋଇଥିଲେ। ଆବେଦନକାରୀ ଦାବି କରିଥିଲେ ଯେ ତାଙ୍କ ପୁଅର ଗିରଫଦାରୀ ସମ୍ବିଧାନର ଧାରା ୨୨(୧) ର ବାଧ୍ୟତାମୂଳକ ବ୍ୟବସ୍ଥା ପାଳନ କରୁନାହିଁ। ତେଣୁ ଏହି ଗିରଫଦାରୀ ବେଆଇନ ଥିଲା। ତଥାପି ସୁପ୍ରିମକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି ଯେ ସମ୍ବିଧାନର ଧାରା ୨୨(୧) ଅନୁଯାୟୀ ଗିରଫଦାରୀର କାରଣ କେବଳ ସେତେବେଳେ ଉଲ୍ଲେଖ କରିବାକୁ ପଡିବ ଯେତେବେଳେ ଗିରଫଦାରୀ ୱାରେଣ୍ଟ ନଥାଏ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯେତେବେଳେ ଜଣେ ବ୍ୟକ୍ତିଙ୍କୁ ୱାରେଣ୍ଟ ଆଧାରରେ ଗିରଫ କରାଯାଏ, ସେତେବେଳେ ସମ୍ବିଧାନର ଧାରା ୨୨(୧) ଅନୁଯାୟୀ ଗିରଫଦାରୀର କାରଣ ପୃଥକ ଭାବରେ ଉଲ୍ଲେଖ କରିବାର କୌଣସି ଆବଶ୍ୟକତା ନାହିଁ। ଗିରଫଦାରୀର ଆଧାର ହେଉଛି ୱାରେଣ୍ଟ। ୱାରେଣ୍ଟକୁ ଜୋରରେ ପଢ଼ିବା ଦ୍ୱାରା ବ୍ୟକ୍ତିଙ୍କୁ ଗିରଫ କରାଯିବାର କାରଣ ପ୍ରଦାନ କରିବାର ସାମ୍ବିଧାନିକ ଦାୟିତ୍ୱ ପୂରଣ ହୁଏ।

### ଆତ୍ମନିର୍ଭର ଭାରତ

# ଅତ୍ୟାଧୁନିକ ମଧ୍ୟମ ଲଢୁଆ ବିମାନ ନିର୍ମାଣକୁ ମଞ୍ଜୁର




**ନୂଆଦିଲ୍ଲୀ, ୨୭।୫:** ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଅତ୍ୟାଧୁନିକ ମଧ୍ୟମ ଲଢୁଆ ବିମାନ (ଏଏମସିଏ) କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଢାଞ୍ଚାକୁ ଅନୁମୋଦନ କରିଛନ୍ତି। ଏରୋନଟିକାଲ୍ ଡେଭଲପମେଣ୍ଟ ଏଜେନ୍ସି (ଏଡିଏ) ଶିଳ୍ପ ସହଭାଗିତା ମାଧ୍ୟମରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବାକୁ ପ୍ରସ୍ତୁତ ରହିଛି। ଭାରତର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ବୃଦ୍ଧି କରିବା ଏବଂ ଏକ ଦୃଢ଼ ଘରୋଇ ଏରୋସ୍ପେସ୍ ଶିଳ୍ପ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ। ଏହି କାର୍ଯ୍ୟକାରିତା ମଡେଲ ଦୃଷ୍ଟିକୋଣ ପ୍ରତିଯୋଗିତାମୂଳକ ଆଧାରରେ ଘରୋଇ ଏବଂ ସରକାରୀ ଉଭୟ କ୍ଷେତ୍ରକୁ ସମାନ ସୁଯୋଗ ପ୍ରଦାନ କରିଥାଏ। ସେମାନେ ସ୍ୱାଧୀନ ଭାବରେ, ଯୌଥ ଉଦ୍ୟୋଗ ଭାବରେ, ମିଳିତ ଭାବରେ ବିଡ୍ ଦାଖଲ କରିପାରିବେ। ସଂସ୍ଥା/ବିଡର ଭାରତୀୟ କମ୍ପାନୀ ହୋଇଥିବା ଆବଶ୍ୟକ ଏବଂ ଦେଶର ଆଇନ ଓ ନିୟମକୁ ପାଳନ କରୁଥିବା ଆବଶ୍ୟକ। ଏହା ସ୍ୱଦେଶୀ ବିଶେଷଜ୍ଞତା, କ୍ଷମତା ଏବଂ ସାମର୍ଥ୍ୟକୁ ଉପଯୋଗ କରି ଏଏମସିଏ ପ୍ରୋଟୋଟାଇପ୍ ବିକଶିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା ମହାକାଶ କ୍ଷେତ୍ରରେ ଆତ୍ମନିର୍ଭରତା ଦିଗରେ ଏକ ପ୍ରମୁଖ ମାଇଲଖୁଣ୍ଟ ହେବ। ଏରୋନଟିକାଲ୍ ଡେଭଲପମେଣ୍ଟ ଏଜେନ୍ସି ଖୁବଶୀଘ୍ର ଅତ୍ୟାଧୁନିକ ମଧ୍ୟମ ଲଢୁଆ ବିମାନ ବିକାଶ ପାଇଁ ଆଗ୍ରହ ଅଭିବ୍ୟକ୍ତି (ଇଓଆଇ) ଜାରି କରିବ। ଏଏମସିଏ ହେଉଛି ଏଡିଏର ଏକ ମହତ୍ୱାକାଂକ୍ଷୀ ପ୍ରକଳ୍ପ, ଯାହା ଭାରତୀୟ ବାୟୁସେନାର ଆବଶ୍ୟକତା ଅନୁଯାୟୀ ଡିଜାଇନ୍ ଏବଂ ବିକଶିତ ହୋଇଥିବା ଏକ ପଞ୍ଚମ ପିଢ଼ିର ସ୍ୱଦେଶୀ ଯୁଦ୍ଧ ବିମାନ ହେବ। ଏଏମସିଏରେ ଷ୍ଟିଲଥ୍ ଏୟାରଫ୍ରେମ୍, ସ୍ମାର୍ଟ ଅସ୍ତ୍ରଶସ୍ତ୍ରର ଆଭ୍ୟନ୍ତରୀଣ ପରିବହନ ଏବଂ ତଥ୍ୟ ମିଶ୍ରଣ ସହିତ ଉନ୍ନତ ସେନ୍ସର ଭଳି ବୈଶିଷ୍ଟ୍ୟ ଅନ୍ତର୍ଭୁକ୍ତ କରାଯିବ। ଏହି ବିମାନରେ ଭବିଷ୍ୟତର କ୍ଷେପଣାସ୍ତ୍ର, ଷ୍ଟାଣ୍ଡଅଫ୍ ଅସ୍ତ୍ରଶସ୍ତ୍ର ଏବଂ ପ୍ରିସିସନ୍ ଅସ୍ତ୍ରଶସ୍ତ୍ର ଲାଗିବ। କେବଳ ତିନୋଟି ଦେଶ ଆମେରିକା, ରୁଷ ଏବଂ ଚୀନ୍ ଏପର୍ଯ୍ୟନ୍ତ ପଞ୍ଚମ ପିଢ଼ିର ବିମାନ ବିକଶିତ କରିଛନ୍ତି।

# ୨୭ ନୁହେଁ, ୨୮ ନକ୍ସଲଙ୍କ ମୃତ୍ୟୁ ହୋଇଛି

**ରାୟପୁର, ୨୭।୫:** ମେ ୨୧ ତାରିଖରେ ଅବୁଝମାଡ଼ ଜଙ୍ଗଲରେ ଘଟିଥିବା ଗୁଳିବିନିମୟରେ ମାଓ ମହାସଚିବ ବାସବରାଜୁ ସମେତ ୨୭ ଜଣ ନକ୍ସଲ ମୃତ୍ୟୁବରଣ କରିଥିବା କୁହାଯାଇଥିଲା। କିନ୍ତୁ ମାଓବାଦୀଙ୍କ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ଜାରି କରାଯାଇ ୨୭ ନୁହେଁ, ୨୮ ଜଣ ନକ୍ସଲ ମୃତ୍ୟୁବରଣ କରିଥିବା ସ୍ୱୀକାର କରିଛନ୍ତି। ଜଙ୍ଗଲରୁ ଯବାନମାନେ ଚାଲିଯିବା ପରେ ନକ୍ସଲ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜଂଗଲରୁ କମ୍ରେଡ଼ ନିଲେଶର ଶବକୁ ଉଦ୍ଧାର କରିଥିଲେ। ଯାହା ଯବାନ ପାଇନଥିଲେ। ତେବେ ଏମାନଙ୍କର ବଳିଦାନ ବ୍ୟର୍ଥ ଯିବ ନାହିଁ ବୋଲି ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ପ୍ରବକ୍ତା ବିକଳ୍ପ କହିଛନ୍ତି। ଆଗାମୀ ଦିନରେ ଆହୁରି ଶକ୍ତିଶାଳୀ ହୋଇ ଶତ୍ରୁ ସହ ଲଢ଼େଇ କରାଯିବ ବୋଲି କୁହାଯାଇଛି। ଯୁଦ୍ଧ ବନ୍ଦ ନେଇ ଆମ ତରଫରୁ ବହୁ ଥର ସରକାରଙ୍କୁ ନିବେଦନ କଲେ ମଧ କେନ୍ଦ୍ର ଓ ରାଜ୍ୟ ସରକାର ଅପେରସନ କଗାରକୁ ବନ୍ଦ କରୁନାହାନ୍ତି। ସରକାର ନିରୀହ ଆଦିବାସୀଙ୍କୁ ହତ୍ୟା କରିବାରେ ପଛାଉ ନାହାନ୍ତି। ବାସବରାଜୁଙ୍କୁ ମାରିବା ପାଇଁ ପୁଲିସ ବହୁ ଦିନରୁ ଚେଷ୍ଟା ଜାରି ରଖିଥିଲା। ଆମେ ଏ ବିଷୟରେ ଅବଗତ ହେବା ପରେ ତାଙ୍କୁ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ ବହୁ ଥର ବୁଝାଇଥିଲୁ। କିନ୍ତୁ ସେ ଆମକୁ କହିଥିଲେ ଯେ ଏଥର ଯୁବକଙ୍କ ହାତରେ ସଂଗଠନ ରହୁ। ମୁଁ ଆଉ ୨ରୁ ୩ ବର୍ଷ କାମ କରିପାରିବି। ତେଣୁ ମୋ କଥା ଚିନ୍ତା କରନାହିଁ।



ଅବୁଝମାଡ଼ ଜଙ୍ଗଲରେ ବାସବରାଜୁ ବୁଲୁଥିବା ବେଳେ ଆମର କିଛି ବେଇମାନ ସାଥୀ ପୁଲିସ ସହ ମିଶି ଏହି ଘଟଣା ଘଟାଇଥିଲେ। ୧୭ ତାରିଖରେ ଡିଆରଜି ଯବାନ ଜଙ୍ଗଲରେ ପଶି ବାସବରାଜୁକୁ ଘେରିଥିଲେ। ଜଙ୍ଗଲରର ୫ଥର ମୁହାଁମୁହିଁ ହୋଇଥିଲେ ମଧ କୌଣସି କ୍ଷତି ହୋଇନଥିଲା। ଆମ କମ୍ରେଡ଼ମାନେ ଖସି ପଳାଇବାକୁ ବହୁ ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିଲେ। ଯବାନ ଚାରିପଟୁ ଘେରି ଆମର ୨୮ ଜଣ କମ୍ରେଡ଼ଙ୍କୁ ହତ୍ୟା କରିଥିଲେ। ଏଥିସହ ବାସବରାଜୁକୁ ଧରି ଅତି ନିକଟରୁ ହତ୍ୟା କରିଥିଲେ। ଏହି ଟିମରେ ୩୫ ଜଣ ନକ୍ସଲ ଥିଲେ। ୭ ଜଣ ଖସି ପଳାଇବାରେ ସଫଳ ହୋଇଥିଲେ। ପାକିସ୍ତାନ ଅସ୍ତ୍ର ବିରତି ପାଇଁ କହିବାରୁ ମୋଦି ସରକାର ଯୁଦ୍ଧ ବନ୍ଦ କରିଦେଲେ। କିନ୍ତୁ ଆମେ ବାରମ୍ବାର ଅନୁରୋଧ ପରେ ବି ଆକ୍ରମଣ ଜାରି ରହିଛି। ଆମେ ଗତ ୬ ମାସ ହେବ କୌଣସି କ୍ଷତି ଘଟାଇ ନାହୁଁ। ତେଣୁ ସମସ୍ତେ ଏହି ହତ୍ୟାକାଣ୍ଡକୁ ବିରୋଧ କରିବା ସହ ସହିଦ ଦିବସ ପାଳନ କରନ୍ତୁ ବୋଲି ବିକଳ୍ପ ଆହ୍ୱାନ ଦେଇଛନ୍ତି। ଆଗାମୀ ଦିନରେ ନକ୍ସଲଙ୍କ ବଳିଦାନର ବୁକଲେଟ ବାହାରିବ ବୋଲି କୁହାଯାଇଛି।

### ମାଓବାଦୀଙ୍କ ପ୍ରେସ ବିଜ୍ଞପ୍ତି

# ଅବସର ଘୋଷଣା କଲେ ପ୍ରିୟଙ୍କ ପାଞ୍ଚାଲ



**ନୂଆଦିଲ୍ଲୀ,୨୭।୫:** ଭାରତୀୟ କ୍ରିକେଟ ଦଳ ଆଇପିଏଲ ୨୦୨୫ ପରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଇଂଲଣ୍ଡ ଯାତ୍ରା କରିବ। ଏଥିପାଇଁ ବିସିସିଆଇ ଦଳ ଘୋଷଣା କରିଛି। ଏହି ଗସ୍ତ ପୂର୍ବରୁ ବିରାଟ କୋହଲି ଏବଂ ରୋହିତ ଶର୍ମା ଟେଷ୍ଟରୁ ଅବସର ନେଇସାରିଛନ୍ତି। ଶୁବମନ ଗିଲଙ୍କ ଅଧିନାୟକତ୍ୱରେ ଏକ ଯୁବ ଦଳ ଇଂଲଣ୍ଡ ଯିବ। ଏହି ସମୟରେ, ଆଉ ଜଣେ ଭାରତୀୟ କ୍ରିକେଟର ଏକ ଭାବପ୍ରବଣ ପୋଷ୍ଟ କରି ସମସ୍ତଙ୍କ ଚମକାଇ ଦେଇଛନ୍ତି।

ଘରୋଇ କ୍ରିକେଟରେ ଗୁଜରାଟ ପାଇଁ ଖେଳିଥିବା ପ୍ରିୟାଙ୍କ ପାଞ୍ଚାଲ ୩୫ ବର୍ଷ ବୟସରେ ପ୍ରଥମ ଶ୍ରେଣୀ କ୍ରିକେଟରୁ ଅବସର ନେଇଛନ୍ତି। ସେ ପ୍ରଥମ ଶ୍ରେଣୀ କ୍ରିକେଟରେ ୮ ହଜାରରୁ ଅଧିକ ରନ କରିଥିଲେ। ଓପନର ପ୍ରିୟାଙ୍କ ଘରୋଇ କ୍ରିକେଟରେ ୨୫୦ ରୁ ଅଧିକ ମ୍ୟାଚ ଖେଳିଛନ୍ତି। ୨୦୨୧ ମସିହାରେ, ପ୍ରିୟାଙ୍କ ଭାରତୀୟ ଦଳରେ ମନୋନୀତ ହୋଇଥିଲେ। ଦକ୍ଷିଣ ଆଫ୍ରିକା ଗସ୍ତରେ ରୋହିତ ଶର୍ମା ଆହତ ହେବା ପରେ ତାଙ୍କୁ ଦଳରେ ସାମିଲ କରାଯାଇଥିଲା କିନ୍ତୁ ତାଙ୍କୁ ଡେବ୍ୟୁ କରିବାର ସୁଯୋଗ ମିଳି ନ ଥିଲା। ପ୍ରଥମ ଶ୍ରେଣୀ କ୍ରିକେଟରୁ ଅବସର ଘୋଷଣା କରି ସେ ତାଙ୍କ ସୋସିଆଲ ମିଡିଆରେ ଲେଖିଛନ୍ତି, ବଡ଼ ହେବା ପରେ, ସମସ୍ତେ ସେମାନଙ୍କ ବାପାଙ୍କୁ ଆଦର୍ଶ କରନ୍ତି, ପ୍ରେରଣା ପାଆନ୍ତି ଏବଂ ସେମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରନ୍ତି, ମୁଁ ମଧ ଭିନ୍ନ ନ ଥିଲି। ମୋ ବାପା ବହୁତ ଦିନ ଧରି ମୋ ପାଇଁ ଶକ୍ତିର ଉତ୍ସ ଥିଲେ, ସେ ମୋତେ ଯେଉଁ ଶକ୍ତି ଦେଇଥିଲେ, ସେ ମୋତେ ମୋର ସ୍ୱପ୍ନକୁ ପିଛା କରିବାକୁ, ଏକ ଛୋଟ ସହରରୁ ଉଠି ଗୋଟିଏ ଦିନ ଭାରତ କ୍ୟାପ ପିନ୍ଧିବାକୁ ସାହସ କରିବାକୁ ଉତ୍ସାହିତ କରିଥିଲେ। ସେ ବହୁତ ପୂର୍ବରୁ ଆମକୁ ଛାଡ଼ି ଚାଲିଗଲେ, ଏବଂ ଏହା ଏକ ସ୍ୱପ୍ନ ଥିଲା ଯାହା ମୁଁ ପ୍ରାୟ ଦୁଇ ଦଶନ୍ଧି ଧରି ବୁଲାଇ ଆସିଥିଲି। ମୁଁ ପ୍ରଥମ ଶ୍ରେଣୀ କ୍ରିକେଟରୁ ମୋର ଅବସର ଘୋଷଣା କରୁଛି। ଏହା ଏକ ଭାବପ୍ରବଣ ମୁହୂର୍ତ୍ତ। ଏହା ଏକ ସମୃଦ୍ଧ ମୁହୂର୍ତ୍ତ। ଏବଂ ଏହା ଏକ ମୁହୂର୍ତ୍ତ ଯାହା ମୋତେ ଅତ୍ୟନ୍ତ କୃତଜ୍ଞତାରେ ଭରିଦିଏ। ଗୁଜୁରାଟ ଏବଂ ପଶ୍ଚିମ ଜୋନ ପାଇଁ ଖେଳିଥିବା ପ୍ରିୟାଙ୍କ ୧୨୭ଟି ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ୪୫.୧୮ ହାରରେ ୮୮୫୬ ରନ କରିଥିଲେ। ଏଥିରେ ୨୯ଟି ଶତକ ଏବଂ ୩୪ଟି ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ। ପ୍ରଥମ ଶ୍ରେଣୀରେ ତାଙ୍କ ନାମରେ ୧୬ଟି ଉଇକେଟ ମଧ ଅଛି। ସେ ୯୭ଟି ଲିଷ୍ଟ ଏ ମ୍ୟାଚ୍‌ରେ ୩୬୭୨ ରନ ଏବଂ ୫୯ଟି ଟି-୨୦ ମ୍ୟାଚ୍‌ରେ ୧୫୨୨ ରନ କରିଛନ୍ତି। ଲିଷ୍ଟ ଏ ରେ ତାଙ୍କ ନାମରେ ୮ଟି ଶତକ ଏବଂ ୨୧ଟି ଅର୍ଦ୍ଧଶତକ ଅଛି।

## ପାଣ୍ଡ୍ୟାଙ୍କ ୩୦୦ ମ୍ୟାଚ୍ ମାଇଲ୍‌ଖୁଣ୍ଟ



ଜୟପୁର, ୨୭।୫: ପଞ୍ଜାବ କିଙ୍ଗ୍ସ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦିକ ପାଣ୍ଡ୍ୟା ୩୦୦ ଟ୍ୱେଣ୍ଟି-୨୦ ମ୍ୟାଚ୍ ଖେଳିବାର ମାଇଲ୍‌ଖୁଣ୍ଟ ଛୁଇଁଛନ୍ତି। ସେଥିରୁ ସେ ୫୫୩୮ ରନ୍ କରିଥିଲା ବେଳେ ୨୦୩ ୱିକେଟ୍ କରାୟତ୍ତ କରିଛନ୍ତି। ବ୍ୟାଟିଂରେ ତାଙ୍କ ସର୍ବୋଚ୍ଚ ସ୍କୋର୍ ହେଉଛି ୯୧। ସେହିଭଳି ଶ୍ରେଷ୍ଠ ବୋଲିଂ ଚିତ୍ର ରହିଛି ୫/୩୬। ଭାରତ ପକ୍ଷରୁ ଖେଳିଥିବା ୧୨୪ ଅନ୍ତର୍ଜାତୀୟ ଟ୍ୱେଣ୍ଟି-୨୦ରୁ ଅଲରାଉଣ୍ଡର୍ ପାଣ୍ଡ୍ୟା ୨୭.୮୭ ହାରରେ ୧୮୧୨ ରନ୍ କରିଛନ୍ତି। ସେଥିମଧ୍ୟରେ ତାଙ୍କ ଷ୍ଟ୍ରାଇକ୍ ରେଟ୍ ରହିଛି ୧୪୨। ୭୧ ରନ୍ ସର୍ବୋଚ୍ଚ ସ୍କୋର୍ ହୋଇଥିଲା ବେଳେ ୫ଟି ଅର୍ଦ୍ଧଶତକ ଅର୍ଜନ ସାମିଲ ଅଛି। ଅନ୍ୟ ପକ୍ଷରେ ଭାରତର ତୃତୀୟ ସର୍ବାଧିକ ୱିକେଟ୍ ସଂଗ୍ରହକାରୀ ଭାବେ ୪/୧୬ର ଶ୍ରେଷ୍ଠ ଚିତ୍ର ସହ ୯୧ ୱିକେଟ୍ ଅକ୍ତିଆର କରିଛନ୍ତି ପାଣ୍ଡ୍ୟା। ସେ ମଧ ପାଞ୍ଚଟି ଆଇପିଏଲ୍ ଟ୍ରଫି ଜିତିବାର ଗୌରବ ଅର୍ଜନ କରିଛନ୍ତି। ସେଥିମଧ୍ୟରେ ମୁମ୍ବାଇ ଇଣ୍ଡିଆନ୍ସରୁ ଚାରିଟି ଟ୍ରଫି ଥିଲା ବେଳେ ଗୁଜରାଟ ଟାଇଟାନ୍ସ ପକ୍ଷରୁ ରହିଛି ଗୋଟିଏ ଟ୍ରଫି।

## ସୁଟିଂ ବିଶ୍ୱକପ୍: ତେଜସ୍ୱିନୀଙ୍କୁ ସ୍ୱର୍ଣ୍ଣ



ନୂଆଦିଲ୍ଲୀ, ୨୭।୫: ଜର୍ମାନୀର ସୁଲ୍‌ଠାରେ ଆୟୋଜିତ ଆଇଏସ୍‌ଏସ୍‌ଏଫ୍ କନିଷ୍ଠ ବିଶ୍ୱକପ୍ ସୁଟିଂରେ ଭାରତୀୟ ସୁଟର ତେଜସ୍ୱିନୀ ୨୫ ମିଟର ମହିଳା ପିସ୍ତଲରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୮ପ୍ରତିଯୋଗୀ ବିଶିଷ୍ଟ ଫାଇନାଲ୍‌ରେ ୫୦ ସଟ୍‌ରୁ ୩୧ ପଏଣ୍ଟ୍ ଅର୍ଜନ କରି ପ୍ରଥମ ସ୍ଥାନରେ ରହିଥିଲେ ସେ। ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟର ଚତୁର୍ଥ ସ୍ଥାନରେ ରହି ଫାଇନାଲ୍‌କୁ ଯାଇଥିଲେ ତେଜସ୍ୱିନୀ। ମହିଳା ୨୫ ମିଟର ପିସ୍ତଲରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଅନ୍ୟ ତିନି ଭାରତୀୟ ରିୟା ଶିରିଶ ଥାଟେ, ନମ୍ୟା କାପୁର ଓ ଦିବ୍ୟାଂଶୀ ଯଥାକ୍ରମେ ୧୫, ୧୮ ଓ ୨୪ତମ ସ୍ଥାନରେ ରହି ନିରାଶ କରିଥିଲେ। କନିଷ୍ଠ ସୁଟରଙ୍କର ଏହି ସବୁଠାରୁ ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ୩ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୪ କାଂସ୍ୟ ପଦକ ସହ ୧୧ ପଦକ ଜିତି ଶୀର୍ଷ ସ୍ଥାନରେ ରହିଛି।

# ଫ୍ରେଞ୍ଚ ଓପନ୍ ପ୍ରଥମ ରାଉଣ୍ଡରୁ ଓସାକା, ଫ୍ରିଜ୍ ବିଦା





**ପ୍ୟାରିସ୍, ୨୭।୫:** ୪ ଥରର ଗ୍ରାଣ୍ଡ୍ ସ୍ଲାମ୍ ବିଜୟିନୀ ନାଓମ ଓସାକା ଏବଂ ୟୁଏସ୍ ଓପନ୍ ଉପବିଜେତା ଟେଲର୍ ଫ୍ରିଜ୍‌ଙ୍କ ଫ୍ରେଞ୍ଚ ଓପନ୍ ଅଭିଯାନ ପ୍ରଥମ ରାଉଣ୍ଡରୁ ଶେଷ ହୋଇଛି। ମହିଳା ଏକକରେ ଜାପାନର ଓସାକା ୭-୬, ୧-୬, ୪-୬ ସେଟ୍‌ରେ ସ୍ପେନ୍‌ର ପୌଲ ବୋଦାସାଙ୍କଠୁ ଏବଂ ପୁରୁଷ ଏକକରେ ଅମେରିକାର ଫ୍ରିଜ୍ ୫-୭, ୬-୩, ୩-୬, ୧-୬ ସେଟ୍‌ରେ ଜର୍ମାନୀର ଡାନିଏଲ ଅଲ୍‌ମେୟରଙ୍କଠୁ ହାରିଯାଇଥିଲେ। ଅନ୍ୟ ତାରକା ପୁରୁଷ ଖେଳାଳି ବିଶ୍ୱର ୨ ନମ୍ବର କାର୍ଲୋସ ଅଲ୍‌କାରାଜ, ନରୱେର କାସପର ରୁଡ, ଆମେରିକାର ବେନ୍ ସେଲ୍‌ଟନ, ଗ୍ରିସ୍‌ର ଷ୍ଟିଫାନସ ସିସିପାସ୍ ପ୍ରଥମ ରାଉଣ୍ଡ ବାଧା ଅତିକ୍ରମ କରିଛନ୍ତି। ଗତ ସଂସ୍କରଣ ବିଜେତା ସ୍ପେନ୍‌ର ଅଲ୍‌କାରାଜ ୬-୩, ୬-୪, ୬-୪ ସେଟ୍‌ରେ ଇଟାଲିର ଗିଉଲିଓ ଜେପିରିଙ୍କୁ ହରାଇ ପଞ୍ଚମ ଗ୍ରାଣ୍ଡ ସ୍ଲାମ୍ ଟ୍ରଫି ଦିଗରେ ପାଦ ବଢ଼ାଇଛନ୍ତି। ରୁଡ୍ ୬-୩, ୬-୪, ୬-୨ ସେଟ୍‌ରେ ସ୍ପେନ୍‌ର ଅଲ୍‌ବର୍ଟ ରାମୋସ ଭିନୋଲାସଙ୍କୁ, ସେଲ୍‌ଟନ ୬-୪, ୪-୬, ୩-୬, ୬-୨, ୬-୩ ସେଟ୍‌ରେ ଇଟାଲିର ଲୋରେଞ୍ଜୋ ସୋନେଗୋଙ୍କୁ ଏବଂ ସିସିପାସ ୭-୫, ୬-୩, ୬-୪ ସେଟ୍‌ରେ ଆର୍ଜେଣ୍ଟିନାର ତୋମାସ ମାର୍ଟିନଙ୍କୁ ପରାସ୍ତ କରିଥିଲେ।

ମହିଳାରେ ହ୍ୟାଟ୍ରିକ୍ ସହ ୪ ଥର ରୋଲାଁ ଗାରୋସରେ ବିଜୟିନୀ ହୋଇଥିବା ଇଗା ସ୍ୱିଟେକଙ୍କ ସହ ଆମେରିକାର ଡାନିଏଲି କଲିନ୍ସ, ୨୦୦୧ ୟୁଏସ୍ ଓପନ୍ ବିଜୟିନୀ ଇମା ରାଡୁକାନୁ, କାଜାଖସ୍ତାନର ଏଲିନା ରିବାକାନା ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ୫ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ପୋଲାଣ୍ଡର ସ୍ୱିଟେକ ୬-୩, ୬-୩ ସେଟ୍‌ରେ ସ୍ଲୋଭକିଆର ରେବିକା ସ୍ରାମକୋଭାଙ୍କୁ, କଲିନ୍ସ ୭-୬, ୬-୪ ସେଟ୍‌ରେ ବ୍ରିଟିସ୍ ଖେଳାଳି ଜୋଡି ଆନ୍ନା ବୁରାଗେଙ୍କୁ ଏବଂ ବ୍ରିଟେନ୍‌ର ରାଡୁକାନୁ ୭-୬, ୪-୬, ୬-୩ ସେଟ୍‌ରେ ୱାଙ୍ଗ ଜିନ୍‌ୟୁଙ୍କୁ ଏବଂ ରିବାକିନା ୬-୧, ୪-୬, ୬-୪ ସେଟ୍‌ରେ ଆର୍ଜେଣ୍ଟିନାର ଜୁଲିଆ ରିରାଙ୍କୁ ମାତ୍ ଦେଇଥିଲେ।



## ପ୍ରୀତିଙ୍କ ସହ ଚହଲ ବାନ୍ଧବୀ

ନୂଆଦିଲ୍ଲୀ, ୨୭।୫: ମୁମ୍ବାଇ ଇଣ୍ଡିଆନ୍ସ ଓ ପଞ୍ଜାବ କିଙ୍ଗ୍ସ ମଧରେ ସୋମବାର ଆଇପିଏଲ୍ ମ୍ୟାଚ୍ ପୂର୍ବରୁ ଯୁଜବେନ୍ଦ୍ର ଚହଲଙ୍କ ବାନ୍ଧବୀ ଆର୍‌ଜେ ମାହବଶ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ମାହବେଶ ଜୟପୁରସ୍ଥିତ ରାମାଗ ପାଲେସ୍‌ରେ ପଞ୍ଜାବ କିଙ୍ଗ୍ସ ସହମାଲିକାଣି ତଥା ଅଭିନେତ୍ରୀ ପ୍ରୀତି ଜିଣ୍ଟାଙ୍କୁ ଭେଟିଛନ୍ତି। ଉଭୟ ମଧ ସେଠାରେ କିଛି ଫଟୋ ଓ ଭିଡିଓ ଉଠାଇଛନ୍ତି। ଏହା ମଧରୁ କିଛିକୁ ମାହବେଶ ନିଜ ଇନ୍‌ଷ୍ଟାଗ୍ରାମ୍ ପୃଷ୍ଠାରେ ସେୟାର କରିଛନ୍ତି। ପ୍ରୀତିଙ୍କ ସହ ସେୟାର କରିଥିବା ଏହି ଫଟୋ ଓ ଭିଡିଓରେ ଶିରୋନାମରେ ମାହବଶ ଲେଖିଛନ୍ତି,"ଜାରା କ'ଣ ସବୁଠାରୁ ସୁନ୍ଦର ନୁହେଁ?"

### ଜାତୀୟ କୁସ୍ତି

## ରୋହିତଙ୍କୁ କାଂସ୍ୟ



**ଭୁବନେଶ୍ୱର, ୨୭।୫ (ସଂଚାର ବ୍ୟୁରୋ):** ଚଣ୍ଡିଗଡ଼ରେ ଚାଲିଥିବା ଜାତୀୟ କୁସ୍ତି ପ୍ରତିଯୋଗିତାରେ ଓଡ଼ିଶାର ରୋହିତ ସାମଲ କାଂସ୍ୟ ପଦକ ଜିତିଛନ୍ତି। ଚଣ୍ଡିଗଡ଼ସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଷ୍ଟାଡିୟମ୍‌ରେ ରୋହିତ ୧୭ ବର୍ଷରୁ କମ୍ ୪୮ କେଜି ଫ୍ରିଷ୍ଟାଇଲ୍‌ରେ ତୃତୀୟ ସ୍ଥାନରେ ରହି ଏହି ପଦକ ଜିତିଥିଲେ।

## ପହଞ୍ଚିଲେ ସୁନାପୁଅ ହର୍ଷବର୍ଦ୍ଧନ



**ଭୁବନେଶ୍ୱର, ୨୭।୫(ସଂଚାର ବ୍ୟୁରୋ):** ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାର ଭାରୋତ୍ତୋଳନରେ ୨ଟି ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ଏବଂ ଶ୍ରେଷ୍ଠ ପୁରୁଷ ଲିଫ୍ଟର ହୋଇଥିବା ଓଡ଼ିଆ ପୁଅ ହର୍ଷବର୍ଦ୍ଧନ ସାହୁ ସୋମବାର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ଓଡ଼ିଶା ଭାରୋତ୍ତୋଳନ ସଂଘ ଯୁଗ୍ମସମ୍ପାଦକ ଜାନକୀ ବଲ୍ଲଭ ମିଶ୍ର, ଗଞ୍ଜାମ ଭାରୋତ୍ତୋଳନ ସଂଘର ସୁଧୀର କୁମାର ପାତ୍ର, ତାଙ୍କ ବାଲ୍ୟ ପ୍ରଶିକ୍ଷକ ଜିତେନ୍ଦ୍ର କୁମାର ସାହୁ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ। ରବିବାର ମନ୍‌କୀ ବାତ୍ କାର୍ଯ୍ୟକ୍ରମରେ ମଧ ହର୍ଷବର୍ଦ୍ଧନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୂୟସୀ ପ୍ରଶଂସା କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତ ସହ...

ପାକିସ୍ତାନଭିତ୍ତିକ ଆତଙ୍କବାଦୀମାନେ ୨୬ ଜଣଙ୍କୁ ହତ୍ୟା କରିବାର ଦୁଇ ସପ୍ତାହ ପରେ ଭାରତ ମେ ୭ ତାରିଖରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ଥିବା ଆତଙ୍କବାଦୀ ଶିବିରଗୁଡ଼ିକୁ ଟାର୍ଗେଟ କରି ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ଭାରତର ଆକ୍ରମଣର ଜବାବରେ ପାକିସ୍ତାନୀ ସେନା ଭାରତ ଆଡ଼କୁ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା। ଫଳରେ ନୂଆଦିଲ୍ଲୀରୁ ଅଧିକ ପ୍ରତିଶୋଧ ନିଆଯାଇଥିଲା। ଯାହା ଅନେକ ପାକିସ୍ତାନୀ ସେନା ଶିବିରକୁ ଟାର୍ଗେଟ କରିଥିଲା। ମେ ୧୦ ତାରିଖରେ, ପାକିସ୍ତାନ ଯୁଦ୍ଧବିରତି ପାଇଁ ଭାରତକୁ ଅନୁରୋଧ କରିଥିଲା। ସାମରିକ ସ୍ତରୀୟ ଆଲୋଚନା ପରେ ଉଭୟ ଦେଶ ଶତ୍ରୁତା ବନ୍ଦ କରିବା ପାଇଁ ଏକ ବୁଝାମଣାରେ ପହଞ୍ଚିଥିଲେ।

## ସନ୍ୟାସୀ...

ଉଦ୍ୟମ କରୁଥିବା ଦେଖିବାକୁ ମିଳୁନି ବୋଲି ବିଭିନ୍ନ ଅଭିଭାବକ ସଂଘ ଅଭିଯୋଗ କରୁଛନ୍ତି । ବିଜେଡିରେ ଥିବା ବେଳେ ଯେମିତି ସନ୍ୟାସୀ-ପ୍ରୋଙ୍କୁ ସବୁ ପ୍ରକାର ସୁରକ୍ଷା ମିଳୁଥିଲା ଏବେ ବି ସେମିତି ସୁଦର୍ଶନ ଚକ୍ରର ସୁରକ୍ଷା ବଳୟ ଭିତରେ ଥିବା ଭଳି ଲାଗୁଛି। ରାଜ୍ୟର ଓ ଦେଶର ବହୁ ଘରୋଇ ଅନୁଷ୍ଠାନରେ ଦୁର୍ଘଟଣା ବଶଃତ କିଛି ଅଘଟଣ ଘଟିଲେ ତୁମ୍ବିତୋଫାନ ହେଉଛି । କିଟରେ ପିଲା ମରିଯାଉଛନ୍ତି ହେଲେ ସରକାର ନିରବ ରହିବା ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଅଭିଯୋଗ ହେଉଛି ବିଜେଡି ସରକାର ଭଳି ବିଜେପି ସରକାରରେ ବି ଅଚ୍ୟୁତ ସମସ୍ତଙ୍କୁ ଅକ୍ଟୋପସ ପରି ପୁଳାପୁଳା ଟଙ୍କାରେ ଗିଳିଦେଇଛନ୍ତି ।

## ରାହୁଲ ଓ କଂଗ୍ରେସ...

ବଢ଼ାଇଥିଲେ। ସେହିପରି ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ କଂଗ୍ରେସ କାର୍ଯ୍ୟକାଳରେ ଆଇଆଇଟିରେ କେବଳ ୮୩ ଜଣ ଏସସି, ୧୪ ଏସଟି ଓ ୧୬୬ ଜଣ ଓବିସି ଅଧ୍ୟାପକ ଥିଲେ। ଏନଆଇଟିରେ କେବଳ ୨୬୧ ଜଣ ଏସସି, ୭୨ ଏସଟି ଏବଂ ୩୩୪ ଓବିସି ନିଯୁକ୍ତ ହୋଇଥିଲେ। କିନ୍ତୁ ମୋଦି ସରକାରଙ୍କ ଅମଳରେ ୨୦୧୪ରୁ ୨୪ ପର୍ଯ୍ୟନ୍ତ ଆଇଆଇଟିରେ ୩୯୮ ଏସସି, ୯୯ ଏସଟି ଓ ୭୪୬ ଓବିସି ତଥା ଏନ୍‌ଆଇଟିରେ ୯୨୯ ଏସସି, ୨୬୫ ଏସଟି ଏବଂ ୧୫୧୦ ଓବିସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଆସିଷ୍ଟାଣ୍ଟ ପ୍ରଫେସରଙ୍କ ପାଇଁ ପିଏଚଡିର ଆବଶ୍ୟକତାକୁ ବି ମୋଦି ସରକାର ଉଚ୍ଛେଦ କରିଛନ୍ତି। ରାହୁଲ୍ ଯେଉଁ 'ଏନଏଫଏସ (ନଟ୍ ଫାଉଣ୍ଡ୍ ସୁଇଟେବୁଲ) ବିଷୟରେ କହୁଛନ୍ତି, ତାହା ବାବାସାହବଙ୍କ ନାମ ନେଇ ରାଜନୀତି କରୁଥିବା ଦଳିତ, ଶୋଷିତ ଓ ବଞ୍ଚିତବିରୋଧୀ କଂଗ୍ରେସ ଚିନ୍ତାଧାରାରେ ସମ୍ଭବ। ସ୍ୱାଧୀନତା ପରେ କଂଗ୍ରେସର ନୀତି ଯୋଗୁଁ ଏହି ଏନଏଫଏସ ଆଜି ପର୍ଯ୍ୟନ୍ତ ଜାରି ରହିଥିଲା। କଂଗ୍ରେସ ଜଣ୍ଡିସ ରୋଗରେ ପୀଡ଼ିତ ହୋଇଥିବାରୁ ତାକୁ ସବୁକିଛି ହଳଦିଆ ଦେଖାଯାଉଛି। କଥା କଥାରେ ସମ୍ବିଧାନର ନାଁ ନେଉଥିବା କଂଗ୍ରେସ ନିଜେ ବାବାସାହେବଙ୍କ ସମ୍ବିଧାନ ଉପରେ ସବୁଠାରୁ ବଡ଼ ଆକ୍ରମଣ କରୁଛି। ପ୍ରକୃତ ସାମାଜିକ ନ୍ୟାୟର କାମ କେବଳ ପ୍ରଧାନମନ୍ତ୍ରୀ ହିଁ କରୁଛନ୍ତି, ଏହା ଦେଶର ଯୁବପିଢ଼ି ବେଶ୍ ଭଲ ଭାବେ ଜାଣନ୍ତି। ତେଣୁ କଂଗ୍ରେସ ଯେତେ ମିଛ ପ୍ରଚାର କଲେ ବି ଯୁବପିଢ଼ି ପ୍ରଧାନମନ୍ତ୍ରୀଙ୍କ ଉପରେ ହିଁ ଅତୁଟ ବିଶ୍ୱାସ ରଖିଛନ୍ତି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି।

## ଶିଳ୍ପ ମନ୍ତ୍ରୀଙ୍କ...

ବ୍ୟବସାୟୀମାନେ ଆଉ କାମ ପାଉନାହାଁନ୍ତି। ସମସ୍ତେ କ୍ଷୁବ୍ଧ ହେଉଥିଲେ ବି ଭୟରେ ମୁହଁ ଖୋଲୁନାହାଁନ୍ତି। ପୂର୍ବରୁ ପାରାଦୀପ ଟ୍ରକ ଆସୋସିଏସନ ଓ ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଂଘ ଆସୋସିଏସନ ଜରିଆରେ ଜିପସମ ପରିବହନ କରିବାକୁ ଦାବି କରୁଥିଲା। ଏନେଇ ନିକଟରେ ଶିଳ୍ପ ମନ୍ତ୍ରୀ ଏକ ଯୁଗ୍ମ ସମନ୍ୱୟ କମିଟି ବୈଠକ ଡାକିଥିଲେ। ବୈଠକରେ ଟ୍ରକ ଆସୋସିଏସନକୁ ପିପିଏଲ ବଦଳରେ ଇଫକୋରୁ ଜିପସମ ଉଠାଇବାକୁ କୁହାଗଲା। କିନ୍ତୁ ସେଠି ମନ୍ତ୍ରୀଙ୍କ ଲାଭର ଆଉ ଏକ ବାଟ ରହିଥିବା ସେ ଅଭିଯୋଗ କରିଛନ୍ତି।

ଇଫକୋରୁ ୭୦ ପ୍ରତିଶତ ମାଲ ଟ୍ରକ ଆସୋସିଏସନ ଉଠାଉଛି। ବଳକା ୩୦ ପ୍ରତିଶତ ମାଲ ଶିଳ୍ପ ମନ୍ତ୍ରୀଙ୍କ ପୃଷ୍ଠପୋଷକତାରେ ଚାଲିଥିବା ଓ୍ୱେଷ୍ଟ ମ୍ୟାନେଜମେଣ୍ଟ ଟ୍ରଷ୍ଟ ଜରିଆରେ ଉଠାଯାଉଛି। ଇଫକୋରୁ ୩୦୦ ଟଙ୍କାରେ ଜିପସମ ଉଠାଯାଇ ୬୦୦ ଟଙ୍କାରେ ବିକ୍ରି ହେଉଛି। ସେଠି ମଧ ମନ୍ତ୍ରୀଙ୍କ ଭାଗ ରହିଛି ବୋଲି ସେ ଅଭିଯୋଗ କରିଛନ୍ତି। କେବଳ ପିପିଏଲ କି ଇଫକୋ ନୁହେଁ, ଆଇଓସିଏଲ, ଏସାର, ମିତ୍ତଲ ସବୁଠି ମନ୍ତ୍ରୀ ତାଙ୍କ ନିଜ ଲୋକଙ୍କ ଜରିଆରେ ବ୍ୟବସାୟ କରୁଛନ୍ତି। ପାରାଦୀପ ବିକାଶର ନାରା ଦେଇ ଜିତିଥିବା ଶିଳ୍ପମନ୍ତ୍ରୀ ନିଜ ମାଟି ପାଇଁ କିଛି କରିବା ପରିବର୍ତ୍ତେ ରୁଗଣ ମାନସିକତାରେ ସମସ୍ତଙ୍କ ବ୍ୟବସାୟରେ ଲାତ ମାରି ନିଜ ପକେଟ ଗରମ କରିବା ଉଚିତ ନୁହେଁ ବୋଲି ବାପି ସର୍ଖେଲ କହିଛନ୍ତି। ତେବେ ଏନେଇ ଶିଳ୍ପ ମନ୍ତ୍ରୀଙ୍କୁ ତାଙ୍କ ପ୍ରତିକ୍ରିୟା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇନଥିଲା।

## ଧ୍ୱଂସ ପାଇଛି...

ସୀମା ଆରପାରିରେ ପାକିସ୍ତାନୀ ସେନା ପୋଷ୍ଟଗୁଡ଼ିକୁ ଧ୍ୱଂସ କରିବାର ଦୃଶ୍ୟ କଏଦ କରାଯାଇଛି। ଜମ୍ମୁ ଫ୍ରଣ୍ଟିୟରର ବିଏସ୍‌ଏଫ୍‌ର ଇନ୍ସପେକ୍ଟର ଜେନେରାଲ୍ ଶଶାଙ୍କ ଆନନ୍ଦ କହିଛନ୍ତି ଯେ ସେନା ପକ୍ଷରୁ ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ଜବାବରେ ଶତ୍ରୁପକ୍ଷ ପୋଷ୍ଟଗୁଡ଼ିକୁ ଧ୍ୱଂସ କରାଯାଇଛି। ଅନ୍ତର୍ଜାତୀୟ ସୀମା ଓ ନିୟନ୍ତ୍ରଣ ରେଖାରେ ଅନୁପ୍ରବେଶ ପ୍ରୟାସକୁ ପ୍ରତିହତ ମଧ କରାଯାଇଛି। ବିଏସଏଫ ଯବାନ ପାକିସ୍ତାନର ୭୨ଟି ପୋଷ୍ଟକୁ ଧ୍ୱଂସ କରିଥିବା ମଧ ଦାବି କରାଯାଉଛି। ଏହି ଭିଡିଓରେ ପାକିସ୍ତାନୀ ସୀମା ଭିତରେ ଥିବା ଆତଙ୍କବାଦୀ ଶିବିରଗୁଡ଼ିକ ଉପରେ ବିଏସଏଫ ଦ୍ୱାରା ସଠିକ ଆକ୍ରମଣର ଦୃଶ୍ୟ ଦେଖିବାକୁ ମିଳୁଛି। ଏହି ଆକ୍ରମଣ ପରେ ପାକିସ୍ତାନୀ ରେଞ୍ଜର୍‌ମାନେ ନିଜ ନିଜ ଜୀବନ ବଞ୍ଚାଇବା ପାଇଁ ଦୌଡ଼ାଧାପଡ଼ କରିବା ସହ ଆତଙ୍କୀ ଆଡ୍ଡାଗୁଡ଼ିକୁ ମଧ ଧ୍ୱଂସ କରାଯାଇଥିବା ଦେଖାଯାଇଛି। ବିଏସଏଫ ଯବାନମାନେ ଅଖନୁର, ସାମ୍ବା ଓ ଆରଏସ ପୁରା ସେକ୍ଟରରେ ଅନେକ ଆତଙ୍କବାଦୀ ଲଞ୍ଚ ପ୍ୟାଡ୍ ନଷ୍ଟ କରିଛନ୍ତି। ଏଥିରେ ଲୋନି, ମସ୍ତପୁର ଓ ଛାବରା ସମେତ ଅନେକ ଆତଙ୍କୀ ଲଞ୍ଚ ପ୍ୟାଡ୍ ସାମିଲ ଥିବା ଦେଖିବାକୁ ମିଳିଛି।

## ମୌସୁମୀ ପରେ...

ଚାଲିଛି। ଆଗାମୀ ଦୁଇ ମାସ ଭିତରେ ଏହି ପ୍ରକ୍ରିୟା ସରିବ। ଏଥିସହ ମୌସୁମୀ ପରେ ଦ୍ୱିତୀୟ ପର୍ଯ୍ୟାୟ ଘର ବଣ୍ଟନ ହେବ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟରେ 'ଅନ୍ତ୍ୟୋଦୟ ଗୃହ ଯୋଜନା'ରେ ସମାଜର ଦୁର୍ବଳ ବର୍ଗର ସବୁ ଲୋକଙ୍କୁ ପକ୍କାଘର ଯୋଗାଇ ଦିଆଯାଉଛି। ପ୍ରଚଳିତ ଗୃହ ନିର୍ମାଣ ଯୋଜନାରେ ଉପକୃତ ହୋଇ ନ ଥିବା ଯୋଗ୍ୟ ପରିବାରଗୁଡ଼ିକୁ ଏହି ଯୋଜନାରେ ପକ୍କାଘର ପ୍ରଦାନ କରାଯିବ। ୨୫ ବର୍ଗ ମିଟର ପରିଧିର ପକ୍କାଘର ନିର୍ମାଣ ପାଇଁ ହିତାଧିକାରୀମାନଙ୍କୁ ସରକାରଙ୍କ ପକ୍ଷରୁ ୧ ଲକ୍ଷ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବା ସକାଶେ ଘୋଷଣା କରାଯାଇଛି।

ଏହି ଯୋଜନାରେ ଆଗାମୀ ୩ ବର୍ଷ ମଧ୍ୟରେ ଅତି କମରେ ୨ ଲକ୍ଷ ୨୫ ହଜାର ଘର ମଞ୍ଜୁର କରାଯିବ। ଏଥିପାଇଁ ପକ୍କାଘରର ସଂଜ୍ଞା ଓ ପରିବାରର ସଂଜ୍ଞାକୁ ମଧ୍ୟ ସରକାର କୋହଳ କରିଛନ୍ତି। ଏହି ଯୋଜନା ପାଇଁ ୭୫୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହି ଯୋଜନାରେ ପକ୍କାଘରର ସଂଜ୍ଞାକୁ ସରଳୀକରଣ କରାଯାଇ ଆଜବେଷ୍ଟସ, ଟିଣ ଓ ଟାଇଲ ଛାତଘରକୁ କଚ୍ଚାଘର ଭାବେ ବିବେଚନା କରାଯାଇଛି। କେବଳ ସିମେଣ୍ଟ୍ କାନ୍ଥ ସହ ଆରସିସି ଛାତକୁ ପକ୍କାଘର ଭାବେ ବିବେଚନା କରାଯାଉଛି। ସେହିପରି ପରିବାରର ସଂଜ୍ଞାକୁ ମଧ୍ୟ ସରଳ କରାଯାଇ ଯୋଜନାରେ ପରିବାରର ଅର୍ଥ ସ୍ୱାମୀ,ସ୍ତ୍ରୀ, ନିର୍ଭରଶୀଳ ପିତାମାତା ଓ ସନ୍ତାନଙ୍କୁ ବୁଝାଉଛି। ଏହାଦ୍ୱାରା ସୃଷ୍ଟି ହୋଇଥିବା ନୂଆ ପରିବାରଗୁଡ଼ିକ ଏହି ଯୋଜନାର ଫାଇଦା ପାଇପାରିବେ।

## ନୂଆ ପୌରାଞ୍ଚଳ...

ଭାବେ ଉନ୍ନୀତ କରିବାକୁ ଆରମ୍ଭ ହୋଇଛି ପ୍ରକ୍ରିୟା। ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ତଥା ପୋଲସରା ବିଧାୟକ ଗୋକୁଳାନନ୍ଦ ମଲ୍ଲିକଙ୍କ ଅନୁରୋଧ କ୍ରମେ ଗଞ୍ଜାମ ଜିଲ୍ଲାପାଳ ପୋଲସରା ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖି ମ୍ୟୁନିସିପାଲିଟି ପାଇଁ ଆବଶ୍ୟକ ସର୍ତ୍ତ ଲାଗି ତଥ୍ୟ ମାଗିଛନ୍ତି। ଆଉ ଏହି ପ୍ରକ୍ରିୟା ପରେ ପୋଲସରା ବାସିନ୍ଦାଙ୍କ ମନରେ ଅନେକ ଆଶା ସଞ୍ଚାର ହୋଇଛି।

ବଢୁଥିବା ଜନସଂଖ୍ୟା ଓ ପ୍ରଶାସନିକ ସୀମାକୁ ନେଇ ଏନ୍‌ଏସି ବା ମ୍ୟୁନିସିପାଲଟି ଗଠନ ହୋଇଥାଏ। ଦୀର୍ଘ ବର୍ଷ ଧରି ରାଜ୍ୟର ଅନେକ ଗ୍ରାମାଞ୍ଚଳକୁ ଏନ୍‌ଏସି ଓ ପୌରାଞ୍ଚଳରେ ସାମିଲ କରିବାକୁ ଦାବି ହୋଇଆସୁଛି। ବିଜେଡି ସରକାର ସମୟରେ ଏହାକୁ ଅଣଦେଖା କରାଯାଇଥିବା ବେଳେ ନିର୍ବାଚନର ଠିକ୍ ପୂର୍ବରୁ ତରବରିଆ ଭାବେ ପ୍ରାୟ ୫୭ଟି ନୂଆ ଏନଏସି ଗଠନ ପାଇଁ ନିର୍ବାଚନୀ ଥୋପ ଦେଇଥିଲା ଦଳ। ମାତ୍ର ସତ୍ତା ପରିବର୍ତ୍ତନ ପରେ ଏହା ଯେ କେବଳ ଧୂଆଁବାଣ ଥିଲା ତାହା ସ୍ପଷ୍ଟ ହୋଇଥିଲା। କାରଣ ଏ ସଂକ୍ରାନ୍ତରେ ପୂର୍ବରୁ ଆଦୌ କୌଣସି ପ୍ରସ୍ତାବ ସରକାରୀ ସ୍ତରରେ ନିଆଯାଇନଥିବା କହି ନବୀନ ସରକାରର ଗୁମର ଖୋଲିଥିଲେ ନୂଆ ସରକାର। କିନ୍ତୁ ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ମୋହନ ସରକାର ତୁରନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି ପ୍ରଥମ ପର୍ଯ୍ୟାୟରେ ୨୦ଟି ନୂଆ ଏନଏସି ଗଠନ ହେବ। ପଞ୍ଚାୟତିରାଜ ବିଭାଗ ସହ ସମନ୍ୱୟ ରଖି ପଦକ୍ଷେପ ନିଆଯାଉଛି। ନୂଆ ଏନ୍‌ଏସି ଓ ପୌରାଞ୍ଚଳ ଗଠନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଦାବି ମଧ ଜୋର ଧରିଲାଣି। ଏପରିକି ବିଧାୟକମାନେ ମଧ ଚିଠି ଲେଖି ଦାବି ଉପସ୍ଥାପନ କରୁଛନ୍ତି । ପ୍ରଥମ ପର୍ଯ୍ୟାୟରେ କେଉଁ ୨୦ଟି ନୂଆ ଏନ୍‌ଏସି ଗଠନ ହେଉଛି, ତାକୁ ଅପେକ୍ଷା।

### ସଚିବସ୍ତରୀୟ ବୈଠକରେ ମୁଖ୍ୟ ସଚିବଙ୍କ ପରାମର୍ଶ

## ପ୍ରତି ମାସରେ ବିଭାଗସ୍ତରୀୟ ସମୀକ୍ଷା କର



**ଭୁବନେଶ୍ୱର,୨୭।୫(ସଂଚାର ବ୍ୟୁରୋ):** ସଚିବସ୍ତରୀୟ ବୈଠକ ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏଥିରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ପ୍ରାବଧାନ ଅନୁସାରେ, ଗତ ଏପ୍ରିଲ୍ ସୁଦ୍ଧା ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ସମ୍ପର୍କରେ ଅର୍ଥ ବିଭାଗ ପକ୍ଷରୁ ସ୍ଥିତି ଉପସ୍ଥାପନ କରାଯାଇଛି। ଏଥିରେ ଗତବର୍ଷ ତୁଳନାରେ ଗତ ଏପ୍ରିଲ୍ ସୁଦ୍ଧା ସାମଗ୍ରିକ ଖର୍ଚ୍ଚ ୩୫ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ଗତ ବର୍ଷ ତୁଳନାରେ ୬୬ ପ୍ରତିଶତ ଖର୍ଚ୍ଚ ବଢ଼ିଥିବା ଦେଖିବାକୁ ମିଳିଛି। ବଜେଟ୍ ପ୍ରାବଧାନ ଅନୁସାରେ ପ୍ରତି ବିଭାଗ ନିଜ ନିଜ ସ୍ତରରେ ପ୍ରତି ମାସରେ କାର୍ଯ୍ୟର ଅଗ୍ରଗତି ଓ ତଦନୁସାରେ ଖର୍ଚ୍ଚ ସମୀକ୍ଷା କରିବାକୁ ମଧ୍ୟ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ବୈଠକରେ ବିଭିନ୍ନ ମାଧ୍ୟମରୁ ସଂଗୃହୀତ ନିଜସ୍ୱ କର ଆଦାୟ ଓ ଅଣକର ଆଦାୟ ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ୨୦୨୫-୨୬ ବଜେଟ୍‌ରେ ଥିବା ନୂଆ ଯୋଜନାର କାର୍ଯ୍ୟକାରିତା ଅଗ୍ରଗତି ସମ୍ପର୍କରେ ମଧ୍ୟ ସମୀକ୍ଷା ହୋଇଥିଲା। ବିଭିନ୍ନ ବିଭାଗରେ ଓସ୍ୱାସ୍ ବା କମ୍ପ୍ୟୁଟରୀକରଣ ବ୍ୟବସ୍ଥାରେ ସରକାରୀ ନଥି ପ୍ରୋସେସିଂ କାର୍ଯ୍ୟ ସାଧାରଣତଃ ସହକାରୀ ଉପବିଭାଗ ଅଧିକାରୀ, ଉପବିଭାଗ ଅଧିକାରୀ(ଏଏସ୍‌ଓ-ଏସ୍‌ଓ)ଙ୍କଠାରୁ ଆରମ୍ଭ କରି ବିଭିନ୍ନ ଉପରିସ୍ଥ ଅଧିକାରୀଙ୍କ ସ୍ତର ଦେଇ ପ୍ରାୟ ୫-୬ଟି ପର୍ଯ୍ୟାୟରେ ଶେଷରେ ବିଭାଗୀୟ ସଚିବଙ୍କ ନିକଟରେ ପରବର୍ତ୍ତୀ ନିଷ୍ପତ୍ତି ବା ଆଦେଶ ପାଇଁ ନଥି ପହଞ୍ଚୁଥିବାରୁ ସରକାରୀ କାର୍ଯ୍ୟ ବିଳମ୍ବିତ ହେଉଥିବା ହୃଦ୍‌ବୋଧ କରାଯାଇଛି। ଆଗାମୀ ଦିନରେ ଏହି ପ୍ରକ୍ରିୟାକୁ ସରଳ କରାଯାଇ ଯେପରି ସର୍ବାଧିକ ୩ଟି ସ୍ତର ଦେଇ ନିଷ୍ପତ୍ତି ପ୍ରଦାନକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ନଥି ପହଞ୍ଚିବ, ସେଥିପାଇଁ ଏହି ବିଭିନ୍ନ ସ୍ତରୀୟ ବ୍ୟବସ୍ଥାକୁ ଡିଲେୟାରିଂ ପ୍ରକ୍ରିୟାରେ ବ୍ୟବସ୍ଥାର ସରଳୀକରଣ କରାଯିବ। ଏହାଦ୍ୱାରା ସରକାରୀ କାର୍ଯ୍ୟ, ସେବା ପ୍ରଦାନ ଓ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଏଥିପାଇଁ ବିଭିନ୍ନ ବିଭାଗରୁ ମତାମତ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି ଓ ଖୁବ୍‌ଶୀଘ୍ର ତାହା କାର୍ଯ୍ୟକାରୀ ହେବା ପାଇଁ ବିଧିବଦ୍ଧ ନିଷ୍ପତ୍ତି ନିଆଯିବା ନେଇ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆଲୋଚନା କରିଥିଲେ। ସେହିପରି ଆଗାମୀ ଦିନରେ କେତେକ ବିଭାଗ ତରଫରୁ ଆଗତ ହେବାକୁ ଥିବା ବିଭିନ୍ନ ନୀତି ଓ ନିର୍ଦ୍ଦେଶାବଳୀ ସମ୍ପର୍କରେ ଚୂଡ଼ାନ୍ତ ପ୍ରସ୍ତାବ ପାଇଁ ବିଭିନ୍ନ ବିଭାଗକୁ ପରାମର୍ଶ ଦିଆଯାଇଛି। ବୈଠକରେ ନୂଆ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ୧୨ ତାରିଖରୁ ଆରମ୍ଭ ହେବାକୁ ଥିବା ରାଜ୍ୟ ଓ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତି ନେଇ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଛି। ବୈଠକରେ ଗୃହ ତଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଏସଆରସି ଦେଓରଞ୍ଜନ କୁମାର ସିଂ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଅନ୍ୟ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଉପସ୍ଥିତ ଥିଲେ।

## ଓଡ଼ିଶା ବିଧାନସଭାର ସଂକ୍ଷିପ୍ତ ଇତିହାସ ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର,୨୭।୫(ସଂଚାର ବ୍ୟୁରୋ): ଓଡ଼ିଶା ବିଧାନସଭାର ଗବେଷଣା ଶାଖା ପକ୍ଷରୁ ପ୍ରକାଶିତ 'ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ଓଡ଼ିଶା ଲେଗିସଲେଟିଭ୍ ଆସେମ୍ବ୍ଲି' ପୁସ୍ତକ ଆଜି ଉନ୍ମୋଚିତ ହୋଇଛି। ପୁସ୍ତକକୁ ଉନ୍ମୋଚନ କରି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି ଯେ ଆମ ସମସ୍ତଙ୍କ ପାଇଁ ଏହି ପୁସ୍ତକ ପ୍ରକାଶନର ଯଥାର୍ଥତା ରହିଛି। ଏହି ପୁସ୍ତକ ଲୋକପ୍ରତିନିଧିଙ୍କଠାରୁ ଆରମ୍ଭ କରି ଗବେଷକ, ବୁଦ୍ଧିଜୀବୀ, ବିଦ୍ୟାର୍ଥୀ ତଥା ସାଧାରଣ ଜନତାଙ୍କ ପାଇଁ ନିଶ୍ଚିତ ଭାବେ ଉପାଦେୟ ହୋଇପାରିବ। ୧୯୩୬ ଏପ୍ରିଲ୍ ପହିଲାରେ ବ୍ରିଟିଶ ଶାସନାଧୀନ ଭାରତବର୍ଷରେ ଏକ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଓଡ଼ିଶା ଶାସନଗତ ସ୍ୱାଧୀନତା ତଥା ସ୍ୱତନ୍ତ୍ର ସାମ୍ବିଧାନିକ ସ୍ଥିତି ହାସଲ କଲା। ସ୍ୱତନ୍ତ୍ର ଓଡ଼ିଶାର (ପ୍ରାକ୍ ସ୍ୱାଧୀନତା) ପ୍ରଥମ ବିଧାନସଭାଠାରୁ ଚଳିତ ସପ୍ତଦଶ ଓଡ଼ିଶା ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ଓଡ଼ିଶା ଦାୟିତ୍ୱରେ ଥିବା ରାଜ୍ୟପାଳ, ବାଚସ୍ପତି, ଗୃହର ନେତା (ମୁଖ୍ୟମନ୍ତ୍ରୀ), ବିରୋଧୀ ଦଳ ନେତା, ଉପବାଚସ୍ପତି, ବିଧାନସଭା ସଚିବାଳୟର ସଚିବଙ୍କ ସହିତ ବିଭିନ୍ନ ପର୍ଯ୍ୟାୟରେ ମନ୍ତ୍ରିମଣ୍ଡଳ ଗଠନ, ସାଧାରଣ ନିର୍ବାଚନ, ଉପନିର୍ବାଚନ, ଦଳୀୟ ସ୍ଥିତି ସହ ବିଧାନସଭା ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏହି ପୁସ୍ତକରେ ସ୍ଥାନିତ ହୋଇଛି। ଉନ୍ମୋଚନ ପର୍ବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ, ପୁସ୍ତକ ସଂକଳନରେ ସମ୍ପୃକ୍ତ ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ, ପ୍ରଶାନ୍ତ ଦାସ ଓ ଅମୂଲ୍ୟ କୁମାର ସ୍ୱାଇଁ ଉପସ୍ଥିତ ଥିଲେ।

## ବିକଶିତ କୃଷି ସଂକଳ୍ପ ଅଭିଯାନ

# ୨୦ ରାଜ୍ୟ ବୁଲିବେ କେନ୍ଦ୍ର କୃଷି ମନ୍ତ୍ରୀ

- ସାକାର ହେବ ପ୍ରଧାନମନ୍ତ୍ରୀଙ୍କ 'ଲ୍ୟାବ୍ ଟୁ ଲ୍ୟାଣ୍ଡ' ଅଭିଯାନ
- ଯୋଡ଼ିହେବେ ୧.୫ କୋଟି କୃଷକ



ଭୁବନେଶ୍ୱର,୨୭।୫(ସଂଚାର ବ୍ୟୁରୋ): କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନଙ୍କ ଉଦ୍ୟମ କ୍ରମେ ଦେଶବ୍ୟାପୀ 'ବିକଶିତ କୃଷି ସଂକଳ୍ପ ଅଭିଯାନ' ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଏହି ଅଭିଯାନର ଶୁଭାରମ୍ଭ ଆସନ୍ତା ୨୯ରେ ଶ୍ରୀକ୍ଷେତ୍ର ପୁରୀରୁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନଙ୍କ ଉପସ୍ଥିତିରେ କରାଯିବ। ଏହି ୧୫ଦିନିଆ ଅଭିଯାନରେ ଶ୍ରୀ ଚୌହାନ ପ୍ରାୟ ୨୦ଟି ରାଜ୍ୟ ଗସ୍ତ କରି କୃଷକ ଏବଂ ବୈଜ୍ଞାନିକଙ୍କୁ ଅନୁପ୍ରାଣିତ କରିବା ସହ ସେମାନଙ୍କ ସହ ସିଧାସଳଖ ମତ ବିନିମୟ କରିବେ। ୨୯ରେ ଓଡ଼ିଶାରେ ଏହି ଅଭିଯାନ ଆରମ୍ଭ ହେବା ପରେ ଶ୍ରୀ ଚୌହାନ ଜାମ୍ମୁ, ରାଜସ୍ଥାନ, ଗୁଜରାଟ, ଉତ୍ତର ପ୍ରଦେଶ, ବିହାର, ମହାରାଷ୍ଟ୍ର, ହରିୟାଣା, ପଞ୍ଜାବ, ଉତ୍ତରାଖଣ୍ଡ, ଆସାମ, ମେଘାଳୟ, କର୍ଣ୍ଣାଟକ, ତାମିଲନାଡୁ, ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ, ମଧ୍ୟପ୍ରଦେଶ, ଦିଲ୍ଲୀ ଓ ଛତିଶଗଡ଼ ଗସ୍ତ କରିବେ। ସେହିପରି ଜୁନ୍ ୧୨ ତାରିଖ ପର୍ଯ୍ୟନ୍ତ କେନ୍ଦ୍ର ମନ୍ତ୍ରୀ କୃଷକ ଏବଂ ବୈଜ୍ଞାନିକ ଟିମ୍ ସହ ଭାବ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅଭିଯାନର ଉଦ୍ଦେଶ୍ୟ ବିଭିନ୍ନ ଅଞ୍ଚଳ ପାଇଁ ନିର୍ଦ୍ଦିଷ୍ଟ ପ୍ରମୁଖ ଖରିଫ ଫସଲ ପାଇଁ ଆଧୁନିକ ଜ୍ଞାନକୌଶଳ ବିଷୟରେ କୃଷକମାନଙ୍କୁ ଶିକ୍ଷିତ କରିବା ସହ ଲାଭଦାୟକ ସରକାରୀ ଯୋଜନା ଓ ନୀତି ବିଷୟରେ ସଚେତନତା ସୃଷ୍ଟି କରିବା। ଏଥିସହ ଫସଲ ଚୟନ ଓ ସନ୍ତୁଳିତ ସାର ପ୍ରୟୋଗ ପାଇଁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବ୍ୟବହାର କରିବା ଉପରେ କୃଷକମାନଙ୍କ ମାର୍ଗଦର୍ଶନ କରିବା ଏବଂ କୃଷକଙ୍କ ନେତୃତ୍ୱାଧୀନ ନବସୃଜନକୁ ବୁଝିବା ପାଇଁ ମତାମତ ସଂଗ୍ରହ କରିବା ତଥା ସେହି ଅନୁଯାୟୀ ଅନୁସନ୍ଧାନ ନିର୍ଦ୍ଦେଶାବଳୀ ପରିଚାଳିତ କରିବା ମଧ୍ୟ ଏହି ଅଭିଯାନର ଅନ୍ୟତମ ଉଦ୍ଦେଶ୍ୟ।

ଖରିଫ ଋତୁରେ କୃଷକମାନଙ୍କୁ ସିଧାସଳଖ ଲାଭ ପହଞ୍ଚାଇବା ଉଦ୍ଦେଶ୍ୟରେ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର) ଏବଂ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ୨୯ରୁ ଜୁନ୍ ୧୨ ପର୍ଯ୍ୟନ୍ତ ୭୦୦ରୁ ଅଧିକ ଜିଲ୍ଲାରେ ରାଜ୍ୟ ସରକାରଙ୍କ ସହଯୋଗରେ ଦେଶବ୍ୟାପୀ 'ବିକାଶ କୃଷି ସଂକଳ୍ପ ଅଭିଯାନ' ଆୟୋଜନ କରାଯିବ। ଏହି ସମୟରେ ବୈଜ୍ଞାନିକ ଟିମ୍ ଗାଁ ଗାଁ ବୁଲି କୃଷକଙ୍କ ସହ ଭାବ ବିନିମୟ କରିବେ। ଏହି ଅଭିଯାନରେ ଦେଶର ସମସ୍ତ ୭୩୧ଟି କୃଷି ବିଜ୍ଞାନ କେନ୍ଦ୍ର (କେଭିକେ), ଆଇସିଏଆରର ସମସ୍ତ ୧୧୩ଟି ପ୍ରତିଷ୍ଠାନ, ରାଜ୍ୟସ୍ତରୀୟ ବିଭାଗ, କୃଷି, ଉଦ୍ୟାନ କୃଷି, ପଶୁପାଳନ, ମତ୍ସ୍ୟଚାଷ, ପ୍ରଗତିଶୀଳ କୃଷକ ଏବଂ କୃଷି ସହ ଜଡ଼ିତ ଅଧିକାରୀ ଓ କର୍ମଚାରୀ ସାମିଲ ହେବେ।

ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ବିଭିନ୍ନ ରାଜ୍ୟର ପ୍ରାୟ ଦେଢ଼ କୋଟି କୃଷକଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଲ୍ୟାବ୍ ଟୁ ଲ୍ୟାଣ୍ଡ' (ପରୀକ୍ଷାଗାରରୁ ଚାଷ ଜମି ପର୍ଯ୍ୟନ୍ତ) ଲକ୍ଷ୍ୟକୁ ସାକାର କରିବା। କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନ ଏ ସଂକ୍ରାନ୍ତରେ କହିଛନ୍ତି ଯେ ବିକଶିତ କୃଷି ସହ ଏହି ଅଭିଯାନ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ-୨୦୪୭ ସଂକଳ୍ପକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

## ୪୮ ଘଣ୍ଟାରେ ଘନୀଭୂତ ହେବ ଲଘୁଚାପ



**ଜୁନ୍‌ରେ ୧୦୬ ପ୍ରତିଶତ ବର୍ଷା ସମ୍ଭାବନା**

ଭୁବନେଶ୍ୱର,୨୭।୫(ସଂଚାର ବ୍ୟୁରୋ): ପଶ୍ଚିମ କେନ୍ଦ୍ରୀୟ ଓ ତା'ର ପାର୍ଶ୍ୱବର୍ତ୍ତୀ ଉତ୍ତର ବଙ୍ଗୋପସାଗରରେ ଆଜି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଆଗାମୀ ୪୮ ଘଣ୍ଟା ମଧ୍ୟରେ ଅଧିକ ଘନୀଭୂତ ହେବ ଓ ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଲଘୁଚାପ ବର୍ଷା ମୌସୁମୀ ଅଗ୍ରସରକୁ ଆହୁରି ସକ୍ରିୟ କରିବ। ଅନ୍ୟପକ୍ଷରେ ମୌସୁମୀ ବର୍ଷା ନେଇ ଆଜି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆସନ୍ତା ମାସରେ ଦେଶର ବିଭିନ୍ନ ସ୍ଥାନରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଜୁନ୍‌ରେ ୧୦୬ ପ୍ରତିଶତ ବର୍ଷା ହେବା ନେଇ ଆଇଏମ୍‌ଡି ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଚଳିତ ମାସରେ ଦେଶରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟକୁ ବାଦ୍ ଦେଲେ ଅନ୍ୟ ସ୍ଥାନରେ ଅଧିକ ବର୍ଷା ହୋଇଛି। ସେହିପରି କେରଳରେ ୮ ଦିନ ପୂର୍ବରୁ ମୌସୁମୀ ପ୍ରବେଶ କରିସାରିଛି। ଦକ୍ଷିଣ ଭାରତ ଓ ମହାରାଷ୍ଟ୍ରରେ ମଧ୍ୟ ମୌସୁମୀ ପହଞ୍ଚିସାରିଛି। ମୌସୁମୀର ଅଗ୍ରଗତି ନେଇ ଦେଶରେ ପାଗ ବେଶ୍ ଅନୁକୂଳ ରହିଥିବାରୁ ଏହା ଅଧିକ ବର୍ଷା କରାଇବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ସୂଚନାଯୋଗ୍ୟ ଯେ ଲଘୁଚାପ ପ୍ରଭାବରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏପରିକି ଘଡ଼ଘଡ଼ି ସହ ୪୦ରୁ ୫୦ କିମି ଘଣ୍ଟା ପ୍ରତି ବେଗରେ ପବନ ବହିବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିସକାଶେ ରାଜ୍ୟର ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ଜଣାପଡ଼ିଛି।

## ଅଜୟ ସହ ୧୮ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଓ ସଙ୍ଗଠନକୁ ଝଟ୍‌କା**

**ବ୍ୟାପକ ମାତ୍ରାରେ ଅସ୍ତ୍ରଶସ୍ତ୍ର ଜବତ**

**୩୯ ଲକ୍ଷର ପୁରସ୍କାର ଥିଲା**




ରାୟଗଡ଼ା,୨୭।୫(ସଂଚାର ବ୍ୟୁରୋ): ଦୀର୍ଘ ବର୍ଷ ପରେ ମାଓବାଦୀ ସଂଗଠନର ହାତ ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ସକାଶେ ଆଜି ପୁଲିସ ନିକଟରେ ଆତ୍ମସର୍ମପଣ କରିଛନ୍ତି ହାର୍ଡକୋର୍ ମାଓବାଦୀ ନେତା ବିଜୟାପୁନେମ ଓରଫ ଅଜୟ ସମେତ ୧୮ ଜଣ ମାଓବାଦୀ। ଏହି ମାଓବାଦୀଙ୍କ ନାମରେ ୩୯ ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା। ସେହିପରି ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରୁ ଅଧିକାଂଶ ସୁକମା ବିଜାପୁର ଅଞ୍ଚଳରେ ଅନେକ ପ୍ରମୁଖ ହିଂସାକାଣ୍ଡରେ ଜଡ଼ିତ ଥିଲେ।

ଅନ୍ୟପକ୍ଷରେ ଅଜୟ ବାସଧାରା-ଘୁମୁସୁର-ନାଗାବଳୀ ଡିଭିଜନର ଜଣେ ବେଶ୍ ସକ୍ରିୟ ମାଓବାଦୀ ଥିଲେ ବୋଲି ଜିଲ୍ଲା ପୁଲିସ୍ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ସ୍ୱାତୀ ଏସ୍. କୁମାର ସୂଚନା ଦେଇଛନ୍ତି। ଅଜୟଙ୍କ ଘର ଛତିଶଗଡ଼ ରାଜ୍ୟର ବିଜାପୁର ଜିଲ୍ଲା ଅର୍ନ୍ତଗତ ହୁସୁର ଥାନାର ବାଟିଗୁ ଗ୍ରାମରେ ହୋଇଥିବା ବେଳେ ତାଙ୍କଠାରୁ ପୁଲିସ ଏକ ୯ଏମ୍‌ଏମ୍ ପିସ୍ତଲ, ୮ ରାଉଣ୍ଡ ଗୁଳି ଏବଂ ଗୋଟିଏ ୱାକିଟାକି ଜବତ କରିଛି। ଆତ୍ମସମର୍ପଣ କରିଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

ତାଙ୍କ ସୂଚନାନୁସାରେ, ଅଜୟ ୨୦୦୯ରେ ପ୍ରତିବନ୍ଧିତ ସିପିଆଇ(ଏମ୍)ରେ ଯୋଗଦେବା ପରେ ୨୦୧୦ ପର୍ଯ୍ୟନ୍ତ ଛତିଶଗଡ଼, ୨୦୧୧-୨୦୧୪ ପର୍ଯ୍ୟନ୍ତ ମାଲକାନଗିରି-କୋରାପୁଟ ଓ ୨୦୧୪-୨୦୨୪ ପର୍ଯ୍ୟନ୍ତ ନୂଆପଡ଼ା ଜିଲ୍ଲାରେ ବିଜିଏନ ଡିଭିଜନର ଘୁମୁସୁର ଏସିରେ କାର୍ଯ୍ୟରତ ଥିଲେ। ସେ ୨୦୦୯ରେ ସିପିଆଇ(ମାଓବାଦୀ) ସଂଗଠନରେ ଯୋଗଦେବା ପରେ ପ୍ରଶିକ୍ଷଣ ସମାପ୍ତ କରି ଏମ୍. ବାଳକ୍ରିଷ୍ଣା ଓରଫ ମନୋଜଙ୍କ ସୁରକ୍ଷା ଟିମ ଦାୟିତ୍ୱରେ ଥିଲେ। ୨୦୧୪ରେ ଅଜୟ ମାଓବାଦୀଙ୍କ ଏସିଏମ୍ ର୍‍ୟାଙ୍କକୁ ପଦୋନ୍ନତି ପାଇ ମନୋଜର ଗନମ୍ୟାନ ଭାବେ କାମ କରିଥିଲେ । ତେବେ ୨୦୨୩ରେ ତାଙ୍କୁ ବିଜିଏନ ଡିଭିଜନକୁ ପଠାଯାଇଥିଲା। ପରେ ସେ ଘୁମୁସୁର ଏସିରେ କାର୍ଯ୍ୟରତ ଥିଲେ। ଅଜୟ କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନାର ବଣ୍ଡିପାଙ୍ଗା ଗ୍ରାମର ମେଟଲା ରଇତଙ୍କ ହତ୍ୟା ମାମଲା, ମାର୍ଚ୍ଚ ୨୦୨୪ ପୁଲିସ ଓ ମାଓବାଦୀ ଗୁଳି ବିନିମୟ ମେରାଗୁ ମାମଲା, ଶିରଲା ଇଓଏଫ ପୁଲିସ ଓ ମାଓବାଦୀ ଗୁଳି ବିନିମୟ ମାମଲା ସହ ୨୦୨୨ରେ ଛତିଶଗଡ଼ ରାଜ୍ୟର ଯୋଡେଇପାଣି ଓଏଫ, ସିକସାର ଇଓଏଫ, କନ୍ଧମାଳ ଜିଲ୍ଲାରେ ହୋଇଥିବା ଚେଇପାଲି ଇଓଏଫ ଏବଂ କୋଡ଼ଙ୍ଗା ଇଓଏଫ ମାମଲା ସହ ଜଡିତ ଥିଲେ। ତାଙ୍କ ନାଁରେ ୭ଟି ମାମଲା ରହିଛି। ଅଜୟ ମାଓବାଦୀ ସଂଗଠନ ଛାଡି ଆତ୍ମସର୍ମପଣ କରିବାର ପ୍ରମୁଖ କାରଣ ମଧ୍ୟରେ ସିପିଆଇ(ମାଓବାଦୀ) ସଂଗଠନର ଭୁଲ ଚିନ୍ତାଧାରା, ମୁଖିଆଙ୍କ ଦୁର୍ବ୍ୟବହାର, ଅଞ୍ଚଳରେ ଫୋର୍ସ ଦ୍ୱାରା ବାରମ୍ବାର କମ୍ବିଂ, ଖାଦ୍ୟ, ପାନୀୟ ଜଳ ଓ ପୋଷାକ ଆଦି ଉପଲବ୍ଧି ଓ ଭାଷା ସମସ୍ୟା ଆଦି ରହିଛି। ୨୦୦୬ରୁ ୨୦୨୪ ମଧ୍ୟରେ ଓଡ଼ିଶା ପୁଲିସ୍ ନିକଟରେ ୬୭୪ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ସେମାନଙ୍କ ମଧ୍ୟରେ ରାୟଗଡ଼ା ଜିଲ୍ଲାର ୨୯ ଜଣ ମାଓବାଦୀ ରହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅଜୟ ସାମାଜିକ ସ୍ରୋତକୁ ଫେରିବା ସକାଶେ ମନସ୍ଥ କରିଥିବା ଜଣାପଡ଼ିଛି।

## ରାଜନାଥଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୭।୫(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଦିଲ୍ଲୀରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ଭେଟିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂଙ୍କୁ ମହାପ୍ରଭୁ ଜଗନ୍ନାଥଙ୍କ ଏକ ପ୍ରତିମୂର୍ତ୍ତି ଉପହାର ଦେଇଛନ୍ତି। ଏଥିସହ ଉଭୟଙ୍କ ମଧ୍ୟରେ ଦେଶ ଓ ରାଜ୍ୟର ସୁରକ୍ଷା ଏବଂ ବିକାଶ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଆସନ୍ତା ରଥଯାତ୍ରା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୁରୀ ଆସିବାକୁ ମଧ୍ୟ ନିମନ୍ତ୍ରଣ କରିଛନ୍ତି। ଏପରିକି ସମସ୍ତ କେନ୍ଦ୍ରମନ୍ତ୍ରୀ, ଏନ୍‌ଡିଏଶାସିତ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିମନ୍ତ୍ରଣ କରିଥିବା ଜଣାପଡ଼ିଛି।

## ଯଜ୍ଞେଶ୍ୱର ଦଣ୍ଡପାଟ ଉତ୍କଳ ୟୁନିଭର୍ସିଟିର ଅସ୍ଥାୟୀ କୁଳପତି



ଭୁବନେଶ୍ୱର,୨୭।୫(ସଂଚାର ବ୍ୟୁରୋ): ଉତ୍କଳ ୟୁନିଭର୍ସିଟିର ଅସ୍ଥାୟୀ କୁଳପତି ଭାବେ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ନିଯୁକ୍ତି ଦିଆଯାଇଛି। ରାଜଭବନ ପକ୍ଷରୁ ଆଜି ପ୍ରକାଶ ପାଇଥିବା ଏକ ନିର୍ଦ୍ଦେଶନାମାରୁ ଏହା ଜଣାପଡ଼ିଛି। ଏହି ନିର୍ଦ୍ଦେଶାନାମା ଅନୁସାରେ, ପ୍ରଫେସର ଦଣ୍ଡପାଟ ନୂଆ କୁଳପତିଙ୍କ ନିଯୁକ୍ତି ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିବେ। ପ୍ରଫେସର ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ୩ ଦିନ ଧରି ବିନା କୁଳପତିରେ ବିଶ୍ୱବିଦ୍ୟାଳୟ ଚାଲିବା ପରେ ଆଜି ବାୟୋଟେକ୍ନୋଲୋଜି ପ୍ରଫେସର ଦଣ୍ଡପାଟଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ସୋସିଆଲ ମିଡିଆରେ ନୂଆ କୁଳପତି କିଏ ହେବ, ସେନେଇ ବେଶ୍ ଚର୍ଚ୍ଚା ପରେ ଶେଷରେ ପ୍ରଫେସର୍ ଦଣ୍ଡପାଟଙ୍କୁ ସାମୟିକ କୁଳପତି ଭାବେ ନିଯୁକ୍ତି ଦିଆଯାଇଛି।

## ଏଡିବି ଇଭେଣ୍ଟ୍‌ରେ ଭାଗନେଲେ ଏଚ୍‌ୟୁଡିର ଦୁଇ ଅଧିକାରୀ




ଭୁବନେଶ୍ୱର,୨୭।୫(ସଂଚାର ବ୍ୟୁରୋ): ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ (ଏଚ୍‌ୟୁଡି) ବିଭାଗର ଦୁଇ ଜଣ ବରିଷ୍ଠ ଅଧିକାରୀ ଆଜିଠାରୁ ଫିଲିପାଇନ୍ସର ମାନିଲାସ୍ଥିତ ଏଡିବି ମୁଖ୍ୟାଳୟରେ ଆରମ୍ଭ ହୋଇଥିବା ଏସୀୟ ବିକାଶ ବ୍ୟାଙ୍କର ଜଳ ଓ ନଗର ଉନ୍ନୟନ ଫୋରମ୍ (AWUF)-୨୦୨୫ରେ ଅଂଶଗ୍ରହଣ କରିଛନ୍ତି। ଏହି ଫୋରମ୍ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। 'ଜଳର ମୂଲ୍ୟାଙ୍କନ ଓ ଏସିଆ ଏବଂ ପ୍ରଶାନ୍ତ ମହାସାଗରରେ ଜୀବନଧାରଣ ବୃଦ୍ଧି' ଶୀର୍ଷକ ଏହି ଚାରିଦିନିଆ ଫୋରମ୍‌ରେ ବିଶ୍ୱସ୍ତରୀୟ ନେତା, ନୀତି ନିର୍ଦ୍ଧାରକ ଓ ବିଶେଷଜ୍ଞମାନେ ଯୋଗଦେଇଥିବା ବେଳେ ଏଥିରେ ସମଗ୍ର ଅଞ୍ଚଳରେ ଅଭିନବ ଓ ସ୍ଥାୟୀ ସହରାଞ୍ଚଳ ବିକାଶ ଉପରେ ବିଚାର ବିମର୍ଶ କରାଯିବ। ଏହି ଫୋରମ୍‌ରେ ଓଡିଶାର ପ୍ରତିନିଧିତ୍ୱ କରି ଅତିରିକ୍ତ ସଚିବ ଦେବାଶିଷ ସିଂହ ଓ ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ଶିଖା ବିଶ୍ୱାଳ ଯୋଗ ଦେଇଛନ୍ତି। ସୂଚନାଯୋଗ୍ୟ ଯେ 'ସମସ୍ତଙ୍କ ପାଇଁ ଗୃହ: ଜୀବନ,ଅର୍ଥନୀତି ଏବଂ ସମ୍ପ୍ରଦାୟକୁ ପରିବର୍ତ୍ତନ କରିବା' ଶୀର୍ଷକ ଏକ ପ୍ରମୁଖ ବିଷୟବସ୍ତୁ ଅଧିବେଶନରେ ଶ୍ରୀ ସିଂହଙ୍କୁ ମଧ୍ୟ ବକ୍ତା ଭାବେ ଯୋଗଦେବା ସକାଶେ ନିମନ୍ତ୍ରଣ କରାଯାଇଛି। ପ୍ୟାନେଲ୍ ସଦସ୍ୟ ଭାବେ ତାଙ୍କର ସାମିଲ ଅନ୍ତର୍ଭୁକ୍ତିମୂଳକ ଗୃହ ନିର୍ମାଣ ଓ ସହରାଞ୍ଚଳ ପରିବର୍ତ୍ତନ କ୍ଷେତ୍ରରେ ଓଡ଼ିଶାର ବୃଦ୍ଧି ପାଉଥିବା ଗୁରୁତ୍ୱକୁ ପ୍ରମାଣିତ କରିଛି। ଏହି ଦୁଇ ଅଧିକାରୀଙ୍କ ଅଂଶଗ୍ରହଣ ଜଳ ପରିଚାଳନା, ସହରାଞ୍ଚଳ ଶାସନ ଓ ସ୍ଥାୟୀ ଗୃହ ନିର୍ମାଣ କ୍ଷେତ୍ରରେ ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସ ସହ ସମନ୍ୱୟ ସ୍ଥାପନ ଦିଗରେ ରାଜ୍ୟର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି।

## ବେଆଇନ ଧାନ ଚାଲାଣ କରୁଥିବା ଟ୍ରକ୍ ଜବତ



**● ପଶ୍ଚିମବଙ୍ଗରୁ ଓଡ଼ିଶା ଆସୁଥିଲା**

ଜଳେଶ୍ୱର,୨୭।୫(ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଟ୍ରକରେ ବେଆଇନ ଧାନ ଚାଲାଣ ହେଉଥିବା ସମୟରେ ଏହାକୁ ଏନ୍‌ଫୋର୍ସମେଣ୍ଟ୍ ସ୍କ୍ୱାଡ୍ ପକ୍ଷରୁ ଜବତ କରାଯାଇଛି। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଆମ୍ବଲିଅଠା ନାକା ପଏଣ୍ଟ ନିକଟରେ ଚଢ଼ଉ କରି ଏନଫୋର୍ସମେଣ୍ଟ ଟିମ ଧାନ ବୋଝେଇ ଟ୍ରକ ଜବତ କରିଛି। ଜବତ ହୋଇଥିବା ଟ୍ରକରେ ୨୫୦ କୁଣ୍ଟାଲ ଧାନ ଥିବା ଜଣାପଡ଼ିଛି । ସ୍ଥାନୀୟ ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ଯୋଗାଣ ବିଭାଗ ଏହାର ତଦନ୍ତ କରୁଛି। ଗତ ଦୁଇ ମାସ ହେବ ରବି ଧାନ ଅମଳ ସରିଛି। କିନ୍ତୁ ଏବେ ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ବେଆଇନ ଧାନ ଚାଲାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ପରେ ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଆଜି ଏହି ଚଢ଼ାଉ କରାଯାଇଥିଲା। ଓଡ଼ିଶା ସରକାର ଧାନ କୁଇଣ୍ଟାଲ ଉପରେ ୮ ଶହ ଟଙ୍କା ଇନପୁଟ ସବସିଡି ଦେଉଥିବାରୁ ଏହାକୁ ହାତେଇବା ଲକ୍ଷ୍ୟରେ ପ୍ରତିଦିନ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ଓଡ଼ିଶାକୁ ଆସୁଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସିଛି।

**● ରେଳ ଟନେଲ ଭୁଶୁଡିବା ଘଟଣା**

## ସ୍ଥିତି ଅନୁଧ୍ୟାନ କଲେ ବିଜେଡି ଟିମ୍

ବୌଦ୍ଧ,୨୭।୫(ସଂଚାର ବ୍ୟୁରୋ): ବୌଦ୍ଧ ଜିଲ୍ଲାରେ ରେଳ ଟନେଲ ଭୁଶୁଡିବା ଘଟଣାରେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି ବିଜେଡି ଟିମ। ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତଙ୍କ ନେତୃତ୍ୱରେ ବିଜେଡି ଟିମ୍ ଛାନଭିନ କରିଥିବା ଜଣାପଡ଼ିଛି। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନବୀନ ବାବୁଙ୍କ ସ୍ୱପ୍ନର ପ୍ରକଳ୍ପ। ମାଗଣାରେ ଜମି ଯୋଗାଇବା ସହ ଅନୁଦାନ ଯୋଗାଇଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଡବଲ ଇଞ୍ଜିନ ସରକାର ଆସିବା ପରେ ଡବଲ ଦୁର୍ନୀତି ଯୋଗୁ ଅଘଟଣ ଘଟିଥିବା ଅଭିଯୋଗ କରିଛି ବିଜେଡି ଟିମ। ତୁରନ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ବିଜେଡି ନେତା ପ୍ରଦୀପ ଆମାତ। ତଦନ୍ତ କମିଟିରେ ମନ୍ତ୍ରୀ, ବିଧାୟକ ଓ ବିରୋଧୀ ଦଳର ସଦସ୍ୟାଙ୍କୁ ସାମିଲ କରିବାକୁ ସେ ଦାବି କରିଛନ୍ତି। ସେପଟେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିରୀକ୍ଷଣ କରିଛନ୍ତି ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର। ବୌଦ୍ଧ ଏସପିଙ୍କ ସହ ବରିଷ୍ଠ ପୁଲିସ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ।

## ନରସିଂହପୁର ପାଇଁ ଆଣିଲେ ଗୌରବ



**୨୦୦ ଘଣ୍ଟା ଉଡ଼ାଣ ପରେ ସୋନାଲିକା ହେଲେ କମର୍ସିଆଲ୍ ପାଇଲଟ୍**

ନରସିଂହପୁର,୨୭।୫(ସଂଚାର ବ୍ୟୁରୋ): ସ୍ୱପ୍ନରେ ଲାଗିଲା ଡେଣା । କମର୍ସିଆଲ୍ ପାଇଲଟ୍ ହେଲେ ଓଡ଼ିଶା ଝିଅ ସୋନାଲିକା। ବର୍ତ୍ତମାନ ସେ ଅଫିସିଆଲି ବ୍ୟକ୍ତିଗତ ପ୍ଲେନ୍ ଉଡାଇପାରିବେ। ଡିଜିସିଏ ଦ୍ୱାରା ଗଠିତ ସମସ୍ତ ପରୀକ୍ଷା ଉତ୍ତୀର୍ଣ୍ଣ ହୋଇ ୨୦୦ ଘଣ୍ଟା ଉଡ଼ାଣ ପୂରଣ କରି ନରସିଂହପୁରର ଝିଅ ସୋନାଲିକା ମିଶ୍ର କମର୍ସିଆଲ୍ ପାଇଲଟ୍ ଲାଇସେନ୍ସ (ସିପିଏଲ୍) ହାସଲ କରିଛନ୍ତି। ଆମ ରାଜ୍ୟରେ ପୁଅଙ୍କ ତୁଳନାରେ ଝିଅମାନେ ଅପେକ୍ଷାକୃତ କମ୍ ସଂଖ୍ୟାରେ ସିପିଏଲ୍ ପାଇଛନ୍ତି। ଏଭଳି ସ୍ଥିତିରେ ସୋନାଲିକା ସିପିଏଲ୍ ପାଇ ନରସିଂହପୁର ତଥା ରାଜ୍ୟ ପାଇଁ ଗୌରବ ଅର୍ଜନ ଆଣିଦେଇଛନ୍ତି। ସୋନାଲିକା ହେଉଛନ୍ତି ନରସିଂହପୁର ବାର୍ ଆସୋସିସନ୍ ସଭାପତି ନିର୍ମଳେନ୍ଦୁ ମିଶ୍ର ଓ ଦେବଯାନୀ ମିଶ୍ରଙ୍କ ଝିଅ ଏବଂ ନରସିଂହପୁର ବାର୍ ଆସୋସିଏନ୍ର ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ଭଗିରଥୀ ମିଶ୍ର ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବିନୋଦିନୀ ମିଶ୍ରଙ୍କ ନାତୁଣୀ। ଏହି ସଫଳତା ପରେ ସୋନାଲିକା ତାଙ୍କ ବାପା-ମାଆ ଓ ସ୍ୱର୍ଗତ ଜେଜେ-ଜେଜେମାଙ୍କ ପ୍ରତି ଗଭୀର ସମ୍ମାନ ବ୍ୟକ୍ତ କରିଛନ୍ତି । ସେ ନରସିଂହପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରୁ ଦଶମ ଶ୍ରେଣୀ ପାସ କରି କିଟ୍ ବିଶ୍ୱବିଦ୍ୟାଳୟରେ ଯୁକ୍ତ ଦୁଇ କରିଥିଲେ । ପରେ ଉତ୍କଳ ଏରୋସ୍ପେସ୍ ଇଞ୍ଜିନିୟରିଂ କଲେଜ ଭୁବନେଶ୍ୱରରେ ଏୟାରକ୍ରାଫ୍ଟ ମେଣ୍ଟେନାନ୍ସ ଇଞ୍ଜିନିୟରିଂ ପଢ଼ିଥିଲେ। କୋଲକାତା ଏୟାର୍ ଇଣ୍ଡିଆରେ ୬ ମାସ ଅନ୍-ଜବ୍ ଟ୍ରେନିଂ ମଧ୍ୟ କରିଛନ୍ତି। ସେ କମର୍ସିଆଲ୍ ପାଇଲଟ୍ ଲାଇସେନ୍ସ ପାଇଁ ଆବଶ୍ୟକ ସମସ୍ତ ପରୀକ୍ଷା ପାସ୍ କରି ତାଙ୍କ ଉଡ଼ାଣ ଶିକ୍ଷା ରେଡବାର୍ଡ ଫ୍ଲାଇଂ ଟ୍ରେନିଂ ଏକାଡେମିରେ ସଫଳତାର ସହ ସମ୍ପୂର୍ଣ୍ଣ କରିଛନ୍ତି। ଏବେ ସୋନାଲିକା ଟ୍ରେନି ପାଇଲଟ୍ ଭାବେ ଏକ ବିମାନ କମ୍ପାନୀରେ ଫାଷ୍ଟ ଅଫିସର୍ ଅର୍ଥାତ କୋ-ପାଇଲଟ୍ ଭାବେ କାର୍ଯ୍ୟ କରିବେ। ଏହା କେବଳ ନରସିଂହପୁର ନୁହେଁ ବରଂ ରାଜ୍ୟ ପାଇଁ ଗର୍ବର ବିଷୟ। ପିଲାଟି ବେଳୁ ତାଙ୍କର ହେଲେ ପାଇଲଟ୍ ହେବାର ଇଚ୍ଛା ଥିବା ବେଳେ ଏହାକୁ ପୂରଣ କରିବା ସକାଶେ ସେ ସବୁବେଳେ ଉଦ୍ୟମ କରିଆସିଥିଲେ।

## ଧରାପଡ଼ିଲେ ୯ ଦୁର୍ଦ୍ଧାନ୍ତ ଅପରାଧୀ

**● ୭ ପିସ୍ତଲ ସହ ୧୫ ରାଉଣ୍ଡ୍ ଗୁଳି ଓ ୨ଟି କାତି ଜବତ**



ଭଞ୍ଜନଗର,୨୭।୫(ସଂଚାର ବ୍ୟୁରୋ): ଭଞ୍ଜନଗର ପୁଲିସକୁ ବଡ଼ ସଫଳତା। ଏକାଥରକେ ୭ଟି ପିସ୍ତଲ, ୧୫ ରାଉଣ୍ଡ୍ ଜୀବନ୍ତ ଗୁଳି, ଏବଂ ୨ଟି କାତି ଜବତ କରିବା ସହ ୯ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଗିରଫ କରିଛି। ଏବେ ସୁଦ୍ଧା ଗତ ୨ ମାସ ଭିତରେ ଭଞ୍ଜନଗର ପୁଲିସ ୧୨ଟି ପିସ୍ତଲ ଜବତ କରିବା ସହ ବହୁ ହାର୍ଡକୋର୍ ଅପରାଧୀକୁ ଧରିବାରେ ସକ୍ଷମ ହୋଇଛି। ଗଞ୍ଜାମ ପୁଲିସ ଜିଲ୍ଲାରେ ଭଞ୍ଜନଗର ପୁଲିସର ଏହା ସବୁଠାରୁ ବଡ଼ ଅପରେସନ ବୋଲି ଆଜି ଏଠାରେ ଭଞ୍ଜନଗର ଅତିରିକ୍ତ ଏସପି ରଞ୍ଜନ କୁମାର ଦେ କହିଛନ୍ତି। ସେ ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ସୂଚନାନୁସାରେ, ଗତକାଲି ସ୍ଥାନୀୟ ପୁଲିସ ଏସଆଇ ଲକ୍ଷ୍ମୀଧର ମହାନ୍ତି କିଛି ଷ୍ଟାଫ୍‌ଙ୍କୁ ନେଇ ଜିଲୁଣ୍ଡି ଇଲାକାରେ ସକାଳ ସାଢେ ୧୦ଟାରେ ପାଟ୍ରୋଲିଂ କରୁଥିବା ବେଳେ କେତେକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଜିଲୁଣ୍ଡି ତାରିଣୀ ମନ୍ଦିରରେ ଚଢାଉ କରିଥିଲେ। ଆଉ ପୁଲିସକୁ ଦେଖି ଅପରାଧୀମାନେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ପୁଲିସ ଏମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଆଉ ଏମାନଙ୍କ ଠାରୁ ସୂଚନା ପାଇ ପରେ ଲଣ୍ଡେଇ ସାହିର ଏକ ଘରେ ଚଢାଉ କରି ଅନ୍ୟ ୫ ଜଣକୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱର ନୟାପଲ୍ଲୀର ସରୋଜ ଦାଶ (୨୩), ଭଞ୍ଜନଗର ଥାନା କଇଣ୍ଡି ଗ୍ରାମର ଅନୀଲ ବେହେରା (୩୦), ବିଞ୍ଝଗିରି ଗ୍ରାମର ଟୁକୁନା ପାତ୍ର (୩୭), ଲାଲ ସିଂ ଗ୍ରାମର ସନାତନ ପ୍ରଧାନ (୨୩), ଜିଲୁଣ୍ଡି ଗ୍ରାମର ବାଦଲ ସାହୁ (୧୮), ବେଲଗୁଣ୍ଠା ଥାନା ଅନ୍ତର୍ଗତ ବେଲଗୁଣ୍ଠା ଆଶା ସାହିର ବ୍ରଜ ମୋହନ ସାହୁ ଓରଫ ବାଜାରା (୨୫), ଭଞ୍ଜନଗର ଥାନା ଜାମପଲ୍ଲୀ ଗ୍ରାମର ସୁନୀଲ କୁମାର ସାବତ (୩୦), ଲଣ୍ଡେଇସାହି ଚିଦାନନ୍ଦ ମାର୍ଗର ସଂଗ୍ରାମ କିଶୋର ଭୂୟାଁ (୩୧) ଓ ଅଗଝୋଳ ଗ୍ରାମର ଦିବ୍ୟାଙ୍ଗ ଆରୁଖ (୧୯)। ଗିରଫ ଅପରାଧୀଙ୍କ ନିକଟରୁ ପୁଲିସ ୨ଟି ୯ଏମ୍‌ଏମ୍ ପିସ୍ତଲ୍, ୨ଟି ଦେଶୀ ସିଙ୍ଗଲ୍ ଶଟ୍ ପିସ୍ତଲ୍, ଗୋଟିଏ ୭.୬୨ ଏମ୍‌ଏମ୍ ପିସ୍ତଲ୍ ଓ ୨ଟି ପ୍ଲାଷ୍ଟିକ୍ ଲାଇଟର୍ ପିସ୍ତଲ୍ ସହ ୧୫ଟି ଜୀବନ୍ତ ଗୁଳି, ୨ଟି କାତି ଜବତ କରିଛି। ଏମାନଙ୍କ ମଧ୍ୟରୁ ୫ ଜଣ ପେସାଦାର ଅପରାଧୀ ହୋଇଥିବା ବେଳେ ସେମାନଙ୍କ ନାମରେ ପୂର୍ବରୁ ବହୁ ଅପରାଧିକ ମାମଲା ରହିଥିବା ଅତିରିକ୍ତ ଏସପି ଶ୍ରୀ ଦେ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ସୁଜିତ କୁମାର ନାୟକ, ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ସମେତ ଥାନାର ବହୁ ଅଧିକାରୀ ଉପସ୍ଥିତ ଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




ଭାରତ-ଆମେରିକା ବାଣିଜ୍ୟ ଆଲୋଚନା

# ଖୁବ୍ ଶୀଘ୍ର ଚୂଡ଼ାନ୍ତ ମୂଳଚାଲ

ନୂଆଦିଲ୍ଲୀ, ୨୭ା୫: ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ରାଜିନାମାକୁ ନେଇ ଚାଲିଥିବା ଆଲୋଚନାର ଚୂଡ଼ାନ୍ତ ପର୍ଯ୍ୟାୟରେ ଭାଗ ନେବା ଲାଗି ଆସନ୍ତା ସପ୍ତାହରେ ଆମେରିକାର ଏକ କ୍ଷମତା ସମ୍ପନ୍ନ ପ୍ରତିନିଧି ଦଳ ଭାରତ ଆସିବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଲଗାଇଥିବା ୨୬ ପ୍ରତିଶତ ପାଲଟା ଶୁଳ୍କକୁ ଜୁଲାଇ ୯ ପର୍ଯ୍ୟନ୍ତ ଟାଳିଛନ୍ତି। ସେହି ସମୟ ସୀମା ଦ୍ରୁତ ଗତିରେ ପାଖେଇ ଆସୁଥିବା ବେଳେ ଭାରତକୁ ନିଜ ସ୍ୱାର୍ଥ ରକ୍ଷା ହେବା ଭଳି ଏକ ବାଣିଜ୍ୟ ରାଜିନାମା କରିବାର ବାଧ୍ୟବାଧକତା ରହିଛି। ଭାରତ ପକ୍ଷରୁ ୨୬ ପ୍ରତିଶତ ପାଲଟା ଟିକସକୁ ସମ୍ପୂର୍ଣ୍ଣ ଏଡ଼ାଇବା ଲାଗି ଉଦ୍ୟମ କରାଯାଉଛି। ଏବେବି ଭାରତୀୟ ରପ୍ତାନି ଉପରେ ୧୦ ପ୍ରତିଶତର ଶୁଳ୍କ ରହିଛି। ତାହାକୁ ମଧ୍ୟ ଭାରତ ହଟାଇବାକୁ ଚାହୁଁଛି।

ବାଣିଜ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ରାକେଶ ଅଗ୍ରୱାଲ୍ ମୂଳଚାଲରେ ଭାରତର ନେତୃତ୍ୱ ନେଉଛନ୍ତି। ଗତ ସପ୍ତାହରେ ସେ ଚାରିଦିନିଆ ଆମେରିକା ଗସ୍ତ ସାରି ଫେରିଥିଲେ। ଏକ ଅନ୍ତରୀଣ ବୁଝାମଣା ଲାଗି ସେ ଆମେରିକୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ମଧ୍ୟ ଆମେରିକାରେ ଅଛନ୍ତି। ସେ ଦୁଇ ଦୁଇ ଥର ଆମେରିକା ବାଣିଜ୍ୟ ସଚିବ ହୋୱାର୍ଡ ଲୁଟନିକ୍‌ଙ୍କୁ ଭେଟିଛନ୍ତି। ଆମେରିକରରେ ବର୍ତ୍ତମାନ ପ୍ରଚଳନରେ ଥିବା ନିୟମ ଅନୁସାରେ ସବୁଠୁ ଅନୁଗୃହୀତ ରାଷ୍ଟ୍ର (ଏମ୍‌ଏଫ୍‌ଏନ୍) ମାନ୍ୟତା ପାଇଥିବା ରାଷ୍ଟ୍ରଠାରୁ ଶୁଳ୍କକୁ କମ୍ କରିବାକୁ ହେଲେ କଂଗ୍ରେସର ଅନୁମୋଦନ ଦରକାର। କିନ୍ତୁ ସରକାର ଚାହିଲେ ପାଲଟା ଶୁଳ୍କ ହଟାଇବା ନିଷ୍ପତ୍ତି ନିଜେ ନେଇପାରିବେ। ଏହି ଶୁଳ୍କ କେବଳ ଭାରତ ଉପରେ ନୁହେଁ, ବିଶ୍ୱର ଅନେକ ଦେଶ ଉପରେ ଲଗାଯିବା ପରେ ୯୦ ଦିନ ପାଇଁ ସ୍ଥଗିତ ରଖାଯାଇଛି। ଆମେରିକା ସହ ବାଣିଜ୍ୟ ବୁଝାମଣା କେବଳ ଆମ୍ବ ଓ ମୋଟରସାଇକଲ୍ ଉପରେ ସୀମିତ ନାହିଁ। ଲଗାତାର ଚାରି ବର୍ଷ ଧରି ଆମେରିକା ଭାରତର ଶୀର୍ଷ ବାଣିଜ୍ୟ ସହଯୋଗୀ ହୋଇରହିଛି। ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ପରିମାଣ ୨୦୨୪-୨୫ରେ ୧୩,୧୮୪ କୋଟି ଡଲାର ଥିଲା। ଭାରତର ରପ୍ତାନିରେ ଆମେରିକାର ଭାଗ ୧୮ ପ୍ରତିଶତ, ଆମଦାନିରେ ୬.୨ ପ୍ରତିଶତ ଓ ମୋଟ ବାଣିଜ୍ୟରେ ୧୦ ପ୍ରତିଶତ ରହିଛି। ଉଭୟ ଦେଶ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ କାରବାରକୁ ୫୦,୦୦୦ କୋଟି ଡଲାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି।





## ସେନ୍‌ସେକ୍ସ ପାଖାପାଖି ୮୦୦ ପଏଣ୍ଟ ହ୍ରାସ

ନୂଆଦିଲ୍ଲୀ: ଗତ କିଛି ଦିନ ହେବ ଭାରତୀୟ ସେୟାର୍ ବଜାରରେ ଉତ୍ସାହ ଦେଖା ଦେଇଥିବା ବେଳେ ମଙ୍ଗଳବାର ପୁଣି ନିରାଶ ହୋଇଛନ୍ତି ନିବେଶକ। ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିନ ମଙ୍ଗଳବାର ଷ୍ଟକ୍ ବଜାରରେ କାରବାର ହ୍ରାସ ସହିତ ଆରମ୍ଭ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍‌ର ସେନସେକ୍ସ ୭୫୨ ପଏଣ୍ଟ ହ୍ରାସ ପାଇ ୮୧,୪୨୪ରେ ପହଞ୍ଚିଛି। ଯେତେବେଳେ କି ନେସ୍‌ନାଲ୍ ଷ୍ଟକ୍ ଏକ୍ସଚେଞ୍ଜ୍ (ଏନ୍‌ଏସ୍‌ଇ ନିଫ୍‌ଟି) ୫୦ ବି ରେଡ୍ ଜୋନ୍‌କୁ ଯାଇଥିବାର ଦେଖିବାକୁ ମିଳିଛି। ଏହା ୨୦୯ ପଏଣ୍ଟ ହ୍ରାସ ପାଇବା ପରେ ୨୪,୭୯୨ରେ ପହଞ୍ଚିଛି। ମଙ୍ଗଳବାର ପ୍ରାରମ୍ଭିକ କାରବାରରେ ଇକ୍ୱିଟି ବେଞ୍ଚମାର୍କଗୁଡ଼ିକ ଦ୍ରୁତ ଭାବରେ ହ୍ରାସ ପାଇଥିଲା, ଯାହା ପୂର୍ବ ସେସନର ଲାଭକୁ ବି ବୁଡ଼ାଇ ଦେଇଛି। କାରଣ ବିଶ୍ୱ ଅନିଶ୍ଚିତତା ଏବଂ ଲାଭ ବୁକିଂ ମଧ୍ୟରେ ନିବେଶକମାନେ ସତର୍କ ହୋଇଯାଇଥିଲେ। ଉଲ୍ଲେଖଯୋଗ୍ୟ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ପରେ ଗତ କିଛି ଦିନ ହେବ ଭାରତୀୟ ଷ୍ଟକ୍ ବଜାରରେ ଏକ ପ୍ରକାରର ଉତ୍ସାହ ଦେଖିବାକୁ ମିଳିଥିଲା। ଗତକିଛି ମାସ ହେବ ସେୟାର ବଜାର ତଳମୁହାଁ ରହି ଆସୁଥିବା ବେଳେ ନିକଟରେ ଭାରତ-ପାକ୍ ମଧ୍ୟରେ ଅସ୍ତ୍ରବିରତି ବୁଝାମଣା ହେବା ପରେ ଏହି ଟ୍ରେଣ୍ଡ୍ ବଦଳୁଥିବା ନଜର ଆସିଥିଲା। ଗତ କିଛି ଦିନ ଲଗାତର ଭାବେ ଉପରମୁହାଁ (ଗ୍ରୀନ୍ ଜୋନ୍)ରେ ବଜାର ରହିଥିବା ବେଳେ ଆଜି ପୁଣି ଟ୍ରେଣ୍ଡ୍ ବଦଳିଛି।

## ରୟାଲ୍ କଲେଜ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜିର 'ମେଧାବୀ ସମ୍ବର୍ଦ୍ଧନା ଉତ୍ସବ'

ଭୁବନେଶ୍ୱର, ୨୭ା୫(ସଂଚାର ବ୍ୟୁରୋ): ରୟାଲ୍ କଲେଜ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ପକ୍ଷରୁ 'ମେଧାବୀ ସମ୍ବର୍ଦ୍ଧନା ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୫୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖି ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ବର୍ଷ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାଫଳର ଉତ୍ତୀର୍ଣ୍ଣ ହାର ସମଗ୍ର ରାଜ୍ୟରେ ୮୭.୫୦ ପ୍ରତିଶତ ହୋଇଥିବା ବେଳେ ରୟାଲ କଲେଜ୍‌ର ଉତ୍ତୀର୍ଣ୍ଣ ହାର ଶତ ପ୍ରତିଶତ ରହିଛି। ଅନୁଷ୍ଠାନର ୧୬୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬୩ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀ ସର୍ବାଧିକ ୫୬୭ ନମ୍ବର ରଖି ମହାବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ୨୩ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତ ବା ତା'ଠାରୁ ଉର୍ଦ୍ଧ୍ୱ, ୬୧ ଜଣ ଛାତ୍ରଛାତ୍ରୀ ୫୦୦ ନମ୍ବରରୁ ଉର୍ଦ୍ଧ୍ୱ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ଏତଦ୍‌ବ୍ୟତୀତ ରୟାଲ ଅନୁଷ୍ଠାନ ସମୂହ ଦ୍ୱାରା ପରିଚାଳିତ କେସୁରା ରୟାଲ ପବ୍ଲିକ୍ ସ୍କୁଲର ଦଶମ ଶ୍ରେଣୀ ପରୀକ୍ଷାରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୫ ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ଚେୟାରମ୍ୟାନ୍ ବିଷ୍ଣୁମୋହନ ମହାନ୍ତି ସଭାପତିତ୍ୱ କରି ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନୁଷ୍ଠାନର ଭାଇସ୍ ଚେୟାରମ୍ୟାନ, ନିର୍ଦ୍ଦେଶକ, ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ତଥା ଛାତ୍ରଛାତ୍ରୀଗଣ ଉପସ୍ଥିତ ଥିଲେ।




## ଆପ୍ରେଣ୍ଟିସସିପ୍ ଷ୍ଟାଇପେଣ୍ଡ୍ ୩୦% ବଢ଼ାଇବାକୁ ସୁପାରିସ୍

ନୂଆଦିଲ୍ଲୀ, ୨୭ା୫: ଜାତୀୟ ଆପ୍ରେଣ୍ଟିସ୍‌ସିପ୍ ପ୍ରସାର ସ୍କିମ୍ ଓ ଜାତୀୟ ଆପ୍ରେଣ୍ଟିସ୍‌ସିପ୍ ତାଲିମ ସ୍କିମ୍ ଅଧୀନରେ ଦିଆଯାଉଥିବା ଷ୍ଟାଇପେଣ୍ଡ୍‌କୁ ୩୦ ପ୍ରତିଶତ ବଢ଼ାଇବାକୁ କେନ୍ଦ୍ରୀୟ ଆପ୍ରେଣ୍ଟିସ୍‌ସିପ୍ ପରିଷଦ ସୁପାରିସ୍ କରିଛି। କେନ୍ଦ୍ର ଦକ୍ଷତା ବିକାଶ ମନ୍ତ୍ରୀ ଜୟନ୍ତ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଷଦର ବୈଠକରେ ଏହି ସୁପାରିସ୍ କରାଯାଇଛି। ଏହା କାର୍ଯ୍ୟକାରୀ ହେଲେ ଷ୍ଟାଇପେଣ୍ଡ ପରିମାଣ ବର୍ତ୍ତମାନର ୫୦୦୦-୯୦୦୦ ଟଙ୍କାରୁ ବୃଦ୍ଧି ପାଇ ୬୮୦୦-୧୨୩୦୦ ଟଙ୍କା ହେବ। ଏଥି ସହିତ ଖୁଚୁରା ମୁଦ୍ରାସ୍ଫୀତିକୁ ବିଚାରକୁ ନେଇ ପ୍ରତି ଦୁଇ ବର୍ଷରେ ଥରେ ଷ୍ଟାଇପେଣ୍ଡ୍‌ର ସଂଶୋଧନ କରିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଆପ୍ରେଣ୍ଟିସ୍‌ସିପ୍‌କୁ ବ୍ୟାପକ କରିବା ଲାଗି ବିଭିନ୍ନ ସ୍ଥାନରେ ଆଞ୍ଚଳିକ ବୋର୍ଡ ଗଠନ କରିବା ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଆପ୍ରେଣ୍ଟିସ୍‌ସିପ୍‌କୁ ଅଧାରୁ ଛାଡ଼ି ଚାଲିଯାଉଥିବା ବିଦ୍ୟାର୍ଥୀଙ୍କ ସହ ସଂଖ୍ୟା ବଢ଼ୁଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ତାହାକୁ ରୋକିବା ଓ ଏହି ଯୋଜନାକୁ ଅଧିକ ଆକର୍ଷଣୀୟ କରିବା ସମ୍ପର୍କରେ ସେଥିରେ ଆଲୋଚନା ହୋଇଥିଲା।

## ଅଗଷ୍ଟରୁ କେତେକ ୟୁପିଆଇ ସେବାରେ କଟକଣା

ନୂଆଦିଲ୍ଲୀ, ୨୭ା୫: ୟୁପିଆଇ ସେବାରେ ନିୟମିତ ବ୍ୟବଧାନରେ ହେଉଥିବା ବିଭ୍ରାଟ ରୋକିବା ଲାଗି କେତେକ ସେବା ଉପରେ କଟକଣା ଲଗାଇବା ବିଷୟରେ ବିଚାର କରାଯାଉଛି। ବାଲାନ୍ସ ଅନୁସନ୍ଧାନ, ସ୍ୱୟଂକ୍ରିୟ ପେମେଣ୍ଟ, କାରବାର ସ୍ଥିତି ଯାଞ୍ଚ କରିବା ଭଳି କେତେକ ସେବାର ସୀମା ନିର୍ଧାରଣ କରାଯିବ। ଅର୍ଥାତ ଗ୍ରାହକମାନେ ଦିନକୁ ନିର୍ଦ୍ଦିଷ୍ଟ କିଛି ଥର ଏହି ସେବା ବ୍ୟବହାର କରିପାରିବେ। ଫଳରେ ୟୁପିଆଇ କାରବାର ଉପରେ ସୃଷ୍ଟି ହେଉଥିବା ଚାପ କମ୍ ହେବ। ଅଗଷ୍ଟରୁ ଏହି ପରିବର୍ତ୍ତନଗୁଡ଼ିକୁ ଲାଗୁ କରାଯିବ। ୟୁପିଆଇକୁ ପଠାଯାଉଥିବା ସମସ୍ତ ଅନୁରୋଧର ନିରୀକ୍ଷଣ କରିବାକୁ ବ୍ୟାଙ୍କ ଓ ୟୁପିଆଇ ସେବା ପ୍ରଦାନ କରୁଥିବା ସଂସ୍ଥାଗୁଡ଼ିକୁ କୁହାଯାଇଛି। ଯଦି କୌଣସି ସଂସ୍ଥା ନିୟମ ପାଳନ କରିବାରେ ବିଫଳ ହେବ, ତେବେ ତାହା ଉପରେ ଜରିମାନା,ଏପିଆଇ କଟକଣା ଏବଂ ନୂଆ ଗ୍ରାହକ ଯୋଡ଼ିବା ଉପରେ ପ୍ରତିବନ୍ଧକ ଲଗାଇବା ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିୟମକୁ ଠିକ୍ ଭାବେ ପାଳନ କରାଯାଉଛି ବୋଲି ଦର୍ଶାଇ ସମସ୍ତ ବ୍ୟାଙ୍କ ଓ ୟୁପିଆଇ ସେବା ପ୍ରଦାନକାରୀ ସଂସ୍ଥା ଅଗଷ୍ଟ ୩୧ ସୁଦ୍ଧା ଲିଖିତ ପ୍ରତିଶ୍ରୁତି ଦେବେ। ତେବେ ୟୁପିଆଇ ସେବାରେ ଲାଗିବାକୁ ଥିବା ଏହି କଟକଣା ବ୍ୟବସାୟୀ ଓ ନିୟମିତ ବ୍ୟବଧାନରେ ବାଲାନ୍ସ ଯାଞ୍ଚ କରୁଥିବା ଲୋକମାନଙ୍କ ପାଇଁ ଅସୁବିଧା ସୃଷ୍ଟି କରିବା ଆଶଙ୍କା ରହିଛି।

## ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିକୁ ଆନ୍ତର୍ଜାତିକ ସଫଳତା



ଭୁବନେଶ୍ୱର, ୨୭ା୫(ସଂଚାର ବ୍ୟୁରୋ): ଆମେରିକାର ସାନ୍‌ଡିଏଗୋରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ସମ୍ମିଳନୀ 'ଡାଇଜେଷ୍ଟିଭ୍ ଡିଜିଜ୍ ୱିକ'ରେ ଯୋଗ ଦେବା ଲାଗି ଆମେରିକାନ୍ ସୋସାଇଟି ଅଫ୍ ଜିଆଇ ଏଣ୍ଡୋସ୍କୋପି ପକ୍ଷରୁ ଡାକ୍ତର ସନମୁନ ମହାପାତ୍ରଙ୍କୁ ଆମନ୍ତ୍ରଣ କରାଯାଇଥିଲା। ସେଠାରେ ସେ ଏଣ୍ଡୋସ୍କୋପି ସବମୁକୋସାଲ ଡିସସେକ୍ସନ ଉପରେ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଡାକ୍ତର ଆଶୁତୋଷ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ସାଇ ଇନଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଦେଶବିଦେଶରେ ପ୍ରତିଷ୍ଠା ହାସଲ କରିଛି। ପ୍ରାରମ୍ଭିକ ସ୍ତରରେ ଗ୍ୟାଷ୍ଟ୍ରିକ୍ କ୍ୟାନସର୍ ଓ କଲୋନ୍ କ୍ୟାନସର୍ ନିରୂପଣ ଓ ଚିକିତ୍ସା କ୍ଷେତ୍ରରେ ଏହା ଅଗ୍ରଣୀ ସ୍ଥାନରେ ରହିଛି।

## ଜୁଲାଇ ୩ ପର୍ଯ୍ୟନ୍ତ ବଢ଼ିବ ଆୟକର ରିଟର୍ଣ୍ଣ ଦାଖଲ ଅବଧି

ନୂଆଦିଲ୍ଲୀ, ୨୭ା୫: ଆୟକର ବିଭାଗ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଆୟକର ରିଟର୍ଣ୍ଣ ଦାଖଲ କରିବାର ଶେଷ ତାରିଖକୁ ୩୧ ଜୁଲାଇ ୨୦୨୫ରୁ ବୃଦ୍ଧି କରି ୧୫ ସେପ୍ଟେମ୍ବର ୨୦୨୫ କରିଛନ୍ତି। ଆୟକର ରିଟର୍ଣ୍ଣ ଫର୍ମଗୁଡ଼ିକର ବିଜ୍ଞପ୍ତି ଜାରି କରିବାରେ ବିଳମ୍ବ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ସହିତ, ଆୟକର ବିଭାଗ ଏପର୍ଯ୍ୟନ୍ତ ଆୟକର ରିଟର୍ଣ୍ଣ ଦାଖଲ କରିବା ପାଇଁ ଆବଶ୍ୟକ ଉପଯୋଗିତା ଜାରି କରିନାହିଁ। ଆୟକର ବିଭାଗ ଏହି ଘୋଷଣା ଏକ୍ସ'ରେ ଏକ ପୋଷ୍ଟ ମାଧ୍ୟମରେ କରିଛି। ପୋଷ୍ଟ ଅନୁଯାୟୀ, "କାରଦାତାମାନେ ଧ୍ୟାନ ଦିଅନ୍ତୁ! ସିବିଡିଟି (କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ) ୩୧ ଜୁଲାଇ ୨୦୨୫ ସୁଦ୍ଧା ଦାଖଲ ହେବାକୁ ଥିବା ଆୟକର ରିଟର୍ଣ୍ଣର ଶେଷ ତାରିଖକୁ ୧୫ ସେପ୍ଟେମ୍ବର ୨୦୨୫କୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ଏହି ଅତିରିକ୍ତ ସମୟ ଆୟକର ରିଟର୍ଣ୍ଣ ଫର୍ମଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ, ସିଷ୍ଟମ ବିକାଶର ଆବଶ୍ୟକତା, ଏବଂ ଟିଡିଏସ କ୍ରେଡିଟ ପ୍ରତିଫଳନ ପାଇଁ ପ୍ରଦାନ କରାଯାଇଛି। ଏହା ସମସ୍ତଙ୍କ ପାଇଁ ଏକ ସୁଗମ ଏବଂ ସଠିକ ଦାଖଲ ଅଭିଜ୍ଞତା ନିଶ୍ଚିତ କରିବ। ଔପଚାରିକ ବିଜ୍ଞପ୍ତି ଶୀଘ୍ର ଜାରି ହେବ।" ୩୧ ଜୁଲାଇ ୨୦୨୫ର ଆୟକର ରିଟର୍ଣ୍ଣ ଦାଖଲ ଅଧିକାଂଶ ସାଧାରଣ ଶ୍ରେଣୀର କାରଦାତାଙ୍କ ପାଇଁ ପ୍ରଯୁଜ୍ୟ। ଏହା ଅଧିକାଂଶ ବେତନଭୋଗୀ କର୍ମଚାରୀ ଏବଂ ସେହି ସମସ୍ତ ଟ୍ୟାକ୍ସପେୟାରଙ୍କୁ ଅନ୍ତର୍ଭୁକ୍ତ କରେ ଯାହାଙ୍କ ଆକାଉଣ୍ଟ ଅଡିଟ କରାଯିବା ଆବଶ୍ୟକ ନୁହେଁ। ବେତନଭୋଗୀ କର୍ମଚାରୀମାନେ ସେମାନଙ୍କର ଆୟକର ରିଟର୍ଣ୍ଣ ଦାଖଲ କରିବା ପାଇଁ ୪୬ ଦିନର ଅତିରିକ୍ତ ସମୟ ପାଇବେ। ଯଦି ଶେଷ ତାରିଖ ସୁଦ୍ଧା ରିଟର୍ଣ୍ଣ ଦାଖଲ ନକରାଯାଏ, ତେବେ ୫,୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗୁ ହେବ।




# ଇଣ୍ଡିଗୋରୁ ନିଜ ଶେୟାର ବିକିଲେ ସହପ୍ରତିଷ୍ଠାତା

## ୧୧ ହଜାର ୩୮୫ କୋଟିରେ ବିକିଲେ ୫.୭ ଅଂଶଧନ

ନୂଆଦିଲ୍ଲୀ, ୨୭ା୫: ଇଣ୍ଟରଗ୍ଲୋବ ଆଭିଏସନର ପ୍ରମୋଟର ରାକେଶ ଗଙ୍ଗୱାଲ ଏବଂ ତାଙ୍କ ଫ୍ୟାମିଲି ଟ୍ରଷ୍ଟ, ଇଣ୍ଡିଗୋରେ ଥିବା ଏହାର ୫.୭ ପ୍ରତିଶତ ଅଂଶଧନ ବିକ୍ରି କରିଛି। 'ବ୍ଲକ୍ ଡିଲ୍' ଦ୍ୱାରା ପ୍ରାୟ ୧୧,୩୮୬ କୋଟି ଟଙ୍କାରେ ଏହି ଶେୟାର ବିକ୍ରି ହୋଇଛି। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ଗଙ୍ଗୱାଲଙ୍କ ବ୍ୟତୀତ ଚିଙ୍କରପୁ ଫ୍ୟାମିଲି ଟ୍ରଷ୍ଟ ଏହି ଶେୟାର ବିକ୍ରି କରିଛି। ଗୋଲ୍ଡମ୍ୟାନ ସାକ୍ସ, ମର୍ଗାନ ଷ୍ଟାନଲି ଏବଂ ଜେପି ମର୍ଗାନ ଭଳି ବଡ଼ ଇନଭେଷ୍ଟମେଣ୍ଟ ବ୍ୟାଙ୍କ ଏହି ଡିଲ୍‌କୁ କାର୍ଯ୍ୟକାରୀ କରିବେ। ସୂଚନାଥାଉକି, ଚିଙ୍କରପୁ ଫ୍ୟାମିଲି ଟ୍ରଷ୍ଟର ଟ୍ରଷ୍ଟି ହେଉଛି ଶୋଭା ଗଙ୍ଗୱାଲ ଏବଂ ଡେଲାୱେୟାରର ଜେପି ମର୍ଗାନ ଟ୍ରଷ୍ଟ କମ୍ପାନି। ପୂର୍ବରୁ ଗଙ୍ଗୱାଲ ଏବଂ ପାରିବାରିକ ଟ୍ରଷ୍ଟ ନିକଟରେ ଇଣ୍ଡିଗୋରେ ପ୍ରାୟ ୧୩.୫ ପ୍ରତିଶତ ଅଂଶଧନ ଥିଲା। ଏହି ବ୍ଲକ୍ ଡିଲ ଅନୁଯାୟ ୫,୧୭୫ ଟଙ୍କା ପ୍ରତି ଶେୟାରର ମୂଲ୍ୟରେ ୨.୨ କୋଟି ଶେୟାର ବିକ୍ରି ହୋଇଛି। ଏହା ପୂର୍ବରୁ ରାକେଶ ଗଙ୍ଗୱାଲଙ୍କ ଫ୍ୟାମିଲି ଟ୍ରଷ୍ଟ ବିମାନ କମ୍ପାନିରେ ୫.୨୪ ପ୍ରତିଶତ ଅଂଶଧନ ୯, ୫୪୯ କୋଟି ଟଙ୍କାରେ ଅଗଷ୍ଟ ୨୦୨୪ରେ ବିକ୍ରି କରିଥିଲେ। ଏହା ପୂର୍ବରୁ ଗଙ୍ଗୱାଲ ମାର୍ଚ୍ଚରେ ଇଣ୍ଡିଗୋର ଶେୟାର ବିକିଥିଲେ।

ସୂଚନାଯୋଗ୍ୟ, ମାର୍କେଟ ଶେୟାର ହିସାବରେ ଇଣ୍ଡିଗୋ ଦେଶର ସବୁଠୁ ବଡ଼ ଏୟାରଲାଇନ। ଭାରତୀୟ ଏୟାରଲାଇନ ମାର୍କେଟରେ କମ୍ପାନିର ଶେୟାର ପ୍ରାୟ ୬୪% ରହିଛି। ୨୦୦୫ରେ ରାହୁଲ ଭାଟିଆ ଏବଂ ରାକେଶ ଗଙ୍ଗୱାଲ କମ୍ପାନିର ସ୍ଥାପନା କରିଥିଲେ। କମ୍ପାନି ପ୍ରତିଦିନ ୨୦୦୦ରୁ ଅଧିକ ଫ୍ଲାଇଟ ଅପରେଟ କରୁଛି। ୮୦ରୁ ଅଧିକ ଘରୋଇ ଏବଂ ୩୦ରୁ ଅଧିକ ଅନ୍ତର୍ଜାତୀୟ ରୁଟରେ ଉଡ଼ାଣ କରୁଛି। ଏହା ୧୧୦ରୁ ଅଧିକ ଗନ୍ତବ୍ୟସ୍ଥଳକୁ ଯୋଡ଼ୁଛି। ଏୟାରଲାଇନ୍ସର ୩୨୦ରୁ ଅଧିକ ଏୟାରକ୍ରାଫ୍ଟ ଫ୍ଲିଟ୍ ରହିଛି। ଏହାର ୫୦ କୋଟିରୁ ଅଧିକ ଗ୍ରାହକ ଅଛନ୍ତି।




ଆଜିର ସୁନା ଦର



ଆଜି ଦେଶର ବିଭିନ୍ନ ସହରରେ ସାମାନ୍ୟ ବଢ଼ିଛି ସୁନା ଦର। ଜାଣନ୍ତୁ କେଉଁ ସହରରେ କଣ ଅଛି ସୁନା ମୂଲ୍ୟ। ଉଭୟ ୨୨ ଓ ୨୪ କ୍ୟାରେଟ୍ ବିଶିଷ୍ଟ ସୁନା ଦର ବୃଦ୍ଧି ପାଇଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୧୩୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୯୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୧୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯ ହଜାର ୯୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮, ୧୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯, ୯୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୨୮୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୧୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮, ୧୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯, ୯୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୧୩୦ ଓ ୮୯, ୯୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୦୧,୦୦,୦୦୦ ଟଙ୍କା ହୋଇଛି।

ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଭାରତର ଅନେକ ସହରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ସ୍ଥିର ରହିଛି। ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି।

# ଭାଙ୍ଗିରୁଜି ଗଲାଣି ମୁକ୍ତାକାଶ ବ୍ୟାୟାମଶାଳା ଉପକରଣ



**✸ପୌର ପ୍ରଶାସନର ନିଘା ନାହିଁ ✸ନିରାଶ ହେଉଛନ୍ତି ସହରବାସୀ**

**ହିଞ୍ଜିଳିକାଟୁ, ୨୭।୫ (ସଂଚାର ବ୍ୟୁରୋ) :** ଭାଙ୍ଗିରୁଜି ଗଲାଣି ମୁକ୍ତାକାଶ ବ୍ୟାୟାମଶାଳା (ଓପନ ଜିମ୍)ର ଉପକରଣ । ଏହାକୁ ମରାମତି କରିବାକୁ କେହିଁ ନାଁ ଧରୁ ନଥିବା ବେଳେ ବ୍ୟାୟାମ ପାଇଁ ଲୋକେ ହଇରାଣ ହେଉଛନ୍ତି। ଏପରିସ୍ଥିତି ଦେଖିବାକୁ ମିଳିଛି ହିଞ୍ଜିଳିକାଟୁ ସହର ସ୍ଥିତ ମିନି ଷ୍ଟାଡିୟମ ପରିସରରେ ଥିବା ଓପନ ଜିମ୍ ପଏଣ୍ଟରେ। ଏହାକୁ ନେଇ ପ୍ରତିଦିନ ସକାଳେ ବ୍ୟାୟାମ ପାଇଁ ଆସୁଥିବା ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

ମୁକ୍ତା ଯୋଜନାରେ ପୌରପରିଷଦ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଓପନ ଜିମ୍ ସେଣ୍ଟରରେ ମାଗଣାରେ ଲୋକେ ବ୍ୟାୟାମ କରନ୍ତି । ଏହି ଯୋଜନା ହିଞ୍ଜିଳିକାଟୁ ସହରର ୧୦ରୁ ଅଧିକ ସ୍ଥାନରେ ଏହି ବ୍ୟାୟାମଶାଳା ନିର୍ମାଣ ହୋଇଛି । ପ୍ରତି ସ୍ଥାନରେ ପ୍ରାୟ ୧୦ ଲକ୍ଷ ପାଖାପାଖି ଟଙ୍କା ଖର୍ଚ୍ଚ ହୋଇଛି । ଲୋକେ ଟଙ୍କା ଖର୍ଚ୍ଚ କରି ଜିମ୍ ଯାଇ ପାରୁନଥିବା ବେଳେ ମାଗଣାରେ କେମିତି ଫିଟ ବା ସୁସ୍ଥ ରହିବେ, ଏହାକୁ ଗୁରୁତ୍ୱ ଦିଆଯାଇ ରାଜ୍ୟର ଜିଲ୍ଲାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଯୋଜନା ଆରମ୍ଭ ହୋଇଥିଲା । ସରକାରଙ୍କ ଏହି ଯୋଜନାରେ ଲୋକେ ବେଶ ଉପକୃତ ବି ହେଉଥିବା ଦେଖିବାକୁ ମିଳିଛି । ପ୍ରତିଦିନ ସକାଳ ଓ ସନ୍ଧ୍ୟା ସମୟରେ ଏହି ବ୍ୟାୟାମଶାଳାରେ ଲୋକଙ୍କ ଗହଳି ଦେଖିବାକୁ ମିଳୁଛି । ପିଲାଠୁ ବୃଦ୍ଧ ସବୁ ବର୍ଗର ଲୋକେ ଏଠାରେ ବ୍ୟାୟାମ କରୁଛନ୍ତି।

ତେବେ ହିଞ୍ଜିଳିକାଟୁ ସହରର ମିନିଷ୍ଟାଡିୟମ ପରିସରରେ ଥିବା ବ୍ୟାୟାମଶାଳା ଉପରେ ସକାଳେ ଓ ସନ୍ଧ୍ୟାରେ ଲୋକଙ୍କ ଅଧିକ ଭିଡ ଦେଖିବାକୁ ମିଳୁଥାଏ। ସକାଳ ସମୟରେ ଏମିତିକି ଭିଡ଼ ପାଇଁ ଲୋକେ ଆଗୁଆ ଯାଇ ବ୍ୟାୟାମ କରୁଛନ୍ତି। ହେଲେ ଏହି ବ୍ୟାୟାମଶାଳାରେ ଅଧିକାଂଶ ଉପକରଣ ଭାଙ୍ଗି ଯାଇଛି । ଯାହା ଫଳରେ ଲୋକେ ସବୁପ୍ରକାର ବ୍ୟାୟାମ କରିପାରୁ ନାହାନ୍ତି । ଗୋଡ଼ ରଖିବା ଉପକରଣ ଭାଙ୍ଗିଯାଇଥିବା ବେଳେ ସେଇ ଉପକରଣ ଗାଏବ ବି ହୋଇଯାଇଛି । ଉପକରଣ ଅଚଳ ହେଲେ କିମ୍ବା ଭାଙ୍ଗିରୁଜି ଗଲେ ପୌରପରିଷଦ ପକ୍ଷରୁ ମରାମତି କରାଯିବାର ବ୍ୟବସ୍ଥା ରହିଛି । ହେଲେ ପୌରପରିଷଦ ପକ୍ଷରୁ ଏନେଇ ଗୁରୁତ୍ୱ ଦିଆଯାଉନାହିଁ। ସହରର ମୁଖ୍ୟ ମିନି ଷ୍ଟାଡିୟମରେ ବ୍ୟାୟାମଶାଳା ହୋଇଥିବାରୁ ଲୋକେ ନିରାଶ ହୋଇ ଫେରୁଛନ୍ତି । ପ୍ରଶାସନ ଏହାକୁ ଦୃଷ୍ଟିରେ ରଖି ସଠିକ୍ ପରିଚାଳନା ସହ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।



## ସାମ୍ବାଦିକଙ୍କୁ ଆକ୍ରମଣ ପ୍ରତିବାଦରେ ପାଟଣାଗଡ ଏସଡିପିଓଙ୍କ ଜରିଆରେ ପୁଲିସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର

**ପାଟଣାଗଡ, ୨୭।୫ (ସଂଚାର ବ୍ୟୁରୋ) :** ବଲାଙ୍ଗିର କୁଳଥିପାଲିରେ ଘରୋଇ ଟିଭି ଚ୍ୟାନେଲ ସାମ୍ବାଦିକ ବିଜୟ ପଧାନଙ୍କ ଉପରେ ଠିକାଦାର ଏବଂ ଗୁଣ୍ଡାଙ୍କ ବର୍ବୋରଚିତ ଆକ୍ରମଣ ଘଟଣାରେ ୪ ଜଣଙ୍କୁ ଗିରଫ କରିଛି ପୁଇଁତଲା ପୁଲି। ଏପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତ ଗଜେନ୍ଦ୍ର ଦଲେଇଙ୍କୁ ଗିରଫ କରି ପାରିନି ବଲାଙ୍ଗିର ପୁଲିସ। ଯାହାଫଳରେ ଆଜି ପାଟଣାଗଡ ଉପଖଣ୍ଡର ସମସ୍ତ ସାମ୍ବାଦିକ ପୁଲିସ ମହାନିର୍ଦ୍ଦେଶକଙ୍କୁ ପାଟଣାଗଡ ଏସଡିପିଓଙ୍କ ଜରିଆରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀପତ୍ର ପ୍ରଦାନ କରିଛନ୍ତି। ପାଟଣାଗଡ ପ୍ରେସ କ୍ଲବ ସଭାପତି ଅଜିତ ପୁରୋହିତ, ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ଲକ୍ଷ୍ମୀକାନ୍ତ ମିଶ୍ର ଏବଂ ଯୁବ ପତ୍ରକାର ସଂଘ ସଭାପତି କରୁଣାକର ଭୋଇଙ୍କ ନେତୃତ୍ୱରେ ସମସ୍ତ ସାମ୍ବାଦିକ ଦାବୀପତ୍ର ପ୍ରଦାନ କରିଛନ୍ତି। ଏ ପରିପ୍ରେକ୍ଷୀରେ ସାମ୍ବାଦିକ ସୁରକ୍ଷା ଆଇନ ଅତିଶୀଘ୍ର ଲାଗୁ କରିବାକୁ ଉଭୟ ଶାସକ ଏବଂ ବିରୋଧି ଦଳକୁ ଅନୁରୋଧ କରିଛନ୍ତି । ଦାବୀପତ୍ରକୁ ପାଟଣାଗଡ ଏସଡିପିଓ ସଦାନନ୍ଦ ପୂଜାରୀ ଗ୍ରହଣ କରି ବିଭାଗକୁ ଜଣାଇବେ ବୋଲି ସୂଚନା ଦେଇଛନ୍ତି ।

## ପ୍ରେସ କାଉନସିଲ ଅଫ ଇଣ୍ଡିଆର ନାଁ ବ୍ୟବହାରକୁ ବାରଣ

**ସୁନ୍ଦରଗଡ଼, ୨୭।୫ (ସଂଚାର ବ୍ୟୁରୋ) :** ପ୍ରେସ କାଉନସିଲ ଅଫ ଇଣ୍ଡିଆ ହେଉଛି ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟର ଏକ ବୈଧାନିକ ଅଙ୍ଗ। ଯାହାକି ପ୍ରେସ କାଉନସିଲ ଆକ୍ଟ ୧୯୭୮ ଅନୁଯାୟୀ ଗଠିତ। ଏହାର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରେସର ସ୍ୱାଧୀନତାକୁ ସୁରକ୍ଷିତ ରଖିବା ଏବଂ ଭାରତରେ ସମ୍ବାଦପତ୍ର ଓ ସମ୍ବାଦ ସଂସ୍ଥା ମାନଙ୍କର ମାନଦଣ୍ଡକୁ ରକ୍ଷା କରିବା।

ନୂଆଦିଲ୍ଲୀ ସ୍ଥିତ ସୂଚନା ଭବନ ସିଜିଓ କମ୍ପ୍ଲେକ୍ସ, ଲୋଧି ରୋଡ ଠାରେ ପ୍ରେସ କାଉନସିଲର ସଚିବାଳୟ କାର୍ଯ୍ୟ କରୁଥିବା ବେଳେ ଏହାର କୌଣସି ଶାଖା ନାହିଁ କିମ୍ବା ଏହି ନାମରେ ନାମିତ କୌଣସି ପ୍ରାଧିକୃତ ଅଙ୍ଗ ଅନ୍ୟ କୌଣସି ସ୍ଥାନରେ କାର୍ଯ୍ୟ କରେ ନାହିଁ। ମାତ୍ର ସମ୍ପ୍ରତି ପ୍ରେସ କାଉନସିଲ ଶବ୍ଦଟି ଅନ୍ୟ ପ୍ରେସ ସଂଗଠନ ମାନଙ୍କ ଦ୍ୱରା ବ୍ୟବହୃତ ହେବାର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି। ଯାହାଦ୍ୱାରା ଯେ କେବଳ ପ୍ରେସ କାଉନସିଲ ଅଫ ଇଣ୍ଡିଆର ଅସ୍ତିତ୍ୱ ଓ ପ୍ରତିଷ୍ଠାର ମର୍ଯ୍ୟାଦା ହାନି ହେଉଛି ତାହା ନୁହେଁ, ବରଂ ଏହାର ବୈଶିଷ୍ଟ୍ୟ ପୂର୍ଣ୍ଣ ନାମ ଓ ଅଦ୍ୱିତୀୟ ଶକ୍ତି ଉପରେ ପ୍ରଭାବ ପକାଉଛି । ଏଣୁ ଆଇନଗତ ବ୍ୟାପାର ବିଭାଗ ସ୍ପଷ୍ଟ ମତ ଦେଇଛନ୍ତି ଯେ, କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ ଏହି ଶବ୍ଦକୁ ବ୍ୟବହାର କରିବା ସଂପୂର୍ଣ୍ଣ ଆଇନ ବିରୁଦ୍ଧ, ଯାହାକି ପ୍ରତୀକ ଓ ନାମର ଅନୁଚିତ୍ ବ୍ୟବହାର ନିବାରଣ ନିୟମ ୧୯୫୦ ଅନୁସାରେ ଅବୈଧ ଅଟେ। ଏହି ପରିପ୍ରେକ୍ଷୀରେ କୌଣସି ସ୍ଥାନୀୟ ସଂସ୍ଥା କିମ୍ବା ସରକାରୀ ସଂସ୍ଥା ସଂଗଠନ ମାନଙ୍କ ପ୍ରତି ପ୍ରେସ କାଉନସିଲ କିମ୍ବା ଏହାର ହିନ୍ଦୀ ଅନୁବାଦ 'ଭାରତୀୟ ପ୍ରେସ ପରିଷଦ, ନାମରେ ନିବନ୍ଧନ ବା ବ୍ୟବହାରକୁ ସର୍ବଦା ବାରଣ କରାଯାଇଛି। ଏହାର ଉଲଂଘନରେ ଆଇନ ଅନୁଯାୟୀ ସଂପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରାବଧାନ ରହିଛି।

## ନିଆଳି ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

**କଟକ, ୨୭।୫ (ସଂଚାର ବ୍ୟୁରୋ) :** ନିଆଳି ବ୍ଲକଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୮୯ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୮୬ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୩ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୪୨ଗୋଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ ଜିଲ୍ଲାପାଳଙ୍କ ପରବର୍ତ୍ତୀ ଜନଶୁଣାଣି ଆସନ୍ତା ଜୁନ୍ ୨ ତାରିଖ ସୋମବାର ସକାଳ ୭ ଘଟିକାରେ ନରସିଂହପୁର ବ୍ଲକଠାରେ ଅନୁଷ୍ଠିତ ହେବ ।

## ଜିଲ୍ଲା ଉପକାରାଗାରରେ ଆରମ୍ଭ ହେଲା ଯୋଗ ସଂସ୍କାର ଶିବିର



**ସୁବର୍ଣ୍ଣପୁର, ୨୭।୫ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ସଦର ମହକୁମା ଉପ-କାରାଗାର ରେ ଏକ ସ୍ୱତନ୍ତ୍ର ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହୀ କାର୍ଯ୍ୟକ୍ରମ ରେ ଜିଲ୍ଲା ଭାରତ ସ୍ୱାଭିମାନ ପ୍ରଭାରୀ ମନୋଜ ପଣ୍ଡା ଯୋଗ ଦେଇ ସମସ୍ତ ବିଚାରଧୀନ କଏଦୀଙ୍କୁ ଯୋଗାଭ୍ୟାସ, ସୂର୍ଯ୍ୟ ନମସ୍କାର, ରୋଗ ଅନୁସାରେ ଯୋଗ ଓ ପ୍ରାଣାୟାମର ପ୍ରତି ଦିନ ସକାଳ ଯୋଗ ଅଭ୍ୟାସ ଦ୍ୱାରା ରୋଗର ନିବାରକ ଓ ଜୀବନ ଶୈଳୀ ସୁନ୍ଦର ହୋଇ ପାରିବ ବୋଲି ନିଜର ବହୁମୂଲ୍ୟ ମତାମତ ପ୍ରକାଶ କରିଥିଲେ । କାରାପତି ଡିଲେଶ୍ୱର୍ ଜେନା, ସହକାରୀ କାରାପତି ସୁଖସାର ଦୁଧଖିମିଆ, ସହକାରୀ ଉପ କାରାପାଳ ରାଜେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ରହି ଏହି ଶିବିର କୁ ପରିଚାଳନା କରିଥିଲେ। ଯୋଗ ଶିକ୍ଷକ ସୁବାସ ପଣ୍ଡା ଓ ସଞ୍ଜୟ ବଡ ପଣ୍ଡା ଶିବିରାର୍ଥି ଙ୍କୁ ଯୋଗ ପ୍ରଶିକ୍ଷଣ ଦେଇଥିଲେ । ଜେଲ ମହା ନିର୍ଦ୍ଦେଶକ ଙ୍କ ନିର୍ଦେଶ ରେ ପ୍ରତି ଦିନ ଏ ଶିବିର ଆୟୋଜନ କରାଯିବ ବୋଲି ଜେଲର ଶ୍ରୀ ଜେନା କହିଛନ୍ତି ।

## କିନ୍ନର ଆସୋସିଏସନ୍ ପକ୍ଷରୁ ଶିବ ପାର୍ବତୀ ବିବାହ ଓ ଶିତଳ ଷଷ୍ଠୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



**ଯାଜପୁର ରୋଡ଼, ୨୭।୫ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସହରର ସାପଗଡିଆ ସ୍ଥିତ ପନାସିଆ ଏରିଆ ଠାରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ଯାଜପୁର ଜିଲ୍ଲା କିନ୍ନର ସଂଘ ଶାନ୍ତିସେନା ଆନୁକୁଲ୍ୟରେ ୧୫ତମ ଶୀତଳଷଷ୍ଠୀ ମହୋତ୍ସବ ବଡ଼ ଧୁମଧାମରେ ଅନୁଷ୍ଠିତ ହେବାକୁ ଯାଉଅଛି । ସେଥିପାଇଁ ଏକ ପ୍ରସ୍ତୁତି ବୈଠକ କିନ୍ନର ସଭାପତି କାଜଲ ନାୟକ, ସମ୍ପାଦକ ଲବଲିଙ୍କ ନେତୃତ୍ୱରେ ଆଜି ଅନୁଷ୍ଠିତ ହୋଇଯାଇଛି।

ଏହି ଶିବ ପାର୍ବତୀ ବିବାହ ମହୋତ୍ସବରେ ଦଳା ଗ୍ରାମ ନିବାସୀ ତ୍ରିଲୋଚନ ସାମଲ ଶିବଙ୍କ ପିତା ଓ ଲକ୍ଷ୍ମୀନଗର ନିବାସୀ ପ୍ରଦୀପ କୁମାର ପରିଡ଼ା ମାତା ପାର୍ବତୀଙ୍କ ପିତା ଭାବେ ଯୋଗଦାନ କରିବେ । ଏହି ଶୀତଳଷଷ୍ଠୀ ମହୋତ୍ସବ କିନ୍ନରମାନଙ୍କ ଦ୍‌ଵାରା ବହୁ ଆଡ଼ମ୍ବରରେ ପାଳନ ହେବାକୁ ଯାଉଅଛି । ଏଥିରେ ସମାଜର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି । ଏଥିରେ ବହୁ ରାଜନେତା, ନେତା, ବୁଦ୍ଧିଜୀବୀ , ଆଇନଜୀବୀ ଓ ଅଭିନେତା ସମାଜସେବୀ ସଂଗଠନ ଏହି ମହୋତ୍ସବରେ ଯୋଗଦାନ କରି ଶୀତଳଷଷ୍ଠୀ ମହୋତ୍ସବକୁ ଉତ୍ସାହିତ କରିବେ । ରାଜ୍ୟ ଓ ରାଜ୍ୟ ବାହାରୁ ଶତାଧିକ କିନ୍ନର ଏହି ମହୋତ୍ସବରେ ଯୋଗଦାନ କରିବା ପାଇଁ ନିମନ୍ତ୍ରଣ ରହିଛି। ଏହି ମହୋତ୍ସବ ଆସନ୍ତା ତା ୩୦ ରିଖରୁ ତା ୧ ରିଖ ତଥା ୩ ଦିନ ଧରି ପାଳିନ କରାଯିବ। ପ୍ରତ୍ୟେକ ଦିନ ମଧାହ୍ନ ଏବଂ ରାତ୍ର ସମୟରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଅଛି । ତା୩ଠରିଖରେ ଅଙ୍କୁରାରୋପଣ, ମଣ୍ଡପ ପୂଜା, କଳସ ଯାତ୍ରା, ବିଶ୍‌ବଶାନ୍ତି, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି ବୋଲି କିନ୍ନର ସଭାପତି କାଜଲ ନାୟକ, ସମ୍ପାଦକ ଲବଲି ପ୍ରମୁଖଙ୍କ ସମେତ ସପନି, ବେବି ପାତ୍ର, ରୋସନୀ ସିଂ, ରାଣୀ, ଚିନୁ ସାହୁ, ଡ଼ାଏନା, ରିଙ୍କି, ପିଙ୍କି, ସୋହିନୀ, ସୁମନ, ସନ୍ଧ୍ୟା, ଅନୁ, ସୁଇଟି, ମାନସୀ, ରଂଜିତା, ସୋଫିଆ, ସ୍ନେହା, ରାଜୀ, ଖୁସି, ରିୟା, ଶୁଭମ୍ ଓ ଅନ୍ୟ ସମସ୍ତ କିନ୍ନର ମାନଙ୍କ ଉପସ୍ଥିତିରେ ଅଂଚଳର ଗଣ ମାଧମକୁ ସୂଚନା ଦେଇଛନ୍ତି।

## ଦଶମ ଓ ଦ୍ୱାଦଶ ଶ୍ରେଣୀ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ଭବାନୀପାଟଣା, ୨୭।୫ (ସଂଚାର ବ୍ୟୁରୋ) :** ଚଳିତ ଶିକ୍ଷା ବର୍ଷରେ ଜିଲ୍ଲା ଶିକ୍ଷା ବିଭାଗ କଳାହାଣ୍ଡି ଦ୍ୱାରା ତଥା ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ, ମୁଣ୍ଡୁରାଗୁଡ଼ା ଓ ରୋଟାରୀ କ୍ଲବ ଭବାନୀପାଟଣାଙ୍କ ମିଳିତ ସହଯୋଗରେ ସିବିଏସଇ, ଆଇସିଏସଇ ଓ ସିଏଚ୍ଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାର କୃତି ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ୨୦୨୫ ଟାଉନ ହଲ ଭବାନୀପାଟଣା ଠାରେ ଅନୁଷ୍ଠିତ ହୋଇଯାଇଛି ।

ରୋଟାରି କ୍ଲବ ଅଧ୍ୟକ୍ଷ ଜୟରାମ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ, ସରକାରୀ ପଲିଟେକନିକ ଭବାନୀପାଟଣା ଅଧ୍ୟକ୍ଷ ଅମୂଲ୍ୟ କୁମାର ପଣ୍ଡା, ସହକାରୀ କମିଶନର, ଜିଏସଟି ସୃତିରେଖା ବାଗ, ବିଶିଷ୍ଟ ଶିକ୍ଷାବିତ୍ ଡ.ଉମେଶ କୁମାର ଶତପଥୀ, ସମାଜସେବୀ ଚିନ୍ମୟ ବେହେରା ଓ ସଂଗଠନ ସଭାପତି ଗିରିଜା ପ୍ରସାଦ ପଣ୍ଡା ପ୍ରମୁଖ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଅନୁଷ୍ଠାନର ଏଭଳି ଆୟୋଜନକୁ ସ୍ୱାଗତଯୋଗ୍ୟ ଓ ପ୍ରଶଂସନୀୟ ବୋଲି ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମକୁ ସୁସାହିତ୍ୟିକ ବିରଞ୍ଚି ନାରାୟଣ ମୁଣ୍ଡ ସଂଯୋଜନା କରିଥିଲା ବେଳେ ସମାଜ ସେବୀ ହେମନ୍ତ କୁମାର ମୁଣ୍ଡ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ଜିଲ୍ଲାର ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଥିବା କଳାହାଣ୍ଡି ଜିଲ୍ଲାର ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଜବାହାର ନବୋଦୟ ବିଦ୍ୟାଳୟ ନର୍ଲା, କେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପାଟଣା ପ୍ରଗତି ଶିକ୍ଷା ଅନୁଷ୍ଠାନ, ବିମଳା କନଭେଣ୍ଟ, ବିକାଶ ଶିକ୍ଷାନୁଷ୍ଠାନ ତଥା ଜିଲ୍ଲାର ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା। ଚଳିତ ଶିକ୍ଷା ବର୍ଷରେ ବିଭିନ୍ନ ବୋର୍ଡ ପରୀକ୍ଷାରେ ଛାତ୍ରଛାତ୍ରୀ ମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ପ୍ରଗତି ଶିକ୍ଷା ଅନୁଷ୍ଠାନର ସମ୍ପାଦକ ଅଜୟ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରତୀୟ ଷ୍ଟେଟ ବ୍ୟାଙ୍କ, ମୁଖ୍ୟ ଶାଖା ଭବାନୀପାଟଣା, ବ୍ୟାଙ୍କ୍ ଅଫ ଇଣ୍ଡିଆ,ବନ୍ଧନ ବ୍ୟାଙ୍କ୍, ଲକ୍ଷ୍ମୀ ପ୍ରିୟା ଜ୍ୱେଲରସ୍ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ଟ୍ରଫି ଓ ପୁରସ୍କାର ଯୋଗାଇ ଦେଇଥିଲେ।

## ଷ୍ଟେଟ ବ୍ୟାଙ୍କ ସ୍ଥାପନ ପାଇଁ ମନ୍ତ୍ରୀଙ୍କୁ ଅଭିଯୋଗପତ୍ର ପ୍ରଦାନ



**ରାୟଗଡ଼ା, ୨୭।୫ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକର ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମରେ ଷ୍ଟେଟ ବ୍ୟାଙ୍କ ସ୍ଥାପନ ପାଇଁ ଦୀର୍ଘଦିନ ଧରି ଚାଲିଥିବା ଦାବି ଏଯାଇଁ କୌଣସି ଫଳ ଦେଇନାହିଁ। ଏହି ନିମନ୍ତେ ଗ୍ରାମର ବିଜେପି କର୍ମୀ ମାନସ କୁମାର ଦାସ ଓ ସନ୍ତୋଷ ମହାପାତ୍ର ଭୁବନେଶ୍ୱର ଗଲା ପରେ ବିଜେପିର ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିକଟରେ ଲିଖିତ ଭାବରେ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ପତ୍ରରେ ଉଲ୍ଲେଖ ମିଳିଛି ଯେ, ମୁକୁନ୍ଦପୁର ଗ୍ରାମ ପାଖପାଖି ୯ଟି ପଞ୍ଚାୟତ ଅଞ୍ଚଳର କେନ୍ଦ୍ରବିନ୍ଦୁ ଭାବରେ ରହିଛି ଯେଉଁଠାରେ ପ୍ରାୟ ୪୦ ହଜାର ଲୋକବାସ କରୁଛନ୍ତି। ଏଠି ଏକମାତ୍ର ଉତ୍କଳ ଗ୍ରାମୀଣ ବ୍ୟାଙ୍କ ରହିଛି, କିନ୍ତୁ ବ୍ୟାଙ୍କର ସେବା ଅପର୍ଯ୍ୟାପ୍ତ ଓ ଅସନ୍ତୋଷଜନକ। ବ୍ୟାଙ୍କରେ ପ୍ରାୟ ଲିଙ୍କ ଫେଲ ଥିବା, ଟଙ୍କା ଅଭାବ ଓ ଏଟିଏମ୍ ସୁବିଧା ନଥିବା ଯୋଗୁଁ ଅଞ୍ଚଳବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ସହିତ ଗ୍ରାମର ବ୍ୟବସାୟ ବଜାର ହେବା ସତ୍ତ୍ୱେ ଲୋକଙ୍କୁ ବ୍ୟାଙ୍କିଂ ସୁବିଧା ପାଇଁ ୧୭-୨୦ କି.ମି. ଦୂର କୋଲନରା ବା ଜେକେପୁର ଯିବାକୁ ବାଧ ହେଉଛନ୍ତି। ଏହି ସମସ୍ୟା ପୂର୍ବରୁ ବି ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉଠାଯାଇଥିଲେ ବି କୌଣସି ପ୍ରତିଫଳ ମିଳିନଥିଲା ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ ମିଳିଛି। ଏହି ଅଭିଯୋଗ ପାଇଁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୁରୁତ୍ୱ ଦେଇ ସତ୍ୟାବଧାନ ଦେଖାଇଛନ୍ତି ବୋଲି ମାନସ ଦାସ କହିଛନ୍ତି। ସେ ଆଶ୍ୱାସନ ଦେଇଛନ୍ତି ଯେ, ଏହି ସମସ୍ୟା ଉପରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ। ବର୍ତ୍ତମାନ ଅଞ୍ଚଳବାସୀ ଆଶା କରୁଛନ୍ତି ଯେ ଷ୍ଟେଟ ବ୍ୟାଙ୍କ ଏବଂ ଏଟିଏମ୍ ସୁବିଧା ମୁକୁନ୍ଦପୁରରେ ସ୍ଥାପିତ ହେବ ଓ ଲୋକଙ୍କ ଦୀର୍ଘଦିନର ଦାବି ପୂରଣ ହେବ।

## ସୋନପୁରରେ ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା




**ସୁବର୍ଣ୍ଣପୁର, ୨୭।୫ (ସଂଚାର ବ୍ୟୁରୋ) :** ଅପରେସନ୍ ସିନ୍ଦୂରର ସଫଳତାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ସହ ଦେଶପ୍ରେମ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଆଜି ସୁବର୍ଣ୍ଣପୁର ବିଜେପି ନଗର ମଣ୍ଡଳ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ତ୍ରିରଙ୍ଗା ଯାତ୍ରା ଶୁଭାରମ୍ଭ ହୋଇଛି। ଏହି ଶୋଭାଯାତ୍ରା ସହର ପରିକ୍ରମା କରି ଲୋକଙ୍କ ମଧ୍ୟରେ ଦେଶପ୍ରେମ ବାର୍ତ୍ତା ପହଞ୍ଚାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ବେଣୁଧର ଦାଶ ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ନଗର ମଣ୍ଡଳ ସଭାପତି ସୁରେଶ ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସରୁପ ପାତ୍ର, ବରିଷ୍ଠ କାର୍ଯ୍ୟକର୍ତ୍ତା ଶିବରାମ ସାହୁ, କାଉନସିଲର ଗଙ୍ଗାଧର ଦରିଆ, ଦଶରଥି ମେହେର, ଗୁପ୍ତପ୍ରକାଶ ମିଶ୍ର, ବିବେକାନନ୍ଦ ମିଶ୍ର,ପ୍ରଫୁଲ୍ଲ ମେହେର, ଦେବାଶିଷ ପୂଜାରୀ, ଶୁଭ୍ରାଂଶୁ ଶେଖର ମିଶ୍ର, ପ୍ରମୁଖଙ୍କ ବହୁ କାର୍ଯ୍ୟକର୍ତ୍ତା ସାମିଲ ଥିଲେ ।

## ଗୋଲାମୁଣ୍ଡା ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର



**ଭବାନୀପାଟଣା, ୨୭।୫ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୮୯ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ୫୨ ଗୋଟି ଓ ସାମୂହିକ ୩୪ ଗୋଟି ରହିଥିବା ବେଳେ ୧୬ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରଯାଇଥିଲା।

ଏହି ଯୁଗ୍ମ ଜନଶୁଣାଣି ଶିବିରରେ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ପାନୀୟଜଳ, ଜମିବିବାଦ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଶିଶୁ ସୁରକ୍ଷା, ବ୍ୟାଙ୍କ୍, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପ ଜିଲ୍ଲାପାଳ ଧର୍ମଗଡ଼, ଧୀମାନ ଚକମା, ପ୍ରବେଶନରେ ଥିବା ଭାରତୀୟ ପ୍ରଶାସନିକ ସେବା ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

**ଶବ୍ଦର ଯାଦୁଗର 'ଶିବାନନ୍ଦ'**



## ମଞ୍ଚ ଭୁଲେନି ଯାହାଙ୍କ ଆକର୍ଷଣ

**ବ୍ରହ୍ମପୁର, ୨୭।୫ (ସଂଚାର ବ୍ୟୁରୋ) :** ଶବ୍ଦକୁ ପଢ଼ିବା ଯେତିକି ସହଜ, ତାକୁ ବୁଝିବା ଏବଂ ପରିପ୍ରକାଶ କରିବା ସେତିକି କଷ୍ଟ। କୁହାଯାଏ ଏହା ସମସ୍ତଙ୍କ ପକ୍ଷେ ସମ୍ଭବପର ନୁହେଁ। ଯଦିଓ ମଞ୍ଚରେ ଉଦଘୋଷକ ମାନଙ୍କ ମିଠା ମିଠା ଶବ୍ଦର ବ୍ୟବହାର ଦର୍ଶକଙ୍କ ମନଛୁଏଁ, ତଥାପି କିଛି ମଞ୍ଚ ଉପସ୍ଥାପକଙ୍କ ଦ୍ୱାରା ଉଚ୍ଚାରଣ ହେଉଥିବା ଗୋଟିଏ ପରେ ଗୋଟିଏ ଶବ୍ଦ ଉପସ୍ଥିତ ଲୋକଙ୍କ ହୃଦୟ ଜିଣେ। ଆଉ ଏହି ତାଲିକାରେ ଥିବା ଜଣେ ପ୍ରତିଭାବାନ ଯୁବ ବ୍ୟକ୍ତିତ୍ୱ ହେଉଛନ୍ତି ସାରା ରାଜ୍ୟ ପାଇଁ ଏହି କ୍ଷେତ୍ରରେ ଗର୍ବ ଓ ଗୌରବ ସାଜିଥିବା ଗଞ୍ଜାମ ମାଟିର ସୁପୁତ୍ର ଶିବାନନ୍ଦ ବାରିକ। କମ୍ ବୟସରୁ ବିଭିନ୍ନ ମଞ୍ଚରେ ସଭିଙ୍କ ଆକର୍ଷଣ ପାଲଟିଛନ୍ତି ସେ। ନିଜର ପୁଞ୍ଜି କରିଥିବା ଶବ୍ଦ ଗୁଡିକୁ ମୁଖରେ ପରିପ୍ରକାଶ କରି ସମସ୍ତଙ୍କ ପ୍ରିୟ ବି ହୋଇପାରିଛନ୍ତି। କଳା, ସାହିତ୍ୟ ଓ ସଂସ୍କୃତିର ଜିଲ୍ଲା ଗଞ୍ଜାମରେ ଜନ୍ମିତ ଏହି ଶବ୍ଦଶିଳ୍ପୀ ଜଣକ ସବୁ ମଞ୍ଚରେ ପୁଳା ପୁଳା ପ୍ରଶଂସା ସାଉଁଟିଛନ୍ତି। ଯେ କୌଣସି ସଭା ସମିତି ହେଉ କିମ୍ବା ପୌରାଣିକ ଓ ଆଧୁନିକ କାର୍ଯ୍ୟକ୍ରମ ସବୁ ମଞ୍ଚରେ ଏହି ଧୂରୀଣ ଉଦଘୋଷକଙ୍କୁ ଦେଖିବାକୁ ମିଳେ। ଏହା କେବଳ ତାଙ୍କର ଶବ୍ଦ ପ୍ରତି ଥିବା ଭଲ ପାଇବା ଏବଂ ସ୍ପଷ୍ଟ ଉଚ୍ଚାରଣ ପାଇଁ ସମ୍ଭବ ବୋଲି ମନେ ହୁଏ।

କହିବାକୁ ଗଲେ ଶିବନନ୍ଦଙ୍କ ମୁହଁରୁ ସେହି ଆକର୍ଷଣୀୟ ଶବ୍ଦ ଗୁଡିକୁ ଶୁଣିବା ପାଇଁ ଦର୍ଶକ ସତେ ସେମିତି ଅପେକ୍ଷା କରି ରହିଥାନ୍ତି। ସେ ଏକଧାରରେ ଜଣେ ଲେଖକ, କବି, ସାହିତ୍ୟିକ, ଉଦଘୋଷକ ଏବଂ ସାମ୍ବାଦିକ। ଦୂରଦର୍ଶନରେ ପ୍ରସାରିତ କୃଷି ଦର୍ଶନ ଠାରୁ ଆରମ୍ଭ କରି ବିଭିନ୍ନ ଆଲୋଚନା କାର୍ଯ୍ୟକ୍ରମରେ ତାଙ୍କର ଉପସ୍ଥାପନା ଶୈଳୀ ଦର୍ଶକଙ୍କ ମନ ଜିଣିପାରିଛି। ଗଞ୍ଜାମ କବିସୂର୍ଯ୍ୟନଗର ବ୍ଲକ୍ ଅନ୍ତର୍ଗତ ପଥରା ଗ୍ରାମର ପ୍ରତିକର ବାରିକ୍ ଓ ମୁନି ବାରିକଙ୍କ ସୁପୁତ୍ର ହେଉଛନ୍ତି ଶିବାନନ୍ଦ। ପିଲାଟି ଦିନରୁ ବକ୍ତୃତା ଓ ପତ୍ରଲିଖନ ପ୍ରତି ରହିଥିବା ତାଙ୍କର ଦୁର୍ବଳତା ହିଁ ଆଜି ତାଙ୍କୁ ଶବ୍ଦଶିଳ୍ପୀ ରୂପେ ପରିଚୟ ଦେଇଛି। ଗଞ୍ଜାମ ଜିଲ୍ଲା ସମେତ ବ୍ରହ୍ମପୁର ସହରର ପ୍ରମୁଖ କାର୍ଯ୍ୟକ୍ରମ ଗୁଡିକର ମଞ୍ଚରେ ଗୁରୁଦାୟିତ୍ୱ ତୁଲାଇବା ପାଇଁ ଶିବାନନ୍ଦଙ୍କୁ ଖୋଜା ପଡେ। ସେହିଭଳି ସାହିତ୍ୟ ଓ କବିତା ସମାରୋହ ଗୁଡିକରେ ତାଙ୍କ ସ୍ୱଲିଖିତ କବିତା ଗୁଡିକ ବେଶ ମନଛୁଆଁ ହୋଇଥାଏ ଏବଂ ଉପସ୍ଥିତ ଶ୍ରୋତାବନ୍ଧୁ ମାନେ ବି ଏହା ଶୁଣିବାକୁ ଖୁବ୍ ଆଗ୍ରହ ପ୍ରକାଶ କରନ୍ତି। ସମ୍ପ୍ରତି ସେ କେବଳ ବ୍ରହ୍ମପୁର କିମ୍ବା ଗଞ୍ଜାମରେ ସୀମିତ ନୁହଁନ୍ତି ବରଂ ରାଜ୍ୟ ତଥା ରାଜ୍ୟ ବାହାରେ ମଧ ନିଜର ସଫଳ ପରାକାଷ୍ଠା ଦେଖାଇ ଦର୍ଶକଙ୍କ ସ୍ନେହ, ଆଦର ଓ ଭଲପାଇବା ସାଉଁଟି ପାରିଛନ୍ତି। କେବଳ ସେତିକି ନୁହେଁ, ରାଜ୍ୟର ବିଭିନ୍ନ ପତ୍ର ପତ୍ରିକା ଏବଂ ଖବରକାଗଜ ଗୁଡିକରେ ତାଙ୍କ ଦ୍ୱାରା ପରମ୍ପରା, କଳା, ସାହିତ୍ୟ, ସଂସ୍କୃତି ଆଧାରିତ ଲେଖା ଅନ୍ୟମାନଙ୍କ ପାଇଁ ଉଦାହରଣ ସଦୃଶ କହିଲେ କିଛି ଭୁଲ ହେବନି।





**ଆମ ଦେଶର ବୈଜ୍ଞାନିକମାନେ ଦକ୍ଷିଣ ଭାରତ ମହାସାଗର ପତ୍ତନରୁ ୪,୫୦୦ ମିଟର ତଳେ ଏକ ହାଇଡ୍ରୋଥର୍ମାଲ୍ ସଲ୍‌ଫାଇଡ୍ କ୍ଷେତ୍ରର ଫଟୋ ଉଠାଇବାର ବିରଳ ସଫଳତା ହାସଲ କରିଛନ୍ତି**

# ଅତଳ ସମୁଦ୍ରରେ ବିରଳ ଆବିଷ୍କାର

ଦକ୍ଷିଣ ଭାରତ ମହାସାଗରର ଅଗଭୀର ସମୁଦ୍ର ଶଯ୍ୟାରେ ଭାରତୀୟ ବୈଜ୍ଞାନିକମାନେ ଏକ ବିରଳ କୃତି ହାସଲ କରିଛନ୍ତି। ନେସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସେନ୍ ଟେକ୍ନୋଲୋଜି (ଏନ୍‌ଆଇଓଟି) ଓ ନେସ୍‌ନାଲ୍ ସେଣ୍ଟର ଫର୍ ପୋଲାର୍ ଆଣ୍ଡ୍ ଓସେନ୍ ରିସର୍ଚ୍ଚ (ଏନ୍‌ସିପିଓଆର୍)ର ବୈଜ୍ଞାନିକମାନେ ଦକ୍ଷିଣ ଭାରତ ମହାସାଗରର କେନ୍ଦ୍ରୀୟ ଓ ଦକ୍ଷିଣ-ପଶ୍ଚିମ ତଟସ୍ଥ ୪,୫୦୦ ମିଟର ସମୁଦ୍ର ପତ୍ତନ ତଳେ ଏକ ହାଇଡ୍ରୋଥର୍ମାଲ୍ ସଲଫାଇଡ୍ କ୍ଷେତ୍ରର ଫଟୋଚିତ୍ର ଉତ୍ତୋଳନ କରିପାରିଛନ୍ତି।

ସାମୁଦ୍ରିକ ଗବେଷଣା ଜାହାଜ 'ସାଗର ନିଧି' ମାଧ୍ୟମରେ ଚଳିତ ମାସରେ ସଂପୃକ୍ତ ଇଲାକାରେ ସେମାନଙ୍କ ଦ୍ୱାରା ସଂଗଠିତ ଏହି ଅଭିଯାନ ସମୁଦ୍ର-ବିଜ୍ଞାନ ଇତିହାସରେ ପ୍ରଥମ ବୋଲି କୁହାଯାଉଛି। ଏନ୍‌ଆଇଓଟି ଦ୍ୱାରା ବିକଶିତ 'ଓସେନ୍ ମିନେରାଲ୍ ଏକ୍ସପ୍ଲୋରର୍' (ଓଏମ୍‌ଇ ୬୦୦୦) ନାମକ ସ୍ୱୟଂକ୍ରିୟ କ୍ଷୁଦ୍ର ବୁଡ଼ାଜାହାଜ ସାହାଯ୍ୟରେ ସେମାନେ ଗଭୀର ସମୁଦ୍ର ଶଯ୍ୟାରେ ସଂପୃକ୍ତ ଜଳ-ତାପଜ ଗବାକ୍ଷର ଫଟୋଚିତ୍ର ଉତ୍ତୋଳନ କରିବା ସହ ତତ୍ ସମ୍ପର୍କିତ ବିଶଦ ତଥ୍ୟ ମଧ୍ୟ ସଂଗ୍ରହ କରିବାରେ ସକ୍ଷମ ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ, ସଂପୃକ୍ତ ଗବାକ୍ଷଗୁଡ଼ିକ ଧାରଣ କରିଥିବା ଅନନ୍ୟ ପର୍ଯ୍ୟାବରଣ ପ୍ରଣାଳୀ ଓ ଗଚ୍ଛିତ ଖଣିଜ ପଦାର୍ଥ ଉଭୟ ବୈଜ୍ଞାନିକ ଗବେଷଣା ଓ ସମ୍ଭାବ୍ୟ ସମ୍ବଳ ଉତ୍ତୋଳନ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି। ମହାସାଗରୀୟ ସମ୍ବଳ ଓ ଜୈବବିବିଧତାର ପରିବର୍ଦ୍ଧିତ ନିରୀକ୍ଷଣ ଲାଗି ଉଦ୍ଦିଷ୍ଟ ଭାରତର ବ୍ୟାପକ 'ଡିପ୍ ଓସେନ୍ ମିସନ୍'ର ଅଂଶବିଶେଷ ଏହି ଅଭିଯାନ ସ୍ଥାୟୀ ସଂସାଧନ ଆହରଣ ପାଇଁ ଜ୍ଞାନକୌଶଳ ବିକଶିତ କରିପାରିବ ବୋଲି ଆଶା କରାଯାଉଛି। ଏହି ଆବିଷ୍କୃତ ଗଭୀର ସଲ୍‌ଫାଇଡ୍ କ୍ଷେତ୍ରରେ ସ୍ୱର୍ଣ୍ଣ, ରୌପ୍ୟ ଓ ତାମ୍ର ଆଦି ମୂଲ୍ୟବାନ ଖଣିଜ ଭଣ୍ଡାର ଥିବାର ସମ୍ଭାବନା ରହିଛି। ଏହି ଆବିଷ୍କାର ଭାରତର 'ଲକ୍ଷ୍ୟ-୨୦୪୭'ର ଉଦ୍ଦେଶ୍ୟ ସାଧନ କରିପାରିବ ବୋଲି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି। ଭାରତର ଏହି ଗଭୀର ସମୁଦ୍ର ତଳ ଅଭିଯାନ ଓ ଗବେଷଣା ଦେଶର ଉନ୍ନତ ଜ୍ଞାନକୌଶଳକୁ ପ୍ରମାଣିତ କରିଛି ଏବଂ ଅନୁରୂପ ଅଭିଯାନ ପାଇଁ ସକ୍ଷମ ହାତଗଣତି ରାଷ୍ଟ୍ରଙ୍କ ଗହଣରେ ନିଜକୁ ସାମିଲ କରିଛି। ତେବେ ବିରଳ ତଥା ଜଟିଳ ସାମୁଦ୍ରିକ ପର୍ଯ୍ୟାବରଣ ପ୍ରଣାଳୀକୁ ଉନ୍ମୋଚନ କରିଥିବା ଭାରତର ଏହି ସଫଳ ଅଭିଯାନ ଆଗକୁ ସମୁଦ୍ର ପତ୍ତନରୁ ୬,୦୦୦ ମିଟର ତଳେ ହେବାକୁ ଥିବା ପରବର୍ତ୍ତୀ 'ସମୁଦ୍ରାୟନ ମିସନ୍' ପାଇଁ ଭିତ୍ତିଭୂମି ପକାଇଛି ବୋଲି ଉକ୍ତ ଅଭିଯାନ ସହ ଜଡ଼ିତ ବୈଜ୍ଞାନିକମାନେ ଆଶା ବ୍ୟକ୍ତ କରିଛନ୍ତି।

# ୧୭ ହଜାରରେ ଦୁଇଟି ଡିସ୍‌ପ୍ଲେର ସ୍ମାର୍ଟଫୋନ୍

ଭାରତର ଅନ୍ୟତମ ଫୋନ୍ ନିର୍ମାତା କମ୍ପାନି 'ଲାଭା' ପକ୍ଷରୁ ତାହାର ସଦ୍ୟତମ ଉତ୍ପାଦ 'ଲାଭା ବ୍ଲେଜ୍ ଡୁଓ ୫ଜି'ର ବଜାର ପ୍ରବେଶ କରାଯାଇଛି। ଏହି ୫ଜି ସ୍ମାର୍ଟଫୋନ୍‌ର ବିଶେଷତ୍ୱ ହେଲା ଏହାର ପଛପଟେ ମଧ୍ୟ ଏକ ପରଦା ରହିଛି। ଆଣ୍ଡ୍ରଏଡ୍ ୧୪ ଉପରେ ପର୍ଯ୍ୟବସିତ ତଥା ୬ ନାନୋମିଟର୍ ଅକ୍ଟାକୋର୍ 'ମିଡିଆଟେକ୍ ଡିମେନ୍‌ସିଟି ୭୦୨୫' ପ୍ରସେସର୍ ଦ୍ୱାରା ପରିଚାଳିତ ଏହି ଫୋନ୍‌ର ୮ ଜିବି ଯାଏ ରାମ୍ ଓ ୧୨୮ ଜିବି ଇଣ୍ଟର୍‌ନାଲ୍ ଷ୍ଟୋରେଜ୍ କ୍ଷମତା ରହିଛି। ଏହାର ସମ୍ମୁଖ ଭାଗରେ ଏକ ୬.୬୭ ଇଞ୍ଚର ଫୁଲ୍ ଏଚ୍‌ଡି ପ୍ଲସ୍ (୧୦୮୦x୨୪୦୦ ପିକ୍ସେଲ୍) ୩ଡି କର୍ଭଡ୍ ମୁଖ୍ୟ ଆମୋଲେଡ୍ ପରଦା ରହିଛି ଏବଂ ପଛପଟେ ୧.୫୮ ଇଞ୍ଚ ଆମୋଲେଡ୍ ପରଦା ରହିଛି। ସେହିପରି ସୋନି ସେନ୍‌ସର୍‌ଯୁକ୍ତ ୬୪ ମେଗାପିକ୍ସେଲ୍ ମେନ୍ କ୍ୟାମେରା ଓ ୨ ମେଗାପିକ୍ସେଲ୍ ସେକେଣ୍ଡାରି କ୍ୟାମେରା ସହିତ ୧୬ ମେଗାପିକ୍ସେଲ୍‌ର ଏକ ସେଲ୍‌ଫି କ୍ୟାମେରା ମଧ୍ୟ ରହିଛି। ଏଥିରେ ଆକ୍ସିଲୋମିଟର, ପ୍ରକ୍ସିମିଟି ସେନ୍ସର, ଜାଇରୋସ୍କୋପ୍ ଓ ଇ-କମ୍ପାସ ଆଦି ସେନ୍‌ସର୍ ସାଙ୍ଗକୁ ଚାର୍ଜିଂ ପାଇଁ ସି-ଟାଇପ୍ ୟୁଏସ୍‌ବି ପୋର୍ଟ ରହିଛି। ଆର୍କ୍ଟିକ୍ ହ୍ୱାଇଟ୍ ଓ ସେଲେଷ୍ଟିଆଲ୍ ବ୍ଲୁ ପରି ଦୁଇଟି ରଙ୍ଗରେ ଉପଲବ୍ଧ 'ଲାଭା ବ୍ଲେଜ୍ ଡୁଓ ୫ଜି'ର ୬ ଜିବି ରାମ୍ ସଂସ୍କରଣର ମୂଲ୍ୟ ୧୮,୯୯୯ ଟଙ୍କା ରହିଥିବା ବେଳେ ୮ ଜିବି ସଂସ୍କରଣର ଦାମ୍ ହେଉଛି ୨୦,୪୯୯ ଟଙ୍କା। ତେବେ ୨୦ ତାରିଖରୁ ଆମାଜନ୍‌ରେ ଏହାର ଦୁଇଟି ସଂସ୍କରଣ ଉପରେ ଯଥାକ୍ରମେ ୨,୦୦୦ ଟଙ୍କା ଓ ୨,୫୦୦ ଟଙ୍କାର ରିହାତି ମିଳିବ।



# ପ୍ରିମିୟମ୍ ସେଗ୍‌ମେଣ୍ଟରେ ବିଏମ୍‌ଡବ୍ଲୁ ନ୍ୟୁ ଏକ୍ସ ୩

ବଜାରକୁ ଆସିବାକୁ ଯାଉଛି ବିଏମ୍‌ଡବ୍ଲୁର ନୂଆ ମଡେଲ୍ ନ୍ୟୁ ଏକ୍ସ ୩। ଏହାର ପ୍ରାରମ୍ଭିକ ମୂଲ୍ୟ ୬୫ରୁ ୭୦ ଲକ୍ଷ ଟଙ୍କା (ଏକ୍ସ ସୋ'ରୁମ୍) ରହିବ ବୋଲି ଆକଳନ କରାଯାଉଛି। ଏଥିରେ ଏଲ୍‌ଇଡି ହେଡ୍ ଓ ଟେଲ୍ ଲାଇଟ୍, ୧୨.୩ ଇଞ୍ଚର ସଂପୂର୍ଣ୍ଣ ଡିଜିଟାଲ୍ ଇନ୍‌ଷ୍ଟ୍ରୁମେଣ୍ଟ ଡିସ୍‌ପ୍ଲେ, ବିଏମ୍‌ଡବ୍ଲୁ ଲାଇଭ୍ କକ୍‌ପିଟ୍ ପ୍ରଫେସନାଲ୍, ୮-ସ୍ପିଡ୍ ଷ୍ଟେପ୍‌ଟ୍ରୋନିକ୍ ସ୍ପୋର୍ଟସ୍ ଟ୍ରାନ୍ସମିସନ୍, ପାର୍କିଂ ଆସିଷ୍ଟାଣ୍ଟ ପ୍ଲସ୍, ରିମୋଟ୍ ଥ୍ରିଡି ଭିୟୁ, ପାନୋରୋମା ଭିୟୁ, ୩୬୦ ଡିଗ୍ରି କ୍ୟାମେରା ଅଲ୍ ଆରାଉଣ୍ଡ୍ ଭିୟୁ, କ୍ରୁଜ୍ କଣ୍ଟ୍ରୋଲ୍ ୱିଥ୍ ବ୍ରେକିଂ ଫଙ୍କସନ୍, ଟଚ୍ ସ୍କ୍ରିନ୍ ଆଣ୍ଡ୍ ଆଇଡ୍ରାଇଭ୍ କଣ୍ଟ୍ରୋଲ୍, ୭.୦ ଅପରେଟିଂ ସିଷ୍ଟମ୍, ହେଡ୍ ଅପ୍ ଡିସ୍‌ପ୍ଲେ ପରି ବୈଶିଷ୍ଟ୍ୟ ରହିବ। ଏଥିରେ ୨.୦ ଲିଟର୍ ୪-ସିଲିଣ୍ଡର୍ ସଂପନ୍ନ ଟ୍ୱିନ୍‌ପାୱାର୍ ଟର୍ବୋ ବିଶିଷ୍ଟ ପେଟ୍ରୋଲ୍ ଓ ଡିଜେଲ୍ ଚାଳିତ ଇଂଜିନ୍ ରହିବ ବୋଲି ଆକଳନ କରାଯାଉଛି। ଏହା ୫ଟି ରଙ୍ଗରେ ଉପଲବ୍ଧ ହେବ।






# ବିନା ପାନ୍‌କାର୍ଡରେ ଜାଣନ୍ତୁ ସିବିଲ୍ ସ୍କୋର୍

କ୍ରେଡିଟ୍ ଇନ୍‌ଫର୍‌ମେସନ୍ ବ୍ୟୁରୋ (ଇଣ୍ଡିଆ) ଲିମିଟେଡ୍ ବା 'CIBIL' ଋଣଧାରକଙ୍କୁ ସେମାନଙ୍କ କ୍ରେଡିଟ୍ ସ୍କୋର୍ ପ୍ରଦାନ କରିଥାଏ। ସାଧାରଣତଃ ସିବିଲ୍ ସ୍କୋର୍ ଯାଞ୍ଚ ପାଇଁ ପାନ୍ କାର୍ଡ ନିହାତି ଆବଶ୍ୟକ। ଆପଣ କ୍ରେଡିଟ୍ ବ୍ୟୁରୋକୁ ସିଧାସଳଖ ଯୋଗାଯୋଗ କରି ଅଥବା ତାଙ୍କ ୱେବ୍‌ସାଇଟ୍‌କୁ ଯାଇ ପାନ୍ କାର୍ଡ ବିନା କ୍ରେଡିଟ୍ ସ୍କୋର ଯାଞ୍ଚ କରିପାରିବେ।

ପାନ୍ କାର୍ଡ ବ୍ୟବହାର ତୁଳନାରେ ଏହି ପ୍ରକ୍ରିୟା ଟିକିଏ ଅଧିକ ସମୟ ନେଇପାରେ। କିଛି ମୋବାଇଲ୍ ଆପ୍ କ୍ରେଡିଟ୍ ବ୍ୟୁରୋ ସହିତ ସହଭାଗୀ ହୋଇ ଉପଭୋକ୍ତାମାନଙ୍କୁ ସେମାନଙ୍କର କ୍ରେଡିଟ୍ ସ୍କୋର୍ ଯାଞ୍ଚ କରିବାକୁ ଅନୁମତି ଦେଇଥାନ୍ତି। ପରିଚୟ ଯାଞ୍ଚ ପାଇଁ ଏହି ଆପ୍‌ଗୁଡ଼ିକ ପାନ୍ କାର୍ଡର ବିକଳ୍ପ ସ୍ୱରୂପ ଅନ୍ୟାନ୍ୟ ଡକ୍ୟୁମେଣ୍ଟ ଗ୍ରହଣ କରନ୍ତି।

**➧ କେଉଁ ଉପାୟ ଆପଣାଇବେ?**

- କ୍ରେଡିଟ୍ ସ୍କୋର୍ ପାଇଁ ଆବେଦନ କରିବାକୁ ହେଲେ ପାନ୍ କାର୍ଡ ବଦଳରେ ପାସ୍‌ପୋର୍ଟ, ଭୋଟର୍ ଆଇଡି, ଡ୍ରାଇଭିଂ ଲାଇସେନ୍‌ସ ଭଳି ବିକଳ୍ପ ପରିଚୟ ପତ୍ର ବ୍ୟବହାର କରିପାରିବେ, ଯାହାକି ଆପଣଙ୍କ ନାମ, ଜନ୍ମ ତାରିଖ ଓ ଠିକଣା ପରି ମୌଳିକ ସୂଚନା ପାଇଁ ବ୍ୟବହୃତ ହେବ।
- ପାନ୍ କାର୍ଡ ବିନା ସ୍କୋର୍ ଯାଞ୍ଚ ପାଇଁ କ୍ରେଡିଟ୍ ବ୍ୟୁରୋର ସାଧାରଣତଃ ଗୋଟିଏ ବିଭାଗ ଥାଏ। ତେଣୁ, ଆପଣଙ୍କୁ ନିଜ ବିବରଣୀ ଓ ପରିଚୟ ପ୍ରମାଣ ଦେବାକୁ ପଡ଼ିବ।

**➧ ଯାଞ୍ଚ କରିବେ କେମିତି?**

- ପ୍ରଥମେ ଅଫିସିଆଲ୍ CIBIL ୱେବ୍‌ସାଇଟ୍‌କୁ ଯାଆନ୍ତୁ ଏବଂ 'ଗେଟ୍ ୟୋର୍ ଫ୍ରି ସିବିଲ୍ ସ୍କୋର୍' ଅପ୍‌ସନ୍‌ରେ 'ପର୍ସନାଲ୍ CIBIL ସ୍କୋର୍' ବିକଳ୍ପ ଉପରେ କ୍ଲିକ୍ କରନ୍ତୁ। ଆପଣ https://myscore.cibil.com/CreditView/enrollShort_new.page?enterprise=CIBIL ଏହି ଲିଙ୍କ୍‌କୁ ସିଧାସଳଖ ଯାଇପାରିବେ।
- ତା'ପରେ ଆପଣଙ୍କ ଇମେଲ୍ ଆଇଡି ଦିଅନ୍ତୁ ଏବଂ ଏକ ସୁରକ୍ଷିତ ପାସ୍‌ୱର୍ଡ ଦେଇ ଗୋଟିଏ ଆକାଉଣ୍ଟ କ୍ରିଏଟ୍ କରନ୍ତୁ।
- ଆପଣଙ୍କର ସମ୍ପୂର୍ଣ୍ଣ ନାମ ଦିଅନ୍ତୁ ଏବଂ ପାନ୍ କାର୍ଡ ସ୍ଥାନରେ ପାସ୍‌ପୋର୍ଟ, ଭୋଟର୍ ଆଇଡି କିମ୍ବା ଡ୍ରାଇଭିଂ ଲାଇସେନ୍ସ ପରି ବିକଳ୍ପ ପରିଚୟପତ୍ର ଚୟନ କରନ୍ତୁ।
- ଜନ୍ମ ତାରିଖ ଓ ପିନ୍ କୋଡ୍ ଦେବା ପରେ ଆପଣଙ୍କ ରାଜ୍ୟ ଚୟନ କରନ୍ତୁ। ଏହାପରେ ଆପଣଙ୍କର ମୋବାଇଲ୍ ନମ୍ବର୍ ଦିଅନ୍ତୁ ଏବଂ 'ଆକ୍‌ସେପ୍ଟ ଓ କଣ୍ଟିନ୍ୟୁ' ଉପରେ କ୍ଲିକ୍ କରନ୍ତୁ।
- ତା'ପରେ ଆପଣ ଏକ OTP ପାଇବେ। ଏହାକୁ ଏଣ୍ଟର୍ କରି 'କଣ୍ଟିନ୍ୟୁ' ଅପ୍‌ସନ୍ ଉପରେ କ୍ଲିକ୍ କରନ୍ତୁ।
- ତା'ପରେ ଆପଣ ଡିଭାଇସ୍‌କୁ ଖାତା ସହିତ ଯୋଡ଼ିବାକୁ ଚାହୁଁଛନ୍ତି କି ବୋଲି ଏକ ବିକଳ୍ପ ଆସିବ। ଏହାକୁ କ୍ଲିକ୍ କରିବା ପରେ ଆପଣ ସଫଳତାର ସହ ଏନ୍‌ରୋଲ୍‌ଡ ହେବେ।
- ୟୁଜର୍ ନେମ୍ ଓ ପାସ୍‌ୱର୍ଡ ସହିତ ଲଗ୍‌ଇନ୍ କରନ୍ତୁ, 'ଗୋ ଟୁ ଡ୍ୟାସ୍‌ବୋର୍ଡ' ବିକଳ୍ପ ଉପରେ କ୍ଲିକ୍ କରନ୍ତୁ। ଏବେ ଆପଣ ଆପଣଙ୍କ ସିବିଲ୍ ସ୍କୋର୍ ଦେଖିପାରିବେ।

# ପିଲାଙ୍କ ଆଇକ୍ୟୁ ବଢ଼ାଏ ଭିଡିଓଗେମ୍!



ଆଜିର ପିଲାମାନେ ଭିଡିଓଗେମ୍ ଖେଳିବାରେ ନିମଗ୍ନ ରହିବାକୁ ଅଭିଭାବକମାନେ ଗ୍ରହଣ କରିପାରୁନାହାନ୍ତି। ସେମାନଙ୍କର ଆଶଙ୍କା ହେଉଛି, ପିଲାମାନେ ଭିଡିଓଗେମ୍ ଖେଳିବାରେ ସମୟ ଅପଚୟ କରି ନିଜ ଭବିଷ୍ୟତକୁ ନଷ୍ଟ କରିଦେଉଛନ୍ତି। ମାତ୍ର ବାସ୍ତବରେ ଭିଡିଓଗେମ୍ ଖେଳିବା ଦ୍ୱାରା କିଛି ପିଲାଙ୍କର ବୁଦ୍ଧିମତ୍ତା ହାର ବା ଇଣ୍ଟେଲିଜେଣ୍ଟ୍ କୋସେଣ୍ଟ୍ (ଆଇକ୍ୟୁ) ବଢ଼ିଥାଏ ବୋଲି ଏକ ସଦ୍ୟ ଅନୁଧ୍ୟାନରୁ ଜଣାପଡ଼ିଛି।

ଗବେଷକମାନେ ଅନୁଧ୍ୟାନରେ ସାମିଲ ପିଲାଙ୍କର ସାମାଜିକ-ଅର୍ଥନୈତିକ ପୃଷ୍ଠଭୂମି ସମେତ ସେମାନଙ୍କର ବଂଶାନୁକ୍ରମିକ ତଥ୍ୟ ଆଦିକୁ ବିଶ୍ଳେଷଣ କରିଥିଲେ। ତା'ପରେ ପିଲାମାନେ କିପରି ଭିଡିଓଗେମ୍ ଖେଳୁଛନ୍ତି ଏବଂ ଟିଭି ଓ ସାମାଜିକ ଗଣମାଧ୍ୟମ ସହ କିପରି ଭାବ ବିନିମୟ କରିପାରୁଛନ୍ତି, ସେସବୁକୁ ତର୍ଜମା କରାଯାଇଥିଲା। ଟିଭି ଦେଖିବା ଓ ସାମାଜିକ ଗଣମାଧ୍ୟମ ବ୍ୟବହାର କରିବା ଦ୍ୱାରା ପିଲାଙ୍କ ବୁଦ୍ଧିମତ୍ତା ଉପରେ ବିଶେଷ ପ୍ରଭାବ ପଡୁ ନଥିବା ବେଳେ ଭିଡିଓଗେମ୍ ଖେଳିବା ଦ୍ୱାରା ବୁଦ୍ଧିମତ୍ତାରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଥିଲା।

ଗବେଷକମାନେ ନିଶ୍ଚିତ ହୋଇଛନ୍ତି ଯେ ଭିଡିଓଗେମ୍ ପିଲାଙ୍କର ଜ୍ଞାନାତ୍ମକ ଦକ୍ଷତାରେ ନକାରାତ୍ମକ ପ୍ରଭାବ ପକାଏ ନାହିଁ। ଅପରପକ୍ଷେ, ସାମାଜିକ ଗଣମାଧ୍ୟମ ପିଲାଙ୍କ ଉପରେ କି ପ୍ରକାର ଜ୍ଞାନାତ୍ମକ ପ୍ରଭାବ ପକାଉଛି ତାହା ବୁଝିବା ଗୁରୁତ୍ୱପୂର୍ଣ୍ଣ ଏବଂ ସେଥି ଲାଗି ଅଧିକ ଗବେଷଣା ଆବଶ୍ୟକ। ଏଣେ ଯୁବପିଢ଼ିଙ୍କର ଆଳସ୍ୟ ପାଇଁ ଅନେକ ଅଭିଭାବକ ଭିଡିଓଗେମ୍‌କୁ ଦାୟୀ କରୁଥିବା ବେଳେ ତାହା ଯେ ବାସ୍ତବରେ ଆଇକ୍ୟୁ ବଢ଼ାଏ; ଏହା ସେମାନଙ୍କୁ ବୁଝାଇବା କଷ୍ଟକର ବୋଲି ଗବେଷକମାନେ ଚିନ୍ତାପ୍ରକଟ କରିଛନ୍ତି।

# ୨୦୨୫ର ନୂଆ ୟୁପିଆଇ ସୁବିଧା




ବର୍ତ୍ତମାନ ସମୟରେ ଅନ୍‌ଲାଇନ୍ ପେମେଣ୍ଟ ଆମ ଦୈନନ୍ଦିନ କାରବାରର ଏକ ଅଂଶ ହୋଇଗଲାଣି। ବଢୁଥିବା ଜନସଂଖ୍ୟା ଓ କାରବାରକୁ ଦୃଷ୍ଟିରେ ରଖି ବ୍ୟବହାରକାରୀଙ୍କ ସୁବିଧା ପାଇଁ ୟୁପିଆଇରେ ମଧ୍ୟ ଅନେକ ନୂତନ ଫିଚର୍ ଯୋଡ଼ି ହୋଇଛି। ସେମିତି କିଛି ନୂଆ ଫିଚର୍ସ ବିଷୟରେ ଏଥର ଆମେ ଆଲୋଚନା କରିବା।

**● ହ୍ୱାଟ୍‌ସଆପ୍ ବ୍ୟବହାରକାରୀ ମଧ୍ୟ ୟୁପିଆଇ ପେମେଣ୍ଟ ବ୍ୟବହାର କରିପାରିବେ**

ନ୍ୟାସ୍‌ନାଲ୍ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ମେସେଜିଂ ପ୍ଲାଟ୍‌ଫର୍ମର ପେମେଣ୍ଟ ଫିଚର୍ ହ୍ୱାଟ୍‌ସଆପ୍ ପେ' (ଥାର୍ଡପାର୍ଟି ଆପ୍ ପ୍ରୋଭାଇଡର୍) ପାଇଁ ୟୁଜର୍ ଅନ୍‌ବୋର୍ଡିଂ ଉପରେ ସୀମା ହଟାଇ ଦେଇଛି। ଏହା ବ୍ୟବହାରକାରୀଙ୍କୁ ହ୍ୱାଟ୍‌ସଆପ୍ ମାଧ୍ୟମରେ ୟୁପିଆଇ ପେମେଣ୍ଟ କରିବାକୁ ଅନୁମତି ଦେବ। ଏହାପୂର୍ବରୁ ଏନ୍‌ପିସିଆଇ ହ୍ୱାଟ୍‌ସଆପ୍ ପେ'କୁ ପର୍ଯ୍ୟାୟକ୍ରମେ ଏହାର ୟୁପିଆଇ ଉପଭୋକ୍ତା ଭିତ୍ତି ବଢ଼ାଇବାକୁ ଅନୁମତି ଦେଇଥିଲା।

**● ୟୁପିଆଇ ସର୍କଲ୍‌ର କାରବାର ସୁବିଧା ପ୍ରଦାନ**

୨୦୨୪ରେ ୟୁପିଆଇ ଦ୍ୱାରା 'ୟୁପିଆଇ ସର୍କଲ୍ ଫିଚର୍' ଜାରି କରାଯାଇଥିଲା। ଏହାଦ୍ୱାରା ଆପଣଙ୍କ କାରବାରର ପ୍ରତ୍ୟେକ ଅଂଶ ଆପଣଙ୍କ ପରିବାରକୁ ହସ୍ତାନ୍ତର କରାଯାଇପାରିବ। ଏହି ବୈଶିଷ୍ଟ୍ୟ ଜଣେ ଉପଭୋକ୍ତାଙ୍କୁ କାରବାର ଲାଗି ପ୍ରମୁଖ ବ୍ୟବହାରକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟ ମାଧ୍ୟମରେ ମୁଖ୍ୟତଃ ୫ଜଣ ଉପଭୋକ୍ତାଙ୍କୁ ସଂପୂର୍ଣ୍ଣ ହସ୍ତାନ୍ତର ବା ଅଧିକୃତ କରିବାକୁ ଅନୁମତି ଦେଇଥାଏ। କାରବାରକୁ ସୀମିତ କରିବା ପାଇଁ ଏକ ବୈଶିଷ୍ଟ୍ୟ ରହିଛି। ପ୍ରତ୍ୟେକ ସଂପୂର୍ଣ୍ଣ ଉପଭୋକ୍ତା ପ୍ରତି ମାସରେ ୧୫,୦୦୦ ଏବଂ କାରବାର ପାଇଁ ୫,୦୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ।

**● ପର୍ସନାଲ୍ ଆକ୍ସିଡେଣ୍ଟ ପଲିସି**

ବିଶ୍ୱବ୍ୟାପୀ ଅନେକ 'ରୁପେ' କାର୍ଡଧାରୀ ବ୍ୟକ୍ତି ବ୍ୟକ୍ତିଗତ ଭାବେ ଦୁର୍ଘଟଣା ରାଶି ପାଇପାରିବେ। ରୁପେ କାର୍ଡଧାରକମାନେ ୨,୦୦,୦୦୦ ଟଙ୍କା ପାଇଁ ବୀମାଭୁକ୍ତ ହୋଇଥାନ୍ତି। ରୁପେ ସିଲେକ୍ଟ କାର୍ଡଧାରୀମାନେ ୧୦,୦୦,୦୦୦ ଟଙ୍କାର ବୀମା ପାଇଁ ଯୋଗ୍ୟ ଅଟନ୍ତି। ଏହି ବୀମାରେ ଯୋଗ୍ୟତା ହାସଲ ପାଇଁ କୌଣସି ପିଓଏସ୍ ବା ଇ-କମର୍ସ ସାଇଟ୍‌ରେ ଅତିକମ୍‌ରେ ଗୋଟିଏ ସଫଳ ରୁପେ କାର୍ଡ କାରବାର ଉଭୟ ଇଣ୍ଟ୍ରା କିମ୍ବା ଇଣ୍ଟର୍-ବ୍ୟାଙ୍କ୍‌ରେ ଅତିକମ୍‌ରେ ୩୦ ଦିନ ମଧ୍ୟରେ ହେବା ଜରୁରି।

# ଧାନର ଅଭାବୀ ବିକ୍ରି ମୂଳରେ ପିସି କାରବାର

**କଳାହାଣ୍ଡି,୨୭।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ଜନସଂଖ୍ୟାରୁ ପ୍ରାୟ ୮୦ ପ୍ରତିଶତ କୃଷକ ଏବଂ ଅଧିକାଂଶ ଧାନଚାଷ ଉପରେ ନିର୍ଭର କରନ୍ତି। କିନ୍ତୁ ଜିଲାରେ ଧାନ କିଣାବିକା ସମସ୍ୟା ସାଧାରଣାରେ ପରିଣତ ହୋଇଛି। ଉଭୟ ରବି ଏବଂ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଜିଲାର ଚାଷୀମାନେ ନାନା ସମସ୍ୟାରେ ଛନ୍ଦି ହୋଇଥାନ୍ତି ଏବଂ ନିଜର ହକ୍ ହାସଲ ପାଇଁ ସେମାନଙ୍କୁ ରାଜରାସ୍ତାକୁ ମଧ୍ୟ ଓହ୍ଲାଇବାକୁ ପଡ଼ିଥାଏ। ଅନେକ ଚାଷୀଙ୍କୁ ନିଜ କଷ୍ଟପାର୍ଜିତ ଧାନ ବିକ୍ରି କରିବାରେ ହଟହଟା ହେବାକୁ ପଡ଼ିଥାଏ। ଏହା ସେମାନଙ୍କୁ ବିକ୍ରିଧାନର ଉଚିତ୍ ମୂଲ୍ୟ ମିଳି ନ ଥାଏ ଏବଂ ଅଭାବୀ ବିକ୍ରିର ସମ୍ମୁଖୀନ ହେବାକୁ ପଡ଼େ ବୋଲି ଚାଷୀମାନେ ଅଭିଯୋଗ କରନ୍ତି ଓ ତେବେ ପି. ସି କାରବାର ( କମିଶନୀ କାରବାର) ହିଁ ଧାନର ଅଭାବୀ ବିକ୍ରିର ମୂଳ କାରଣ ଏବଂ ସେହି କମିଶନ ଟଙ୍କା ଧାନବିକ୍ରି ଦାୟିତ୍ୱରେ ରହିଥିବା କେତେଜଣ ଅସାଧୁ କର୍ମଚାରୀଙ୍କଠାରୁ ଆରମ୍ଭ କରି ଅଞ୍ଚଳର ତଥା ନେତା, ଜନ ପ୍ରତିନିଧିଙ୍କ ପକେଟ୍ କୁ ଯାଇଥାଏ ବୋଲି ଚାଷୀ ନେତା ମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ରବିଋତୁ ଧାନ ଅମଳ ଚାଲିଛି।ଏଭଳିସ୍ଥଳେ ଅନ୍ୟବର୍ଷ ତୁଳନାରେ ଏବେ ଧାନବିକ୍ରି ସମସ୍ୟା ଏକ ମୁଖ୍ୟ ପ୍ରସଙ୍ଗ ଧାନ ବିକ୍ରିରେ ପି.ସି କାରବାରକୁ ନେଇ ଅଧିକ ଚର୍ଚ୍ଚା ଚାଲିଛି। ଏହାକୁ ନେଇ ନିର୍ବାଚନ ରୁ ନିର୍ବାଚିତ ହୋଇ ଥିବା ଜନ ପ୍ରତିନିଧି ମଇଦାନକୁ ଓହ୍ଲାଇଥିବା କିଛି ପ୍ରାର୍ଥୀଙ୍କୁ ସମାଲୋଚିତ ହେବାକୁ ମଧ୍ୟ ପଡୁଛି ବୋଲି ସାଧାରଣରେ ଆଲୋଚିତ ହେଉଛି। ଧାନ କିଣାବିକାରେ କିଭଳି ପି.ସି କାରବାର ହୁଏ, ସେ ସମ୍ପର୍କରେ ଆମେ କିଛି ଚାଷୀମାନଙ୍କୁ ପଚାରିଥିଲୁ ଓ ଚାଷୀମାନେ କହିଥିଲେ, ଫିଲ୍ଡ଼ ଏଣ୍ଟ୍ରି ମଣ୍ଡିକୁ ଧାନ ଆସିବା ବଦଳ ବିଭାଗୀୟ କର୍ମଚାରୀଙ୍କ ସ୍କିପ ଯୋଗୁଁ ସିଧାସଳଖ ମିଲକୁ ଧାନ ଯିବା ରେ ଅଧିକ କମିଶନ କାରବାର ଚାଲିଥାଏ। ବେପାରୀ ତଥା ମିଲର୍ସଙ୍କ ଏଜେଣ୍ଟମାନେ ଏଥିରେ ମଧ୍ୟସ୍ଥ କରିଥାନ୍ତି ଏବଂ ଧାନ କୁଇଣ୍ଟାଲ ପ୍ରତି ୧୫ଟଙ୍କା ଚାଷୀଙ୍କୁ କ୍ଷତି ସହିବାକୁ ପଡ଼େ। ସେହିପରି ମିଲରେ କଟନିଛଟନି ନେଲେ ଏହା ୪୦ ରୁ ୫୦ ଟଙ୍କାକୁ ବୃଦ୍ଧି ପାଇଥାଏ ବୋଲି ଚାଷୀ ମାନେ କହିଛନ୍ତି। ଓ ସେହିପରି କାଗଜ ପତ୍ରରେ ଧାନ କିଣାବିକା ସୁରୁଖୁରୁରେ ଚାଲିଛି। ହେଲେ ବାସ୍ତବତା ଓଲଟା। ବର୍ତ୍ତମାନ ଧାନବିକ୍ରି ବ୍ୟବସ୍ଥାକୁ ଏତେ ଜଟିଳ ଏବଂ କେନ୍ଦ୍ରୀକରଣ କରାଯାଇଛି ଯେ, ଚାଷୀ ମଣ୍ଡିକୁ ଯିବା ପାଇଁ ଇଚ୍ଛା କରୁ ନାହାଁ। ସେହି ପରି ମଣ୍ଡିକୁ ଚାଷୀ ମାନେ କିଭଳି ଧାନ ଆଣିବେ ନାହିଁ, ସେଥିପାଇଁ ନାନା ଆଲ, କୌଶଳ କରାଯାଉଛି। ଯେଉଁ ମାନେ ମଣ୍ଡିକୁ ଧାନ ଆଣୁଛନ୍ତି, ସେମାନଙ୍କୁ ହଇରାଣ ହରକତ କରାଯାଉଛି। କଟକିଛଟନି ନାଁରେ କୁଇଣ୍ଟାଲ ପ୍ରତି ୨ ରୁ ୪ କି.ଗ୍ରା ଠାରୁ ଆରମ୍ଭ କରି କେତେକ ସ୍ଥଳେ ୧୦ ରୁ ୧୫ କି.ଗ୍ରା ଧାନ ମଧ୍ୟ କାଟି ଦିଆଯାଉଛି ଏବଂ ବାକି ଧାନର ବିକ୍ରି ମୂଲ୍ୟ ଚାଷୀଙ୍କୁ ଦିଆଯାଉଛି। ଫଲ୍ସ ଏଣ୍ଟ୍ରିରେ ସ୍ଲିପ ମାଧ୍ୟମରେ ଧାନ ଉଠାଯାଇ ଚାଷୀଙ୍କ ଠାରୁ କୁଇଣ୍ଟାଲ ପ୍ରତି ୨୦ ରୁ ୪୫ଟଙ୍କା ପର୍ଯ୍ୟନ୍ତ କଟା ଯାଉଛି। ବେପାରୀଙ୍କଠାରୁ ଆରମ୍ଭ କରି କିଛି ବିଭାଗୀୟ କର୍ମଚାରୀ, ଅଧିକାରୀ, ନେତା, ମନ୍ତ୍ରୀଙ୍କ ମଧ୍ୟରେ ସେହି କମିଶନୀ ଟଙ୍କା ଭାଗବଣ୍ଟା କରାଯାଉଛି ଏବଂ ମିଲର୍ସ ସେଭଳି ଫଲ୍ଟ ଏଣ୍ଟ୍ରିର ଫାଇଦା ଉଠାଉଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ତେବେ ଏହା ବିରୋଧରେ ଚାଷୀ ସଙ୍ଗଠନଗୁଡ଼ିକ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି ମାତ୍ର କିଛି ସୁଫଳ ମିଳି ନାହିଁ। ଅନ୍ୟପଟେ ସେଥିରେ ସରକାରୀ କଳର ନିରବତା ଏବଂ ଧାନ ବିକ୍ରିରେ ଦିନକୁ ଦିନ ନୂଆ କଟକଣା ଯୋଗୁଁ ଚାଷୀ ଆହୁରି ସମସ୍ୟାରେ ଛନ୍ଦି ହୋଇ ପଡୁଛି ବୋଲି ଅଞ୍ଚଳ ର ଚାଷୀ କହିଛନ୍ତି। ରାଜ୍ୟରେ ଧାନ ସଂଗ୍ରହ ପାଇଁ ସରକାରଙ୍କ ଗୃହ ପାରଦର୍ଶିତା ଉତ୍ତରଦାୟୀ ନୀତି ନାହିଁ। ଦଲାଲ, ମିଲର୍ସ, ରାଜନେତା ଏବଂ ଅଫିସରଙ୍କ ପାଇଁ ଧାନ ସଂଗ୍ରହ ରୋଜଗାରର ପନ୍ଥା ପାଲଟିଛି। ଟୋକନ କଟକଣା, ସାଟେଲାଇଟରେ କମି କାଟିବା, ଟୋକନରେ ଅନିୟମିତତା, ମଣ୍ଡିରେ ଧାନର ଗୁଣମାନ ପରୀକ୍ଷା ନ କରି ରାଇସ୍ ମିଲରେ କରାଯିବା ପି.ସି କାରବାର ପାଇଁ ହିଁ ଉଦ୍ଦିଷ୍ଟ ବୋଲି ଚାଷୀ ଅଭିଯୋଗ କରିଛନ୍ତି।



# ବିଦ୍ୟାଳୟ ପରିସରରେ ଶତାଧିକ ବାଘୁଆ ମହୁଫେଣା

● ଗଛ କାଟିବା ପ୍ରତି ଧ୍ୟାନ ଦେଉନି ବନ ବିଭାଗ



**ଗୋଛାପଡ଼ା,୨୭।୫(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଦୀର୍ଘ ଦିନ ହେବ ୨ଟି ବିରାଟ କାୟ ଗଛ ରହିଛି ଗୋଟିଏ ଆମ୍ବ ଗଛ ଏବଂ ଅନ୍ୟଟି ସିମୁଳି ଗଛ ରହିଥିବା ବେଳେ ଗଛରେ ଶତାଧିକ ବାଘ ମହୁ ଫେଣା ଭରି ହୋଇ ରହିଛି। ବିଭିନ୍ନ ସମୟରେ ଏହି ବିଦ୍ୟାଳୟ ରେ ମହୁ ମାଛି ଆକ୍ରମଣ ର ଛାତ୍ର ଛାତ୍ରୀ ଙ୍କ ସହ ଅନ୍ତେବାସୀ ଏବଂ ଶିକ୍ଷକ ମାନେ ଶିକାର ହୋଇଥିବା ବେଳେ ବିଦ୍ୟାଳୟ ରେ ମହୁ ମାଛି ପାଇଁ ଭୟ ଦେଖା ଦେଇଛି। ବାରମ୍ବାର ବିଦ୍ୟାଳୟ କର୍ତୃପକ୍ଷ ଗଛ କାଟିବା ପାଇଁ ବିଭାଗୀୟ ଅଧିକାରୀ ଏବଂ ବନ ବିଭାଗ କୁ ଲିଖିତ ଭାବରେ ଦେଇଥିଲେ ମଧ୍ୟ ଗୁରୁତ୍ୱ ଦେଉନାହାନ୍ତି ବନ ବିଭାଗ ଅଧିକାରୀ ଯାହାକୁ ନେଇଁ ଅଞ୍ଚରେ ଏବଂ ଅଭିଭାବକ ମହଲରେ ଅସନ୍ତୋଷ ଦେଖା ଦେଇଛି। ବିଦ୍ୟାଳୟ ରେ ୨ ମହଲା ବିଶିଷ୍ଟ କୋଠା ରହିଛି ଏଥି ସହିତ ଛାତ୍ର ଏବଂ ଛାତ୍ରୀ ମାନଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା ମଧ୍ୟ ରହିଛି। ୬ ସହରୁ ଅଧିକ ଛାତ୍ର ଛାତ୍ରୀ ଙ୍କ ସହ ବିଦ୍ୟାଳୟ ରେ ଅନ୍ତେବାସୀ ରହୁଥିବା ବେଳେ ମହୁ ମାଛି ବିଦ୍ୟାଳୟ ର ମୁଖ୍ୟ ସମସ୍ୟା ପାଲଟିଛି। ବର୍ତମାନ ବିଦ୍ୟାଳୟ ଛୁଟି ରହିଥିବା ବେଳେ ବିଦ୍ୟାଳୟ ପରିସରରେ ଥିବା ବିରାଟ ଆମ୍ବ ଗଛ ଓ ବିରାଟ ସିମୁଳି ଗଛ କୁ ବନ ବିଭାଗ ତରଫରୁ କାଟିବା ବ୍ୟବସ୍ଥା କଲେ ଏହି ସମସ୍ୟା ଦୁର ହେବା ସହ ଆଗାମୀ ଦିନରେ ଥିବା ମହୁ ମାଛି ଆତଙ୍କ ଦୁର ହେବ ବୋଲି ଅଭିଭାବକ ମାନେ କହିଛନ୍ତି ଅନ୍ୟପଟେ ଆଗାମୀ ଦିନରେ ମହୁ ମାଛି ପାଇଁ ନିରୀହ ଛାତ୍ର ଛାତ୍ରୀ ମାନଙ୍କ ଜୀବନ ଆକଳରେ ଚାଲି ନଯିବ ବୋଲି କହି ହେବ ନାହିଁ ତେଣୁ ଏହାକୁ ଗୁରୁତ୍ୱ ଦେଇ ପ୍ରଶାସନ ଏବଂ ବନବିଭାଗ ଏଥି ପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟ ପରିସରରୁ ୨ ଟି ଗଛ କାଟିବାକୁ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ଓ ଅଞ୍ଚଳ ବାସୀ ଦାବୀ କରିଛନ୍ତି ।




**ସରକାର ବଦଳିବାର ବର୍ଷେ ପୂରିବାକୁ ବସିଲାଣି, କିନ୍ତୁ ପୂର୍ବ ସରକାରଙ୍କ ନାଁ ବ୍ୟାନେରରୁ ହଟୁନି**

(ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟର ପଞ୍ଜିକରଣ କେନ୍ଦ୍ରର ଦୃଶ୍ୟ )

## ୪ ନିଶା ବେପାରୀଙ୍କୁ ଉଠାଇନେଲା ପୁଲିସ

**ବିଞ୍ଝାରପୁର,୨୭।୫(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅଞ୍ଚଳରେ ଧଳା ଜହର ଅର୍ଥାତ ଡ୍ରଗ କାରବାର ବୃଦ୍ଧିକୁ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଏଭଳିକି ବିଞ୍ଝାରପୁର ଥାନାରେ ନୂତନ ଭାବେ ଯୋଗଦେଇଥିବା ଥାନାଧିକାରୀ ରଂଜନ ମଲ୍ଲିକଙ୍କୁ ଭେଟି ବିଞ୍ଝାରପୁର ଅଞ୍ଚଳର ବୁଦ୍ଧିଜୀବୀ ମାନେ ଏଥିରେ ବ୍ରେକ୍ ଦେବାକୁ ଅନୁରୋଧ କରିଥିଲେ। ତେବେ ବିଞ୍ଝାରପୁର ଥାନା ଅଧିକାରୀ ରଞ୍ଜନ ମଲ୍ଲିକ ଙ୍କ ନେତୃତ୍ୱରେ ଏକ ଟିମ୍




ବିଭିନ୍ନ ସ୍ଥାନରେ ଡ୍ରଗସ୍ ପାଇଁ ପଇଁତରା ମାରୁଥିବା ବେଳେ ବିଞ୍ଝାରପୁରର ଏକ ସର୍ଭିସିଂ ସେଣ୍ଟର୍ ନିକଟରୁ ୪ଜଣ ଯୁବକଙ୍କୁ ଉଠାଇ ଆଣିଛି।ତେବେ ଡ୍ରଗସ୍ କାରବାରରେ ସଂପୃକ୍ତ ଥିବା ସନ୍ଦେହରେ ଉଠାଇ ଆଣିଥିବା ସୂଚନା ଦେଇଛନ୍ତି ବିଞ୍ଝାରପୁର ଥାନା ଅଧିକାରୀ। ଚାରି ଜଣ ଯୁବକଙ୍କ ସମେତ ଏକ ବାଇକ୍ ମଧ୍ଯ ଜବତ କରାଯାଇଛି। ତେବେ ଯୁବକଙ୍କ ମଧ୍ୟରେ ଦୁଇ ଜଣ ସହୀଦ ପୁର ଅଂଚଳର ହୋଇଥିବା ବେଳେ ଦୁଇ ଜଣ ସିଂହ ପୁର ଅଞ୍ଚଳର ଜଣା ପଡିଛି।

## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ବାଲିପାଟଣା,୨୭।୫(ସଂଚାର ବ୍ୟୁରୋ):** ବାଳକାଟି ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ପ୍ରତିଭା ଓ ପ୍ରୟାସ କୋଚିଂ ସେଣ୍ଟରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୪/୨୫ ଶିକ୍ଷାବର୍ଷରେ ଅଧ୍ୟୟନ କରିଥିବା ଦଶମ, ଯୁକ୍ତଦୁଇ ଏବଂ ସିବିଏସଇ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ମୁଖ୍ୟ ତଥା ପ୍ରତିଷ୍ଠାତା ଚିତ୍ତ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ଏହି ସମ୍ବର୍ଦ୍ଧିତ ସଭାରେ ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ସନ୍ତୋଷ ବେହେରା। ଏଥିରେ ଅତିଥିଭାବେ ସହକାରୀ ଶିକ୍ଷକ ଆଲୋକ ସାହୁ, ସାମ୍ବାଦିକ ସୂର୍ଯ୍ୟକାନ୍ତ ଭୋଳ, ଆଶୁତୋଷ ଚୌଧୁରୀ, ପ୍ରଳୟ କୁମାର ଦାସ ପ୍ରମୁଖ ଯୋଗଦେଇ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ। ଏଥିସହ ଭବିଷ୍ୟତରେ ରାଜ୍ୟ ତଥା ଦେଶବିଦେଶରେ ନିଜକୁ ଉଚ୍ଚ ପାଦପଦବୀରେ ପ୍ରତିଷ୍ଠିତ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସେହିପରି ଅତୀତରେ ଏହି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରି ଅଧିକାଂଶ ଛାତ୍ରଛାତ୍ରୀ ରାଜ୍ୟ ତଥା ଦେଶବିଦେଶରେ ବହୁ ଉଚ୍ଚ ପଦପଦବୀରେ ନିଯୁକ୍ତି ପାଇଛନ୍ତି। ଏହି ଶିକ୍ଷାନୁଷ୍ଠାନରେ ଦଶମ ଶ୍ରେଣୀରେ ମୋଟ ୧୭ ଜଣ ପରୀକ୍ଷା ଦେଇଥିବା ବେଳେ ଶତପ୍ରତିଶତ ପାସ କରିଥିବା ବେଳେ ପ୍ରତାପଶାସନ ବାଳିକା ଉଚ୍ଚବିଦ୍ୟାଳୟରେ ଅଧ୍ୟୟନ କରିଥିବା ଆର୍ଯ୍ୟ ସୋନାକ୍ଷୀ ସର୍ବାଧିକ ୫୩୨ ନମ୍ବର ରଖି ସର୍ବୋଚ୍ଚ ସ୍ଥାନରେ ରହିଛନ୍ତି। ସେହିପରି ଯୁକ୍ତ ୨ କଳା ବିଭାଗରେ ମୋଟ ୪୨ ଜଣ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପାସ କରିଥିଲେ। ଏଥିମଧ୍ୟରୁ ୨୫ ଜଣ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବିଜେବି କଲେଜ ଛାତ୍ରୀ ରାନୀ ବେହେରା ୫୩୨ ନମ୍ବର ରଖି ସର୍ବାଗ୍ରେ ରହିଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ମୋଟ ୧୮ ଜଣ ପରୀକ୍ଷା ଦେଇଥିଲେ। ସେଥିପାଇଁ ଶତପ୍ରତିଶତ ପାସ କରିଥିବା ବେଳେ ୧୫ ଜଣ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରେ ବିଜେବି କଲେଜ ଛାତ୍ର ଅଂଶୁମାନ ସାହୁ ୫୨୯ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ୪ ଜଣ ସିବିଏସଇ ପରୀକ୍ଷା ଦେଇଥିବା ସମସ୍ତେ ପାସ କରିଛନ୍ତି। ଏଥିରେ ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ର ଆଦିତ୍ୟ ଅଭିଷେକ ସାହୁ ଶତକଡା ୯୩ ପ୍ରତିଶତ ମାର୍କ ରଖି ସର୍ବାଗ୍ରେ ଅଛନ୍ତି ।

## ମିଳିତ ଜନ ଅଭିଯୋଗ ଶୁଣାଣି



**ଭେଡେନ,୨୭।୫(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲାଭେଡେନ ବ୍ଲକ ଅଫିସ ସମ୍ମିଳନୀ କକ୍ଷ ରେ ମଙ୍ଗଳବାର ଦିନ ଜିଲ୍ଲାପାଳ ଏବଂ ଏସ ପି ଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ରେ ବରଗଡ଼ ଜିଲ୍ଲପାଳ ଆଦିତ୍ୟ ଗୋୟଲ, ଏସ ପି ପ୍ରହଲ୍ଲାଦ ସହାୟି ମୀନା ଙ୍କ ସମେତ ବହୁ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇ ଜନସାଧାରଣ ଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଏହି ଶିବିର ରେ ସାମୁହିକ ଏବଂ ବ୍ୟକ୍ତିଗତ ମିଶି ମାତ୍ର ୩୮ ଟି ଅଭିଯୋଗ ଆଗତ ହୋଇଥିଲା। କାର୍ଯ୍ୟକ୍ରମ ରେ ଭେଡେନ ବିଡିଓ ତ୍ରିପୁର ମହାନନ୍ଦ, ତହସିଲଦାର ରଶ୍ମିତା ସ୍ୱାଇଁ, ବି ଇ ଓ ମଛିନ୍ଦ୍ର ମଳିକ ଙ୍କ ସମେତ ଅନ୍ୟ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ କୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରାହିର ହୁସେନ ସଂଯୋଜନା କରିଥିବା ବେଳେ ଭେଡେନ ଏବିଡିଓ ପ୍ରିତିଶ ଦୋରା ସହଯୋଗ କରିଥିଲେ। ଏହି ଶିବିର ଗତ କାଲି ସୋମବାର ଦିନ ହେବାର ଥିଲା କିନ୍ତୁ ସାବିତ୍ରୀ ଛୁଟି ଘୋଷଣା ହେବାପରେ ମଙ୍ଗଳବାର ହେଇଥିବାରୁ ତଥା ବ୍ୟାପକ ପ୍ରଚାର ପ୍ରସାର ଅଭାବ ରୁ ବ୍ଲକ ର ୨୧ ଟି ଗ୍ରାମପଞ୍ଚାୟତ ରୁ ମାତ୍ର ୩୮ ଟି ଅଭିଯୋଗ ଆଗତ ହେଇଥିଲା ।

## ରକ୍ତହୀନତାର କାରଣ ଓ ଉପଚାର ସମ୍ପର୍କିତ ଆଲୋଚନାଚକ୍ର



**ଫୁଲବାଣୀ,୨୭।୫(ସଂଚାର ବ୍ୟୁରୋ):** ମାତୃ ଓ ଶିଶୁ ମୃତ୍ୟୁ ହାର କମାଇବାରେ ସୁରକ୍ଷିତ ଓ ଆନୁଷ୍ଠାନିକ ପ୍ରସବ ର ମହତ୍ୱ ଯଥେଷ୍ଟ ଅଧିକ ଥିବା ବେଳେ ରକ୍ତହିନତା ର କାରଣ ମଧ୍ୟ ଗର୍ଭବତି ଓ ପ୍ରସୁତି ସମୟରେ ପ୍ରଭାବ ପକାଉଛି। ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କୁ ଗୁରୁତ୍ୱ ଦେଇ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଟିକାବଲି ସ୍ଥିତ ମା ଗୃହ ତାର ପ୍ରତିଷ୍ଠା ଦିବସ ପାଳନ କରି ରକ୍ତହିନତା ର କାରଣ ଓ ତାର ପ୍ରତିକାର ଶିର୍ଷକ ଏକ ଆଲୋଚନା ଚକ୍ର ଆୟୋଜନ କରିଥିଲେ। ଟିକାବାଲି ବ୍ଲକ୍ ଅଧକ୍ଷ ଦିଲ୍ଲିପ କହଁର ମୂଖ୍ୟ ଅତିଥି ଭାବେ ଯୋଗ ଦେଇ କନ୍ଧମାଳ ଭଳି ଜିଲ୍ଲାରେ ସ୍ୱାତୀ ଅନୁଷ୍ଠାନ ଜାରି ରଖିଥିବା କାର୍ଯ୍ୟଧାରା ନିଶ୍ଚିତ ପ୍ରଶଂଶନୀୟ ବୋଲି କହିଥିଲେ। ତତ୍ସହିତ ଜିଲ୍ଲା ସମାଜ ମଙ୍ଗଳ ପ୍ରୋଗ୍ରାମ ଅଫିସର୍ ସରୋଜଲତା ଦେଇ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ ଯୋଗଦେଇ ନାବଯାତ ଶିଶୁର ମାନସିକ, ଶାରୀରିକ ଓ ବୌଧିକ ବିକାଶ ନିମନ୍ତେ ଗର୍ଭବତୀ ମାନଙ୍କ ଗର୍ଭ ସମୟରେ ବିଭିନ୍ନ କ୍ଷେତ୍ରରେ ଯତ୍ନବାନ ନିଆଯିବା ଆବଶ୍ୟକ ବୋଲି କହିଥିଲେ। ଆହୁରି ମଧ୍ୟ ଗର୍ଭାବସ୍ଥାରେ ଯଦି ରକ୍ତ ହିନତା ଦେଖାଦିଏ ତେବେ ଉଭୟ ମା ଓ ଛୁଆ କୁ ପ୍ରଭାବିତ କରିଥାଏ ଯାହାକି ପରେ ବିକଳାଙ୍ଗ କିମ୍ବା କମ୍ ଓଜନ ର ଶିଶୁ ଜନ୍ମ ହୋଇଥାଏ ବୋଲି ସୂଚନା ଦେଇଥିଲେ। କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାତୀ' କନ୍ଧମାଳ ଙ୍କ ସହଯୋଗ ଓ ଜିଲ୍ଲା ଜାତିୟ ସ୍ୱାସ୍ଥ୍ୟ ମିଶନ୍ ଙ୍କ ସହାୟତା ରେ ୨୭ ମଈ ୨୦୨୦ ମସିହା ଠାରୁ ଟିକାବାଲି ବ୍ଲକର ଛତିଝାର ଠାରେ ଅବସ୍ଥାପିତ ମା ଗୃହ ରେ ପାଖାପାଖି ୧୮୦୦ ଗର୍ଭବତୀ ସୁରକ୍ଷିତ ମାତୃତ୍ୱ ଲାଭ କରିଥିବା କଥା ଅନୁଷ୍ଠାନର କୋଷାଧକ୍ଷ ସାନ୍ତନୁ କୁମାର ମିଶ୍ର ତାଙ୍କ ବକ୍ତବ୍ୟ ରେ କହିଥିଲେ।

## ବିଜୁ ପଟ୍ଟନାୟକ କ୍ରୀଡା ପୁରସ୍କାର ନିମନ୍ତେ ମନୋନୟନ ପତ୍ର ଆହ୍ୱାନ

**କଟକ,୨୭।୫(ସଂଚାର ବ୍ୟୁରୋ):** ବିଜୁ ପଟ୍ଟନାୟକ କ୍ରୀଡା ପୁରସ୍କାର ୨୦୨୪ ନିମନ୍ତେ କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବ୍ୟକ୍ତିବିଶେଷ ବା ଅନୁଷ୍ଠାନଙ୍କଠାରୁ ମନୋନୟନ ପତ୍ର ଆହ୍ୱାନ କରାଯାଉଛି । କ୍ରୀଡା କ୍ଷେତ୍ରରେ ଆଜୀବନ ଉପଲବ୍ଧି, କ୍ରୀଡାରେ ଉଲ୍ଲେଖନୀୟ କୃତୀତ୍ୱ ଲାଭ କରିଥିବା ବର୍ଷର ଶ୍ରେଷ୍ଠ କ୍ରୀଡାବିତ, କ୍ରୀଡା ପ୍ରଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ, କ୍ରୀଡା ପ୍ରୋତ୍ସାହନ ପାଇଁ ସର୍ବୋତ୍କୃଷ୍ଟ ଅବଦାନ, କ୍ରୀଡା ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷ, ବର୍ଷର ଶ୍ରେଷ୍ଠ ଦିବ୍ୟାଙ୍ଗ କ୍ରୀଡାବିତ୍, ବର୍ଷର ଶ୍ରେଷ୍ଠ କନିଷ୍ଠ ଉଦୀୟମାନ କ୍ରୀଡାବିତ୍ ଓ ବର୍ଷର ଶ୍ରେଷ୍ଠ କ୍ରୀଡା ବୈଷୟିକ ଅଧିକାରୀ/ସହକାରୀ କର୍ମକର୍ତା ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯିବ । ଏଥିନିମେନ୍ତ ସବିଶେଷ ମାର୍ଗଦର୍ଶିକା, ବିଭିନ୍ନ ବର୍ଗ ପାଇଁ ଉଦ୍ଦିଷ୍ଟ ପୁରସ୍କାର ରାଶି, ଆବେଦନ ଫର୍ମ ଇତ୍ୟାଦି କ୍ରୀଡା ଓ ଯୁବସେବା ବିଭାଗର ୱେବସାଇଟ୍http://sports.odisha.gov.inରେ ଉପଲବ୍ଧ । ମନୋନୟନ ପତ୍ର ଉଭୟ ଅନଲାଇନ ଓ ଅଫଲାଇନରେ ତା୧୬.୦୬.୨୦୨୫ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଗ୍ରହଣ କରାଯିବ । ଜିଲ୍ଲାର କୃତୀ କ୍ରୀଡାବିତ୍, କ୍ରୀଡା ପ୍ରଶିକ୍ଷକ ଓ କ୍ରୀଡା ସାମ୍ବାଦିକ ଉପଯୁକ୍ତ ଦସ୍ତାବିଜ ସହ ଆବେଦନ କରିବାକୁ ଅନୁରୋଧ କରାଯାଉଛି । ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ, କଟକ

## କାନ୍ଥ ପଡି ମହିଳାଙ୍କ ମୃତ୍ୟୁ

**ବାସୁଦେବପୁର, ୨୭।୫(ସଂଚାର ବ୍ୟୁରୋ):** ବାସୁଦେବପୁର ମୁନିସପାଲିଟିର ୩ ନମ୍ବର ୱାର୍ଡ ମହାନ୍ତିସାହି ଗ୍ରାମରେ କାନ୍ଥ ପଡି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ମହାନ୍ତିସାହି ଗ୍ରାମର ଅମରେନ୍ଦ୍ର ମହାନ୍ତିଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା । ବିଷ୍ଣୁପ୍ରିୟା ନିଜର ଥିବା କୋଠା ଘରେ ଖାଇ ପିଇ ସାରି ଅର୍ଦ୍ଧଭଗ୍ନ ଅବସ୍ଥାରେ ଥିବା ଘର ଭିତରକୁ ହାତ ଧୋଇବାକୁ ଆସିଥିଲେ। ହେଲେ ଲଘୁଚାପ ଜନିତ ଲଗାଣ ବର୍ଷାରେ କାନ୍ଥ ଓଦା ହୋଇ ନରମ ଥିବାରୁ କାନ୍ଥଟି ବିଷ୍ଣୁପ୍ରିୟାଙ୍କ ଉପରେ ଭାଙ୍ଗି ପଡ଼ିଥିଲା। ଫଳରେ ବିଷ୍ଣୁପ୍ରିୟା ଉକ୍ତ କାନ୍ଥ ତଳେ ଚାପି ହୋଇ ରହିଥିଲେ। ପରିବାର ଲୋକେ ଦେଖି ଶାବଳ ସାହାଯ୍ୟରେ ତାଡି ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରିଥିଲେ। ତେବେ ବିଷ୍ଣୁପ୍ରିୟାଙ୍କ ଗୋଡ, ଅଣ୍ଟା ଭାଙ୍ଗିଯାଇଥିବା ଜଣାପଡିଥିଲା। ପରେ ତାଙ୍କୁ ତୁରନ୍ତ ବାସୁଦେବପୁର ଡାକ୍ତରଖାନାକୁ ନେଇଆସିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ ବାସୁଦେବପୁର ତହସିଲଦାର ପ୍ରିୟବ୍ରତ ରାଉତରାୟ, ମୁନିସପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ସ୍ୱାଇଁ ଘଟଣା ସ୍ଥଳରେ ପହଂଚି ତଦନ୍ତ କରିଥିବା ଦେଖିବାକୁ ମିଳିଛି।

## ଦାରିଙ୍ଗବାଡ଼ିରେ ଲଘୁଚାପ ବର୍ଷା,ଚାଷୀଙ୍କ ମୁହଁରେ ହସ



**ଦାରିଙ୍ଗବାଡ଼ି,୨୭।୫(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡିରେ ଲଘୁଚାପ ଜନିତ ବର୍ଷା ମଙ୍ଗଳବାର ଅପରାହ୍ନରୁ ଦେଖିବାକୁ ମିଳିଛି। ଏପରିକି ଏହା ପ୍ରାକ ମୌସମୀ ବର୍ଷା ବୋଲି ମଧ୍ୟ କୁହାଯାଉଛି। ଅଞ୍ଚଳରେ ଗତ କିଛି ଦିନ ହେଲା ଗରମ ସାଙ୍ଗକୁ ଗୁଳୁଗୁଳି ରହିଥିବା ବେଳେ ଏହି ବର୍ଷା ଯୋଗୁ ଲୋକଙ୍କୁ ଗରମରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ବର୍ଷା ଯୋଗୁ ଅଭାବୀ ଜଳ ପୂରଣ ହୋଇପାରିଥିବା ବେଳେ ଉଦ୍ୟାନୀ ଚାଷୀଙ୍କୁ ଏହି ବର୍ଷା ଫାଇଦା ଯୋଗାଇବ। ବର୍ଷା ଅଭାବରୁ ପନିପରିବା ଅଞ୍ଚଳରେ ଅଭାବ ଦେଖାଯାଇଥିବା ବେଳେ ଗଞ୍ଜାମ ଜିଲା ଉପରେ ନିର୍ଭର କରିବାକୁ ପଡୁଛି। ସେହିପରି ପାରମ୍ପରିକ ହଳଦୀ, ଅଦା, କାନ୍ଦୁଲ ଚାଷ ପାଇଁ ବର୍ଷା ଫାଇଦା ହେବ ବୋଲି କାଡଶପଟା ଗ୍ରାମର ଚାଷୀ ରମାକାନ୍ତ ପ୍ରଧାନ, ପାଡାନକେତା ଗ୍ରାମର ଜୋସେଫ ପ୍ରଧାନ, ରଞ୍ଜିତ ପ୍ରଧାନ ପ୍ରମୁଖ କହିଛନ୍ତି। ଅନ୍ୟପକ୍ଷେ ଅଞ୍ଚଳରେ ବର୍ଷା ଜାରି ରହିଛି।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ସୁବର୍ଣ୍ଣପୁର,୨୭।୫(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଡୁଙ୍ଗୁରିପାଲି ଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୬୧ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୪୩ ଗୋଟି ଗ୍ରହଣ କରାଯାଇଥିବା ବେଳେ ୧୪ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି। ତନ୍ମଧ୍ୟରେ ୪ ଗୋଟି ଦରଖାସ୍ତ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ରୁ ଆର୍ଥିକ ସହାୟତା ନିମନ୍ତେ ଗ୍ରହଣ



**ବିଭିନ୍ନ ୬୧ ଅଭିଯୋଗ ଦରଖାସ୍ତ ଗ୍ରହଣ**

କରାଯାଇଥିବା ବେଳେ ତତ୍କାଳ ୩ ଗୋଟି ଦରଖାସ୍ତର ସମାଧାନ କରାଯାଇଥିଲା। ଅନ୍ୟ ସମସ୍ତ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ ଡୁଙ୍ଗୁରିପାଲି ଦିଲୀପ କୁମାର ବାଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ସୋନପୁର ଡ଼ଃ ସୌମ୍ୟାରୂପା ରଥ, ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅହଲ୍ୟା ସାହୁ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

## ପୋଖରୀରେ ବୁଡ଼ି ଯୁବକ ମୃତ

**କୋରେଇ,୨୭।୫(ସଂଚାର ବ୍ୟୁର):** ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଂଚାୟତ ଜହ୍ନାକଣା ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ଜଣଙ୍କ କେନ୍ଦ୍ରାପଡ଼ା ଜିଲ୍ଲା ବସୁପୁର ଗ୍ରାମର ବିଶ୍ୱରଂଜନ ବିଶ୍ୱାଳଙ୍କ ପୁଅ ଓମକାର ବିଶ୍ୱାଳ(୨୦) ବୋଲି ଜଣାପଡିଛି । ଓମକାର ଓ ତାଙ୍କ ମା ଅଜାଙ୍କ ଶ୍ରାଦ୍ଧ ବାର୍ଷିକରେ ଯୋଗ ଦେବାକୁ ଜହ୍ନକଣା ଆସିଥିଲେ । ଆଜି ସକାଳ ପ୍ରାୟ ୮ଟା ସମୟରେ ଗାଁ ମୁଣ୍ଡ ବାଘୁଆ ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତା ବଶତଃ ଗୋଡ଼ ଖସି ଯାଇଥିଲା ଓ ସେ ପୋଖରୀରେ ବୁଡ଼ି ଯାଇଥିଲେ । ଗ୍ରାମର କିଛି ଯୁବକ ତାଙ୍କୁ ଉଦ୍ଧାର କରି ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ ।

## ଜନ ଶୁଣାଣି କାର୍ଯ୍ୟକ୍ରମ

**ଯାଜପୁର ରୋଡ଼, ୨୭।୫(ସଂଚାର ବ୍ୟୁରୋ):** କୋରେଇ ବ୍ଲକରେ ଆଜି ଜନ ଶୁଣାଣି କାର୍ଯ୍ୟକ୍ରମ ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନ ଶୁଣାଣି ଶିବିରରେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲେ । ଏହି ଜନଶୁଣାଣୀ ଶିବିର ଉପ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜନ ଶୁଣାଣିରେ ମୋଟ ୧୧୫ ଅଭିଯୋଗର ହୋଇଥିବା ବେଳେ ୧୧୧ ବ୍ୟକ୍ତିଗତ ଓ ୪ ସାମୁହିକ ହୋଇଥିବା ବେଳେ ସେଥି ମଧ୍ୟରୁ ୭୧ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ବିଡ଼ିଓ ଅବନୀକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିର ରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେଉରି, ପିଡି ଅଶୋକ କୁମାର ବେହୁରିଆ ଓ ଅନେକ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣ ମାନଙ୍କ ଅଭିଯୋଗ କାର୍ଯ୍ୟକ୍ରମରେ ରହିଥିଲେ।

## କୁଏତରେ ଭାରତୀୟ ପ୍ରବାସୀ ପରିଷଦ ଦ୍ୱାରା ସ୍ୱାସ୍ଥ୍ୟ ଶିବିର

**ବ୍ରହ୍ମପୁର, ୨୭।୫(ସଂଚାର ବ୍ୟୁରୋ):** କୁଏତରେ ଭାରତୀୟ ପ୍ରବାସୀ ପରିଷଦ, ଫାହାହିଲ୍ କ୍ଷେତ୍ର କମିଟି ଓ ଏମ୍ବ ଖୈତାନର ସିଟି କ୍ଲିନିକ୍ ର ସହିତ ମିଳିତ ସହଯୋଗରେ ଏକ ଚିକିତ୍ସା ଶିବିର ଆୟୋଜନ ହୋଇଯାଇଛି। ଉଦଘାଟନୀ ସମାରୋହରେ ବିପିପି ଉପାଧ୍ୟକ୍ଷ ସମ୍ପଥ କୁମାର ଅଧ୍ୟକ୍ଷତା କରିଥିଲେ। ଫାହାହିଲ୍ କ୍ଷେତ୍ର ସଭାପତି ରାଜେଶ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସୁଲେବିୟା ଶିବିର ସଂଯୋଜକ ପ୍ରସନ୍ନନ ଧନ୍ୟବାଦ ଅର୍ପଣ କରିଥିଲେ। ଫାହାହିଲ୍ କ୍ଷେତ୍ର ମହାସଚିବ ରାଜେଶ ଥିରୁଭୋନମ୍ ସିଟି କ୍ଲିନିକ୍ ର ଉପ-ମହାପ୍ରବନ୍ଧକ ସତୀଶଙ୍କୁ ଏକ ସ୍ମାରକୀ ପ୍ରଦାନ କରିଥିଲେ। ବିପିପିର ସାଧାରଣ ସମ୍ପାଦକ ହରି ବଳରାମପୁରମ, ସଦସ୍ୟତା ସଚିବ ରେଶମୀ ନବୀନ, କଲ୍ୟାଣ ସଚିବ ଆର. ଜେ. ରାଜେଶ, ଭାରତୀୟ ପ୍ରବାସୀ ପରିଷଦ ଓଡିଶା ୱିଂଙ୍ଗ ର ସଭାପତି ବିଶ୍ୱରଞ୍ଜନ ସାହୁ, ଏବଂ କ୍ଷେତ୍ର ଉପାଧ୍ୟକ୍ଷ ବାଲାମୁରୁଗନ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟ ଶିବିର ବିଷୟରେ ବକ୍ତବ୍ୟ ପ୍ରଦାନ ରଖିଥିଲେ। ପ୍ରବାସୀ ଭାରତୀୟ ଓଡ଼ିଶା ୱିଂଙ୍ଗ୍ ର ସଭାପତି ବିଶ୍ୱ ରଞ୍ଜନ ସାହୁ ନିଜର ବକ୍ତବ୍ୟରେ ପ୍ରବାସୀ ଭାରତୀୟ ଙ୍କ ସ୍ୱାସ୍ଥ୍ୟ କ୍ଷେତ୍ର ରେ କିପରି ସୁରକ୍ଷିତରେ ରହିବେ ସେ ବିଷୟରେ ପରାମର୍ଶ ଦେଇ ଥିଲେ। ଆରୋଗ୍ୟମ୍ ପରମଂ ଭାଗ୍ୟଂ ସ୍ୱାସ୍ଥ୍ୟଂ ସର୍ବାର୍ଥସାଧନମ୍ "ଆମ ଶାସ୍ତ୍ର କୁହେ, ସୁସ୍ଥ ରହିବା ହେଉଛି ପରମ ସୌଭାଗ୍ୟ। ସୁସ୍ଥ ବ୍ୟକ୍ତି ଦ୍ୱାରା ସମସ୍ତ କାର୍ଯ୍ୟର ସିଦ୍ଧି ହୋଇଥାଏ।




## ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

**ଜଗତସିଂହପୁର,୨୭।୫(ସଂଚାର ବ୍ୟୁର):** ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବାଲିକୁଦା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ଅଧିକାରୀ ମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୩୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ / ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୮ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୩ ଟି, ଆବାସ ସମ୍ପର୍କୀୟ ୨ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୦୮ ଟି, ପେନସନ ପାଇବା ପାଇଁ ୧ ଟି ଏବଂ ଅନ୍ୟାନ୍ୟ ୧୦ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦ ର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାଲିକୁଦା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।